# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୧୧/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 11/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୧୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 196 | ମୂଲ୍ୟ ₹୭/-





**ସିଏମ୍ଏସ୍ କମ୍ପାନୀ କାର୍ଯ୍ୟାଳୟରୁ ୭ କୋଟି ଟଙ୍କା ଲୁଟ୍**

ପଞ୍ଜାବ ଲୁଧିଆନାର ନ୍ୟୁ ରାଜଗୁରୁ ନଗରରେ ଥିବା କ୍ୟାସ୍ ମ୍ୟାନେଜମେଣ୍ଟ ସର୍ଭିସ (ସିଏମ୍ଏସ୍) କମ୍ପାନୀ କାର୍ଯ୍ୟାଳୟରୁ ସଶସ୍ତ୍ର ଡକାୟତମାନେ ଶୁକ୍ରବାର ବିଳମ୍ବିତ ରାତିରେ ୭ କୋଟି ଟଙ୍କା ଲୁଟିନେଇ ପଳାଇଯାଇଛନ୍ତି। ଅନ୍ୟୂନ ୧୦ ଜଣ ଡକାୟତ ରାତି ପ୍ରାୟ ୧ଟା ୩୦ ମିନିଟ ସମୟରେ ଉକ୍ତ କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ସେମାନେ ୪ ଜଣ ସୁରକ୍ଷା କର୍ମୀଙ୍କୁ କାବୁ କରିନେବା ସହ କମ୍ପାନୀ ଭ୍ୟାନ୍‌ରେ ଟଙ୍କା ନେଇ ପଳାଇଯାଇଥିଲେ ବୋଲି ପୋଲିସ କହିଛି।



## ଗୁଜରାଟରୁ ୪ ଆଇଏସ୍‌କେପି ଆତଙ୍କବାଦୀ ଗିରଫ

**ଅହମଦାବାଦ, ୧୦।୬:** ଇସ୍‌ଲାମିକ୍ ଷ୍ଟେଟ୍ ଅଫ୍ ଖୋରାସାନ୍ ପ୍ରୋଭିନ୍ସ (ଆଇଏସ୍‌କେପି) ସହ ସମ୍ପୃକ୍ତ ୪ ଜଣଙ୍କୁ ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଗୁଜରାଟରୁ ଗିରଫ କରିଛି। ୩ ଜଣଙ୍କୁ ପୋରବନ୍ଦରରୁ ଏବଂ ଅନ୍ୟ ଜଣକୁ ସୁରଟରୁ ଗିରଫ କରାଯାଇଛି। ଏଟିଏସ୍‌ର ସ୍ୱତନ୍ତ୍ର ଟିମ୍ ପୋରବନ୍ଦର ଓ ଏହାର ଆଖପାଖ ଅଞ୍ଚଳରେ କିଛିଦିନ ହେଲା ସ୍ୱତନ୍ତ୍ର ଅଭିଯାନ ଚଳାଇଥିଲା। ଏହି ଅଭିଯାନ ବେଳେ ଜଣେ ବିଦେଶୀଙ୍କ ସମେତ ୪ ଜଣଙ୍କୁ ଅଟକ ରଖାଯାଇଥିଲା। ସେମାନେ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ ଥିବା ଏଟିଏସ୍ ଅଧିକାରୀ କହିଛନ୍ତି। ପୋରବନ୍ଦରରୁ ଗିରଫ ସନ୍ଦିଗ୍ଧମାନେ ହେଲେ ଉବେଦ୍ ନାସିର ମିର୍, ହନନ ହୟାତ୍ ଶାୱଲ, ମହମ୍ମଦ ହାଜିମ ଶାହା। ସେମାନେ ଶ୍ରୀନଗର ବାସିନ୍ଦା। ସେମାନେ ପରିଚାଳକ ଅନୁ ହାମ୍‌ଜା ଜରିଆରେ ଆଇଏସ୍‌କେପିରେ ସାମିଲ ହୋଇଥିବା କହିଛନ୍ତି। ସେମାନଙ୍କ ସହ ଶ୍ରୀନଗରର ଜୁବେର ଅହମଦ ମୁନ୍‌ସି ଏବଂ ସୁରଟର ସୁମେରା ହନିଫ୍ ମାଲେକ ଆଇଏସ୍‌କେପିର ସଦସ୍ୟ ବୋଲି ଏଟିଏସ୍ ଅଧିକାରୀଙ୍କୁ କହିଛନ୍ତି।

## ୟୁରୋପୀୟ ସଶସ୍ତ୍ର ବଳ ସନ୍ଧିରୁ ଓହରିବ ରୁଷିଆ

**ମସ୍କୋ, ୧୦।୬ (ଆଇଏଏନ୍ଏସ୍):** ଚଳିତ ବର୍ଷ ନଭେମ୍ବର ୭ରେ ୟୁରୋପର କନ୍‌ଭେନ୍‌ଶନାଲ ଆର୍ମଡ୍ ଫୋର୍ସେସ୍ ଟ୍ରିଟି (ସିଏଫ୍‌ଇ)ରୁ ରୁଷିଆ ଆନୁଷ୍ଠାନିକ ଭାବେ ଓହରିଯିବା ଲାଗି ଘୋଷଣା କରିଛି। ଏନେଇ ମସ୍କୋ ସିଏଫ୍‌ଇର ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ଜଣାଇଦେଇଛି। ବିଜ୍ଞପ୍ତି ଦେବାର ୧୫୦ ଦିନରେ ରୁଷିଆ ସନ୍ଧିରୁ ଓହରିଯାଇପାରିବ। ରୁଷିଆ ପାର୍ଲାମେଣ୍ଟର ଅନୁମୋଦନ ପରେ ଗତ ମାସରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଉକ୍ତ ଆଇନରେ ସ୍ୱାକ୍ଷର କରିଥିଲେ। ୧୯୯୦ରେ ତତ୍କାଳୀନ ନାଟୋ ସଦସ୍ୟ ଏବଂ ୬ ୱାର୍ସା ଟ୍ରିଟି ରାଷ୍ଟ୍ର ସିଏଫ୍‌ଇରେ ସ୍ୱାକ୍ଷର କରିଥିଲେ। ଉକ୍ତ ଚୁକ୍ତିନାମା ୧୯୯୨ରେ କାର୍ଯ୍ୟକାରୀ ହୋଇଥିଲା।

# ଝିଅ ପାଇଲେ ଏନ୍‌ସିପି ପାୱାର

## ସୁପ୍ରିୟା ସୁଲେ, ପ୍ରଫୁଲ ପଟେଲ କାର୍ଯ୍ୟକାରୀ ଅଧ୍ୟକ୍ଷ



ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ।

**ନୂଆଦିଲ୍ଲୀ, ୧୦।୬**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଶନିବାର ନିଜ ଝିଅ ସୁପ୍ରିୟା ସୁଲେ ଓ ଘନିଷ୍ଠ ସହଯୋଗୀ ପ୍ରଫୁଲ ପଟେଲଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ଏହାଦ୍ୱାରା ପାୱାର ନିଜ ଝିଅଙ୍କୁ ପରୋକ୍ଷରେ ତାଙ୍କ ଉତ୍ତରାଧିକାରୀ ବାଛିବା ସହ ବିଦ୍ରୋହୀ ଭୂମିକା ନେବା ପାଇଁ ସଙ୍କେତ ଦେଉଥିବା ପୁତୁରା ଅଜିତ ପାୱାରଙ୍କୁ ଅଣଦେଖା କରିଛନ୍ତି।

ନୂଆଦିଲ୍ଲୀରେ ଏନ୍‌ସିପିର ୨୫ତମ ପ୍ରତିଷ୍ଠା ଦିବସ ପାଳନ ବେଳେ ପାୱାର ଏହି ଘୋଷଣା କରିଛନ୍ତି। ଏହି ଅବସରରେ ଅଜିତ ପାୱାରଙ୍କ ଉପସ୍ଥିତିରେ ସେ କହିଛନ୍ତି, ପ୍ରଫୁଲ ପଟେଲ ଏନ୍‌ସିପି କାର୍ଯ୍ୟକାରୀ ଅଧ୍ୟକ୍ଷ ପଦ ସମ୍ଭାଳିବେ। ସୁପ୍ରିୟା ସୁଲେ ମଧ୍ୟ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ହେବେ। ଏନେଇ ପ୍ରଫୁଲ କହିଥିଲେ, ପାୱାର ସାହେବଙ୍କ ଏହି ଘୋଷଣା ପରେ ସେ ବିସ୍ମିତ। ତାଙ୍କ ସହ ୧୯୯୯ରୁ ରହିଆସିଛନ୍ତି। ଦଳର ପଦଚିହ୍ନ ବିସ୍ତାର ପାଇଁ କାର୍ଯ୍ୟ ଜାରି ରଖିବେ। ପ୍ରଫୁଲଙ୍କୁ ମଧ୍ୟପ୍ରଦେଶ, ଗୁଜରାଟ, ରାଜସ୍ଥାନ, ଝାଡ଼ଖଣ୍ଡ, ଗୋଆ ଏବଂ ରାଜ୍ୟ ସଭା ପାଇଁ ଦଳୀୟ ପ୍ରଭାରୀ କରାଯାଇଛି। ସେହିପରି ସୁପ୍ରିୟାଙ୍କୁ ମହାରାଷ୍ଟ୍ର, ହରିୟାଣା ଓ ପଞ୍ଜାବ ପ୍ରଭାରୀ ନିଯୁକ୍ତ କରାଯାଇଛି। ସେ ଏନ୍‌ସିପିର ମହିଳା, ଯୁବ, ଛାତ୍ର ଓ ଲୋକ ସଭା ବ୍ୟାପାର ବୁଝିବେ। ଏନ୍‌ସିପିକୁ ଆହୁରି ସୁଦୃଢ଼ କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି ସୁପ୍ରିୟା ଟୁଇଟ୍ କରିବା ସହ ପାୱାର ଓ ଅନ୍ୟ ବରିଷ୍ଠ ନେତାମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷେ ୨୦୧୯ରେ ଭାଜପା ସହ ହାତ ମିଳାଇ ଭୋର ସମୟରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ଅଜିତ ଏହି ଘୋଷଣାକୁ ନେଇ ଅସନ୍ତୁଷ୍ଟ ଥିବା ମନେହେଉଥିଲେ। ସେ ଗଣମାଧ୍ୟମକୁ କିଛି ନ କହି ପାର୍ଟି ଅଫିସ ଛାଡ଼ି ଚାଲିଯାଇଥିଲେ। କିଛି ସମୟ ପରେ ସେ ନୀରବତା ଭଙ୍ଗକରି ଟୁଇଟରରେ ଦୁହିଁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପାୱାର ସାହେବଙ୍କ ନେତୃତ୍ୱରେ ଏନ୍‌ସିପିର ସଙ୍ଗଠନ ସାରା ଦେଶରେ ମଜଭୁତ୍ ହେବ ବୋଲି ଅଜିତ୍ ଏଥିରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୧୯୯୯ ଜୁନ୍ ୧୦ରେ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବିଦେଶୀ ନାଗରିକତ୍ୱ ପ୍ରସଙ୍ଗ ଉଠାଇ ଦଳରୁ ବିଦାହେବା ପରେ ତାରିକ୍ ଅନ୍‌ୱର ଏବଂ ପି.ଏ. ସାଙ୍ଗ୍‌ମାଙ୍କ ସହ ମିଶି ପାୱାର ଏନ୍‌ସିପି ଗଠନ କରିଥିଲେ। ଗତ ମେ’ ୫ରେ ନିଜ ଆତ୍ମଜୀବନୀ ଉନ୍ମୋଚନ ବେଳେ ସେ ନାଟକୀୟ ଭାବେ ଏନ୍‌ସିପି ମୁଖ୍ୟ ପଦରୁ ଇସ୍ତଫା ଦେଇଥିଲେ। କିନ୍ତୁ ଦଳୀୟ ନେତା ଓ କର୍ମୀଙ୍କ ଅନୁରୋଧକ୍ରମେ ସେ ନିଜ ନିଷ୍ପତ୍ତି ବଦଳାଇଥିଲେ।

### ସୁପ୍ରିୟାଙ୍କ ନାଁ ଅଜିତ ପ୍ରସ୍ତାବ ଦେଇଥିଲେ: ପାୱାର



ନୂଆଦିଲ୍ଲୀରେ ଏନ୍‌ସିପିର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳର ମୁଖ୍ୟ ଶରଦ ପାୱାରଙ୍କ ସହ ନେତା ଛଗନ ଭୁଜବଳ ଓ ପ୍ରଫୁଲ ପଟେଲ।

ଝିଅ ସୁପ୍ରିୟା ସୁଲେଙ୍କୁ ଏନ୍‌ସିପି କାର୍ଯ୍ୟକାରୀ ଅଧ୍ୟକ୍ଷା କରିବା ପାଇଁ ପୁତୁରା ଅଜିତ ପାୱାର ପ୍ରସ୍ତାବ ଦେଇଥିଲେ। ସୁପ୍ରିୟାଙ୍କ ପଦୋନ୍ନତି ଘୋଷଣାକୁ ନେଇ ମହାରାଷ୍ଟ୍ର ବିଧାନସଭାର ବିରୋଧୀ ଦଳ ନେତା ଅଜିତ ଅସନ୍ତୁଷ୍ଟ ନୁହନ୍ତି ବୋଲି ଏନ୍‌ସିପି ମୁଖ୍ୟ ଶରଦ ପାୱାର ସ୍ପଷ୍ଟ କରିଛନ୍ତି। ଭବିଷ୍ୟତରେ ସୁପ୍ରିୟା କିମ୍ବା ପ୍ରଫୁଲ ପଟେଲଙ୍କୁ ଏନ୍‌ସିପି ମୁଖ୍ୟ କରାଯାଇପାରେ କି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ସେ କହିଛନ୍ତି, ଏବେ ଏହି ପଦବୀ ଖାଲି ନାହିଁ। ଖାଲି ହେଲେ ଏହା ଉପରେ ଆଲୋଚନା କରିବା।

ଅନ୍ୟପକ୍ଷେ ସୁପ୍ରିୟାଙ୍କୁ ଏନ୍‌ସିପି କାର୍ଯ୍ୟକାରୀ ଅଧ୍ୟକ୍ଷା କରାଯିବା ନେଇ ସେ ଦୁଃଖୀ ନୁହନ୍ତି ବୋଲି ଅଜିତ ପ୍ରକାଶ କରିଛନ୍ତି। ପୁଣେରେ ଗଣମାଧ୍ୟମକୁ ସମ୍ବୋଧିତ କରି ଅଜିତ କହିଛନ୍ତି, ତାଙ୍କୁ କୌଣସି ପଦବୀ ମିଳି ନ ଥିବା ନେଇ କେତେକ ମିଡିଆ ଚ୍ୟାନେଲ ଷ୍ଟୋରି ବଜାଉଛନ୍ତି। ତେବେ ସେ ନିଜ ଇଚ୍ଛାରେ ରାଜ୍ୟ ରାଜନୀତିରେ ସକ୍ରିୟ ଅଛନ୍ତି।

## ଏମ୍‌ପି ପଦରୁ ବୋରିସ୍‌ଙ୍କ ଇସ୍ତଫା



**ଲଣ୍ଡନ, ୧୦।୬:** ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଶୁକ୍ରବାର ଏମ୍‌ପିପଦରୁ ଇସ୍ତଫା ଦେଇଛନ୍ତି। କୋଭିଡ୍-୧୯ ନିୟମ ଉଲ୍ଲଂଘନ ଅଭିଯୋଗରେ ସମାଲୋଚିତ କଞ୍ଜରଭେଟିଭ୍ ପାର୍ଟି ସଦସ୍ୟ ବୋରିସ୍ ହାଉସ୍ ଅଫ୍ କମନ୍ସକୁ ବିଭ୍ରାନ୍ତ କରିଥିବା ନେଇ ସଂସଦୀୟ ତଦନ୍ତ ଚାଲିଥିବାବେଳେ ନିଜ ରାଜନୈତିକ କ୍ୟାରିୟରକୁ ନେଇ ସନ୍ଦିହାନ ହୋଇ ଏପରି ପଦକ୍ଷେପ ନେଇଥିବା କୁହାଯାଉଛି। ୫୮ ବର୍ଷୀୟ ବୋରିସ୍ ଏକ ବିବୃତିରେ କହିଛନ୍ତି, ପାର୍ଲାମେଣ୍ଟ ଛାଡ଼ିବା (ଅନ୍ତତଃ ବର୍ତ୍ତମାନ ପାଇଁ) ନିଷ୍ପତ୍ତି ତାଙ୍କୁ ଦୁଃଖ ଦେଇଛି। ତାଙ୍କ ବିରୋଧରେ କିଛି ପ୍ରମାଣ ନ ଥିବା ସତ୍ତ୍ୱେ କେତେଜଣ ହାତଗଣତି ବ୍ୟକ୍ତିଙ୍କ ଯୋଗୁ ସେ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି। ପାର୍ଟିଗେଟ୍ ମାମଲାରେ ପାର୍ଲାମେଣ୍ଟ ପ୍ରିଭିଲେଜ୍ କମିଟି ବୋରିସ୍‌ଙ୍କ ବିରୋଧରେ ପ୍ରମାଣ ପାଇଥିଲେ ୧୦ ଦିନ ପାଇଁ ତାଙ୍କ ସଦସ୍ୟତା ରଦ୍ଦ କରିବାକୁ ସୁପାରିସ କରିଥାଆନ୍ତା। କିନ୍ତୁ ଏପରି ଅପମାନିତ ହେବା ପୂର୍ବରୁ ସେ ନିଜ ଆଡୁ ଇସ୍ତଫା ଦେଇଛନ୍ତି।

# ମଣିପୁର ପାଇଁ ଶାନ୍ତି କମିଟି ଗଠିତ

**ନୂଆଦିଲ୍ଲୀ/ଗୁଆହାଟୀ, ୧୦।୬**

**ପ୍ରଧାନମନ୍ତ୍ରୀ ରାଜ୍ୟ ପ୍ରତି ବିଶ୍ୱାସଘାତ କରିଛନ୍ତି: ଖାର୍ଗେ**

ହିଂସା କ୍ଷତିଗ୍ରସ୍ତ ମଣିପୁରରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ସରକାର ଏକ କମିଟି ଗଠନ କରିଛନ୍ତି। ରାଜ୍ୟପାଳ ଅନୁସୂୟା ଉଇକେଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଶାନ୍ତି କମିଟିରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ବିଭିନ୍ନ ରାଜନୈତିକ ଦଳର ନେତା ସଦସ୍ୟ ରହିଛନ୍ତି। ଏହା ବ୍ୟତୀତ ପୂର୍ବତନ ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍, ସାହିତ୍ୟିକ, କଳାକାର, ସାମାଜିକ କର୍ମୀ ଏବଂ ବିଭିନ୍ନ ଧର୍ମୀୟ ସଂଗଠନର ପ୍ରତିନିଧିଙ୍କୁ କମିଟିରେ ନିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଣିପୁର ଗସ୍ତ ବେଳେ ହିଂସାକାଣ୍ଡର ସିବିଆଇ ତଦନ୍ତ ଏବଂ ଶାନ୍ତି କମିଟି ଗଠନ ନେଇ ଘୋଷଣା କରିଥିଲେ। ଇତିମଧ୍ୟରେ ସିବିଆଇ ପକ୍ଷରୁ ୧୦ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ ହେବା ସହ ୬ଟି ଏତଲା ଦାଏର ହୋଇଛି।

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଶନିବାର ତାଙ୍କ ମଣିପୁର ପ୍ରତିପକ୍ଷ ଏନ୍. ବୀରେନ୍ ସିଂ ଏବଂ ବିଭିନ୍ନ ସଂଗଠନ ଓ ସିଭିଲ ସୋସାଇଟି ସହ ଏକାଧିକ ବୈଠକ କରିଛନ୍ତି। ମେ’ ୩ରୁ ଆରମ୍ଭ ହୋଇଥିବା ମଣିପୁର ହିଂସାରେ ଏପର୍ଯ୍ୟନ୍ତ ୧୦୫ ଜଣଙ୍କ ଜୀବନ ଯିବା ସହ ୩୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କଡ଼ା ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମଣିପୁରବାସୀଙ୍କ ପ୍ରତି ବିଶ୍ୱାସଘାତ କରିଥିବା ସେ ଅଭିଯୋଗ କରିଛନ୍ତି।










ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୧୧/୨୦୨୩ | Bhubaneswar, Sunday, June 11/2023 | ପୃଷ୍ଠା-୧



**ସ୍ୱିଟେକ୍ ଜିତିଲେ ଫ୍ରେଞ୍ଚ୍ ଓପନ**

ପୋଲାଣ୍ଡର ଇଗା ସ୍ୱିଟେକ୍ ଫ୍ରେଞ୍ଚ୍ ଓପନ ଟେନିସ୍ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।

୧୪

୧୦

**‘ରାମାୟଣ’ରେ ରାମ ଚରିତ୍ରକୁ କଙ୍ଗନାଙ୍କ ସମାଲୋଚନା**

ନୀତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ରାମାୟଣ’ର ରାମ ଚରିତ୍ରରେ ଅଭିନୟ କରୁଥିବା ରଣବୀରଙ୍କୁ ଅଭିନେତ୍ରୀ କଙ୍ଗନା ରନାୱତ୍ ସମାଲୋଚନା କରିଛନ୍ତି।



# ପୁରୀରୁ ଦିଲ୍ଲୀ ପ୍ରି-ଆକ୍ଟିଭ ସିମ୍ କାର୍ଡ କାରବାର

## ୭୯୯ ସିମ୍ କାର୍ଡ ଜବତ, ୮ ଗିରଫ

**ବେଆଇନ ପ୍ରିଆକ୍ଟିଭ ସିମ୍ କାର୍ଡ ଚାଲାଣ କରୁଥିବା ଏକ ଗ୍ୟାଙ୍ଗର ୮ଜଣଙ୍କୁ ଶନିବାର କମିଶନରେଟ ପୋଲିସ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ପ୍ରାୟ ୮୦୦ ସିମ୍ ଜବତ କରିଛି। ସମସ୍ତ ଅଭିଯୁକ୍ତ ପୁରୀର ହୋଇଥିବାବେଳେ ସେମାନେ ଦେଶର ବିଭିନ୍ନ ସ୍ଥାନକୁ ସିମ୍ ଚାଲାଣ କରୁଥିଲେ। ଏଥିସହ ସାଇବର ଅପରାଧରେ ମଧ୍ୟ ସାମିଲ ଥିବା ପୋଲିସ କହିଛି।**

କଟକ ଅଫିସ,୧୦।୬

ବେଆଇନ୍ ଭାବେ ପ୍ରିଆକ୍ଟିଭ ସିମ୍ କାର୍ଡ କାରବାର କରୁଥିବା ଏକ ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିବାରେ ସକ୍ଷମ ହୋଇଛି। ଉକ୍ତ ଗ୍ୟାଙ୍ଗର ୮ଜଣ ସଦସ୍ୟଙ୍କୁ ଶନିବାର ପୁରୀରୁ ଗିରଫ କରିଛି କଟକସ୍ଥିତ ସାଇବର ଥାନା ପୋଲିସ। ଗିରଫ ଅଭିଯୁକ୍ତମାନେ ପୁରୀରୁ ଦେଶର ବିଭିନ୍ନ ରାଜ୍ୟକୁ ଏହି ମୋବାଇଲ ସିମ୍ କାର୍ଡଗୁଡ଼ିକ ଚାଲାଣ କରୁଥିଲେ। ସେମାନେ ହେଲେ ବାଶେଳିସାହି ଥାନା ଅନ୍ତର୍ଗତ ମଶାଣିଚଣ୍ଡୀ ଛକର ବାବୁନା ଦାସ(୨୩), ଟାଉନ୍ ଥାନା ଅନ୍ତର୍ଗତ କୁଣ୍ଡେଇବେଣ୍ଟସାହିର ରାକେଶ କୁମାର ନାୟକ(୩୨), ପେଣ୍ଠକଟା ଥାନା ଅନ୍ତର୍ଗତ ସର୍ବୋଦୟନଗରର ଜ୍ୟୋତିରଞ୍ଜନ ସାହୁ(୨୨), ସଦର ଥାନା ଅନ୍ତର୍ଗତ ସମଗରା ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

**ଆଇନର ଅପବ୍ୟବହାର**

# କଳବଲ କରୁଛି ବିଦ୍ୟୁତ୍ କାଟ

**ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗରମ ଓ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି। ବିଜୁଳି ବିନା ଘରେ ରହିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଛି। ଏପରି ସମୟରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ଲୋକଙ୍କୁ ବିଚଳିତ କରୁଛି। ଗରମଠାରୁ ବଳିଯାଇଛି ଅଘୋଷିତ ବିଦ୍ୟୁତ୍ କାଟ୍ ଜନିତ ଯନ୍ତ୍ରଣା। କାଳବୈଶାଖୀ ଆଳରେ ରାଜ୍ୟର ବିଭିନ୍ନ ଭାଗରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ କରାଯାଉଛି। ଗାଁ ଗହଳି କଥା ଦୂରେ ଥାଉ ରାଜଧାନୀ ଭୁବନେଶ୍ୱରରେ ବିଦ୍ୟୁତ୍ କାଟ ଘରୋଇ କମ୍ପାନୀର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଛିଡ଼ା କରିଛି।**



- **ଚେତାବନୀ ଦେଲା ବିଦ୍ୟୁତ୍ ମହାସଂଘ**
- **ଭିତ୍ତିଭୂମି ସମସ୍ୟା ସୃଷ୍ଟି କରୁଛି: ଶକ୍ତିମନ୍ତ୍ରୀ**
- **ସୋମବାର ବୈଠକ କରିବେ ମୁଖ୍ୟ ଶାସନ ସଚିବ**

ଭୁବନେଶ୍ୱର, ୧୦।୬(ବ୍ୟୁରୋ)

ରାଜ୍ୟବାସୀଙ୍କୁ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ୨୦୨୦ରୁ ଟାଟା ପାୱାରକୁ ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥାକୁ ହସ୍ତାନ୍ତର କରିଛନ୍ତି। ଏହାଛଡ଼ା ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଗତ ୩ ବର୍ଷରେ ପ୍ରାୟ ୧ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜକୋଷରୁ ଦେଇସାରିଲେଣି। ତଥାପି ପରିସ୍ଥିତିରେ କୌଣସି ସୁଧାର ଆସୁନାହିଁ ବୋଲି ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ଅଭିଯୋଗ କରୁଛନ୍ତି। କେବଳ ସେତିକି ନୁହେଁ, ବାତ୍ୟା ଦ୍ୱାରା ବିଦ୍ୟୁତ୍ ଭିତ୍ତିଭୂମି ବାରମ୍ବାର କ୍ଷତିଗ୍ରସ୍ତ ହେଉଥିବାରୁ ଭୁବନେଶ୍ୱରକୁ ଭୂତଳ କେବୁଲ କରିବା ପାଇଁ ୨୦୧୬ରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୫୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ୭ ବର୍ଷ ପରେ ମଧ୍ୟ ତାହା ଅଧାପନ୍ତରିଆ ହୋଇ ରହିଛି। ରାଜଧାନୀବାସୀଙ୍କୁ ସାମାନ୍ୟ ଝଡ଼ ପବନରେ ମଧ୍ୟ ଦୀର୍ଘସମୟ ବିଦ୍ୟୁତ୍ କାଟ କଷ୍ଟ ଭୋଗିବାକୁ ପଡୁଛି।

ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି ସମସ୍ୟା ଥିବା କଥାକୁ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଭିତ୍ତିଭୂମି ଅଭାବରୁ ବିଦ୍ୟୁତ୍ ସମସ୍ୟା ଉପୁଜୁଛି। ରାଜ୍ୟରେ ପାୱାର ଶର୍ଟେଜ୍ ନ ଥିବା ବେଳେ ଭିତ୍ତିଭୂମି ଅଭାବରୁ ଉପଭୋକ୍ତାମାନେ ଅନେକ କ୍ଷେତ୍ରରେ ପାୱାର ସପ୍ଲାଇରୁ ବଞ୍ଚିତ ହେଉଛନ୍ତି। ଉପଭୋକ୍ତାମାନେ ଯେଉଁ ହାରରେ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି, ଭିତ୍ତିଭୂମି ସୁଦୃଢ଼ ନ ଥିବାରୁ ଅନେକ କ୍ଷେତ୍ରରେ ଟ୍ରାନ୍ସଫର୍ମର ପୋଡ଼ିଯିବା ଭଳି ସମସ୍ୟା ଉପୁଜୁଛି, ଯାହା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ରାଜ୍ୟରେ ପାୱାର କଟ୍ ହେଉନାହିଁ। ଗଣମାଧ୍ୟମ ବାରମ୍ବାର ପାୱାର କଟ୍ ଶବ୍ଦର ବ୍ୟବହାର ନ କରିବା ଉଚିତ। ଆମ ପାଖରେ ଅଧିକ ପାୱାର ଅଛି। ସେହି ପାୱାରକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ଭିତ୍ତିଭୂମି ଠିକ୍ ଥିବା ଦରକାର। ପବନ ହେଲେ ବିଦ୍ୟୁତ୍ କାଟ କରାଯାଉଛି। କାଳବୈଶାଖୀ ଯୋଗୁ ତାର ଛିଣ୍ଡି ଯିବା ସହ ଖୁଣ୍ଟ ଉପୁଡ଼ି ଯାଉଛି। ଖୁଣ୍ଟ ପୋତାଯାଇ ଠିକ୍ କରିବାକୁ ସମୟ ଲାଗିବ ବୋଲି ଶକ୍ତିମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ରାଜ୍ୟର ବିଦ୍ୟୁତ୍ ☞ପୃଷ୍ଠା–୨

# ଆମାଜନ ଜଙ୍ଗଲରେ ୪ ପିଲାଙ୍କ ୪୦ ଦିନ



ମେ’ ୧ରେ ଦୁର୍ଘଟଣାଗ୍ରସ୍ତ ବିମାନ। ଉଦ୍ଧାର ୪ ପିଲାଙ୍କ ସହ ଅପରେଶନ ‘ହୋପ୍’ ଟିମ୍‌ର ସଦସ୍ୟ ।

## କଲମ୍ବିଆରେ ବିମାନ ଦୁର୍ଘଟଣା ପରେ ନିଖୋଜ ହୋଇଯାଇଥିଲେ

ବୋଗୋଟା,୧୦।୬

ମେ’ ୧ରେ ଦକ୍ଷିଣ ଆମେରିକୀୟ ରାଷ୍ଟ୍ର କଲମ୍ବିଆର ଦକ୍ଷିଣ ଭାଗରେ ଥିବା ଆମାଜନ ଜଙ୍ଗଲରେ ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ଯାତ୍ରା କରୁଥିବା ପାଇଲଟ୍ ଓ ଜଣେ ମହିଳାଙ୍କ ସମେତ ୩ ବୟସ୍କଙ୍କ ମୃତ୍ୟୁ ଘଟିଥିଲା। କିନ୍ତୁ ସୌଭାଗ୍ୟବଶତଃ ସେମାନଙ୍କ ସହ ଯାତ୍ରା କରୁଥିବା ଆଦିବାସୀ ସମ୍ପ୍ରଦାୟର ୩ ନାବାଳିକା ଓ ଜଣେ ଶିଶୁ ଏଥିରୁ ବର୍ତ୍ତିଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ସେମାନଙ୍କ ପତ୍ତା ମିଳି ନ ଥିଲା। ସେନା ପକ୍ଷରୁ ଚାଲିଥିବା ‘ଅପରେଶନ ହୋପ୍’ର ୪୦ ଦିନ ପରେ ନିଖୋଜ ୪ ଶିଶୁଙ୍କୁ ଦୁର୍ଘଟଣାସ୍ଥଳରୁ ୫ କି.ମି. ପରେ ଠାବ କରାଯାଇଛି। ଶୁକ୍ରବାର ସ୍ଥାନୀୟ ସମୟ ରାତି ୧୨ଟା ୩୦ରେ କଲମ୍ବିଆ ସେନାର ଏକ ମେଡିକାଲ୍ ପ୍ଲେନ୍ ସେମାନଙ୍କୁ ନେଇ ଏକ ହସ୍ପିଟାଲରେ ଭର୍ତ୍ତି କରିଛି। ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ଉଦ୍ଧାରକାରୀ ଦଳକୁ ପ୍ରଶଂସା କରି କହିଛନ୍ତି, ତଲାସି ବେଳେ ସେନା ଓ ଆଦିବାସୀଙ୍କ ମଧ୍ୟରେ ଦୃଢ଼ ସମନ୍ୱୟ ସଂଘବଦ୍ଧ ଅଭିଯାନର ଏକ ଦୃଷ୍ଟାନ୍ତ, ଯାହାକୁ ଦେଶବାସୀ ଅନୁସରଣ କରିବା ଉଚିତ। ମେ’ ୧ ତାରିଖ ସକାଳେ କଲମ୍ବିଆସ୍ଥିତ ଆମାଜନାସ୍ ☞ପୃଷ୍ଠା–୨






**ଆଜିର ମନ୍ତବ୍ୟ**

"ନେପାଳରୁ ସ୍ୱଚ୍ଛ ଶକ୍ତି ଆମଦାନୀ ନିମନ୍ତେ ଭାରତର ପ୍ରତିଶ୍ରୁତିବଦ୍ଧତା ଦକ୍ଷିଣ ଏସିଆରେ ଜଳବିଦ୍ୟୁତ୍ ବିକାଶ ପାଇଁ ନୂଆ ଦ୍ୱାର ଉନ୍ମୁକ୍ତ କରିଛି।
**-ପୁଷ୍ପ କମଳ ଦହଲ 'ପ୍ରଚଣ୍ଡ', ନେପାଳ ପ୍ରଧାନମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାର ଧନ କିଏ ନେଇଚି
ଯୋଗିଆ ମାଇପ ରାଣ୍ଡ ହଉଛି ।**

ଧୂର୍ତ୍ତ ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜ ରେ ଜାଣିପାରି ନ ଥାନ୍ତି। ଚଞ୍ଚକତା କରି ଅନ୍ୟର ଧନ ସମ୍ପତ୍ତି ଲୁଟି ନେଇଥାନ୍ତି। ତାଙ୍କର ଏହି କଳାକାରନାମା ବିଷୟରେ କେହି ଟେର ପାଇପାରି ନ ଥାନ୍ତି। ଲୁଟି ମାରି ଖାଇ ସବୁ ଦୋଷ ନିରୀହ ବ୍ୟକ୍ତି ମୁଣ୍ଡରେ ଲଦି ଦେଇଥାନ୍ତି। ଫଳସ୍ୱରୂପ କିଛି ନ କରି ମଧ୍ୟ ସରଳ ନିଷ୍ପାପ ବ୍ୟକ୍ତି ଅଯଥାରେ ଦଣ୍ଡିତ ହୋଇଥାନ୍ତି। ନେବା ଲୋକର ପତ୍ତା ନ ଥିବା ସ୍ଥଳେ ନିରୀହ ଲୋକକୁ ଦଣ୍ଡ ଦିଆଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କରମ ଲିଖନ
କେ କରିବ ଆନ?**

କପାଳରେ ଯାହା ଲେଖାହୋଇଥାଏ ତାହା ହିଁ ଅବଶ୍ୟ ଘଟିଥାଏ। ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। ଏହାକୁ କାଟିବା ବା ବଦଳେଇବା ସହଜସାଧ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




## ଟ୍ରେନ୍ ଦୁର୍ଘଟଣା: ଦାବିଦାର ନ ଥିବା ମୃତଦେହ ଶୀଘ୍ର ସତ୍କାର ହେବ

ଭୁବନେଶ୍ୱର ୧୦।୬(ବ୍ୟୁରୋ): ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୮୮ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏବେବି ଏମ୍ସରେ ଥିବା ୮୧ ମୃତଦେହକୁ ଚିହ୍ନଟ କରାଯାଇପାରି ନାହିଁ। ଏହା ଭିତରୁ ଅନେକ ମୃତଦେହର କେହି ଦାବିଦାର ନାହାନ୍ତି। ସେପଟେ ଏକାଧିକ ଲୋକ ମଧ୍ୟ ଗୋଟିଏ ମୃତଦେହର ଦାବିଦାର ରହିଛନ୍ତି। ତେଣୁ ଡିଏନ୍ଏ ଟେଷ୍ଟ ପାଇଁ ୭୦ ମୃତଦେହରୁ ନମୁନା ସଂଗ୍ରହ କରାଯାଇଛି। ଆଉ ଦିନେ ଦୁଇଦିନ ଭିତରେ ରିପୋର୍ଟ ଆସିଯିବ। ମାତ୍ର ଦୁର୍ଘଟଣାରେ ଅଧିକ କ୍ଷତବିକ୍ଷତ ହୋଇଥିବା ମୃତଦେହଗୁଡିକ ଆଉ ୬ରୁ ୭ଦିନ ସଂରକ୍ଷିତ ରଖାଯାଇପାରିବ। ତେଣୁ ସ୍ଥିତିକୁ ଦେଖି ଦାବିଦାର ନ ଥିବା ମୃତଦେହକୁ ୪ରୁ ୫ ଦିନ ପରେ ନିୟମ ଅନୁସାରେ ସତ୍କାର କରି ଦିଆଯିବ ବୋଲି ଏମ୍ସର ଆଡିଶନାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଭାସ ରଂଜନ ତ୍ରିପାଠୀ ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆମାଜନ ଜଙ୍ଗଲରେ ...

ପ୍ରଦେଶର ଆରାକୁଆରାରୁ ୭ ଜଣଙ୍କୁ ନେଇ ସାନ୍ ଜୋସ୍ ଡେଲ୍ ଗୁଆଭିଆରେ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ସେସ୍‌ନା ୨୦୬ ବିମାନ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଛୋଟ ବିମାନଟି କାକ୍ୱେଟା ଓ ଗୁଆଭିଆରେ ପ୍ରଦେଶ ସୀମାନ୍ତରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ପାଇଲଟ୍, ମାଗ୍‌ଡାଲେନା ମୁକୁଟି ନାମ୍ନୀ ମହିଳା ଓ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଥିଲା। ତଲାସି ଟିମ୍ ୩ ବୟସ୍କଙ୍କ ମୃତଦେହଗୁଡ଼ିକୁ ଦୁର୍ଘଟଣାଗ୍ରସ୍ତ ବିମାନରୁ ଠାବ କରିଥିଲା। କିନ୍ତୁ ସେମାନଙ୍କ ସହ ଥିବା ୪ ଶିଶୁଙ୍କ ପତ୍ତା ମିଳି ନ ଥିଲା। ସମ୍ଭବତଃ ୪ ଶିଶୁ ସାହାଯ୍ୟ ଆଶାରେ କୁଆଡ଼େ ଚାଲିଯାଇଥିଲେ। ୧୬୦ ସୈନ୍ୟ ଏବଂ ଜଙ୍ଗଲ ସମ୍ପର୍କରେ ଜାଣିଥିବା ୭୦ ଆଦିବାସୀ ମିଳିତ ଭାବେ ନିଖୋଜ ଶିଶୁଙ୍କୁ ଠାବ କରିବା ପାଇଁ ବଡ଼ ତଲାସି ଅଭିଯାନ ଚଳାଇଥିଲେ। କଲମ୍ବିଆ ସେନା ଏହି ରେସ୍କ୍ୟୁ ଅପରେଶନରେ ବିମାନ ଓ ହେଲିକପ୍ଟର ମଧ୍ୟ ନିୟୋଜିତ କରିଥିଲା। ଦୁର୍ଘଟଣାସ୍ଥଳ ହେଉଛି ବାଘ, ସାପ ଓ ଅନ୍ୟ ଘାତକ ଜୀବଜନ୍ତୁଙ୍କ ବାସସ୍ଥାନ। ଡ୍ରଗ୍ ଚାଲାଣକାରୀମାନେ ମଧ୍ୟ ଏଠାରେ ଆଶ୍ରୟ ନେଉଥିବାରୁ ୪ ପିଲାଙ୍କୁ ଖୋଜି ବାହାର କରିବା ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଥିଲା। ତେବେ ଉଦ୍ଧାରକାରୀ ଦଳ ସନ୍ଧାନୀ କୁକୁରଙ୍କୁ ନେଇ ଅଭିଯାନ ଜାରି ରଖିଥିଲେ। ସେଠାରୁ କିଛି ଅଇଣ୍ଠା ଫଳ ମିଳିଥିଲା, ଯାହାକି ୪ ପିଲା ଖାଇ ଫୋପାଡ଼ିଦେଇଥିଲେ। ପିଲାଙ୍କ ଜେଜେମା'ଙ୍କ ଏକ ରେକର୍ଡେଡ୍ ମେସେଜ୍ ଜଙ୍ଗଲରେ ଛଡ଼ାଯାଇଥିଲା। ସେଥିରେ ସେ ସେମାନଙ୍କୁ ଅନ୍ୟତ୍ର ନ ଯାଇ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦେଇଥିଲେ। ଟିଭି ଚ୍ୟାନେଲଗୁଡ଼ିକର ପ୍ରତିନିଧିମାନେ ମଧ୍ୟ ସେଠାକୁ ଯାଇଥିଲେ। ସେନା ପକ୍ଷରୁ ବିମାନରୁ ଖାଦ୍ୟ ପୁଡ଼ିଆ ଓ ପାଣି ବୋତଲ ତଳକୁ ଛଡ଼ାଯାଇଥିଲା। ୪୦ ଦିନର ଅକ୍ଳାନ୍ତ ପରିଶ୍ରମ ପରେ ଦୁର୍ଘଟଣାସ୍ଥଳର ୫ କି.ମି. ପଶ୍ଚିମରେ ପିଲାଙ୍କୁ ଠାବ କରାଯାଇଛି। ୩ ପିଲାଙ୍କ ବୟସ ୧୩, ୯ ଓ ୪ ବର୍ଷ। ସେମାନଙ୍କ ସହ ଥିବା ଜଣେ ଶିଶୁର ବୟସ ସେତେବେଳେ ୧୧ ମାସ ହେଉଥିଲା, ଯିଏକି ବର୍ତ୍ତମାନ ୧ ବର୍ଷର। କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ଉଦ୍ଧାରକାରୀ ଦଳକୁ ପ୍ରଶଂସା କରି କହିଛନ୍ତି, ତଲାସି ବେଳେ ସେନା ଓ ଆଦିବାସୀଙ୍କ ମଧ୍ୟରେ ଦୃଢ଼ ସମନ୍ୱୟ ସଂଘବଦ୍ଧ ଅଭିଯାନର ଏକ ଦୃଷ୍ଟାନ୍ତ, ଯାହାକୁ ଦେଶବାସୀ ଅନୁସରଣ କରିବା ଉଚିତ। ଏହା ସାରା ଦେଶ ପାଇଁ ଖୁସିର ବିଷୟ ବୋଲି ପେଟ୍ରୋ ଟୁଇଟ୍ କରିଛନ୍ତି। ଉଦ୍ଧାର ହୋଇଥିବା ହୁଇତୋତୋ ସମ୍ପ୍ରଦାୟର ୪ ଶିଶୁ ହେଉଛନ୍ତି ଭଉଣୀଭାଇ। ୩ ଝିଅ ଓ ଜଣେ ପୁଅଙ୍କ ଜେଜେବାପା ନାର୍ସିଜୋ ମୁକୁଟି ଖୁସି ବ୍ୟକ୍ତ କରି କହିଛନ୍ତି, ମୋ' ନାତୁଣୀନାତି ୟାରି ଜଙ୍ଗଲରେ ନିଖୋଜ ହୋଇଯାଇଥିଲେ। ସେମାନେ ଫେରିଆସିଥିବା ଦେଖି ଆନନ୍ଦିତ।

ପ୍ରଥମ ପୃଷ୍ଠାରୁ...

## ପୁରୀରୁ ଦିଲ୍ଲୀ ପ୍ରି-ଆକ୍ଟିଭ ...

ନୂଆସାହିର ମହାବୀର ଦାସ(୩୧), ଅମାପଡ଼ାର ଜ୍ଞାନରଞ୍ଜନ ପାତ୍ର, ସତ୍ୟବାଦୀ ଥାନା ଅନ୍ତର୍ଗତ ନୂଆଗାଁର ବିଶ୍ୱଜିତ୍ ଷଡ଼ଙ୍ଗୀ(୨୯), ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗଡ଼କୋକଳର ସୌମ୍ୟରଞ୍ଜନ ଖଣ୍ଡାୟତରାୟ(୨୨) ଓ ନିମାପଡ଼ା ଥାନା ଅନ୍ତର୍ଗତ ନବଘନପୁରର ବିଶ୍ୱଜିତ ପ୍ରଧାନ(୨୩)। ଏହି ଅଭିଯୁକ୍ତମାନେ ଏକ ଟେଲିକମ୍ କମ୍ପାନୀର କର୍ମଚାରୀ ଭାବରେ କାମ କରୁଥିଲେ। କମ୍ପାନୀ ପକ୍ଷରୁ ଦିଆଯାଉଥିବା ସିମ୍ କାର୍ଡ ବିକ୍ରିର ଚାପ ସାଙ୍ଗକୁ ଅଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର କରିବାର ନିଶା ଏମାନଙ୍କୁ ଏହି କାରବାରରେ ଲିପ୍ତ କରାଇଥିଲା। ଅଭିଯୁକ୍ତଙ୍କଠାରୁ ୭୯୯ ସିମ୍ କାର୍ଡ, ୧୬ଟି ମୋବାଇଲ ଫୋନ୍ ଓ ନଗଦ ୨,୬୮୦ ଟଙ୍କା ଜବତ ହୋଇଛି। ତନ୍ମଧ୍ୟରେ ୩୧୧ଟି ପ୍ରି-ଆକ୍ଟିଭେଟେଡ୍ ସିମ୍ କାର୍ଡ ରହିଛି।

ମିଳିଥିବା ସୂଚନାନୁଯାୟୀ, କଟକ ସହରର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ୨୦୨୨ଜୁଲାଇ ୧୩ ତାରିଖରେ ସାଇବର ଥାନାରେ ଏକ ଅଭିଯୋଗ କରିଥିଲେ। ଭୁବନେଶ୍ୱର ଘାଟିକିଆଠାରେ ଥିବା ତାଙ୍କର ଏକ ଘରକୁ ଭଡ଼ା ଦେବା ନିମନ୍ତେ ସେ ଏକ ୱେବପୋର୍ଟାଲରେ ବିଜ୍ଞାପନ ଦେଇଥିଲେ। ଜଣେ ବ୍ୟକ୍ତି ଏକ ହ୍ୱାଟ୍ସଆପ୍ ମେସେଜ ଜରିଆରେ ନିଜକୁ ରଣଦୀପ ସିଂହ ଭାବେ ପରିଚୟ ଦେଇଥିଲେ। ସେ ଜଣେ ସିଆଇଏସ୍ଏଫ୍ କର୍ମଚାରୀ ଭାବେ ଗୁଆହାଟୀ ବିମାନବନ୍ଦରରେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ଭୁବନେଶ୍ୱର ବିମାନବନ୍ଦରକୁ ବଦଳି ହୋଇଛି ବୋଲି କହିଥିଲେ। ସେ ଭଡ଼ା ଓ ସର୍ତ୍ତାବଳୀ ଲିଖିତ ଥିବା ଏଗ୍ରିମେଣ୍ଟ ପେପର କରିବାକୁ ଚାହିଁଥିଲେ। ହେଲେ ଅଭିଯୋଗକାରୀ ଏଥିପାଇଁ କିଛି ଅଗ୍ରୀମ ଅର୍ଥ ଦେବାକୁ କହିଥିଲେ। ତେବେ ଏହି ଅଗ୍ରିମ ଅର୍ଥ ଦେବା ପ୍ରକ୍ରିୟାରେ ଅପରପକ୍ଷ ବ୍ୟକ୍ତି ଅଭିଯୋଗକାରୀଙ୍କ ଆକାଉଣ୍ଟରୁ ୫୭ ହଜାର ଟଙ୍କା ନେଇଯାଇଥିଲେ। ଅଭିଯୋଗକାରୀ ଠକେଇର ଶିକାର ହୋଇଥିବା ଜାଣିବା ପରେ କଟକ ସାଇବର ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ସାଇବର ଥାନାରେ କେସ୍ ନଂ ୨୦/୨୦୨୨ ରୁଜୁ ହେବା ସହ ପୋଲିସ ମାମଲାର ଖୋଳତାଡ଼ କରିଥିଲା।

କଟକ ଡିସିପି ପିନାକ ମିଶ୍ର କହିଛନ୍ତି ଯେ, ମାମଲାର ତଦନ୍ତ ସମୟରେ ବିଭିନ୍ନ ବୈଷୟିକ ଦିଗକୁ ଧ୍ୟାନ ଦିଆଯାଇଥିଲା। ଠକେଇ କରିଥିବା ଅଭିଯୁକ୍ତମାନେ ରାଜସ୍ଥାନର ହୋଇଥିବାବେଳେ ସେମାନେ ବ୍ୟବହାର କରୁଥିବା ସିମ୍ କାର୍ଡଗୁଡ଼ିକ ଓଡ଼ିଶାର ବୋଲି ଜଣାପଡ଼ିଥିଲା। ଏନେଇ ଅଧିକ ତଦନ୍ତ କରାଯିବା ପରେ ପୁରୀର ଏକ ଗ୍ୟାଙ୍ଗ ଦ୍ୱାରା ପ୍ରିଆକ୍ଟିଭେଟେଡ୍ ସିମ୍ ପ୍ରସ୍ତୁତ ହେଉଛି। ସାଇବର ଥାନା ଆଇଆଇସି ଚନ୍ଦ୍ରିକା ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ପୁରୀକୁ ଯାଇ ଗ୍ୟାଙ୍ଗକୁ ଠାବ କରିଥିଲେ। ଧରାପଡ଼ିଥିବା ଅଭିଯୁକ୍ତମାନେ ଗତ ୫ମାସ ଧରି ଆସାମ, ଦିଲ୍ଲୀ ଓ ରାଜସ୍ଥାନ ଆଦି ରାଜ୍ୟକୁ ସିମ୍ କାର୍ଡ ଯୋଗାଉଥିଲେ। ବିଭିନ୍ନ କମ୍ପାନୀର ପାଖାପାଖି ୫ହଜାର ସିମ୍ କାର୍ଡ ଏମାନେ ଆକ୍ଟିଭ କରି ଏଜେଣ୍ଟମାନଙ୍କୁ ବିକ୍ରି କରିଛନ୍ତି। ଏହି କାରବାରରୁ ଜଣକା ବହୁ ଟଙ୍କା ରୋଜଗାର ମଧ୍ୟ କରିଛନ୍ତି। ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ପାଇଁ ଜ୍ଞାନରଞ୍ଜନ ପାତ୍ର ଓ ବିଶ୍ୱଜିତ୍ ପ୍ରଧାନଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡିଛି। ଜ୍ଞାନରଞ୍ଜନ ଓ ବିଶ୍ୱଜିତ ଅନ୍ୟ ୬ ସଦସ୍ୟଙ୍କଠାରୁ ଆକ୍ଟିଭ ସିମ୍ କାର୍ଡ ସଂଗ୍ରହ କରି ଦିଲ୍ଲୀ ଓ ଆସାମର ଏଜେଣ୍ଟକୁ ବିକ୍ରି କରୁଥିଲେ। ଏହି ୬ ଜଣଯାକ ଏକ ଟେଲିକମ୍ କମ୍ପାନୀରେ କର୍ମଚାରୀ ଭାବେ କାମ କରନ୍ତି। ଖୁବଶୀଘ୍ର ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଡିସିପି ମିଶ୍ର କହିଛନ୍ତି।



ଗିରଫ ୮ ଅଭିଯୁକ୍ତ , ଜବତ ହୋଇଥିବା ସିମ୍‌କାର୍ଡ ଓ ମୋବାଇଲ ଫୋନ ।

## କଲବଲ କରୁଛି ...

ସମସ୍ୟା ନେଇ ଶୁକ୍ରବାର ଟୁଇଟ୍ କରି ଅସନ୍ତୋଷ ପ୍ରକାଶ କରିଥିଲେ। କାଳବୈଶାଖୀ ପରେ ଯେମିତି ଢଙ୍ଗରେ ଧିମା କାମ ଚାଲିଛି, ଚିନ୍ତା କର, ବାତ୍ୟା ଆସିଲେ କ'ଣ ପରିସ୍ଥିତି ହେବ ବୋଲି କହିଥିଲେ। ଏମିତି ମନ୍ଥର ଗତିରେ କାମ ଚାଲିଲେ ଲୋକେ ଜମା ପ୍ରଶଂସା କରିବେନି ବୋଲି ମୁଖ୍ୟ ଶାସନ ସଚିବ ଚେତେଇ ଦେବା ସହ ଶୀଘ୍ର ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଟାଟା ପାୱାର ସିଇଓଙ୍କୁ ତାଗିଦ୍ କରିଥିଲେ। ମୁଖ୍ୟ ଶାସନ ସଚିବ ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ସୋମବାର ଲୋକସେବା ଭବନରେ ଏକ ଜରୁରୀ ବୈଠକ ଡାକିଛନ୍ତି। ରାଜ୍ୟର ୪ ବିଦ୍ୟୁତ୍ ବିତରକ କମ୍ପାନୀର ସିଇଓଙ୍କୁ ବୈଠକରେ ଯୋଗଦେବା ପାଇଁ କୁହାଯାଇଛି। ବାରମ୍ବାର ବିଦ୍ୟୁତ୍ କାଟ ଜନିତ ସମସ୍ୟା ଦୂର ପାଇଁ ବୈଠକରେ ଆଲୋଚନା ହେବା ନେଇ ସୂଚନା ମିଳିଛି ।

ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥାକୁ ନେଇ ବିଭିନ୍ନ ସଂଗଠନ ମଧ୍ୟ ସରକାରଙ୍କୁ ଘେରିଛନ୍ତି। ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ ନ ହେଲେ ରାସ୍ତାରେ ଲଢ଼େଇ ହେବ ବୋଲି ଚେତାବନୀ ଦେଇଛନ୍ତି। ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ କହିଛନ୍ତି, ଗତ ଦୁଇଦିନ ଧରି ରାଜଧାନୀର ବିଭିନ୍ନ ଅଞ୍ଚଳରେ ୬ରୁ ୮ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରହିଲା। ୨୮ ବର୍ଷର ବିଦ୍ୟୁତ୍ ସଂସ୍କାର ପରେ ମଧ୍ୟ ଖୋଦ ରାଜଧାନୀରେ ବିଦ୍ୟୁତ୍ ୮ ଘଣ୍ଟା ବନ୍ଦ ରହୁଛି। ୧୯୯୪-୯୫ରୁ ଆଜି ଯାଏ ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ଯେଉଁ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ତାହାର ବିଚାର ବିଭାଗୀୟ ତଦନ୍ତ ହେବା ଦରକାର। ଟାଟା ପାୱାର ମନମାନି କରୁଛି। ସରକାର ତା' ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଅଘୋଷିତ ବିଦ୍ୟୁତ୍‌କାଟ ବନ୍ଦ ନ ହେଲେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ସମାବେଶ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ କହିଛନ୍ତି, ଟାଟା ପାୱାର ବିଦ୍ୟୁତ୍ ଭିତ୍ତିଭୂମି ସଜାଡ଼ିବା ପରିବର୍ତ୍ତେ ସ୍ମାର୍ଟ ମିଟର ଲଗାଇ ବିଲ୍ ଆଦାୟରେ ମାତିଛି। ଲୋକମାନଙ୍କୁ ଉନ୍ନତମାନର ବିଦ୍ୟୁତ୍‌ସେବା ମିଳିପାରୁ ନାହିଁ। ଲୋଭୋଲ୍‌ଟେଜ ସମସ୍ୟା ବଢ଼ିବାରେ ଲାଗିଛି। ୧୯୯୬ ମସିହାର କଣ୍ଡକ୍ଟରକୁ ପରିବର୍ତ୍ତନ କରାଯାଉ ନ ଥିବାରୁ ଅଳ୍ପ ପବନରେ ମଧ୍ୟ ତାହା ଛିଡ଼ିପଡୁଛି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଦରକାର ବୋଲି ସେ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ପିକ୍ ଆୱାର(ସନ୍ଧ୍ୟା ୬ରୁ ରାତି ୧୦)ରେ ୪୮୭୫ ମେଗାୱାଟ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ପୂରଣ ପାଇଁ ଜଳବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍‌ରୁ ମୋଟ ୧୪୬୨ ମେଗାୱାଟ ଉତ୍ପାଦନ କରାଯାଉଥିବା ବେଳେ ବଳକା ସେଣ୍ଟ୍ରାଲ ସେକ୍ଟରରୁ କିଣାଯାଉଛି। ତେବେ କାଳବୈଶାଖୀ ଯୋଗୁ ତାଳଚେର, କେନ୍ଦ୍ରାପଡ଼ା, ଯାଜପୁର, ବାରିପଦା, ବାଲେଶ୍ୱର, ପାରାଦୀପ ଏବଂ କଟକର କେତେକ ଅଞ୍ଚଳରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ରହିଛି। ଏଥିଯୋଗୁ ୧୦୦ ମେଗାୱାଟ କମ୍ ବିଦ୍ୟୁତ୍ ଯୋଗାଣ କରାଯାଉଛି।

### ସରକାରଙ୍କ ପ୍ରତି ରୋଷ ବଢୁଛି

କିଛିଦିନ ହେଲା ସମ୍ବଲପୁର ଉତ୍ତପ୍ତ ସହର ଭାବେ ରେକର୍ଡ କରିଚାଲିଛି। ଅସମ୍ଭାଳ ତାତି ସାଙ୍ଗକୁ ପ୍ରବଳ ଗୁଳୁଗୁଳି ହେଉଛି। ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଜୀବନ ଦୁର୍ବିଷହ ହୋଇ ପଡୁଛି। ଆଗକୁ ମୁଖ୍ୟ ଶାସନ ସଚିବ ଏକ ବୈଠକ ଡାକିଛନ୍ତି। ଆଶା କରାଯାଉଛି ନିଷ୍କର୍ଷ ବାହାରିବ। ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ସରକାରଙ୍କ ପ୍ରତି ଜନସାଧାରଣଙ୍କ ରୋଷ ବଢ଼ିବା ସ୍ୱାଭାବିକ।

*– ଡା. ରାଜାରାମ ଷଡଙ୍ଗୀ, ଆବାହକ, ସମ୍ବଲପୁର ଜିଲା ବିଦ୍ୟୁତ୍ ଉପଭୋକ୍ତା ସଂଗଠନ*

### ଠକୁଛି ବିଦ୍ୟୁତ୍ ବିତରଣ ସଂସ୍ଥା

ରାଜ୍ୟ ସରକାର ଗ୍ରୀଷ୍ମ ପ୍ରବାହରେ ବିଦ୍ୟୁତ୍ କାଟ୍ ହେବନାହିଁ ବୋଲି କହୁଛନ୍ତି। ମାତ୍ର ମେଣ୍ଟେନାନ୍ସ, ବିଦ୍ୟୁତ୍ ଖୁଣ୍ଟ, ତାର ଅପସାରଣ ନାନା ଆଳ ଦେଖାଇ ପ୍ରତିଦିନ ୬ରୁ ୮ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ କରାଯାଉଛି। ବିଦ୍ୟୁତ୍ ବିତରଣ କରୁଥିବା ଘରୋଇ ସଂସ୍ଥା ଉପଭୋକ୍ତାଙ୍କୁ ଠକି ଚାଲିଛି। ଆମ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ହେଉଥିଲେ ସୁଦ୍ଧା ଅନ୍ୟ ରାଜ୍ୟ ତୁଳନାରେ ଆମଠାରୁ ୟୁନିଟ୍ ପିଛା ଅଧିକ ବିଦ୍ୟୁତ ଦେୟ ଅସୁଲି କରାଯାଉଛି। ବିଦ୍ୟୁତ୍ ଉପଭୋକ୍ତା ସଂଘ ଏହାକୁ ବରଦାସ୍ତ କରିବ ନାହିଁ। ଅନ୍ୟ ସଙ୍ଗଠନଗୁଡ଼ିକୁ ନେଇ ଆନ୍ଦୋଳନକୁ ଓହ୍ଲାଇବ।

*– ପ୍ରୀତମ ସିଂହ, ସମ୍ପାଦକ, ବରଗଡ଼ ବିଦ୍ୟୁତ୍ ଉପଭୋକ୍ତା ସଂଘ*

### ସଜଡ଼ା ନାଁରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ

କେନ୍ଦୁଝର ସହରରେ ଲାଇନ ସଜଡ଼ା ନାଁରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ କରାଯାଉଛି। ବିଶେଷକରି ଦିନରେ ୪ ରୁ ୫ ଘଣ୍ଟା କାଟି ଦିଆଯାଉଛି। ସାମାନ୍ୟ ବର୍ଷା, ପବନ ହେଲେ ପୁଣି ବିଦ୍ୟୁତ୍ ବିଚ୍ଛିନ୍ନ ହେଉଛି। ଏବେ ଦିନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ରାତିରେ ଗୁଳିଗୁଳି ଜୀବନ ଅସ୍ତବ୍ୟସ୍ତ କରିଦେଉଛି। ଏଭଳିସ୍ଥଳେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ରାତି ଉଜାଗର ହୋଇ ରହିବାକୁ ପଡୁଛି। ଏ ନେଇ ବାରମ୍ବାର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଫୋନ୍ କଲେ କିମ୍ବା ବିଭାଗ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି।

*–ଅଶୋକ ଦାସ, ପୂର୍ବତନ ଜିଲା ଓକିଲ ସଂଘ ସଭାପତି*

### ପାଠପଢ଼ା ପ୍ରଭାବିତ ହେଉଛି

ପ୍ରତିଦିନ ଘନ ଘନ ବିଦ୍ୟୁତ୍ କାଟ ଯୋଗୁ ପଢ଼ିବା କଷ୍ଟକର ହୋଇପଡିଛି। ରାତିରେ ବିଦ୍ୟୁତ୍ କାଟ ଯୋଗୁ ଛାତ ଉପରେ ଶୋଇବାକୁ ପଡୁଛି। ଫଳରେ ଦେହ ଖରାପ ହେଉଛି। ରାଜଧାନୀରେ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବା ପାଇଁ ଅନେକ ଛାତ୍ରୀଛାତ୍ର ପ୍ରସ୍ତୁତ ହେଉଥିବାବେଳେ ବିଦ୍ୟୁତ୍ କାଟ ସେମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି କରୁଛି।

*–ରଶ୍ମି ରଞ୍ଜନ ମିଶ୍ର, ଛାତ୍ର, ପଳାଶୁଣୀ, ଭୁବନେଶ୍ୱର*

### ଅଧିକାଂଶ ସମୟରେ ଲୋ ଭୋଲ୍‌ଟେଜ୍

ରାୟଗଡ଼ାରେ ପ୍ରତିଦିନ ପ୍ରାୟ ୪ରୁ ୫ ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଅସହ୍ୟ ଗରମ ସାଙ୍ଗକୁ ବିଦ୍ୟୁତ୍ କାଟ ଯନ୍ତ୍ରଣାଦାୟକ ହେଉଛି। ଟାଟା ପାୱାର ଦାୟିତ୍ୱ ନେବା ପରଠାରୁ ଅଧିକାଂଶ ସମୟରେ ଲୋ ଭୋଲ୍‌ଟେଜ୍ ସମସ୍ୟା ରହୁଛି। ଟାଟା ପାୱାର କମ୍ପାନୀର କେତେଜଣ କର୍ମଚାରୀ ବୋଧହୁଏ ଇନ୍‌ଭର୍ଟର ବ୍ୟବସାୟୀଙ୍କ ସହ ସାଲିସ କରି କରୁଥାଇପାରନ୍ତି। କାରଣ ଗତ ଦିନରେ ଜଣେ ନିର୍ବାହୀ ଯନ୍ତ୍ରୀଙ୍କ ଭିଡିଓ ଭାଇରାଲ ଘଟଣା ଏଥିରୁ ପ୍ରମାଣିତ ହେଉଛି ।

*–ବଳରାମ ପଣ୍ଡା, ସାମାଜିକ କର୍ମୀ, ରାୟଗଡ଼ା*

### ରାତିରେ ଲୋକେ ଶୋଇପାରୁନାହାନ୍ତି

ଟାଟା ପାୱାର ଦାୟିତ୍ୱ ନେବା ଦିନଠାରୁ ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ ଭୋଲ୍‌ଟେଜ ଲୋକଙ୍କୁ ବହୁ ହଇରାଣ କରୁଛି। ଅଳ୍ପ ସମୟ କରି ଦିନକୁ ବହୁତ ଥର ବିଦ୍ୟୁତ୍ କାଟ ହେଉଥିବାରୁ ରୋଗୀ, ଛୋଟ ପିଲା ଓ ବୃଦ୍ଧାବୃଦ୍ଧ ଗରମରେ ଛଟପଟ ହେଉଛନ୍ତି। ରାତିରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ଲୋକେ ଶୋଇପାରୁନାହାନ୍ତି।

*–ସନ୍ତୋଷ ଦଳାଇ, କାଉନସିଲର, ରାୟଗଡ଼ା ପୌର ପରିଷଦ*

### ଦିନରେ ୫ରୁ ୭ଥର ବିଦ୍ୟୁତ୍ କାଟ

ବର୍ତ୍ତମାନ ଅସହ୍ୟ ଗୁଳୁଗୁଳି ହେଉଥିବାବେଳେ ଦିନରେ ୫ରୁ ୭ଥର ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଛି। ମଧ୍ୟାହ୍ନରେ ଗରମରେ ଛଟପଟ ହେବାକୁ ପଡୁଛି। ସନ୍ଧ୍ୟାରେ ପିଲାମାନଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଛି। ଏହା ସାଙ୍ଗକୁ ଲୋ-ଭୋଲ୍‌ଟେଜ ସମସ୍ୟା ମଧ୍ୟ ଦେଖାଦେଇଛି। କାଳବୈଶାଖୀ ପ୍ରଭାବରେ ବର୍ଷା, ପବନ ହେଲେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ କରାଯାଉଛି। ଖରାଦିନେ ବିଦ୍ୟୁତ୍ କାଟ ହେବନାହିଁ ବୋଲି ଶକ୍ତିମନ୍ତ୍ରୀ ଘୋଷଣା କରିଥିଲେ। କିନ୍ତୁ ଏମିତି ଗୋଟିଏ ଦିନ ନାହିଁ, ଯେଉଁଦିନ ବିଦ୍ୟୁତ୍ କାଟ ହୋଇନାହିଁ।

*–ଚୈତାଳି ଖିଲାର, ଉପଭୋକ୍ତା, କଲ୍ୟାଣୀନଗର, ସାମରାଇପୁର, ଭଦ୍ରକ*

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ତିନୋଟି କେନ୍ଦ୍ରରେ ଗ୍ରହାବସ୍ଥାନ ଯୋଗୁ କିଛି ଭଲ ଓ କିଛି ମନ୍ଦର ମିଶ୍ରିତ ଅନୁଭୂତିକୁ ନେଇ ଦିନଟି ଅତିବାହିତ ହେବ। କର୍ମକ୍ଷେତ୍ରରେ ଅତୀତ ଘଟଣା ବିଷୟରେ ଚିନ୍ତା କରି ବ୍ୟସ୍ତ ରହିପାରନ୍ତି। ବନ୍ଧୁମାନଙ୍କ ସହଯୋଗରେ ଆର୍ଥିକ ସ୍ଥିତିରେ ସୁଧାର ଆସିବାର ଆଶା ରହିଛି। ପାରିବାରିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ।

**ବୃଷ** – ଉପଚୟ ସ୍ଥାନରେ ଶୁକ୍ର ପ୍ରଭାବରୁ ଅନ୍ୟଙ୍କୁ ମନେଇ କାମ କରିବାର କୌଶଳକୁ ପ୍ରୟୋଗରେ ସକ୍ଷମ ହେବେ। ସମସ୍ୟା ସମାଧାନ କ୍ଷେତ୍ରରେ ଆନୁଷଙ୍ଗିକ ଅନୁକୂଳ ପରିସ୍ଥିତି ଅବଶ୍ୟ ସୃଷ୍ଟି ହେବ। ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

**ମିଥୁନ** – ପାପଯୁକ୍ତ ବୃହସ୍ପତିଜନିତ କର୍ମକ୍ଷେତ୍ରରେ ପାରସ୍ପରିକ ଅସହଯୋଗ ସମସ୍ୟା ସମାଧାନର ବାଧକ ହେବ। ଅବଶ୍ୟ ଆପଣଙ୍କ କାର୍ଯ୍ୟଶୈଳୀ ଓ ବିଚାରଧାରାକୁ ଅନ୍ୟମାନେ ସହଜରେ ଗ୍ରହଣ କରିନେଇପାରେ। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ।

**କର୍କଟ** – ଶୁକ୍ର ଓ ମଙ୍ଗଳ ରାଶିରେ ଥିବାରୁ ଆଜି ମନ ଚାହୁଁଥିବା ପ୍ରକାରେ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଆର୍ଥିକ ସୁଧାର, ନିର୍ମାଣ କାର୍ଯ୍ୟ, ଯୋଗାଯୋଗ, ଦୂରଯାତ୍ରା ପାଇଁ ଅସୁବିଧା ହେବ ନାହିଁ। ସାମାଜିକ ସ୍ତରରେ ଶତ୍ରୁତା ବାଧା ସୃଷ୍ଟି କରିପାରେ।

**ସିଂହ** – ଆଜି ବାହାର ଲୋକଙ୍କ ସକାଶେ ଯେତିକି ଭଲ ପରିଗଣିତ ହେବେ, ସେହି ଅନୁପାତରେ ନିଜ ଲୋକଙ୍କ ପାଖରେ ନୁହେଁ। କର୍ମକ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ମଙ୍ଗଳଙ୍କ ବଳହୀନତା କାରଣରୁ ମନୋବଳ ଟାଣ ରହିବ। ମାଲିମକଦ୍ଦମାରେ ବିଜୟୀ, ବ୍ୟବସାୟରେ ଉନ୍ନତି, ରାଜନୀତିରେ ସମ୍ମାନ ପାଇବେ।

**କନ୍ୟା** – ବୁଧାଦିତ୍ୟ ଯୋଗ ପ୍ରଭାବରୁ କୌଣସି ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। ପ୍ରିୟ ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ଆକସ୍ମିକ ଭାବରେ ହସ୍ତା ନକ୍ଷତ୍ର ଦୂରଯାତ୍ରା କରିବାକୁ ବାଧ ହୋଇପାରନ୍ତି।

**ତୁଳା** – ଚନ୍ଦ୍ରଙ୍କ ସୁପ୍ରଭାବରୁ ପାରିବାରିକ ସମସ୍ୟା ସମାଧାନ ପାଇଁ ତତ୍ପର ହେବେ। ପଡ଼ୋଶୀ ସ୍ୱାର୍ଥ ହାସଲ ପରିପ୍ରେକ୍ଷୀରେ ଅଯଥା ମିଥ୍ୟାରୋପ କରି କଳହ କରିପାରନ୍ତି । ଆଲୋଚନା ସମୟରେ ଅପ୍ରିୟ ସତକଥା କହି ବିରୋଧୀ ହେବାକୁ ପଡ଼ିପାରେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବଢ଼ି ଯାଇପାରେ।

**ବିଛା** – ସାଥୀ ସହୋଦର କଥାକୁ ଓଲଟା ଅର୍ଥରେ ଗ୍ରହଣ କରି ଦୂରେଇ ରହିବେ। ବନ୍ଧୁଙ୍କ ଅଭିମାନ, ଉପରିସ୍ଥଙ୍କ ଚାପ, କାର୍ଯ୍ୟହାନିଜନିତ ମନରେ ସରସତା ରହିବ ନାହିଁ। ମଙ୍ଗଳ କ୍ଷେତ୍ରସ୍ଥ ବୃହସ୍ପତିଙ୍କ ପ୍ରଭାବରେ ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିବେ। ପିଲାଙ୍କ କୃତିତ୍ୱ, ରଚନାତ୍ମକ କାମରେ ପ୍ରଶଂସା ହେତୁ ଖୁସି ଅନୁଭବ କରିପାରନ୍ତି।

**ଧନୁ** – ସାଧାରଣ ସ୍ୱାର୍ଥତ୍ୟାଗ ପରିପ୍ରେକ୍ଷୀରେ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ଖୁସି ରହିବେ। ମଙ୍ଗଳଙ୍କ ଯୋଗଫଳରୁ ଜମିଜମା ବିବାଦ ସମାଧାନ ପୂର୍ବକ ସଫଳତା ହାସଲ କରିବେ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ହେତୁ ମନଟା ଭଲ ଲାଗିବ ନାହିଁ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖାଦେଇପାରେ।

**ମକର** – କଣାକୁଜା ଯୋଗଜନିତ ଆଜି ସମ୍ପର୍କୀୟଙ୍କ ସାହାଯ୍ୟ ଓ ସହଯୋଗରେ କାମ ହାସଲ କରିବେ। କିନ୍ତୁ ଧନିଷ୍ଠା ଅନ୍ୟମାନଙ୍କ ବାରଣ ନ ମାନି କାମ କଲେ କୌଣସି କ୍ଷେତ୍ରରେ ଅପମାନିତ ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ନିକଟରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କୁମ୍ଭ** – ଧନାଧିପ ପାପଗ୍ରହଯୁକ୍ତ ଯୋଗୁ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସତର୍କତା ଅଭାବରୁ ମନିପର୍ସ କିମ୍ବା ଦରକାରୀ କାଗଜପତ୍ର ହଜାଇ ଦେଇପାରନ୍ତି। ପାରିବାରିକ କ୍ଷେତ୍ର ଓ ଆନୁଷ୍ଠାନିକ କାମରେ କୌଣସି ଅସୁବିଧା ରହିବ ନାହିଁ। ପ୍ରତ୍ୟୁଷ କାଳରେ ଆରମ୍ଭ କରିଥିବା କାମଟି ଯଥା ସମୟରେ ସମ୍ପନ୍ନ କରିପାରିବେ।

**ମୀନ** – ଗୁରୁ ପାପଯୁକ୍ତଜନିତ ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ବ୍ୟୟ ଭାର କ୍ରମଶଃ କମି ଆସିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ହାତକୁ ନେଇଥିବା ଆଜିର କାମଗୁଡ଼ିକୁ ଅତି ଶୀଘ୍ର ଶେଷ କରିବା ପାଇଁ ବ୍ୟସ୍ତ ହୋଇ ପାରନ୍ତି।

ଆଜି ଆଷାଢ଼ କୃଷ୍ଣ ଅଷ୍ଟମୀଯୁକ୍ତ ନବମୀ ରବିବାର, ଜୁନ୍ ୧୧ ତାରିଖ, ରାଶି ନକ୍ଷତ୍ର-ପୂର୍ବଭାଦ୍ରବ/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୬ ଗତେ ଘ.୦୯।୩୪ ମଧ୍ୟେ, ଘ.୦୧।୨୫ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୨ ଗତେ ଘ.୦୬।୨୧ ମଧ୍ୟେ ରାହୁକାଳ।

## ସମୁଦ୍ର ବେଳାଭୂମିରେ ମୃତ ଶାର୍କ

ପାରାଦୀପ/କୁଜଙ୍ଗ,୧୦।୬(ସ୍ୱ.ପ୍ର./ଡି.ଏନ୍.ଏ.): ପାରାଦୀପ ଷଣ୍ଢକୁଦ ଉପାନ୍ତ ତୈଳ ବିଶୋଧନାଗାର ସାଉଥଗେଟ ପାଖ ବେଳାଭୂମିରେ ଶନିବାର ଅପରାହ୍ନରେ ଏକ ମୃତ ଶାର୍କ ଦେଖିବାକୁ ମିଳିଛି। ଏହାର ଓଜନ ୬୦ କିଲୋରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ଲମ୍ବ ୫ ଫୁଟ ୫ ଇଞ୍ଚ ହେବ ବୋଲି ଅନୁମାନ କରାଯାଉଛି। ଶାର୍କଟି ଦୂଷିତ ପାଣି କିମ୍ବା ଅନ୍ୟ କୌଣସି କାରଣ ପାଇଁ ମରିଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ମିଶ୍ରଙ୍କୁ ପଚାରିବାରେ କୁହନ୍ତି, ଏବିଷୟରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ବିଭାଗୀୟ ଲୋକଙ୍କୁ ପଠାଇ ତଦନ୍ତ ପରେ ରିପୋର୍ଟ ଦିଆଯିବ।




# ଜେଲରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ମାଲକାନଗିରି ଉପକାରାଗାର**

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ମାଲକାନଗିରି,୧୦।୬(ଡି.ଏନ.ଏ.)

ମାଲକାନଗିରି ଉପକାରାଗାରରେ ପୂର୍ବରୁ ଅନେକ ଅଘଟଣ ଘଟିଥିବା ବେଳେ ଶନିବାର ପୁଣି ଜଣେ ବିଚାରାଧୀନ ବନ୍ଦୀ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କାଲିମେଳା ଥାନା ଅନ୍ତର୍ଗତ ଏମ୍‌ପିଭି ୩୩ ଗ୍ରାମର ବିଧାନ ମିର୍ଦ୍ଧା। ବିଧାନ ଦୀର୍ଘ ୪ ବର୍ଷ ହେବ ଏକ ହତ୍ୟା ମାମଲାରେ ଦ୍ୱିତୀୟ ସ୍ତ୍ରୀଙ୍କ ସହିତ ବିଚାରାଧୀନ ବନ୍ଦୀ ଭାବେ ଉପକାରାଗାରରେ ଥିଲେ। ତେବେ ପରିବାର ଲୋକଙ୍କ କହିବା କଥା, ଶନିବାର ସକାଳୁ ଜେଲ ପକ୍ଷରୁ ଫୋନ୍‌କରି ବିଧାନଙ୍କ ଦେହ ଅସୁସ୍ଥ ଥିବା ଖବର ଦିଆଯାଇଥିଲା। ଶୀଘ୍ର ମାଲକାନଗିରି ହସ୍ପିଟାଲରେ ପହଞ୍ଚିବାକୁ ବାରମ୍ବାର ଫୋନକରି କୁହାଯାଇଥିଲା। ଜେଲ କର୍ତ୍ତୃପକ୍ଷଙ୍କ ଖବର ପାଇ ପରିବାର ଲୋକେ ହସ୍ପିଟାଲ ଆସି ଦେଖିଲା ବେଳକୁ ବିଧାନଙ୍କର ମୃତ୍ୟୁ ହୋଇସାରିଥିଲା। ଏହାକୁ ନେଇ ପରିବାରବର୍ଗ ଜେଲ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ବିଧାନ ଜେଲ ଭିତରେ ଜୀବନ ହାରି ଦେଇଥିବା କହିଥିଲେ। ଏହାକୁ ପରିବାରବର୍ଗ ଗ୍ରହଣ କରିପାରି ନ ଥିଲେ। ଜେଲ ଭିତରେ କେମିତି ଜଣେ କଏଦୀ ଜୀବନ ହାରିଲେ ବୋଲି ପ୍ରଶ୍ନ କରିଛନ୍ତି। ଏହା ଆତ୍ମହତ୍ୟା ନୁହେଁ ବରଂ ହତ୍ୟା କରାଯାଇଥିବା ପରିବାରବର୍ଗ ଅଭିଯୋଗକରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟ ସଞ୍ଜୀୟ ବର୍ମାଙ୍କୁ ପଚାରିବାରୁ ବିଧାନ ବିଚାରାଧୀବ ବନ୍ଦୀ ଭାବେ ଥିଲେ। ଶୁକ୍ରବାର ଭୋର ୪ଟାରେ ସେ ଉଠି ଗାଧୁଆଘର ଭିତରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏହା ଜେଲ ଭିତରେ ଲାଗିଥିବା ସିସିଟିଭିରେ କଏଦ ହୋଇଥିବା କହିଛନ୍ତି। ଅପରପକ୍ଷେ ଜେଲ ଡିଆଇଜି ଗରିବ ସାହୁ ମାଲକାନଗିରି ଉପକାରାଗାର ଆସି ଏହି ଘଟଣାରେ ତଦନ୍ତ କରିଥିବା ଜଣାପଡ଼ିଛି।

## ରାୟଗଡ଼ାରୁ ବାଘଛାଲ ଜବତ ଘଟଣା: ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ରାୟଗଡା–କୋରାପୁଟ ଜାତୀୟ ରାଜପଥ ନଂ.୩୨୬ର ଶିରିଗୁଡା ସ୍ୱର୍ଗଧାମ ଛକରେ ବାଘ ଛାଲ ଜବତ ଘଟଣାରେ ଫେରାର ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ୧୬ ଦିନ ପରେ ଗିରଫ କରିଛି। ସେ ହେଲେ ରାୟଗଡା ଜିଲା କାଶୀପୁର ଅଞ୍ଚଳର ସନ୍ତୋଷ କୁମାର ନାୟକ। ସୂଚନାନୁସାରେ, ମେ ୨୪ରେ ଜାତୀୟ ରାଜପଥରେ ବାଘ ଛାଲ ଡିଲ ଚାଲିଥିବା ନେଇ ଏସଟିଏଫ୍ ଖବର ପାଇବା ପରେ ସେଠାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଡମ୍ବୁରଧର ମାଝିଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୩ ବାଘ ଛାଲ ଜବତ କରିଥିଲା। ଏହି ସମୟରେ ଅନ୍ୟତମ ଅଭିଯୁକ୍ତ ସନ୍ତୋଷ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତା'ର ତଦନ୍ତ ଚାଲିଥିବା ଏସ୍‌ଟିଏଫ୍ ସୂଚନା ଦେଇଛି।

## ବଜ୍ରପାତରେ ୨ ମୃତ, ୩ ଆହତ

ପାତ୍ରପୁର,୧୦।୬(ଡି.ଏନ୍.ଏ.): ଗଞ୍ଜାମ ଜିଲା ପାତ୍ରପୁର ତହସିଲ ଜରଡ଼ା ଥାନା ଅଞ୍ଚଳରେ ଶନିବାର ବଜ୍ରପାତ ଘଟି ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ ଆହତ ହୋଇଛନ୍ତି। ମୃତକ ହେଲେ ମାଦୁକା ଗ୍ରାମର ରୂପ ଶବର(୧୯) ଓ ମନ୍ଦରଡ଼ା ଗ୍ରାମର ହରିଶ୍ଚନ୍ଦ୍ର ଗୌଡ଼। ରୂପଙ୍କ ମାମୁ ମୀନ, ମୀନଙ୍କ ପୁଅ ଥବିର, କେଦାର ଗୌଡ଼ ଆହତ ହୋଇଛନ୍ତି। ଏମାନେ କୌଣସି ଏକ କାମରେ କନିରିଡ଼ା ଆସିଥିବା ବେଳେ ନିକଟସ୍ଥ ଏକ ତୋଟାପାଖରେ ବଜ୍ରପାତର ଶିକାର ହୋଇଥିଲେ। ଗ୍ରାମବାସୀ ପହଞ୍ଚି ସମସ୍ତ ଆହତଙ୍କୁ ପାତ୍ରପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।









ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୧ ଜୁନ୍, ୨୦୨୩

> ଏହି ପୃଥିବୀକୁ ଭଗବାନଙ୍କର ଏକ ରଙ୍ଗଶାଳା ବୋଲି ମନେକର। ତୁମେ ଏଥିରେ ଜଣେ ମୁଖାପିନ୍ଧା ଅଭିନେତା ବୋଲି ନିଜକୁ ଭାବ ଏବଂ ଭଗବାନଙ୍କୁ ତୁମ ମାଧ୍ୟମରେ ତାଙ୍କ ନାଟକ କରିବାକୁ ଛାଡ଼ିଦିଅ। ଯେଉଁମାନେ ତୁମ ଅଭିନୟ ଦେଖି ହସୁଛନ୍ତି ବା ବିରକ୍ତ ହେଉଛନ୍ତି– ସେମାନଙ୍କୁ ମଧ୍ୟ ତୁମର ମୁଖାପିନ୍ଧା ସହଅଭିନେତା ବୋଲି ବୁଝ। ଏବଂ ତୁମ ଅନ୍ତରସ୍ଥ ଭଗବାନଙ୍କୁ ଇ ତୁମର ପ୍ରକୃତ ଦର୍ଶକ ଓ ମନ୍ତବ୍ୟଦାତା ବୋଲି ମନେକର। **–ଶ୍ରୀଅରବିନ୍ଦ**



# ଆଇନର ଅପବ୍ୟବହାର



**ଆକାର ପଟେଲ**

ମହାରାଷ୍ଟ୍ରର ଭୀମା କୋରେଗାଁଓ ଘଟଣାର ପ୍ରଥମ ଗିରଫଦାରିକୁ ଚଳିତ ମାସରେ ୫ ବର୍ଷ ଚାଲିଲା। ଏହି ଘଟଣାରେ ମୋଟରେ ୧୬ ଜଣ ଗିରଫ ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଫାଦର ଷ୍ଟାନ୍ ସ୍ୱାମୀ, ଯାହାଙ୍କର ଜେଲରେ ମୃତ୍ୟୁ ଘଟିଲା। ଅନ୍ୟମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ସୁଦ୍ଧା ଜେଲରେ ଅଛନ୍ତି। ବିଶେଷକରି ଭୀମା କୋରେଗାଁଓ ମାମଲାରେ ଗିରଫ ହୋଇଥିବା ଆକ୍ଟିଭିଷ୍ଟମାନଙ୍କ ମଧ୍ୟରେ ଅଛନ୍ତି ଶିକ୍ଷାବିତ୍, ପ୍ରଫେସର, ଆଇନଜୀବୀ, କବି ଓ ସମାଜସେବୀ। ସେମାନଙ୍କ ବିରୋଧରେ ଅଭିଯୋଗ ହେଉଛି ସେମାନେ ଦେଶବିରୋଧୀ କାର୍ଯ୍ୟକଳାପରେ ଲିପ୍ତ। ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଏମାନଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଅଭିଯୋଗ ପରେ ମାମଲାକୁ ବୁଲେଇ ଦିଆଯାଇ ସେଥିରେ ସରକାରକୁ ଭାଙ୍ଗିବା ଏବଂ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରିବା ପ୍ରୟାସର ଅଭିଯୋଗକୁ ସାମିଲ କରାଗଲା। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପାର ଯେତେବେଳେ ପରାଜୟ ଘଟିଲା, ସେତେବେଳେ ଏହି ମାମଲାକୁ ପୁଣେ ପୋଲିସଠାରୁ କାଢି ନିଆଗଲା। ୨୮ ନଭେମ୍ବର ୨୦୧୯ରେ ଉଦ୍ଧବ ଠାକ୍‌ରେ କ୍ଷମତାକୁ ଆସିଲେ। ୨୪ ଜାନୁୟାରୀ ୨୦୨୦ରେ ଏହି ମାମଲାକୁ ଏନ୍‌ଆଇଏକୁ ଦିଆଯାଇଛି ବୋଲି କେନ୍ଦ୍ର ମହାରାଷ୍ଟ୍ରକୁ କହିଥିଲା। ଏହିସବୁ ବିଷୟରେ ଅଭିଯୁକ୍ତମାନଙ୍କ ପ୍ରତି ସରକାରଙ୍କ ଦୁର୍ବ୍ୟବହାର ହିଁ ନିହିତ ଅଛି। ଗଣମାଧ୍ୟମ କମ୍ପାନୀ ନ୍ୟୁଜ ଲଣ୍ଡ୍ରି ଦୁର୍ବ୍ୟବହାରଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରିଛି।

ଷ୍ଟାନ୍ ସ୍ୱାମୀ ପାର୍କିନ୍‌ସନରେ ପୀଡ଼ିତ ଥିଲେ ଏବଂ ତାଙ୍କୁ ଅନେକ ସପ୍ତାହ ଧରି ଏକ ଗ୍ଲାସ୍ ଓ ସିପର୍ ଷ୍ଟ୍ର ବ୍ୟବହାର ପାଇଁ ଅନୁମତି ଦିଆଯାଇ ନ ଥିଲା। ସୋମା ସେନ୍ ଆର୍ଥ୍ରାଇଟିସ୍‌ରେ ପୀଡ଼ିତ ଓ ସେ ଜେଲରେ କମୋଡ ବ୍ୟବହାର କରିବା କଷ୍ଟକର ହୋଇପଡ଼ିଲା। ତାଙ୍କ ଝିଅ ଏକ କମୋଡ ଆଣିଥିଲେ କିନ୍ତୁ ତାହାକୁ ମନା କରିଦିଆଗଲା। ସୁରେନ୍ଦ୍ର ଗାଡ୍‌ଲିଙ୍ଗ ୟୁଏପିଏ ଓ ଆଇଟି ଆକ୍ଟର ବହି ସମେତ ଅନ୍ୟସବୁ ବହି ଓ ଲେଖିବାକୁ କିଛି କାଗଜ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଲିଖିତ ୪ଟି ବହି ପାଇଁ କହିଥିଲେ। କିନ୍ତୁ ସରକାର ଏହାକୁ ଦୃଢ ବିରୋଧ କଲେ। ତେବେ କୋର୍ଟ ବହି ଆଣିବା ଲାଗି ଅନୁମତି ଦେଇଥିଲେ ବି ଜେଲ କର୍ତ୍ତୃପକ୍ଷ ସେହି ବହିଗୁଡ଼ିକୁ ଗାଡଲିଙ୍ଗଙ୍କୁ ଦେବା ଲାଗି ଅନୁମତି ଦେଇ ନ ଥିଲେ। ଏପରିକି କୋର୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ତାଙ୍କୁ ଏକ ସ୍ୱେଟର ଦେବା ଲାଗି ଅନୁମତି ଦେଇ ନ ଥିଲେ। ବରଂ ତାଙ୍କୁ କୁହାଯାଇଥିଲା ଯେ, ଉଲ୍ ସ୍ୱିଟର ନୁହେଁ କେବଳ ଥର୍ମାଲ ସ୍ୱେଟର ପାଇଁ ଅନୁମତି ଦିଆଯିବ। ଯେତେବେଳେ ଗାଡ୍‌ଲିଙ୍ଗଙ୍କ ସ୍ତ୍ରୀ ତାଙ୍କ ପାଇଁ ଏକ ଫୁଲ୍ ଥର୍ମାଲ ସ୍ୱେଟର ଆଣିଲେ ସେତେବେଳେ ତାହାକୁ ଅନୁମତି ନଥିବା କଥା କହିଥିଲେ ଏବଂ କେବଳ ହାଫ୍ ସ୍ଲିଭଡ୍ ସ୍ୱେଟରକୁ ଅନୁମତି ଥିବା କହିଥିଲେ। ଜେଲରେ ୭୦ ବର୍ଷୀୟ ନଭଲାଖାଙ୍କ ଚଷମା ଚୋରି ହୋଇଗଲା। ବିନା ଚଷମାରେ ସେ ବାସ୍ତବରେ କିଛି ଦେଖିପାରନ୍ତି ନାହିଁ। ଆଉ ଏକ ଚଷମା ପାଇଁ କଲ୍ କରିବାକୁ ତାଙ୍କୁ ୩ ଦିନଯାଏ ଅନୁମତି ଦିଆଯାଇ ନ ଥିଲା। ତାଙ୍କ ପାର୍ଟନର ଜେଲକୁ ଚଷମା ପଠାଇଲେ ବି ଜେଲ କର୍ତ୍ତୃପକ୍ଷ ତାହାକୁ ଗ୍ରହଣ କରିବାକୁ ମନା କରିଦେଲେ। ଗାଡ୍‌ଲିଙ୍ଗଙ୍କ ମା'ଙ୍କ ମୃତ୍ୟୁ ହେଲା ପରେ ଅନ୍ତିମ ସଂସ୍କାରକୁ ଯିବା ଲାଗି ସେ ଆବେଦନ କରିଥିଲେ। କିନ୍ତୁ ଆବେଦନ ପତ୍ରରେ ମା'ଙ୍କ ମୃତ୍ୟୁ ପ୍ରମାଣପତ୍ର ନ ଥିବାରୁ ତାଙ୍କ ମୃତ୍ୟୁକୁ ଏନ୍‌ଆଇଏ ଗ୍ରହଣ କରିବ ନାହିଁ ବୋଲି କୁହାଯାଇଥିଲା ଏବଂ ସେହି ଆଧାରରେ ଗାଡ୍‌ଲିଙ୍ଗଙ୍କ ଆବେଦନକୁ ଗ୍ରହଣ କରାଯାଇ ନ ଥିଲା। ଲକ୍‌ଡାଉନ ଯୋଗୁ ତାଙ୍କ ପରିବାର ପ୍ରମାଣପତ୍ର ପାଇପାରି ନ ଥିଲେ। ପରେ ଯେତେବେଳେ ମୃତ୍ୟୁ ପ୍ରମାଣପତ୍ର ଦାଖଲ କରାଗଲା ସେତେବେଳେ ଏନ୍‌ଆଇଏ କହିଲା, ଯେହେତୁ ଅନ୍ତିମ ସଂସ୍କାର ଶେଷ ହୋଇଯାଇଛି, ସେଥିପାଇଁ ତାଙ୍କୁ ସାମୟିକ ଭାବେ ଛାଡ଼ିବାର କୌଣସି କାରଣ ନାହିଁ। ସୁଧୀର ଧନୱାଲେଙ୍କ ଭାଇଙ୍କର ଯେତେବେଳେ ମୃତ୍ୟୁ ଘଟିଲା ସେତେବେଳେ ତା ସପକ୍ଷରେ ସବୁ ତଥ୍ୟ ପ୍ରମାଣ ଦରଖାସ୍ତ ସହ ଦିଆଯାଇଥିଲା। କିନ୍ତୁ ତାଙ୍କ ବିରୋଧରେ ଅଭିଯୋଗ ଗମ୍ଭୀର ଥିଲା ବୋଲି ତାଙ୍କୁ ଜାମିନ ଦିଆଯାଇ ନ ଥିଲା ଓ ସେହି ଆଧାରରେ ସେହି ଦରଖାସ୍ତ ଗ୍ରହଣ କରାଯାଇ ନ ଥିଲା। ମେ ୨୦୨୧ରେ ଭେର୍ନନ୍ ଗୋନସାଲଭେସ୍‌ଙ୍କ ମା'ଙ୍କ ମୃତ୍ୟୁ ଘଟିଥିଲାବେଳେ ତାଙ୍କ ପରିବାର ଜାମିନ ପାଇବାର ପ୍ରୟାସରେ ଥିବା କଠିନ ପଥ ଆପଣାଇବାକୁ ସେ ଚାହିଁ ନ ଥିଲେ।

ଫେବୃୟାରୀ ୨୦୨୧ରେ ୱାଶିଂଟନ ପୋଷ୍ଟରେ ପ୍ରକାଶ ପାଇଥିଲା ଯେ, ରୋନା ୱିଲ୍‌ସନଙ୍କ ଲାପ୍‌ଟପ୍‌ରେ ଯେଉଁ ଲେଟରଗୁଡ଼ିକ ପୋଲିସ ପାଇଥିଲା ତାହାକୁ ପ୍ଲାଣ୍ଟ କରାଯାଇଥିଲା। ତାହାକୁ କମ୍ପ୍ୟୁଟରରେ ପ୍ରବେଶ କରାଇବା ଲାଗି ମାଲ୍‌ୱେର୍ ବ୍ୟବହାର କରାଯାଇଥିଲା। ଏହି ଲେଟରଗୁଡ଼ିକ ମଧ୍ୟରେ ଗୋଟିଏ ଥିଲା ମୋଦିଙ୍କ ହତ୍ୟା ସମ୍ପର୍କିତ ଯାହାକୁ ମାଇକ୍ରୋସଫ୍ଟ ୱାର୍ଡର ନୂତନ ଭର୍ସନ ବ୍ୟବହାର କରାଯାଇ ସୃଷ୍ଟି କରାଯାଇଥିଲା, ଯାହା ୱିଲ୍‌ସନଙ୍କ କମ୍ପ୍ୟୁଟରରେ ନ ଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏପ୍ରିଲ ୨୦୨୧ରେ ଡିଜିଟାଲ ଫୋରେନସିକ କ୍ଷେତ୍ରରେ ଏକ ଆଗୁଆ କମ୍ପାନୀ ପ୍ରକାଶ କରିଥିଲା ଯେ,ୱିଲସନଙ୍କ କମ୍ପ୍ୟୁଟର ହ୍ୟାକ୍ କରାଯିବା ପ୍ରକ୍ରିୟାକୁ ଭୁଲ୍ ପ୍ରମାଣ କରିବା ଅସମ୍ଭବ। ଭୀମା କୋରେଗାଁଓ ହିଂସାର ୧୧ ଦିନ ପରେ ୧୧ ଜାନୁୟାରୀ ୨୦୧୮ରେ ଫାଇଲଗୁଡ଼ିକ କମ୍ପ୍ୟୁଟରରେ ରଖାଯାଇଥିଲା। ଏସବୁ ସତ୍ତ୍ୱେ ଅଧିକାଂଶ ଅଭିଯୁକ୍ତ ଏବେ ବି ଜେଲରେ ଅଛନ୍ତି। ନିର୍ଦ୍ଦୋଷଙ୍କୁ ଅକଳରେ ପକାଇବା ଲାଗି ସରକାର ଆଇନର ଅପବ୍ୟବହାର କରିବାରେ ଏକ ମାତ୍ର ଦୃଷ୍ଟାନ୍ତ ହେଉଛି ଭୀମା କୋରେଗାଁଓ ଘଟଣା ଏବଂ ଏହା ହେଉଛି ପ୍ରତୀକାତ୍ମକ। ଭାରତରେ ପ୍ରତିଷ୍ଠିତ ବ୍ୟକ୍ତିମାନେ ନିର୍ଯାତନା ବିରୋଧରେ କହିଲେ ସରକାର କ'ଣ କରିପାରନ୍ତି ଏହା ପ୍ରତିପାଦିତ କରିଛି। ସରକାରଙ୍କ ଦୁର୍ବ୍ୟବହାର ସମ୍ପର୍କରେ ଯେତେଦିନ ଯାଏ ଆମେ ମୁହଁ ନ ଖୋଲିବା ଓ ଏହାର ଶିକାର ହୋଇଥିବା ଲୋକଙ୍କୁ ଭୁଲିଯିବା, ସେତେଦିନ ଯାଏ ଏହି ପ୍ରକାର ବ୍ୟବହାର ଲାଗିରହିବ। ଏଣୁ ଭୀମା କୋରେଗାଁଓ ଘଟଣାରେ ୧୬ ଜଣଙ୍କୁ ଭୁଲିଯିବା ଉଚିତ ନୁହେଁ।

Email:aakar.patel@gmail.com

# ଅକ୍ଷୁଣ୍ଣ ରହୁ ଦୈବୀପଣ



**ଉପେନ୍ଦ୍ର ବିଶ୍ୱାଳ**

ଅଭୂତପୂର୍ବ, ଅଶ୍ରୁତପୂର୍ବ, ଅକଳ୍ପନୀୟ ଥିଲା ଛାତିଥରା ସେ ଦୁର୍ଘଟଣା। ଆଖି ପିଛୁଳାକେ ଧ୍ୱଂସର ତାଣ୍ଡବ ରଚିଲା ଲୌହଦାନବ। ଗୋଟେ ମୁହୂର୍ତ୍ତରେ ଶହଶହ ଜୀବନ ପରିଣତ ହୋଇଗଲା ପ୍ରାଣହୀନ ଶରୀରରେ। ହଜାର ହଜାର ଲୋକଙ୍କ ଉହଳବିକଳ, ଆର୍ତ୍ତ ଚିତ୍କାରରେ ଫାଟିପଡ଼ିଲା ପରିବେଶ। ଅବର୍ଣ୍ଣନୀୟ ସେ ଦୃଶ୍ୟ। ଟ୍ରେନ ଧକ୍କାଜନିତ ଭୟଙ୍କର ଶବ୍ଦରେ ଶିହରି ଉଠିଲା ବାହାନଗା ଅଞ୍ଚଳ। ନିମିଷକେ ଚାରିଦିଗେ ଖେଳିଗଲା ଦୁର୍ଘଟଣାର ଖବର। ହତଭାଗ୍ୟମାନଙ୍କୁ ଉଦ୍ଧାର କରିବାକୁ ଲୋକଙ୍କ ସୁଅ ଛୁଟିଲା ଘଟଣା ସ୍ଥଳକୁ। ଅସୀମ ବୀରତ୍ୱର ସହିତ ଲାଗିପଡ଼ିଲେ ସମସ୍ତେ ଉଦ୍ଧାର କାର୍ଯ୍ୟରେ। ଆଖି ଆଗରେ ବିଛାଡ଼ି ହୋଇପଡ଼ିଛି ଅନେକ ଶବ, ଚାରିଆଡ଼େ ରକ୍ତ ଜୁଡୁବୁଡୁ କ୍ଷତାକ୍ତ ଶରୀର। ଏମିତି ଏକ ପରିସ୍ଥିତିରେ ନିଜ କୋହ ଓ ଲୁହକୁ ସମ୍ଭାଳି ଅସୀମ ସାହସର ସହିତ ଆହତଜନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇବା ଥିଲା ଖୁବ୍ କାଠିକର କଥା। ଏହାସତ୍ତ୍ୱେ ବି ସେମାନେ ଯେଉଁ ପ୍ରକାର ଉତ୍ସୁକତା, ତତ୍ପରତାର ସହିତ ସାହାଯ୍ୟ ସହଯୋଗ କଲେ, ତାହା ଥିଲା ଅନନ୍ୟ, ଅନୁପମ। ଏକ ଦିବ୍ୟ ଦୃଷ୍ଟାନ୍ତ। ସ୍ଥାନୀୟ ଝିଅବୋହୂମାନଙ୍କ ଭୂମିକା ବି ଥିଲା ପ୍ରଶଂସନୀୟ। ଗରାଗରା, ବାଲ୍ଟିବାଲ୍ଟି ପାଣି ବୋହିଆଣି ଶହଶହ ଲୋକଙ୍କ ମୁହଁରେ ପାଣି ଛିଞ୍ଚି ଚେତା ଫେରାଇ ଆଣିବାକୁ ଚେଷ୍ଟା କରିଛନ୍ତି। ପୁଣି ଶହଶହ ଲୋକଙ୍କ ଶୋଷ ମେଣ୍ଟାଇ ସେମାନଙ୍କ ଜୀବନ ବଞ୍ଚାଇଛନ୍ତି। ଦୁର୍ଘଟଣା ସ୍ଥଳରୁ ସଯତ୍ନେ ସାଉଁଟି ରଖିଥିବା ୫୦୦ ମୋବାଇଲ, ୧୦୦ ୱାଲେଟ୍ସ, ଅନେକ ପର୍ସ ଓ ବ୍ୟାଗ ଆଦିକୁ ପୋଲିସକୁ ହସ୍ତାନ୍ତର କରିବା ଆଦି ଲୋକଙ୍କ ଦୈବୀପଣକୁ ସୂଚାଇଥାଏ। ଭାବିଲେ ଦେଖି, ସାରାରାତି ଓ ସାରାଦିନ ଅବିଶ୍ରାନ୍ତଭାବେ ବାହାନଗା ସମେତ ବିଭିନ୍ନ ଅଞ୍ଚଳର ଯେଉଁ ଲୋକମାନେ (ବିଶେଷ କରି ଯୁବବାହିନୀ) ଏତାଦୃଶ ସେବା କରିଥିଲେ, ସେମାନେ କ'ଣ ଜଣେଜଣେ ଦେବଦୂତ ନୁହନ୍ତି!

ଅନ୍ୟପଟେ ଆହତ ଲୋକଙ୍କ ଚିକିତ୍ସା ପାଇଁ ବାଲେଶ୍ୱର ମେଡିକାଲ କଲେଜ ବା ଜିଲା ଚିକିତ୍ସା କେନ୍ଦ୍ରରେ ରାତି ୮ରୁ ତା'ପରଦିନ ପର୍ଯ୍ୟନ୍ତ କେଇ ଘଣ୍ଟାରେ ସଂଗ୍ରହ ହେଲା ରେକର୍ଡ ସଂଖ୍ୟକ ୧୦୦୦ ୟୁନିଟ୍‌ରୁ ଅଧିକ ରକ୍ତ। କେବଳ ବାଲେଶ୍ୱର ଜିଲା ନୁହେଁ, ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରେ ବି ରକ୍ତଦାନ ପାଇଁ ଅସମ୍ଭାଳ ଭିଡ଼ ଲାଗିଥିଲା ରକ୍ତଦାନ କେନ୍ଦ୍ରଗୁଡ଼ିକରେ। ଦୁନିଆ ଦେଖିଲା ବାଲେଶ୍ୱର ସମେତ ଓଡ଼ିଶାବାସୀଙ୍କ ଉତ୍ସାହଭରା ମାନବିକତା, ଦୟାର୍ଦ୍ର ହୃଦୟ ଓ ଦୈବୀଗୁଣ। ରାଜ୍ୟର ବିଭିନ୍ନ ଜିଲାରୁ ଚିକିତ୍ସକମାନେ ଅବିଳମ୍ବେ ଆସି ପହଞ୍ଚିଗଲେ ଡାକ୍ତରଖାନାରେ। ସ୍ୱଳ୍ପ ସମୟ ବ୍ୟବଧାନରେ ବିଭିନ୍ନ ଡାକ୍ତରୀଦଳ ସୁବ୍ୟବସ୍ଥିତ ଢଙ୍ଗରେ ନିୟୋଜିତ ହେଲେ ନିକଟସ୍ଥ ସୋର, ଗୋପାଳପୁର, ଖନ୍ତାପଡ଼ା, ଭଦ୍ରକ ଓ ବାଲେଶ୍ୱର ଆଦି ଡାକ୍ତରଖାନାରେ। ଉଦ୍ଧାରକାର୍ଯ୍ୟଠୁ ଆରମ୍ଭ କରି ସେବା ଓ ଚିକିତ୍ସା ପର୍ଯ୍ୟନ୍ତ, ସ୍ୱଚ୍ଛତା ବଜାୟ ରଖିବାଠାରୁ ଶୃଙ୍ଖଳା ରକ୍ଷା ପର୍ଯ୍ୟନ୍ତ, ଶବ ଚିହ୍ନଟଠାରୁ ଶବ ବ୍ୟବଚ୍ଛେଦ ଓ ଶବ ପ୍ୟାକିଂ ପର୍ଯ୍ୟନ୍ତ ଦେବଦୂତ ସମ ଲାଗି ପଡ଼ିଥିଲେ ୨୦୦ରୁ ଊର୍ଦ୍ଧ୍ୱ ଆମ୍ବୁଲାନ୍ସର ଡ୍ରାଇଭର, ୫୦ରୁ ଊର୍ଦ୍ଧ୍ୱ ବସ୍‌ର ଡ୍ରାଇଭର, ୨୪ରୁ ଊର୍ଦ୍ଧ୍ୱ ମୋବାଇଲ ହେଲ୍‌ଥ ୟୁନିଟ୍, ୨୫୦ରୁ ଅଧିକ ଡାକ୍ତର, ୨୫୦ରୁ ଅଧିକ ନର୍ସ, ଶତାଧିକ ସଫେଇ କର୍ମଚାରୀ, ୨୪ ଅଗ୍ନିଶମ ପ୍ରଶମନ ଟିମ୍, ୫ ଓଡ୍ରାଫ ଟିମ୍, ୯ ଏନ୍‌ଡିଆର୍‌ଏଫ୍ ଟିମ୍, ପ୍ରତିରକ୍ଷା ଟିମ୍, ସ୍ଥାନୀୟ ପୋଲିସ ବାହିନୀ ସମେତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିୟୋଜିତ ହୋଇଥିଲେ ୧୨୦୦ ସରକାରୀ କର୍ମଚାରୀ ଏବଂ ଶହଶହ ସ୍ୱେଚ୍ଛାସେବୀ; ଯେଉଁମାନଙ୍କ ଅବଦାନ ଥିଲା ଅନନ୍ୟ। ବିଶେଷକରି ଜିଲାପାଳ ଡି. ବି. ସିନ୍ଦେ, ଏସ୍‌ପି ସାଗରିକା ନାଥ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ନିର୍ମଳ ଚନ୍ଦ୍ର ଶାହାଣୀ ପ୍ରମୁଖଙ୍କ ଅବଦାନ ଅସୁମାରି। ଦୁର୍ଘଟଣାର କେଇଘଣ୍ଟା ଭିତରେ ମୁଖ୍ୟମନ୍ତ୍ରୀ ପହଞ୍ଚିଗଲେ ସେହି ସ୍ଥଳରେ, ନିଜ ବୟସ ଓ ବ୍ୟାଧିକୁ ବେଖାତିର କରି। ତା'ପରେ ପରେ ପ୍ରଧାନମନ୍ତ୍ରୀ ସେଠାରେ ପହଞ୍ଚି ସ୍ଥିତି ପରଖିବା, ରେଳମନ୍ତ୍ରୀ ଉପସ୍ଥିତ ରହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆଦି ଏକ ଭବ୍ୟ ଦୃଷ୍ଟାନ୍ତ। ଏହିଭଳି ସାମୂହିକ ସାଧୁ ଉଦ୍ୟମ, ସମୁଚିତ ସେବାଶୁଶ୍ରୂଷା ବଳରେ ଶତାଧିକ ଲୋକ ଶବ ହେଉ ହେଉ ବର୍ତ୍ତିଗଲେ ଅଳ୍ପକେ। ଏକପ୍ରକାର କହିବାକୁ ଗଲେ ଜୁଇରୁ ଫେରିଲେ ଜୀବନ ନେଇ।



ସଂଘଟିତ ରେଳ ଦୁର୍ଘଟଣାକୁ ନେଇ ଦେଶରେ ଆରମ୍ଭ ହୋଇଯାଇଛି ଆରୋପ ପ୍ରତ୍ୟାରୋପ। ପ୍ରଦର୍ଶିତ ହେଉଛି ରାଜନେତାଙ୍କ ନିକୃଷ୍ଟ ରାଜନୀତିର ନଗ୍ନ ନିଦର୍ଶନ। ପ୍ରତିପକ୍ଷ ମୁହଁରେ ଏକ ଦମ୍‌ଦାର ମୁଥିଟିଏ ଦେଇ ତାକୁ ଭୂପତିତ କରିବାକୁ ଯେପରି ସୁଯୋଗ ଅପେକ୍ଷାରେ ଥା'ନ୍ତି ପ୍ରତିଦ୍ୱନ୍ଦ୍ୱୀ, ଠିକ୍ ସେପରି ଅବସ୍ଥା ଆଜି ଆମ ଦେଶରେ। ସତେଯେମିତି ଏଭଳି ଦୁର୍ଘଟଣାକୁ ଆମେ ଅପେକ୍ଷା କରି ରହିଥିଲେ ; ଠିକ୍ ଯେମିତି ଅତ୍ୟନ୍ତ ଆତୁରତାର ସହିତ ଶବକୁ ଅପେକ୍ଷା କରି ରହିଥାଏ ଶାଗୁଣାଟିଏ। ପ୍ରକୃତରେ ଶବକୁ ନେଇ ସୌଦା କରିବାରେ ଆମ ରାଜନେତାମାନେ ଖୁବ୍ ମାହିର। ଯେମିତି ଜୀବନ ଅଛି ମାନେ ଯନ୍ତ୍ରଣା ଅଛି; ସେମିତି ଯାତ୍ରା ଅଛି ମାନେ ଯାତନା ରହିଛି, ଦୁର୍ଘଟଣା ଅଛି। ସାଗର ଯାତ୍ରାରେ ଦୁର୍ଘଟଣା ଅଛି, ଆକାଶ ଯାତ୍ରା (ମାର୍ଗ)ରେ ବି ଦୁର୍ଘଟଣା ଅଛି। ଅବଶ୍ୟ ଦୁର୍ଘଟଣା ହ୍ରାସ ପାଇଁ ଯଥାସମ୍ଭବ ସତର୍କ ରହିବା ଉଚିତ। ସଚେତନତା, ସତର୍କପଣିଆ ହିଁ ଅନେକାଂଶରେ ଦୁର୍ଘଟଣା ହ୍ରାସ କରିପାରେ। ବିଶ୍ୱର ବୃହତ୍ତମ ଜନସଂଖ୍ୟାର ଦେଶ ହେଉଛି ଭାରତ, ଯେଉଁଠି ଦୈନିକ ଅନ୍ୟୂନ ୧୩,୧୬୯ଟି ଯାତ୍ରୀବାହୀ ଟ୍ରେନ୍ ଚାଲେ। ଯେଉଁଥିରେ ପ୍ରାୟ ତିନି କୋଟି ଯାତ୍ରୀ ଯା'ଆସ କରିଥାନ୍ତି ଏବଂ ୧୪ କୋଟି ଟନ୍‌ରୁ ଊର୍ଦ୍ଧ୍ୱ ଓଜନର ସାମଗ୍ରୀ ପରିବହନ ହୋଇଥାଏ ୮,୪୭୯ ମାଲବାହୀ ଟ୍ରେନ ଜରିଆରେ। ଅର୍ଥାତ୍ ଭାରତରେ ଦୈନିକ ହାରାହାରି ୨୧,୬୪୮ ଟ୍ରେନ୍ ଚାଲେ, ୧,୨୮,୩୦୫ କିମି. ରେଳ ଲାଇନରେ। ଏଭଳି ଏକ ବିଶାଳ ସଂଖ୍ୟକ ଯାତ୍ରୀଙ୍କ ସେବାରେ ଲିପ୍ତ ଆମ ରେଳ ବିଭାଗ ଭାରାକ୍ରାନ୍ତ ଆଜି ଅନେକ ସମସ୍ୟାକୁ ନେଇ। ତଥାପି ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ଅଘଟଣ ଦୃଷ୍ଟିରୁ ପ୍ରାୟ ୩୪ କୋଟି ଲୋକସଂଖ୍ୟାର ଦେଶ ଆମେରିକା, ପ୍ରାୟ ୭୫ କୋଟି ଲୋକସଂଖ୍ୟା ବିଶିଷ୍ଟ ସମଗ୍ର ୟୁରୋପୀୟ ଜଗତଠାରୁ ୧୪୦ କୋଟି ଲୋକଙ୍କ ଦେଶ ଭାରତ ଉନ୍ନତ ସ୍ଥିତିରେ। ରେଳ ଭିତ୍ତିଭୂମି ଦୃଷ୍ଟିରୁ ଆମଠାରୁ ବେଶ୍ ଆଗରେ ଓ ଯାତ୍ରୀସଂଖ୍ୟାରେ ଆମଠାରୁ ଯଥେଷ୍ଟ କମ୍ ଥାଇ ବି ଆମେରିକାରେ ଦୈନିକ ହାରାହାରି ୩ ଓ ୟୁରୋପୀୟ ୟୁନିୟନରେ ୪ଟି ବଡ଼ ରେଳ ଦୁର୍ଘଟଣା ଘଟିଥାଏ। ଆମେରିକାର ଫେଡେରାଲ ରେଲ୍‌ରୋଡ ଆଡ୍‌ମିନିଷ୍ଟ୍ରେଶନର ତଥ୍ୟାନୁଯାୟୀ ୨୦୨୨ରେ ୧୧୬୪ଟି ରେଳ ଲାଇନ୍‌ଚ୍ୟୁତ ଘଟଣା ଘଟିଥିଲାବେଳେ, ୨୦୨୧ରେ ଘଟିଥିଲା ୧୦୯୫ ଘଟଣା। ଯେଉଁଠି ୟୁରୋପରେ ୨୦୨୧ରେ ଘଟିଥିଲା ୧୩୮୯ ବଡ଼ ଧରଣର ଦୁର୍ଘଟଣା, ଯେଉଁଥିରେ ୬୮୩ ଜଣଙ୍କର ମୃତ୍ୟୁ ଓ ୫୧୩ ଜଣ ଗୁରୁତର ଆହତ ହୋଇଥିଲେ। ଅଥଚ ଭାରତରେ ବଡ଼ ଦୁର୍ଘଟଣା ଘଟିଛି ୨୦୨୩ରେ ୪, ୨୦୨୨ରେ ୩, ୨୦୨୧ରେ ୪। ଅବଶ୍ୟ ଚଳିତ ଶତାବ୍ଦୀରେ ସର୍ବାଧିକ ବଡ଼ ଦୁର୍ଘଟଣା ଘଟିଥିଲା ୨୦୧୦(୧୪), ୨୦୧୧(୯), ୨୦୧୨(୧୨) ମସିହାରେ। ଟ୍ରେନ୍ ତଳେ ଆତ୍ମହତ୍ୟା, ବୁଲାପ୍ରାଣୀ ଧକ୍କା, ରେଳ ଲାଇନଚ୍ୟୁତ ଆଦି ଛୋଟବଡ଼ ସବୁକୁ ମିଶାଇଲେ ଦୈନିକ ହାରାହାରି ପ୍ରାୟ ୪୫ ଦୁର୍ଘଟଣା ଘଟିଥାଏ ଭାରତରେ। ଲୋକସଂଖ୍ୟା ସହିତ ତାଳଦେଇ ବଢୁଛି ରେଳଗାଡ଼ି, ରେଳଲାଇନ୍ ଓ ରେଳଷ୍ଟେସନ ସଂଖ୍ୟା। ଆମକୁ ଦୁର୍ଘଟଣା ବିହୀନ ସୁଖମୟ ରେଳଯାତ୍ରା ପାଇଁ ଯତ୍ନବାନ ହେବାକୁ ପଡ଼ିବ। ସେଥିପାଇଁ ଆମ୍ଭଙ୍କୁ ଅତ୍ୟନ୍ତ ନିଷ୍ଠାର ସହିତ ପ୍ରୟାସ ଜାରି ରଖିବାକୁ ହେବ। ନାଗରିକଙ୍କ ସମେତ ରେଳ କର୍ମଚାରୀ ସମସ୍ତଙ୍କୁ ନିଜ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବାକୁ ହେବ। ସୁରକ୍ଷା ପ୍ରଥମ, ବିକାଶ ଅବଶ୍ୟ। ଦେଶର ସୁରକ୍ଷା ସଭିଙ୍କ ଦାୟିତ୍ୱ।

ମୋ: ୯୪୩୭୪୩୬୦୭୩

# ଡଚ୍ ନୋବେଲ ବିଜୟିନୀ

**ବ୍ୟକ୍ତିତ୍ୱ**



**ଜୟିତା ଗୁପ୍ତା**

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ମାନବ ସମାଜ ପାଇଁ ଗତ ଶତାବ୍ଦୀର ଶେଷ ଦଶନ୍ଧିରୁ ସବୁଠାରୁ ବଡ଼ ଆହ୍ୱାନ ରହିଆସିଛି। ଏବେ ସେଥିରୁ କିଭଳି ତ୍ରାହି ମିଳିବ ସେଥିଲାଗି ବୈଜ୍ଞାନିକ, ଗବେଷକ, ପରିବେଶବିତ୍, ସାମାଜିକ କର୍ମୀ ଅନବରତ କାର୍ଯ୍ୟ କରୁଛନ୍ତି। ପୃଥିବୀ ପୃଷ୍ଠରେ ଆତଯାତ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ପରିବେଶ ସୁରକ୍ଷା ଓ ଜଳବାୟୁଜନିତ ନ୍ୟାୟ (କ୍ଲାଇମେଟ୍ ଜଷ୍ଟିସ୍) ଦିଗରେ ଅବଦାନ ନ ରହିଲେ ସ୍ଥିତି ଆଗକୁ ଭୀଷଣ ରୂପ ଧାରଣ କରିବ ବୋଲି ଏବେଠାରୁ ସଙ୍କେତ ମିଳିସାରିଲାଣି। ବୈଜ୍ଞାନିକ ଉପାୟରେ ପରିବେଶକୁ ରକ୍ଷା କରାଯାଇପାରିଲେ ମଣିଷକୁଳ ଅଧିକ ସମୟ ବଞ୍ଚିବାର ରାହା ପାଇପାରିବ। ଭାରତ ଜନ୍ମିତ ନେଦରଲାଣ୍ଡସର ଆମଷ୍ଟରଡାମ୍‌ରେ ରହୁଥିବା ପ୍ରଫେସର ଜୟିତା ଗୁପ୍ତା ପରିବେଶ ସୁରକ୍ଷାର ସୀମା ସରହଦ ଓ ଜଳବାୟୁ ନ୍ୟାୟ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସ୍ପିନୋଜା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଏହାକୁ ନେଦରଲାଣ୍ଡସର ସର୍ବଶ୍ରେଷ୍ଠ ବୈଜ୍ଞାନିକ ମାନ୍ୟତାପ୍ରାପ୍ତ ସମ୍ମାନ ଭାବେ ଗଣନା କରାଯାଇଥାଏ। ଏହି ପୁରସ୍କାର 'ଡଚ୍ ନୋବେଲ' ଭାବେ ଗଣାଯାଉଥିବାରୁ ଏହାର ଏକ ସ୍ୱାତନ୍ତ୍ର୍ୟ ରହିଛି। ୧୨ ଜୁନ୍‌ରେ ଜୟିତା ୫୯ତମ ଜନ୍ମଦିବସ ପାଳନ କରିବା ପୂର୍ବରୁ ଏହି ପୁରସ୍କାର ଘୋଷଣା ତାଙ୍କୁ ପୁଲକିତ କରିଛି। ଆସନ୍ତା ୪ ଅକ୍ଟୋବରରେ ତାଙ୍କୁ ବିଧିବଦ୍ଧ ଭାବେ ଏହା ପ୍ରଦାନ କରାଯିବ। ପୁରସ୍କାର ବାବଦରେ ତାଙ୍କୁ ୧.୫ ମିଲିୟନ ୟୁରୋ ମିଳିବ ବୋଲି ଜଣାପଡ଼ିଛି। ସେ ଜୀବାଶ୍ମ ଇନ୍ଧନର ବିକଳ୍ପ ବିକଶିତ କରିବା ଏବଂ ଆର୍ଥ ସିଷ୍ଟମ ବାଉଣ୍ଡେରିଜ୍ ଭିତରେ ନିରନ୍ତର ତିଷ୍ଠି ରହିବା ପାଇଁ ଆବଶ୍ୟକ ପାଣ୍ଠି ଲାଗି ଉକ୍ତ ଅର୍ଥରାଶି ବିନିଯୋଗ କରିବେ ବୋଲି କହିଛନ୍ତି। ଫଳରେ ଏହାଦ୍ୱାରା ଜଳବାୟୁ ପରିବର୍ତ୍ତନର ମୁକାବିଲା କରାଯାଇପାରିବ ବୋଲି ଜୟିତା ମତ ଦେଇଛନ୍ତି।

ଜୟିତା ଗୁପ୍ତା ୧୨ ଜାନୁୟାରୀ ୧୯୬୪ରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ଦିଲ୍ଲୀ କାଣ୍ଟନମେଣ୍ଟ ଅଧୀନ ଲୋରେଟୋ କନ୍‌ଭେଣ୍ଟ ସ୍କୁଲ ଓ ଏୟାରଫୋର୍ସ ସେଣ୍ଟ୍ରାଲ ସ୍କୁଲରେ ସେ ଅଧ୍ୟୟନ କରିଥିଲେ। ପରେ ଦିଲ୍ଲୀର ଲେଡି ଶ୍ରୀରାମ କଲେଜରେ ସେ ଅର୍ଥନୀତି ନେଇ ପାଠ ପଢ଼ିଥିଲେ। ସେହିପରି ଅହମ୍ମଦାବାଦସ୍ଥିତ ସାର୍ ଏଲ୍. ଏ. ଶାହା ଆଇନ ମହାବିଦ୍ୟାଳୟ ଓ ପରେ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ସେ ଆଇନରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ତାଙ୍କ ସାମଗ୍ରିକ କୃତି ଦେଖିଲେ ସେ ବହୁ ଗବେଷଣାଧର୍ମୀ ଲେଖା ପ୍ରକାଶ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ୪୦ ଜଣ ଲେଖକଙ୍କ ସହ ମିଶି ସେ 'ଆର୍ଥ ସିଷ୍ଟମ୍ ବାଉଣ୍ଡରିଜ୍' ରଚନା କରିଛନ୍ତି। ଏଥିରେ ମଣିଷର ସୁରକ୍ଷା ଦିଗରେ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ ସହିତ ଗ୍ରହର ସ୍ଥାୟିତ୍ୱ କିଭଳି ରହିବ, ତାହା ଉପରେ ବର୍ଣ୍ଣନା କରାଯାଇଛି। ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ଯେଭଳି ଆବଶ୍ୟକ ଜଳ, ଖାଦ୍ୟ, ବାସସ୍ଥାନ ଓ ଉପଯୁକ୍ତ ଭିତ୍ତିଭୂମି ଭଳି ମୌଳିକ ସୁବିଧା ପାଇପାରିବେ ସେହି ଦିଗରେ ଜୟିତାଙ୍କ ଗବେଷଣା ଜାରି ରହିଛି। ଗତ ସପ୍ତାହରେ ନେଚର ପତ୍ରିକାରେ ମଣିଷ ସମ୍ମୁଖୀନ ହେଉଥିବା ପରିବେଶଜନିତ ସମସ୍ୟାରୁ କିଭଳି ନିସ୍ତାର ମିଳିବ, ତାହା ଉପରେ ଲେଖା ପ୍ରକାଶ କରି ନୂଆ ଚିନ୍ତାଧାରା ଦେବାରେ ସେ ସକ୍ଷମ ହୋଇଛନ୍ତି। ପରିବେଶର ସୁରକ୍ଷା ଓ ମାନବ ସମାଜ ତିଷ୍ଠି ରହିବା ଲାଗି କେଉଁ ପ୍ରକାର ପଦକ୍ଷେପ ନେଲେ ତାହା ସହଜରେ ସଫଳତା ଆଣିପାରିବ, ସେହି ଦିଗରେ ଅହରହ ଗବେଷଣାମନସ୍କ ଥିବାରୁ ତାଙ୍କୁ ଗତବର୍ଷ ୟୁନିଭର୍ସିଟି ଅଫ୍ ଲିଡ୍‌ସ ତରଫରୁ ପିଏର୍ସେ ସେଲର୍ସ ପ୍ରାଇଜ୍ ମିଳିଥିଲା। ଅକ୍ଟୋବରରେ ଡଚ୍ ନୋବେଲ ପାଇବା ଲାଗି ନାମ ଘୋଷଣା ହେବା ପରେ ସେ କହିଛନ୍ତି, ଜଳବାୟୁ ପରିବର୍ତ୍ତନଜନିତ ଉଭା ହେଉଥିବା ବିପଦରୁ ରକ୍ଷା ପାଇବା ଲାଗି ସେ ତାଙ୍କ ଗବେଷଣାକୁ ଆହୁରି ତୀକ୍ଷ୍ଣ କରିବେ। ଏହି ଅବସରରେ ସେ ଭାରତର ସ୍କୁଲ ଓ କଲେଜରେ ପଢ଼ିଥିବାରୁ ନିଜକୁ ଗର୍ବ ଅନୁଭବ କରୁଥିବା କହିଛନ୍ତି। ପରିବେଶକୁ ନ୍ୟାୟ ଦେବା ସଂକ୍ରାନ୍ତରେ ଚାଲିଥିବା ତାଙ୍କ ଅଭିଯାନରେ ସେ ଭାରତର ସାମାଜିକ ଓ ପରିବେଶଜନିତ ପ୍ରସଙ୍ଗକୁ ସ୍ଥାନ ଦେଇଥିବା ପ୍ରକାଶ କରିଛନ୍ତି।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି ଆସାମର ଜଣେ ମହିଳା, ଯାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ଏହି ମହିଳା ଜଣକ ହେଉଛନ୍ତି ଅନନ୍ୟା ପଲ୍ ଡେଡ୍‌ମାନି। ସେ ଦୀର୍ଘ ୨୨ ବର୍ଷ ହେଲା ଆଦିବାସୀମାନଙ୍କ ସେବାରେ ଲାଗିଛନ୍ତି। ଆଦିବାସୀ ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ମହିଳାମାନଙ୍କୁ ସଶକ୍ତ କରୁଛନ୍ତି। ସେ ଟ୍ରାଇବାଲ କନେକ୍ଟ ଫାଉଣ୍ଡେଶନ ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଅନନ୍ୟା ଶିକ୍ଷା କେନ୍ଦ୍ର ଖୋଲିଛନ୍ତି ଓ ସେଠାରେ ପିଲାମାନଙ୍କୁ ରଖିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ପିଲାମାନଙ୍କୁ ପଢ଼ାଇବା ଲାଗି ସେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତ କରୁଛନ୍ତି । କାରଣ ସେମାନେ ଆଞ୍ଚଳିକ ଭାଷାରେ ସେମାନଙ୍କୁ ପଢ଼ାଇବା ଲାଗି ସହଜ ହେଉଛି। ଅନନ୍ୟା ମଧ୍ୟ କମ୍ୟୁନିଟି କିଚେନ ଖୋଲି ଖାଦ୍ୟ ଦେବାର ବ୍ୟବସ୍ଥା କରିଛନ୍ତି। କେବଳ ଏତିକି ନୁହେଁ, ଘରୋଇ ହିଂସାର ଶିକାର ହୋଇଥିବା ମହିଳାମାନଙ୍କୁ ଥଇଥାନ କରୁଛନ୍ତି। ପଶ୍ଚିମବଙ୍ଗ, କର୍ନାଟକ ଓ ଗୋଆରେ ମଧ୍ୟ ସେ ତାଙ୍କ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। କମ୍ୟୁନିଟି ସେଣ୍ଟର ମାଧ୍ୟମରେ ୯୦,୦୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳାଙ୍କୁ ଋତୁସ୍ରାବ ଓ ଅନ୍ୟାନ୍ୟ ସମସ୍ୟା ଉପରେ ସଚେତନ କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ଜୁନ୍ ୧୯୯୮**

- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ସାନି ସଂଘର୍ଷ ଘଟି ୨୦୮ ସୈନ୍ୟଙ୍କ ସମେତ ୨୫୫ ଗେରିଲା ମୃତ।
- ଗୁଜରାଟ ଉପକୂଳରେ ପ୍ରବାହିତ ହୋଇଥିବା ଭୟାନକ ସାମୁଦ୍ରିକ ଝଡ଼ରେ ୪୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୃତ।
- ଆନ୍ଧ୍ରପ୍ରଦେଶ ୱାରଙ୍ଗଲ ଜିଲ୍ଲାରେ ବେଆଇନ ଘୋଷିତ ପିପୁଲ୍‌ସୱାର ଗ୍ରୁପ୍‌ର ନକ୍ସଲପନ୍ଥୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୧୦ ପୋଲିସ କର୍ମଚାରୀଙ୍କ ସମେତ ୧୨ ନିହତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 2 | | | | | | |
| | 1 | | 5 | | | | 8 | 4 |
| 8 | | | 2 | | | | | |
| | | | 4 | | | | 7 | |
| 2 | 7 | | | 6 | 1 | | | |
| | 4 | | | | 7 | | 5 | |
| 7 | | | | | 6 | | | |
| | | 8 | 9 | 2 | | | 4 | |
| | | | | | 4 | | | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 1 | 5 | 6 | 3 | 4 | 2 |
| 4 | 6 | 2 | 3 | 8 | 7 | 5 | 1 | 9 |
| 1 | 5 | 3 | 2 | 4 | 9 | 6 | 7 | 8 |
| 9 | 8 | 1 | 7 | 6 | 3 | 4 | 2 | 5 |
| 7 | 4 | 5 | 9 | 2 | 8 | 1 | 6 | 3 |
| 2 | 3 | 6 | 4 | 1 | 5 | 9 | 8 | 7 |
| 6 | 2 | 7 | 5 | 3 | 4 | 8 | 9 | 1 |
| 3 | 9 | 4 | 8 | 7 | 1 | 2 | 5 | 6 |
| 5 | 1 | 8 | 6 | 9 | 2 | 7 | 3 | 4 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କୃଷିର ଉନ୍ନତି ନିମନ୍ତେ ଗୋପାଳନ ଜରୁରୀ

ମହାଶୟ,

ପୁରୁଖା ଲୋକେ କୁହନ୍ତି, 'ମଣିଷକୁ ଭାତ, ଜମିକୁ ଖତ।' ଖତ କହିଲେ ଗୋବର ଖତକୁ ହିଁ ବୁଝାଇଥାଏ। ମାତ୍ର ବର୍ତ୍ତମାନ କୃଷିରେ ଗୋବର ଖତ ଦେବା ପରିବର୍ତ୍ତେ କେବଳ ରାସାୟନିକ ସାର ପ୍ରୟୋଗ କରାଯାଉଛି। ଫଳରେ ଜମିସବୁ ମୌଳିକ ସତ୍ତା ହରାଇ ବିଷାକ୍ତ ହୋଇଯାଉଛି। ଚାଷୀଙ୍କ ଘରେ ବଳଦ ନାହିଁ, ଟ୍ରାକ୍ଟର ହଳ କରୁଛି, ମଇ ଦେଉଛି। ଚାଷୀମାନେ ଗାଇ ନ ରଖି ବଜାରକିଣା କ୍ଷୀରରେ ଚଳି ଯାଉଛନ୍ତି। ପ୍ରତି ଚାଷୀଙ୍କ ଗୁହାଳରେ ଦେଶୀ ଗାଇ କିମ୍ବା ଜର୍ସି ଗାଇ ରହିବା ଉଚିତ। କୃଷି ବିଭାଗ କାଳିଆ ସହାୟତା ପରିବର୍ତ୍ତେ ଚାଷୀମାନଙ୍କୁ ଅଧିକ ଦୁଗ୍ଧ ଦେଉଥିବା ଗାଇ ଦିଅନ୍ତୁ। ବ୍ୟାଙ୍କ ତଥା ସମବାୟ ସମିତି/ପାକ୍ସରୁ ରିହାତିରେ ଗୋପାଳନ ଋଣ ମିଳୁ।

**–ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ**

## ଖାଲି ପଦବୀ ପୂରଣ ହେଉ

ରାଜ୍ୟରେ ଥିବା ସମସ୍ତ ବିଭାଗରେ ଖାଲିପଦବୀ ଶୀଘ୍ର ପୂରଣ ହେଉ। ବହୁ କାର୍ଯ୍ୟାଳୟରେ କମ୍ ସଂଖ୍ୟକ କର୍ମଚାରୀରେ କାର୍ଯ୍ୟ ଚାଲୁଅଛି, ଯାହାକି ବିଳମ୍ବ ଓ ସମୟସାପେକ୍ଷ ହେଉଅଛି। ଏପରିକି ରାଜ୍ୟ ସରକାରୀ ଏବଂ କେନ୍ଦ୍ର ସରକାରୀ ବିଭାଗ ରହିଛି। ଅବସର ପରେ ସେହି ପଦବୀ ସଙ୍ଗେ ସଙ୍ଗେ ପୂରଣ ହେଉ, ଯାହାଫଳରେ କାର୍ଯ୍ୟରେ କୌଣସି ପ୍ରତିବନ୍ଧକ ଦେଖାଦେବ ନାହିଁ। ସେବା କ୍ଷେତ୍ରରେ ଆଦୌ ହେଳା କରା ନ ଯାଉ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

## ଚିରନ୍ତନୀ

ଅଗଣିତ ପଦଚିହ୍ନ ବକ୍ଷେ
ଧରି ଯେ କରେ ବିହାର
ଜଡ଼ରୂପୀ ହେ ଧରିତ୍ରୀ !
ଘେନ ଏ ଜୀବର ନମସ୍କାର।
(ଜଡ଼-ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୩୩ କେଭି ବିଦ୍ୟୁତ୍ ଗ୍ରୀଡ୍ ଉଦ୍‌ଘାଟିତ

**ଗୁଡ଼ଭେଲା,୧୦।୬(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ମହକୁମାଠାରେ ନିର୍ମାଣାଧୀନ ୩୩ କେଭି ବିଦ୍ୟୁତ୍ ଗ୍ରୀଡ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଳ, ଜିଲାପରିଷଦ ସଭ୍ୟ ରାମନିବାଶ ଅଗ୍ରୱାଲ ଓ ପ୍ରଦୀପ ପଣ୍ଡା ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ଆଖିରେ ରଖି ତୁଷୁରା ଯୁଥ ଏକ୍ସନ କମିଟି ଦୁଇ ଜଣ ସଦସ୍ୟଙ୍କୁ ତୁଷୁରା ପୋଲିସ ଅଟକ ରଖିଥିଲା। କାର୍ଯ୍ୟକ୍ରମ ଶେଷ ହେବା ପରେ ଛାଡି ଦିଆଯାଇଛି। ସୂଚନାଯୋଗ୍ୟ ଯେ, ୨୦୧୪ ମସିହାରୁ ଉକ୍ତ ବିଦ୍ୟୁତ୍ ଗ୍ରୀଡ ନିର୍ମାଣ ଚାଲିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ତୁଷୁରା ଗ୍ରୀଡରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ଏଥିଯୋଗୁ ସବୁ ସମୟରେ ଲୋଭଟେଜ ସମସ୍ୟା ସହ ସାମାନ୍ୟ ଝଡବର୍ଷା ହେଲେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଥିଲା। ଏବେ ଏ ଅଞ୍ଚଳର ୬ଟି ଗ୍ରାମପଞ୍ଚାୟତର ଲୋକେ ଉପକୃତ ହୋଇପାରିବେ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

### ଶିବ ମନ୍ଦିର ପୂଜକଙ୍କ ପରଲୋକ

**ଲୋଇସିଂହା,୧୦।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁଟୁରାପାଲିର ଶୈବ ପୂଜକ ହଳଧର ଥନାପତି(୯୦)ଙ୍କ ଶନିବାର ପରଲୋକ ହୋଇଯାଇଛି । ସେ ବାର୍ଦ୍ଧକ୍ୟରେ ରୋଗରେ ପୀଡିତ ହୋଇ କିଛିଦିନ ହେବ ଶଯ୍ୟାଶାୟୀ ଥିଲେ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ୨୦୦୪ରୁ ୨୦୨୨ ମସିହା ପର୍ଯ୍ୟନ୍ତ ମେଲଛାମୁଣ୍ଡା ଶୈବପୀଠରେ ସେ ପୂଜା କରୁଥିଲେ ।

### ଜନଭାଗୀଦାରି ଜି ୨୦ କାର୍ଯ୍ୟକ୍ରମ

**ଲୋଇସିଂହା,୧୦।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗଡଶଙ୍କରଡୁଙ୍ଗରିପାଲି କ୍ଲଷ୍ଟର ଅଧୀନ ମାଗୁରବେଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳରେ ଜନଭାଗିଦାରୀ ଜି ୨୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ନିତ୍ୟାନନ୍ଦ ବାଗଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ଶଶୀଭୂଷଣ ପଟେଲ ଅଧକ୍ଷତା କରିଥିଲେ। ଏଥିରେ ସରପଞ୍ଚ ସଞ୍ଜୟ ଗଡତ୍ୟା ମୁଖ୍ୟ ଅତିଥି, ୱାର୍ଡସଭ୍ୟା ରଞ୍ଜିତା ବିଶି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୨୦୨୬-୨୭ ସୁଦ୍ଧା ତୃତୀୟ ଶ୍ରେଣୀ ସମାପ୍ତ କରୁଥିବା ଛାତ୍ରୀଛାତ୍ର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ଉଦ୍ଦେଶ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ, ଏସଏମସି କମିଟି ଓ ଅଭିଭାବକ ଉପସ୍ଥିତ ଥିଲେ। ସେହିପରି ଯୋଗୀସର୍ଡା କ୍ଲଷ୍ଟର ତରଫରୁ ଗୋପାଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ ଚିତ୍ତରଞ୍ଜନ ତ୍ରିପାଠୀ, ନରେନ୍ଦ୍ର ରଣା, ଆଶୁ ପଧାନ, ରାଜେଶ ସାହୁ, ଶାନ୍ତିଲାଲ ନନ୍ଦଙ୍କ ସମେତ ଯୋଗୀସର୍ଡା, ବାଦିବାହାଲ, ଭାଲିଆମୁଣ୍ଡା ଛେଲବାହାଲ, କେଉଁଟିପାଲି, ମାହାରପାଲି, ଚୌହାନପାଲି ସ୍କୁଲର ଶିକ୍ଷକ ଯୋଗଦେଇଥିଲେ।

# ଦେଶ ପ୍ରଗତି କରିଛି, ବିଦେଶରେ ସମ୍ମାନ ବଢ଼ିଛି

**ବଲାଙ୍ଗୀର ଅଫିସ, ୧୦।୬**

**ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଖବରଦାତା ସମ୍ମିଳନୀ**

- ବଲାଙ୍ଗୀରରେ ଯୋଗଦେଲେ ଛତିଶଗଡ ପୂର୍ବତନ ବାଚସ୍ପତି ଧରମ୍ ଲାଲ କୌଶିକ
- କଣ୍ଟାବାଞ୍ଜିରେ ୱାଗନ କାରଖାନା ପାଇଁ ଜମି ପଡିଛି : ସଙ୍ଗୀତା



ବଲାଙ୍ଗୀର ସର୍କିଟ ହାଉସ ଠାରେ ଭାଜପା ପକ୍ଷରୁ ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ମୋଦୀ ସରକାରଙ୍କ ନବମ ବର୍ଷ ପୂର୍ତ୍ତି ପାଳନକୁ ଭାଜପା ପକ୍ଷରୁ ବିଭିନ୍ନ ସ୍ଥାନରେ ପାଳନ କରାଯିବା ସହ ଜନସାଧାରଣଙ୍କୁ ମୋଦୀ ସରକାରଙ୍କ ରିପୋର୍ଟ କାର୍ଡ ପ୍ରଦାନ କରାଯାଉଛି। ଏହି କ୍ରମରେ ବଲାଙ୍ଗୀର ସର୍କିଟ ହାଉସ ଠାରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଗତ ୯ ବର୍ଷ ଭିତରେ ମୋଦ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ କିଭଳି ଯୁଗାନ୍ତକାରୀ ଉପଲବ୍ଧି ରହିଛି ତାର ସୂଚନା ଦିଆଯାଇଥିଲା।

ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଛତିଶଗଡ ବିଧାନସଭା ପୂର୍ବତନ ବାଚସ୍ପତି ଧରମ୍ ଲାଲ କୌଶିକ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଜିଲା ପ୍ରଭାରୀ ସୁରେଶ୍ୱର ଶତପଥି, ରାଜ୍ୟ ପ୍ରବକ୍ତା ଧୀରେନ୍ଦ୍ର ସେନାପତି ମଞ୍ଚାସୀନ ହୋଇଥିଲେ। ପୂର୍ବତନ ବାଚସ୍ପତି କୌଶିକ କହିଥିଲେ ଯେ, ଗତ ୯ ବର୍ଷ ଭିତରେ ମୋଦୀ ସରକାରଙ୍କ ସୁଶାସନ ଫଳରେ ଦେଶ ଉଲ୍ଲେଖନୀୟ ପ୍ରଗତି କରିଛି ଓ ଆନ୍ତର୍ଜାତିକ ସ୍ତରରେ ଭାରତର ସୁନାମ ବଢ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ଫଳରେ ସମଗ୍ର ବିଶ୍ୱରେ ଭାରତ ପଞ୍ଚମ ଆର୍ଥିକ ମହାଶକ୍ତି ଭାବେ ଉଭା ହୋଇଛି। କଶ୍ମୀରରୁ ୩୭୦ ଧାରାକୁ ଉଚ୍ଛେଦ କରାଯିବା ସହ ଅଯୋଧ୍ୟାରେ ବହୁପ୍ରତୀକ୍ଷିତ ରାମମନ୍ଦିର ନିର୍ମାଣ ଚାଲିଛି। ଦେଶରୁ ସବୁଦିନ ପାଇଁ ତିନ୍ ତଲାକ୍ ଭଳି ପ୍ରଥାକୁ ଉଚ୍ଛେଦ କରାଯାଇଛି ବୋଲି ସୂଚନା ଦେଇଛନ୍ତି।

କୌଶିକ ସୂଚନା ଦେଇଥିଲେ ଯେ, କୋଭିଡ ମହାମାରୀ କାଳରେ କରୋନା ଟୀକା ବଳରେ କୋଟି କୋଟି ଲୋକଙ୍କ ଜୀବନ ବଞ୍ଚାଯାଇଥିଲା। ଦେଶର ୩.୮ କୋଟି ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇ ଦିଆଯାଇଛି। କୋଭିଡ ପର ଠାରୁ ୮୦ କୋଟି ଲୋକଙ୍କୁ ମାଗଣା ଚାଉଳ ବଣ୍ଟନ ଜାରି ରହିଛି। ଦେଶର ବରୋଜଗାର ଯୁବକଙ୍କୁ ଦକ୍ଷ ଓ କୁଶଳୀ କରାଯାଇ ନିଯୁକ୍ତି ଓ ରୋଜଗାର ପ୍ରଦାନ କରାଯାଉଛି। ଓଡିଶାର ବିକାଶରେ ମୋଦୀଙ୍କ ଯୋଗାଦାନ ଅତୁଳନୀୟ ବୋଲି ସେ କହିଥିଲେ। ଏମ୍‌ପି ସିଂଦେଓ କହିଥିଲେ ଯେ, ମୋଦୀ ସରକାର ବିକାଶ, ସେବା, ସୁଶାସନ ଓ ଗରିବ କଲ୍ୟାଣ ଉପରେ ଫୋକସ୍ କରିଛି। ବଲାଙ୍ଗୀର ଲୋୟର ସୁକ୍‌ତେଲ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ସବୁଠୁ ଅଧିକ ଅନୁଦାନ ଯୋଗାଇଛନ୍ତି। ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରାଯାଇଛି। ଡିସେମ୍ବର ଶେଷସୁଦ୍ଧା ବଲାଙ୍ଗୀର-ଖୋର୍ଦ୍ଧା ରେଳପଥ ଝାରତରଭାରୁ ସୋନପୁର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହେବ ବୋଲି ସେ କହିଥିଲେ। ବଲାଙ୍ଗୀରରେ ବୋଟଲିଂ ପ୍ଲାଣ୍ଟ, ଇଣ୍ଡୋର ଷ୍ଟାଡିୟମ ପ୍ରତିଷ୍ଠା ହୋଇଥିବା ସୂଚନା ଦେଇ କଣ୍ଟାବାଞ୍ଜିରେ ୭୦୦ ଏକର ଜମି ରେଳ ବିଭାଗରେ ରହିଥିଲେ ମଧ ଏଠାରେ ରେଳ ୱାଗନ କାରଖାନା ପାଇଁ ପ୍ରସ୍ତାବ ନଦେଇ ଅନ୍ୟସ୍ଥାନରେ ପ୍ରସ୍ତାବ ଦେବା ଫଳରେ ଏହା କାର୍ଯ୍ୟକାରୀ ହେଉନାହିଁ ବୋଲି କହିଥିଲେ। ଅମୃତ ଭାରତ ଯୋଜନାରେ ବଲାଙ୍ଗୀର ଜିଲାର ୪ଟି ରେଳଷ୍ଟେଶନ୍‌କୁ ନିଆଯାଇଛି। ରାଣୀପୁର-ଝରିଆଲ ପାଇଁ ୪.୫ କୋଟି ଟଙ୍କାର କାମ ଆରମ୍ଭ ହୋଇଥିବା ସୂଚନା ଦେଇଥିଲେ। ବିଧାୟକ ଡ ମହାଲିଙ୍ଗ କଶ୍ମୀରରେ ୩୭୦ ଧାରା ଉଚ୍ଛେଦ, ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଓ ତିନି ତଲାଖ ପ୍ରଥା ଉଲ୍ଲେଖ କଥା ମୋଦୀ ସରକାରଙ୍କ ଉପଲବ୍ଧି ବୋଲି କହିଥିଲେ। ତେବେ ଗଣମାଧ୍ୟମ ପ୍ରତିନିଧିମାନେ ଛତିଶଗଡ ପୂର୍ବତନ ବାଚସ୍ପତି କୌଶିକଙ୍କୁ ଓଡିଶା-ଛତିଶଗଡ ମହାନଦୀ ଜଳ ବିବାଦ ସମ୍ପର୍କରେ ପ୍ରଶ୍ନ କରିଥିଲେ ମଧ ଏ ପ୍ରସଙ୍ଗରେ ଆଲୋଚନା ଚାଲିଛି ସମାଧାନ ହେବ ଏତିକି ମାତ୍ର କହିଥିଲେ।

## ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଚେତନ କାର୍ଯ୍ୟକ୍ରମ

**ବେଲପଡା, ୧୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ଆଞ୍ଚଳିକ ସାଧନ କେନ୍ଦ୍ରର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଏବଂ ଅଭିଭାବକକୁ ନେଇ ମୌଳିକ ସାକ୍ଷାରତା ଏବଂ ସଂଖ୍ୟାଜ୍ଞାନ ସଚେତନ କାର୍ଯ୍ୟକ୍ରମ ବ୍ଲକ କଲୋନି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୌଳିକ ସାକ୍ଷାରତା ଓ ସଂଖ୍ୟାଜ୍ଞାନ ସଚେତନତା ସୃଷ୍ଟି ପାଇଁ ଏଫଏଲଏନ ସମ୍ପର୍କିତ ପ୍ରଚାରପତ୍ର ପ୍ଲାକାର୍ଡ ଧରି ଅଭିଭାବକମାନେ ସ୍ଲୋଗାନ ଦେଇଥିଲେ। ଘରୋଇ ପରିବେଶରେ ଏଫଏଲଏନ ଦକ୍ଷତାର ବିକାଶ ପାଇଁ ଅଭିଭାବକଙ୍କ ଭୂମିକା ଉପରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶିକ୍ଷକ ନରେଶ ସେଠ ଆଲୋକପାତ କରିଥିଲେ।

## ଏଫ୍‌ଏଲ୍‌ଏନ ସଚେତନତା କାର୍ଯ୍ୟକ୍ରମ

**ଗୁଡ଼ଭେଲା, ୧୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ତୁଷୁରା ଏନଏସି କ୍ଲଷ୍ଟର୍‌ର ଜି ୨୦ ଅନ୍ତର୍ଗତ ଏଜୁକେସନ ୱାର୍କିଂ ଗ୍ରୁପ୍‌ର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଜନଭାଗିଦାରୀ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ବାଳିକା ନୋଡାଲ ହାଇସ୍କୁଲ ଠାରେ ସିଆର୍‌ସିସି ଜଗମୋହନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭକ୍ତଚରଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ପଦ୍ମାଳୟା ଗୁରୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷୟିତ୍ରୀ ବିଦ୍ୟୁତ୍ ଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ହେମନ୍ତ କୁମାର ଦାଶ, ସୁମନ୍ତ ନନ୍ଦ, ଉମାକାନ୍ତ ବଗର୍ତ୍ତି, ସଂଯୁକ୍ତା ପ୍ରଧାନ, ରାଜକୁମାର କାଲସାଏ, ଚନ୍ଦ୍ରଧଜ ମେହେର, ଗୀତାଞ୍ଜଳି ପ୍ରଧାନ ତଥା ସମସ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଅଭିଭାବିକା ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଅଧାରୁ ସରିଲା ପଞ୍ଚାୟତ ସମିତି ବୈଠକ




ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

**ଲୋଇସିଂହା,୧୦।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ହେଲେ ସଭ୍ୟମାନଙ୍କ ମଧ୍ୟରେ କଥା କଟାକଟିରୁ ଅଧାରୁ ବୈଠକ ସରି ଯାଇଥିଲା। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଉପାଧ୍ୟକ୍ଷା ସୁବାଷିନୀ ନାଏକ, ଜିଲା ପରିଷଦ ସଭ୍ୟ, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ବିଡିଓ ବିଡିଓ ଆକାଶରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିପିଓ କିଶୋର ମାନସିଂ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଲୋୟରସୁକତେଲ ଜଳସେଚନ ପ୍ରକଳ୍ପର ବାମପାର୍ଶ୍ୱ କେନାଲ(୨)ର ଭୂତଳ ପାଇପ ଲାଇନ କାମ ଆରମ୍ଭ ହୋଇଛି। ବ୍ଲକର ଯୋଗୀସର୍ଡା, ବାଦିବାହାଲ ସମେତ ୫ ପଞ୍ଚାୟତ ସମ୍ପୂର୍ଣ୍ଣ ଜଳସେଚନରୁ ବାଦ୍ ପଡୁଛି। ଶୁକ୍ରବାର ଧରିତ୍ରୀରେ ଏସଂକ୍ରାନ୍ତ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଆଧାର କରି ଜିଲା ପରଷଦ ସଭ୍ୟା ଲିଲିମା ବେହେରା, ବୁର୍ଡା ସରପଞ୍ଚ ସୁଦୀପ କୁମାର ସା, ସମିତି ସଭ୍ୟ ସୁନୀଲ କୁମାର ଅଗ୍ରୱାଲ, ବୁଢୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ, ସମିତି ସଭ୍ୟା ପାର୍ବତୀ ତ୍ରିପାଠୀ, ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ, ସମିତି ସଭ୍ୟ ଅଜିତ ବେହେରା, ଯୋଗୀସର୍ଡା ସରପଞ୍ଚ ବିଜୁଳି ପଧାନ, ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ ପ୍ରମୁଖ ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ। ଅଧ୍ୟକ୍ଷ ପଟେଲ ଏ ନେଇ ଲୋୟର ସୁକତେଲ ଜଳସେଚନ ବିଭାଗ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବ୍ଲକର ଶତପ୍ରତିଶତ ଜମି ଜଳସେଚନ ନେଇ ପ୍ରସ୍ତାବ ପାରିତ କରି ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦୃଷ୍ଟି ଆକର୍ଷଣ ପାଇଁ ଅଧ୍ୟକ୍ଷ ଗୃହକୁ ଜଣାଇଥିଲେ। ପିଇବା ପାଣି ସମସ୍ୟା ଲାଗି ରହିଥିବାରୁ ଟ୍ୟାଙ୍କର ଯୋଗେ ଯୋଗାଣ ପାଇଁ ସଭ୍ୟମାନେ ଦାବି କରିଥିଲେ। ଏହା ବ୍ୟତୀତ ନଳକୂପ ସାମଗ୍ରୀ ଯୋଗାଣ ହେଉ ନ ଥିବାରୁ ବହୁ ସରପଞ୍ଚ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉନ୍ନୟନ ଆଲୋଚନାବେଳେ ୧୦ଟି ଅମୃତ ସରୋବର ମଞ୍ଜୁର ହୋଇଥିବା ବିଡିଓ ସାହୁ ସୂଚନା ଦେଇଥିଲେ। ଉନ୍ନୟନମୂଳକ ଆଲୋଚନାବେଳେ କେତେକ ସରପଞ୍ଚ ଓ ସମିତି ତୁତୁ ମେମେ ହୋଇଥିଲେ। ବିନା କାରଣରେ ଅଭିଯୋଗ କରି ହଇରାଣ କରାଯାଉଥିବା ଜଣେ ସରପଞ୍ଚ ଅଭିଯୋଗ କରିଥିଲେ। ଉପଯୁକ୍ତ କାମ ଯଦି ହୋଇଛି ତା ହେଲେ ତଦନ୍ତକୁ ସାମନା କରନ୍ତୁ ବୋଲି ବିଡିଓ ସାହୁ ଏବଂ ବ୍ଲକ ଅଧ୍ୟକ୍ଷ ପଟେଲ କହିଥିଲେ। ଏହାକୁ ନେଇ ବିଡିଓ ଏବଂ ବାଦିବାହାଲ ସରପଞ୍ଚ ମୁହାଁମୁହିଁ ହୋଇଥିଲେ। ବାରମ୍ବାର ଅପମାନିତା କରାଯାଉଥିବା ଅଭିଯୋଗ କରି ବିଡିଓ ସାହୁ ବୈଠକରୁ ଉଠି ଯାଉଥିଲେ। ବ୍ଲକ ଅଧ୍ୟକ୍ଷ ପଟେଲ ବିଡିଓଙ୍କୁ ଅଟକାଇଥିଲେ। ଉନ୍ନୟନ କାମ ପୂର୍ବରୁ ସୂଚନା ଫଳକ ଲଗାଇବାକୁ ଜନପ୍ରତିନିଧି ଓ ପଞ୍ଚାୟତସ୍ତରରେ କାମ କରୁଥିବା କର୍ମଚାରୀଙ୍କୁ ବିଡିଓ ଓ ବ୍ଲକ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ବୈଠକରେ ବ୍ୟକ୍ତିଗତ ଆକ୍ରୋଶ ନ ରଖି ସୁସ୍ଥ ବାତାବରଣରେ ଆଲୋଚନା କରିବାକୁ ବିଡିଓ ସାହୁ ଓ ଅଧ୍ୟକ୍ଷ ପଟେଲ ସଭ୍ୟମାନଙ୍କୁ ଆହ୍ୱାନ ଜଣାଇଥିଲେ।

# ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

**ଲୋଇସିଂହା, ୧୦।୬(ଡି.ଏନ.ଏ.)**

**ପାଭେର ବ୍ଲକ ପ୍ରଣାଳି କାମ ଗ୍ରହଣୀୟ ନୁହେଁ କହିଲେ**

ବଲାଙ୍ଗୀର ଜିଲା ଲୋଇସିଂହାରୁ ବାଦିବାହାଲ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ କାମ ଚାଲିଛି । ତେବେ ଲୋଇସିଂହା ଜନକଲ୍ୟାଣ ଯୁବ ସାମ୍ମୁଖ୍ୟ କ୍ଲବ ପାର୍ଶ୍ୱରୁ ନାରାୟଣ ସାଗର ହିଡ ଧୋବା ତୁଠ ପର୍ଯ୍ୟନ୍ତ ପାଭେର ବ୍ଲକ ଡିଜାଇନରେ ରାସ୍ତା କାମ କରାଯାଉଛି। କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଶନିବାର ଏହି କାମକୁ ଲୋଇସିଂହାର କେତେକ ଲୋକେ ବିରୋଧ କରି ବନ୍ଦ କରି ଦେଇଛନ୍ତି। ପାଭେର ବ୍ଲକ ବଦଳରେ କଂକ୍ରିଟକରଣ କିମ୍ବା ପିଚୁ କରିବାକୁ ସେମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲୋଇସିଂହାରୁ ବାଦିବାହାଲ ପର୍ଯ୍ୟନ୍ତ ୮ କିମି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ କାମ ଚାଲିଛି। ୩ ମାର୍ଚ୍ଚ ୨୦୨୨ରୁ କାମ ଆରମ୍ଭ ହୋଇ ୨ ଫେବୃୟାରୀ ୨୦୨୩ରେ କାମ ଶେଷ ଅବଧି ରହିଥିଲା। ଧାର୍ଯ୍ୟ ସମୟର ୪ମାସ ବିତ ଯାଇଥିଲେ ବି କାମ ସରିନାହିଁ। ଲୋଇସିଂହା ଜନକଲ୍ୟାଣ ଯୁବ ସାମ୍ମୁଖ୍ୟ କ୍ଲବ ପାର୍ଶ୍ୱ ରାସ୍ତାରୁ ନାରାୟଣ ସାଗର ହିଡରେ ପ୍ରାୟ ୧ କିମି ହେବ ପାଭେର ବ୍ଲକ ବସାଇବାକୁ ଠିକା ସଂସ୍ଥା ପକ୍ଷରୁ ଶନିବାର କାମ ଆରମ୍ଭ ହୋଇଥିଲା। ଏହା ଜାଣିବା ପରେ ଲୋଇସିଂହାବାସୀ ଏହି କାମକୁ ବିରୋଧ କରିଥିଲେ । ପୂର୍ବରୁ ଲୋଇସିଂହାବସ୍ତି ରାସ୍ତାରେ ଏହିପରି କାମ ହୋଇଛି । ଆବଡା ଖାବଡା ଭାବେ ପାଭେର ବ୍ଲକ ବସିଛି । ଏପରିକି ଅନେକ ସ୍ଥାନରେ ରାସ୍ତା ଦବି ଯାଇଛି । ବାଇକ, ସାଇକେଲରେ ଯାତାୟତ ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପାଭେର ବ୍ଲକ ମଡେଲରେ ରାସ୍ତା ନିର୍ମାଣ ଯାତ୍ରୀଙ୍କ ପାଇଁ ସୁରକ୍ଷିତ ନୁହେଁ ଅଭିଯୋଗ କରି କାମକୁ ଲୋକେ ବନ୍ଦ କରିଛନ୍ତି। ଯନ୍ତ୍ରୀ ବିଧାନ ନାଏକଙ୍କୁ ଏ ନେଇ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ ।

# ବୁର୍ଡା ରଥଯାତ୍ରା ପ୍ରସ୍ତୁତି ବୈଠକ

**ଲୋଇସିଂହା,୧୦।୬(ଡି.ଏନ.ଏ)**

ଆଗାମୀ ୨୦ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମ୍ୟ କମିଟି ଓ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ସହଦେବ ସାଙ୍କ ଏଥିରେ ଅଧ୍ୟକ୍ଷତା କରିଥିଲେ। ମନ୍ଦିର ପୂଜକ ମହେନ୍ଦ୍ର ଦାଶ, ବୁଦ୍ଧଦେବ ସାହୁ, କୃଷ୍ଣଚନ୍ଦ୍ର ସାହୁ, ସଦାନନ୍ଦ ବାରିକ, ଇନ୍ଦ୍ରମଣୀ ବାରିକ, ପଞ୍ଚୁ ସା, ସାଇ ସାହୁ, ବାଳଗୋପାଳ ସାହୁ, ତରଣୀ ରଣା, ତରଣୀ ସା, କୈଳାସ ସାହୁ, ସୁଶାନ୍ତ ବାରିକ ପ୍ରମୁଖ ଆଲୋଚନାବେଳେ ଉପସ୍ଥିତ ଥିଲେ । ଯାତ୍ରା ଦିନର ନୀତିକାନ୍ତି, ରଥ ପ୍ରସ୍ତୁତି, ୩ ଠାକୁରଙ୍କ ଚିତ୍ର କରିବା ଏବଂ ଯାତ୍ରାରେ ସଂକୀର୍ତ୍ତନ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅଂଶ ଗ୍ରହଣ ଉପରେ ଆଲୋଚନା ହୋଇଥିଲା। ଯାତ୍ରା ପୂର୍ବରୁ ରାସ୍ତାଘାଟ ସଫାସୁତରା ଏବଂ ରଥ ଟଣାବେଳେ ଯେମିତି ବାଧକ ସୃଷ୍ଟି ନ ହେବା ସେଥିପାଇଁ ଗାଁ ଦାଣ୍ଡରେ ପକାଇ ରଖିଥିବା ବାଲି, ଇଟା ଓ ଅନ୍ୟାନ୍ୟସାମଗ୍ରୀ ହଟାଇ ପାଇଁ ଡିଙ୍ଗୁରା ମାଧ୍ୟମରେ ଗ୍ରାମବାସୀଙ୍କୁ ଜଣାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ପୁନଃ ନିଲାମ ନ ଡାକିଲେ ଆନ୍ଦୋଳନ ହେବ

**ଦେଓଗାଁ,୧୦।୬ (ଡି.ଏନ.ଏ)**

**ନୋଟିସ ନ ଦେଇ ଚନ୍ଦ୍ରସାଗର ନିଲାମ ପ୍ରସଙ୍ଗ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ସ୍ଥିତ ଚନ୍ଦ୍ରସାଗରକୁ ଗତ ମାସ ୧୮ ତାରିଖରେ ଜରାସିଂହା ପଞ୍ଚାୟତରେ ନିଲାମ ଡକାଯାଇଥିଲା। ଏଥିରେ ଏକମାତ୍ର ଏସ୍‌ଏଚ୍‌ଜି ଦଳ ଅଂଶଗ୍ରହଣ କରି ଉକ୍ତ ସାଗରକୁ ନିଲାମ ଡାକିଥିଲେ। ପରେ ଚନ୍ଦ୍ରପୁର ଗାଁର ୧୨ଟି ଏସ୍‌ଏଚ୍‌ଜିର ମହିଳା ଓ ଗ୍ରାମର ଭଦ୍ରବ୍ୟକ୍ତି ଗାଁରେ କୌଣସି ନୋଟିସ ନ ଦେଇ ନିଲାମ କରାଯାଇଛି ବୋଲି ଅଭିଯୋଗ କରିଥିଲେ। ତୁରନ୍ତ ଏହାକୁ ରଦ୍ଦ କରିବାପାଇଁ ସେମାନେ ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ବିଡିଓ ତିନିଦିନ ମଧ୍ୟରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଇତିମଧ୍ୟରେ ୨୧ଦିନ ବିତିଯାଇଥିଲେ ସୁଦ୍ଧା ଏ ଦିଗରେ ପୁନଃ ନିଲାମ ନ କରାଯିବାରୁ ଶନିବାର ସନ୍ଧ୍ୟାରେ ଗାଁର ୧୨ଟି ଏସ୍‌ଏଚ୍‌ଜିର ସଦସ୍ୟା ଓ ଗ୍ରାମର ଭଦ୍ରବ୍ୟକ୍ତିମାନେ ଗାଁ ରାଧାକୃଷ୍ଣ ମନ୍ଦିର ପରିସରରେ ବୈଠକ କରିଥିଲେ । ଏଦିଗରେ ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଜିପିଓ ବୀଣା ପଧାନଙ୍କୁ ପଚାରିବାରୁ ଏବିଡିଓ ପୁଷ୍ପାଞ୍ଜଳି ନାଏକ ତଦନ୍ତ ରିପୋର୍ଟ ଦେଇଛନ୍ତି। ସୋମବାର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଚନ୍ଦ୍ରପୁରରେ ଚନ୍ଦ୍ରସାଗର ବନ୍ଦ ନିଲାମ ଦାବିରେ ଏସ୍‌ଏଚ୍‌ଜି ସଦସ୍ୟାମାନେ।

GOVERNMENT OF ODISHA
PANCHAYAT RAJ AND DRINKING WATER DEPARTMENT
OFFICE OF THE PANCHAYAT SAMITI, BODEN
DIST.: NUAPADA
TENDER CALL NOTICE No.-2329/ 09.06.23

The Block Development Officer, Boden on behalf of the Governor of Odisha invites Percentage rate bid for the works as detailed in table below from eligible contractors registered with the State Governments & Contractors of equivalent Grades/ Class registered with Central Government / MES / Railways for execution of Civil Works on production of definite proof from the appropriate authority. The bidders may submit bid for the following works to be eventually drawn up in $P_1$ Agreement Form:

| Sl. No. | Name of works | Approx. estimated cost in (Amount in Rs.) | Cost of tender paper non refundable in Rs. | EMD 1% of estimated cost | Class of contractor | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Smart learning facility for the Boarder Students of SSD High School Hostel Building, At- Boden | 15,00,000/- + 18% GST | 6000/- | 15,000/- | 'C' & 'D' | 06 (Six) calendar months |
| 2 | Construction of Smart learning facility for the Boarder Students of SSD Hostel Building, At- Dhobei (UGHS) | 15,00,000/- + 18% GST | 6000/- | 15,000/- | 'C' & 'D' | 06 (Six) calendar months |

The bid documents will also be available in the district website http://nuapada.nic.in
1. The tender documents consisting of plans, specifications, schedule of quantity and the set of terms & conditions of the contract will be made available for sale in the office of the undersigned to the contractors or to their authorized agents on payment of cost of tender paper (Non-refundable) in cash as mentioned at Col. No.4 above.
2. The tender document must be accompanied with photo copies of valid Contractor's Registration Certificate (CDMS), valid ITCC (PAN Card), GSTN Registration Certificate, Bid Security Declaration. However, all the tenderers are required to furnish an affidavit duly sworn in before Executive Magistrate / Notary at the time of submission of tender papers about the authenticity of tender documents failing which the tender will be rejected. Besides that, the tenderers also have sworn in the affidavit that, "I/We hereby confirm and declare that, if I /We will withdraw or modify the bid during the period of validity, I/We will be suspended for a period specified in the tender documents in the effect of 'Bid'.
3. The sale and receipt of tender paper will be available during office hour from 7.30 A.M. of dt.09.06.2023 upto 5.00 P.M. of dt.27.06.23 & the same will be opened on date 28.06.2023 at 11.30 A.M. in the office of the undersigned in the presence of the tenderers or their authorized agents who will to be present. If the office happens to be closed on the date of receipt and opening of the tenders as specified, the same will be received and opened on the next working day at the same time and venue.

Sd./- Block Development Officer, Boden

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ.ETELCONBBST-345ETER
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥରେ ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ ଏବଂ ସାଲଗାଁ-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍‌ର ନିର୍ମାଣ ସମ୍ବନ୍ଧୀୟ ଷ୍ଟେସନ ବିଲ୍ଡିଙ୍ଗ୍, ବୁକିଙ୍ଗ୍ କାଉଣ୍ଟର, ସଙ୍କେତ ଏବଂ ଦୂରସଂଘର ଗୁମଟି, ଲେଭେଲ କ୍ରସିଙ୍ଗ୍ ଗୁମଟି, ଲେଭେଲ କ୍ରସିଙ୍ଗ୍ ଫାଟକ, ସିନିୟର ସେକ୍ସନ ଇଂଜିନିୟର କାର୍ଯ୍ୟାଳୟ (02 ଗୋଟି), ସବ୍‌ଅର୍ଡିନେଟ୍ ରେଷ୍ଟ ହାଉସ୍ (SRH)(01 ଗୋଟି), ମେରାମଣ୍ଡଳୀ ସ୍ଥିତ ରନିଙ୍ଗ୍ ରୁମ୍, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-II-54 ଗୋଟି, ଟାଇପ୍-III-17 ଗୋଟି ଏବଂ ଟାଇପ୍-IV-6 ଗୋଟି), 11/0.416 KV 2X100KVA ସବ୍‌ଷ୍ଟେସନ, ପାୱାର ଲାଇନ୍ କ୍ରସିଙ୍ଗ୍ (Xing) ରୂପାନ୍ତରଣଜନିତ ଜେନେରାଲ ବିଦ୍ୟୁତୀକରଣ ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟସମୂହ ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 5,11,18,260.82, EMD (ଟଙ୍କାରେ) : 4,05,600/-, ଶେଷ ହେବା ଅବଧି : 12 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.12.06.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.06.2023 ରିଖ 1200 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଇ-ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।
ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ ଭୁବନେଶ୍ୱର
PR-33/CG/23-24

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.15/ET/SBP/ENGG/ 2023-24, ତା.01.06.2023ରିଖ
(1)ଇ-ଟେଣ୍ଡର ସଂ.02-eT-DENW-SBP-23
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଲାଖୋଲି-ଲଖନା ସେକ୍ସନ ମଧ୍ୟରେ RV-91 ଠାରେ ପ୍ରବେଶ ପଥ ଏବଂ RV-62 ଠାରେ RCC ୱାଲ୍ ର ବ୍ୟବସ୍ଥା ସହିତ ଲେଭେଲ କ୍ରସିଙ୍ଗ୍ ନଂ.RV-20, RV-33, RV-41, RV-43, RV-48, RV-61 ଏବଂ RV-85 ଠାରେ ଅଭାବ ଅନୁଯାୟୀ ରୋଡ୍ ଅଣ୍ଡର ବ୍ରିଜ୍ (RUB) / ଉପ ମାର୍ଗଗୁଡ଼ିକ ନିମନ୍ତେ ଡ୍ରେନ୍, କଭର ସେଡ୍, ଜଏଣ୍ଟ ଏବଂ ସମ୍ପଗୁଡ଼ିକର ସିଲିଙ୍ଗ୍ ଭଳି ବିଭିନ୍ନ ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ଜଳ ନିଷ୍କାସନ (Drainage)ର ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 30,04,80,653.93, ବିଡ୍ ସିକ୍ୟୁରିଟି (ଟଙ୍କାରେ): 16,52,500/- ।
(2)ଇ-ଟେଣ୍ଡର ସଂ.03-eT-DENW-SBP-23
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବିଭିନ୍ନ ସେକ୍ସନଗୁଡ଼ିକ ସ୍ଥିତ ଲେଭେଲ କ୍ରସିଙ୍ଗ୍ ନଂ.RV-121, RV-127, RV-155, RV-157, RV-181, JT-73, JT-97, JT-115, JT-118, JT-125, ST-10 ଏବଂ ST-16 ଠାରେ ଅଭାବ ଅନୁଯାୟୀ ରୋଡ୍ ଅଣ୍ଡର ବ୍ରିଜ୍ (RUB)/ଉପ ମାର୍ଗଗୁଡ଼ିକ ନିମନ୍ତେ ଡ୍ରେନ୍, କଭର ସେଡ୍, ଜଏଣ୍ଟ ଏବଂ ସମ୍ପଗୁଡ଼ିକର ସିଲିଙ୍ଗ୍ ଭଳି ବିଭିନ୍ନ ଭିତ୍ତିଭୂମି ବ୍ୟବସ୍ଥା ଦ୍ୱାରା ଜଳ ନିଷ୍କାସନ (Drainage)ର ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 30,01,33,181/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 16,50,700/- ।
କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ଉଭୟ ଟେଣ୍ଡରଗୁଡ଼ିକ ନିମନ୍ତେ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.06.2023ରିଖ 1500 ଘଟିକାରେ (ଉଭୟ ଟେଣ୍ଡରଗୁଡ଼ିକ ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-251/O/23-24

## ବ୍ଲକସ୍ତରୀୟ କୃଷକ ସଚେତନତା ଅଭିଯାନ

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆତ୍ମା ସଭାଗୃହ ଠାରେ ଦୁଇଦିନିଆ ବ୍ଲକସ୍ତରୀୟ କୃଷକ ସଚେତନତା ଅଭିଯାନ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆତ୍ମା ଅଧକ୍ଷ ଗୌର କିଶୋର ରଣା, ଭାରପ୍ରାପ୍ତ ଏଏଓ ଅରୁଣ ଚନ୍ଦ୍ର ପାଢ଼ୀ, ଇଫାକୋର ଜିଲା କ୍ଷେତ୍ର ଅଧିକାରୀ ଗଣେଷ ପ୍ରସାଦ ପାଢ଼ୀ, ଥୁଆମୂଳ ରାମପୁର ବ୍ଲକ କୃଷି ଅଧିକାରୀ ସିଦ୍ଧାର୍ଥ ଶେଖର ଜେନା, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ପ୍ରମୁଖ ଯୋଗ ଦେଇ କୃଷକମାନେ କିଭଳି ନମୁନା ମୃତ୍ତିକା ସଂଗ୍ରହ ଓ ସାର ବିହନ ରଖିବେ ସେ ଉପରେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଟିଏମ ଶ୍ୟାମପଦ ଭଞ୍ଜ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଭଡାଘରୁ ମହିଳାଙ୍କ ମୃତଦେହ ଜବତ

କଣ୍ଟାବାଞ୍ଜି,୧୦।୬(ଡି.ଏନ.ଏ.): କଣ୍ଟାବାଞ୍ଜି-ବଲାଙ୍ଗୀର ମୁଖ୍ୟରାସ୍ତାର ଏକ ଭଡାଘରୁ ସନ୍ଦେହଜନକ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତା ହେଲେ ବଙ୍ଗୋମୁଣ୍ଡା ଥାନା ତେଲିପଦର ଗାଁର ମାଧୁରୀ ଯାନି। ୨୫ଦିନ ତଳେ ସେ ସେଣ୍ଟ ଜାଭିୟର୍ସ ସ୍କୁଲ ସମ୍ମୁଖରେ ଥିବା ଅନୀଲ ଅଗ୍ରୱାଲଙ୍କ ଘରେ ଭଡାରେ ରହୁଥିଲେ। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରେ ଚେତାଶୂନ୍ୟ ଅବସ୍ଥାରେ ସେ ଭଡାଘରେ ପଡି ରହିଥିଲେ। ସେଠାରେ ଭଡାରେ ରହୁଥିବା ଅନ୍ୟ ପଡୋଶୀମାନେ ଘର ମାଲିକଙ୍କୁ ଖବର ଦେଇଥିଲେ। ଘର ମାଲିକ ମହିଳାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ହେଲେ ରାତିରେ ପରିବାରବର୍ଗଙ୍କ କେହି ଆସି ନ ଥିଲେ। ତାଙ୍କଠାରୁ ଖବର ପାଇ ପୋଲିସ ମୃତଦେହ ଜବତ କରି କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲା। ମହିଳାଙ୍କ ସ୍ୱାମୀ ମାର୍କଣ୍ଡ ଯାନିଙ୍କର ୫ବର୍ଷ ତଳେ ମୃତ୍ୟୁ ହୋଇଯାଇଛି। ଦୁଇ ଛୁଆଙ୍କୁ ଛାଡି ମହିଳା ଜଣକ ୩ବର୍ଷ ହେଲା କୁଆଡେ ଚାଲିଯାଇଥିଲେ। ୨୫ଦିନ ତଳେ ସେ ଏଠାକୁ ଆସି ଭଡାରେ ରହୁଥିଲେ। ଥାନା ଅଧିକାରୀ ରଶ୍ମିତା ବେହେରାଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣା ପଡିବ ବୋଲି କହିଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା(୧୦/୨୩) ରୁଜୁ ହୋଇଛି।

## ନକଲି ଜମିପଟ୍ଟାରେ ଋଣ ଉଠାଣ ମହଙ୍ଗା ପଡ଼ିଲା

**ଜେଲ୍‌ଗଲେ ପୂର୍ବତନ ପାକ୍ସ ସଭାପତି**

ଦେଓଗାଁ,୧୦।୬ (ଡି.ଏନ.ଏ): ନକଲି ପଟ୍ଟାଦେଇ ଋଣ ନେବା ଘଟଣା ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ପାକ୍ସର ପୂର୍ବତନ ସଭାପତି ପଞ୍ଚାନନ ପଧାନଙ୍କୁ ମହଙ୍ଗା ପଡିଛି। ଦେଓଗାଁ ଥାନା ପୋଲିସ ତାଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଛି। ଏହି ଘଟଣା ଏଠାରେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପଧାନ ରେଙ୍ଗାଲି ଗ୍ରାମର ଖାତା ନଂ- ୬୦, ପ୍ଲଟ ନଂ-୨୩୫, ଖାତା ନଂ -୩୪/୩୨, ପ୍ଲଟ ନଂ -୪୦୨, ୪୪୪ରେ ନକଲି ପଟ୍ଟା ତିଆରି କରି ନିଜ ନାମରେ ଏକ ଲକ୍ଷ ୭୨ ହଜାର ଋଣ ନେଇଥିଲେ। ଜାଲିଆତି କରି ଋଣ ନେଇଥିବା ବିଷୟ ଅଡିଟ ରିପୋର୍ଟରେ ଜଣା ପଡିବାପରେ ପାକ୍ସ ସମ୍ପାଦକ କାମାକ୍ଷା ପ୍ରସାଦ ସାହୁ ଥାନାରେ ଏତଲା ଦେଇଥିଲେ। ଦେଓଗାଁ ପୋଲିସ ଏକ ମାମଲା(୨୬୭/୨୨)ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପଟ୍ଟା ଜାଲିଆତି କରି ଋଣ ନେଇଥିବା ପ୍ରମାଣ ପାଇବା ପରେ ତହସିଲଦାର ଦେଇଥିବା ରିପୋର୍ଟରେ ଉକ୍ତ ଖାତା ନମ୍ବର ଗୁଡିକ ଏହି ମୌଜାରେ ନ ଥିବା ରିପୋର୍ଟରେ ଦର୍ଶାଇଛନ୍ତି। ସମସ୍ତ ତଥ୍ୟକୁ ଭିତ୍ତି କରି ପୋଲିସ ପୂର୍ବତନ ପାକ୍ସ ସଭାପତି ପଞ୍ଚାନନ ସାହୁଙ୍କୁ ଗିରଫ କରିଥିଲା।

## ମରଣାନ୍ତକ ଆକ୍ରମଣ, ପରିବାରର ୩ ଗୁରୁତର

**ଥାନାରେ ୨ଟି ପୃଥକ ମାମଲା ରୁଜୁ, ୩ ଅଟକ**

ଦେଓଗାଁ,୧୦।୬ (ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଫଟାମୁଣ୍ଡାରେ ଦୁଇ ଗୋଷ୍ଠୀ ମଧ୍ୟରେ ରାଜନୈତିକ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଗୋଟିଏ ଗୋଷ୍ଠୀର ତିନିଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ରଜନୀକାନ୍ତ ପଟେଲ, ରାଜିବ ପଟେଲ ଓ ଅମିତ ପଟେଲ। ଦୁଇଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାରେ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଗାଁର ଚିତ୍ତ ରଞ୍ଜନ ପଟେଲ, ଶୁଶାନ୍ତ ପଟେଲ ଓ ଶୁଭମ ପଟେଲଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ତାରାବତୀ ପଧାନ ସୂଚନା ଦେଇଛନ୍ତି। ସୂଚନାନୁସାରେ ଫଟାମୁଣ୍ଡା ଗାଁରେ ଶୁକ୍ରବାର ରାତିରେ ଏକ ବୈଠକ ବସିଥିଲା। ଉକ୍ତ ବୈଠକରେ କେତେକ ଯୁବକ ଲୋୟର ସୁକତେଲରୁ ଫଟାମୁଣ୍ଡା ଗାଁକୁ କେମିତି ଜଳସେଚନ ହୋଇପାରିବ ସେ ନେଇ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଟିଟିଲାଗଡ ଯାଇ ସାକ୍ଷାତ କରିବାପାଇଁ ପ୍ରସ୍ତାବ ଦେଇଥିଲେ। ଅନ୍ୟ କେତେଜଣ ବଲାଙ୍ଗୀର ବିଧାୟକଙ୍କୁ ସାକ୍ଷାତ କରିବାପାଇଁ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ ବୈଠକରେ ପାଟିତୁଣ୍ଡ ହୋଇଥିଲା। ଦଳୀୟ ନେତାଙ୍କୁ ଗାଁରେ ପୂରାଇ ଦେବୁ ନାହିଁ ବୋଲି କେତେକ କହିଥିଲେ। ଏହାକୁ ନେଇ ବୈଠକରେ ହାତାହାତି ହୋଇଥିଲା। ଏହି ଘଟଣାକୁ ନେଇ ପୁଣି ଶନିବାର ସକାଳେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥଇଲେ। ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଅନ୍ୟଗୋଷ୍ଠୀର ତିନି ଜଣ ଲହୁଲୁହାଣ ହୋଇଥିଲେ।

# ସୁନାମୁଖୀ ଶାନ୍ତିବନକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ଦିଅ

କେସିଙ୍ଗା,୧୦।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଦେଓଗାଁ ପଞ୍ଚାୟତ ଅଧିନ ମହଗାଁଠାରେ ସୁନାମୁଖୀ ଶାନ୍ତିବନ ଗତ ୧୯୯୦ ମସିହାରୁ ସ୍ଥାପିତ ହୋଇଛି। ଚତୁଃପାର୍ଶ୍ୱରେ ସବୁଜ ରଙ୍ଗରେ ଗଛ ବେଶ ଭରପୁର ହୋଇ ରହିଛି। ଏଠାରେ କିଛି ସମୟ ବୁଲାବୁଲି କଲେ ଜୀବନକୁ ଶାନ୍ତି ବାତାବରଣ ମିଳିଥାଏ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ସୁନ୍ଦର ପରିବେଶ ମନକୁ ଆକର୍ଷିତ କରିଥାଏ। ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ହେଲେ ଏହି ଦାବି ପୂରଣ ହୋଇ ନାହିଁ। ଦାବି ପୂରଣ ହୋଇ ନ ଥିବାରୁ ଏଠାରେ ଥିବା ସନ୍ଥ ନିରଞ୍ଜନ ବାବାଙ୍କ ଆଶ୍ରମ ଓ ମଠ ଜରାଜୀର୍ଣ୍ଣ ହୋଇ ପଡି ରହିଛି। ନିଶାସକ୍ତମାନେ


ସୁନାମୁଖୀ ଶାନ୍ତିବନରେ ପିଣ୍ଡି ନିର୍ମାଣ କରାଯାଇଛି।

ଏହି ସ୍ଥାନରେ ଆଡ୍ଡା ଜମାଉଛନ୍ତି। ସୁନାମୁଖୀ ଶାନ୍ତିବନ କମିଟି , ଆଦିବାସୀ ମହିଳା କମିଟି ଓ ମହଗାଁ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ବହୁତ ପରିଶ୍ରମ କରି ଏହି ସ୍ଥାନକୁ ଆଜକୁ ୩୦ ବର୍ଷ ହେଲାଣି ସୌନ୍ଦର୍ଯ୍ୟ ପରିବେଶମୟ ସୃଷ୍ଟି ହୋଇପାରିଛି। ଏଠାରେ ଯାତ୍ରୀମାନଙ୍କ ପାଇଁ କଲ୍ୟାଣ ମଣ୍ଡପ, ପିଣ୍ଡି ନିର୍ମାଣ କରାଯାଇଛି। ସୁନାମୁଖୀ ଶାନ୍ତି ବନ କମିଟି, ଆଦିବାସୀ ମହିଳା କମିଟି, ମହଗାଁ ଗ୍ରାମର ସମସ୍ତ ଜନସାଧାରଣ ନିଜ ଉଦ୍ୟମରେ ଚାନ୍ଦା ଆଦାୟ କରି ସତ୍ୟ ମହିମା ଆଶ୍ରମ, ଯଜ୍ଞମଣ୍ଡପ, ମା' ସୁନାମୁଖୀ ମଞ୍ଚ ଏବଂ ସମସ୍ତ ବୃକ୍ଷକୁ ରଙ୍ଗ ଲଗେଇଛନ୍ତି। ସୁନାମୁଖୀ ଶାନ୍ତିବନକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇଁ ଦାବି କରି ଆସୁଛନ୍ତି। ଗ୍ରାମବାସୀଙ୍କ ଅଟଳ ପରିଶ୍ରମ ଓ ଅର୍ଥଦାନ ସୁନାମୁଖୀ ଶାନ୍ତିବନ ପ୍ରାକୃତିକ ସୌନ୍ଦର୍ଯ୍ୟ ହୋଇପାରଛି। ସୁନାମୁଖୀ ଶାନ୍ତିବନ ମହଗାଁକୁ ପ୍ରକୃତିମିତ୍ର ପୁରସ୍କାର ପାଇବାପାଇଁ ହକଦାର ବୋଲି ଦାବି କରିଛନ୍ତି ଗ୍ରାମବାସୀ। ସୁନାମୁଖୀ ଶାନ୍ତିବନକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବା ପାଇଁ ସୁନାମୁଖୀ ଶାନ୍ତିବନ କମିଟିର ପରିଚାଳକ ସନ୍ତ ନିରଞ୍ଜନ ବାବାଙ୍କ ସମେତ ସମସ୍ତ ଆଦିବାସୀ ମହିଳା କମିଟିର ସଦସ୍ୟ, ଅଞ୍ଚଳବାସୀ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

କୋକସରା,୧୦।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକକୁ ପ୍ରତି ମାସେ/ଦୁଇମାସ ଅନ୍ତରାଳରେ ରାଜ୍ୟ ବାହାରୁ ଫେରୁଛି ଦାଦନ ଶ୍ରମିକଙ୍କ ମୃତଦେହ। ଚଳିତବର୍ଷ ଆରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ଶନିବାର ଘଟଣା ସହ ୫ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିସାରିଛି। ଶନିବାର ପୁଣି କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ନୂଆଗାଁର ବାସୁ ମାଝୀଙ୍କ ପୁଅ ଚରଣ (୨୦)ଙ୍କ ମୃତଦେହ ଗାଁକୁ ଫେରିଛି। ଗତ ଦେଢ଼ ମାସ ତଳେ ପରିବାର ପ୍ରତିପୋଷଣ ପାଇଁ ହାଇଦ୍ରାବାଦର କୌଣସି ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଚରଣ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଅସୁସ୍ଥ ପରେ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ସାଥି ଶ୍ରମିକମାନେ ଭର୍ତ୍ତି କରିଥିଲ। ହେଲେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ସାଥି ଶ୍ରମିକମାନେ ଚରଣଙ୍କ ପରିବାରକୁ ଫୋନ କରି ଖବର ଦେଇଥିଲେ। ପରିବାର ପକ୍ଷରୁ କମ୍ପାନୀ ମାଲିକଙ୍କୁ ହାରିଗୁହାରି କରିବା ପରେ କାମ କରୁଥିବା କମ୍ପାନୀର ମାଲିକ ଏକ


ମୃତ ଶ୍ରମିକଙ୍କ ଫାଇଲ ଫଟୋ।

**କାନ୍ଦ ବୋବାଳିରେ ଫାଟିପଡୁଛି ଗାଁଦାଣ୍ଡ**

ଆମ୍ବୁଲାନ୍ସରେ ମୃତଦେହକୁ ଯୁବକଙ୍କ ନିଜ ଗାଁକୁ ପଠାଇଥିଲେ। ଶନିବାର ରାତି ୮ଟାରେ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ପହଞ୍ଚିବା ପରେ ଗାଁ ଦାଣ୍ଡରେ କାନ୍ଦ ବୋବାଳି ସହ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରୋଜଗାରିଆ ଭେଣ୍ଡିଆ ପୁଅର ଅକାଳ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

# ହଂସପଡ଼ା ଗ୍ରାମରେ ଦୂର ହେଲା ପାନୀୟଜଳ ସମସ୍ୟା

କୋକସରା,୧୦।୬(ଡି.ଏନ.ଏ)

ପାନୀୟ ଜଳ ପାଇଁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ପରେ ଟେମରା ପଞ୍ଚାୟତ ହଂସପଡା ଗ୍ରାମକୁ ୨ ଗୋଟି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କଲେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ। କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ହଂସପଡା ଗାଁରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଦେଇଥିବାବେଳେ ଗତ ବୁଧବାର ହଂସପଡା ଗାଁର ମହିଳା ଓ ଗ୍ରାମବାସୀ କୋକସରା ବିଡ଼ିଓ ଉତ୍ତମ କୁମାର ବାଗ ଓ ବିଧାୟକଙ୍କ ପ୍ରତିନିଧି ମାନସ ରଞ୍ଜନ ବାଗଙ୍କୁ ଅଭିଯୋଗ କରିଥିଲେ। ଏନେଇ ବିଧାୟକ ମୌଷଧି ବାଗ ବ୍ଲକ ପ୍ରଶାସନକୁ ତ୍ୱରିତ ଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେଇ ଜଳକଷ୍ଟ ଦୂର କରିବା ପାଇଁ ଶନିବାର ଠାରୁ ୨ଟି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ଆରମ୍ଭ କରିଛନ୍ତି। ହଂସପଡାକୁ ପାନୀୟ ଜଳ


ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ହେଉଛି।

ଯୋଗାଣ ପାଇଁ ଗଭୀର ନଳକୂପ ଖନନ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା କିଛିଦିନ ମଧ୍ୟରେ ହଂସପଡା ଗାଁ କୁ ପାଇପ ଲାଇନ ସଂଯୋଗ କରି ପାନୀୟ ଜଳ ଯୋଗାଣ କରାଯିବା ନେଇ ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରଶାସନର ତ୍ୱରିତ ପଦକ୍ଷେପ ନେଇ ଜଳକଷ୍ଟ ଦୂର କରି ପାନୀୟ ଜଳ ଯୋଗାଣ କରିବା ଫଳରେ ହଂସପଡା ଗ୍ରାମବାସୀ ବ୍ଲକ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

## ହାତୀବନ୍ଧା ହାଇସ୍କୁଲ ୨୦୦୪ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

ସିନାପାଲି, ୧୦।୬(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧା ହାଇସ୍କୁଲ ୨୦୦୪ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ପର୍ବ ଟିଖାଲି ଡ୍ୟାମଠାରେ ଅନୁଷ୍ଠିତ ହୋଇଛି। ୧୯ବର୍ଷ ପରେ ଏହି ବ୍ୟାଚର ସହପାଠୀମାନେ ପରିବାର ସହ ଏକତ୍ରିତ ହୋଇ ହାଇସ୍କୁଲ ଦିନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ନିକଟରେ ୟୁପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଥିବା ଏହି ବ୍ୟାଚର ହରେକୃଷ୍ଣ ମେହେରଙ୍କୁ ସହପାଠୀମାନେ ଅଭିନନ୍ଦନ ଜଣାଇଥିଲେ। ହରେକୃଷ୍ଣ ମେହେର ନିଜ ଜୀବନର ଅନୁଭୂତିକୁ ଉପସ୍ଥାପନା କରି ହାଇସ୍କୁଲ ଜୀବନର ଏହି ସମ୍ପର୍କ ଆଗକୁ ମଜଭୁତ ରହିବ ବୋଲି କହିଥିଲେ । ବନ୍ଧୁ ମିଳନ କାର୍ଯ୍ୟକ୍ରମ କିଶୋର ମେହେର, ଈଶ୍ୱର ମେହେର, ଗୌରୀ ବାରିକଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା।

# କେସିଙ୍ଗା ଏନ୍‌ଏସିର ସଫେଇ କର୍ମଚାରୀଙ୍କ ଦାବି ପୂରଣ


ଏନ୍‌ଏସିର ସଦ୍‌ଭାବନା ସଭା ଗୃହରେ ସଫେଇ କର୍ମଚାରୀଙ୍କ ସହ ଅଧ୍ୟକ୍ଷଙ୍କ ଆଲୋଚନା

କେସିଙ୍ଗା,୧୦।୬(ଡି.ଏନ.ଏ.)

କେସିଙ୍ଗା ଏନ୍‌ଏସିର ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ଏନଏସିର ସଦ୍‌ଭାବନା ଗୃହରେ ଶୁକ୍ରବାର ଏକ ମିଟିଂ ଅନୁଷ୍ଠିତ ହୋଇଥିଲା। ସଫେଇ କର୍ମଚାରୀ ତିନିଦିନ ଧରି ସଫେଇ କରି ନ ଥିଲେ। ସଫେଇ କର୍ମଚାରୀଙ୍କ ବିଭିନ୍ନ ଦାବିପୂରଣ ନେଇ ତିନି ଦିନ ହେଲା ତାଙ୍କ କାର୍ଯ୍ୟରୁ ବିରତ ଥିଲେ। ଶୁକ୍ରବାର ସେମାନଙ୍କୁ ସଭାଗୃହକୁ ଡାକି ଦାବି ବିଷୟରେ ଆଲୋଚନା କରି ବୁଝାମଣା ହୋଇଥିଲା। ରବିବାର ଛୁଟି ଦିନ ଥିଲେ ମଧ୍ୟ ସେମାନେ କାର୍ଯ୍ୟରେ ଯୋଗଦେବା ପାଇଁ ପ୍ରତିଶ୍ରୁତି ଦେଇ ଥିବାରୁ ସେମାନଙ୍କୁ ଅଧ୍ୟକ୍ଷ ଧନ୍ୟବାଦ ଜଣାଇଛନ୍ତି। ଏହି ମିଟିଂରେ ଉପନଗରପାଳ ସରସ୍ୱତୀ ସାହା, କାଉନସିଲର ରମାକାନ୍ତ ଜେନା, ପ୍ରକାଶ ବଞ୍ଛୋର ଓ ଶମ୍ଭୁ ବର୍ଗତି ପ୍ରମୁଖ ଉପସ୍ଥିତ ଥିଲେ।

# ୧୨୫ କିଗ୍ରା ଗଞ୍ଜେଇ ସହ କାର୍ ଜବତ, ୩ ଗିରଫ

ଭବାନୀପାଟଣା,୧୦।୬(ସ୍ୱ.ପ୍ର)

କଳାହାଣ୍ଡି ଜିଲା ଏମ.ରାମପୁର ଥାନା ଅନ୍ତର୍ଗତ ପାଜିବାହଲ ଛକ ଓ ନର୍ଲା ଥାନା ଅନ୍ତର୍ଗତ ସିରପାଲି ଅଞ୍ଚଳରେ ଶନିବାର ଭୋରରେ ଅବକାରୀ ବିଭାଗ ଚଢାଉ କରି ୧୨୫.୩୭୫ କିଗ୍ରା ଗଞ୍ଜେଇ ଜବତ କରିଛି। ଏଥିରେ ୩ଜଣଙ୍କୁ ଗିରଫ କରିବା ସହ ଗଞ୍ଜେଇ ଚୋରା ଚାଲାଣରେ ବ୍ୟବହୃତ ଏକ ଇନୋଭା କାର, ବାଇକ୍ ମଧ୍ୟ ଜବତ କରାଯାଇଛି। ଜବତ ଗଞ୍ଜେଇ ଓ ଇନୋଭା ଓ ବାଇକ୍‌ର ଆନୁମାନିକ ମୂଲ୍ୟ ୨୮.୪ ଲକ୍ଷ ବୋଲି ଜଣାପଡିଛି।


ଜବତ ଗଞ୍ଜେଇ ସହ ଇନୋଭା କାର ଓ ଅଭିଯୁକ୍ତ।

ଅଭିଯୁକ୍ତ ହେଲେ ଏମ.ରାମପୁର ଥାନା ମାଣିକେରା ପଞ୍ଚାୟତ ଅନ୍ତର୍ଗତ ସୁଲେସୁର ଗ୍ରାମର ଟଙ୍କଧର ପାତ୍ର(୩୮), ବିମଳ ଭୋଇ(୩୦) ଓ ଛତିଶଗଡ଼ ରାଜ୍ୟ ଦୁର୍ଗ ଜିଲା ବୋରି ଥାନା ହସଡା ଗ୍ରାମର ନରେଶ କୁମାର ନେତମ (୨୯)। ଏହି ଗଞ୍ଜେଇ ଏମ.ରାମପୁର ଥାନା ମୋହନଗିରିରୁ ଛତିଶଗଡକୁ ଚାଲାଣ ହେଉଥିଲା ବୋଲି ଅବକାରୀ ବିଭାଗଠାରୁ ସୂଚନା ମିଳିଛି। ଏହି ଚଢାଉରେ ଭବାନୀପାଟଣା ସଦର ରେଞ୍ଜ ଇନ୍‌ସପେକ୍ଟର ସୁଶାନ୍ତ ପ୍ରଧାନ,ଏମ୍.ରାମପୁର ଅବକାରୀ ଉପନିରୀକ୍ଷକ ଦେବାଶିଷ ସିର୍ଦ୍ଦର, ନର୍ଲା ଅବକାରୀ ଉପନିରୀକ୍ଷକ ପ୍ରଶାନ୍ତି ସ୍ୱାଇଁ ଓ ଭବାନୀପାଟଣା ସଦର ଉପନିରୀକ୍ଷକ ତିଲକରାମ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

# କୋକସରା ବ୍ଲକସ୍ତରୀୟ ସଂକୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତା ଚୟନ

କୋକସରା,୧୦।୬(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ମହାଭାରତ ପଡ଼ିଆଠାରେ ଶନିବାର କୋକସରା ବ୍ଲକସ୍ତରୀୟ ସଂକୀର୍ତ୍ତନ ମଣ୍ଡଳୀ କର୍ମକର୍ତ୍ତା ସଂଘ ଚୟନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀକୃଷ୍ଣ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଯୋଗ ଦେଇଥିବା କର୍ମକର୍ତ୍ତା ନିଜର ମତ ଉପସ୍ଥାପନ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀ ସଂଘ ଆଗକୁ ସଙ୍ଗଠିତ ହୋଇ କାର୍ଯ୍ୟ କରିବାକୁ ସମସ୍ତେ ମତ ଦେଇଥିଲେ। ଜିଲା ଜଗନ୍ନାଥ ଚେତନା ସଭାପତି ଦୁଷ୍ମନ୍ତ କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସର୍ବସମ୍ମତିକ୍ରମେ କୋକସରା ବ୍ଲକ ସଂକୀର୍ତ୍ତନ ସଂଘର ସଭାପତି ଭାବେ ସୁଶିଳ କୁମାର ପଣ୍ଡା, ଉପ ସଭାପତି ସୁନିଲ ପୁରୋହିତ, କାର୍ଯ୍ୟକାରୀ ସଭାପତି ଦୟାନିଧି ଭାଟି, ସମ୍ପାଦକ ବିଜୟ କୁମାର ପଣ୍ଡା, ସାଙ୍ଗଠନିକ ସମ୍ପାଦକ ପଙ୍କଜ ପୋଡ଼, କୋଷାଧକ୍ଷ ଗଜିନ୍ଦ୍ର ନାଗ ମନୋନୀତ ହୋଇଥିଲେ। ଏଥିରେ ଘନଶ୍ୟାମ ନାଏକ, ଯୁଗଳ କିଶୋର ବାଗ, ଲକ୍ଷ୍ମୀ ନାରାୟଣ ପଣ୍ଡା, ସାଧୁ ବେମାଲ, ସୁରେଶ କୁମାର ହଂସଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ପ୍ରାୟ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।


ଉପସ୍ଥିତ ସଂକୀର୍ତ୍ତନ ଦଳର ସଦସ୍ୟ।

# ହରେକୃଷ୍ଣପୁରକୁ ହରାଇ ଜଗନ୍ନାଥପୁର ଚାମ୍ପିୟନ

ଲାଞ୍ଜିଗଡ଼,୧୦।୬(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡସ୍ଥିତ ମାହେଶ୍ୱରୀ ପ୍ରସାଦ ଖେଳପଡିଆରେ ଲାଞ୍ଜିଗଡ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମାହେଶ୍ୱରୀ ପ୍ରସାଦ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ହରେକୃଷ୍ଣପୁରକୁ ହରାଇ ଜଗନ୍ନାଥପୁର ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ମ୍ୟାଚ ହରେକୃଷ୍ଣପୁର ଓ ଜଗନ୍ନାଥପୁର ଦଳ ମଧ୍ୟରେ ହୋଇଥିଲା। ଜଗନ୍ନାଥପୁର ଦଳ ପ୍ରଥମେ ଟସ ଜିତି ବେଟିଂ କରିଥିଲେ ଏବଂ ହରେକୃଷ୍ଣପୁର ଦଳକୁ ଫିଲଡିଂ କରିବାକୁ ଦେଇଥିଲେ। ଜଗନ୍ନାଥପୁର ଦଳ ୧୨ ଓଭର ୭ ଉଇକେଟ ବିନିମୟରେ ୧୧୭ ରନ କରିଥିବା ବେଳେ ଜବାବରେ ହରେକୃଷ୍ଣପୁର ଦଳ ୧୨ ଓଭରରେ ୯ ଉଇକେଟ ବିନିମୟରେ ୯୦ ରନ କରି ଜଗନ୍ନାଥପୁର ଦଳ ଠାରୁ ପରାଜୟ ହୋଇଥିଲେ। ଏହି ଉଦ୍‌ଯାପନୀ ଫାଇନାଲ ମ୍ୟାଚରେ ଜଗନ୍ନାଥପୁର ଦଳ ୨୭ ରନ୍‌ରେ ବିଜୟୀ ହୋଇଥିଲା। ଏହି ଉଦ୍‌ଯାପନୀ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ପୂର୍ବତନ ବିଧାୟକ ଶିବାଜୀ ମାଝୀ, ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ


ଲାଞ୍ଜିଗଡ଼ରେ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

**ମାହେଶ୍ୱରୀ ପ୍ରସାଦ ମେମୋରିଆଲ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ନାଏବ ସରପଞ୍ଚ ହରିକୃଷ୍ଣ ହରିଜନ, ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଙ୍ଗଦେଓ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ସମାଜସେବୀ ସୁବାସ ଅଗ୍ରୱାଲ, ସମିତି ସଭ୍ୟ ମନୋହର ହରପାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ଗତ ମାସ ୨୫ ତାରିଖଠାରୁ ଆରମ୍ଭ ହୋଇଥିଲା। ଏଥିରେ ୧୬ଟି ଦଳ ସାମିଲ ହୋଇଥିଲେ ବୋଲି ଲାଞ୍ଜିଗଡ କ୍ରିକେଟ କ୍ଲବ ତରଫରୁ ସୂଚନା ମିଳିଛି। ଏହି ଉଦଯାପନୀ ମ୍ୟାଚରେ ଧାରାବିବରଣୀ ମନୋଜ ଗୌଡ଼ ଏବଂ ସ୍କୋର ବୋର୍ଡ୍‌ରେ ଜଗଦାନନ୍ଦ ଗୌଡ଼ କାର୍ଯ୍ୟ ତୁଲାଇଥିବାବେଳେ ଖେଳ ପରିଚାଳନା ଶୁଭେନ୍ଦୁ ସିଂ ଏବଂ କିଶୋର ମୁଣ୍ଡଛିନା କରିଥିଲେ। ଏହି ମାହେଶ୍ୱରୀ ପ୍ରସାଦ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଲାଞ୍ଜିଗଡ କ୍ରିକେଟ କ୍ଲବ ପକ୍ଷରୁ ବିଜୟ ଗଉଡ଼, ମିଳନ ନାୟକ, ଶୁଭେନ୍ଦୁ ସିଂ, ଅଶିନୀ ତାଣ୍ଡି, ସୋନୁ ନାଏକ, ଆକାଶ ଛତ୍ରିଆ, ଅନୁରାଗ ହରିଜନ, ଡ଼ମ୍ବୁରୁ ମାଝୀ, କାର୍ତ୍ତି ମାଝୀ, ଶିବା ପ୍ରଧାନୀ ଓ ଲାଞ୍ଜିଗଡ କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଜୁଳିର ଲୁଚକାଳି ଖେଳ, ଲୋକେ ହନ୍ତସନ୍ତ

ତରଭା,୧୦।୬(ଡି.ଏନ.ଏ.): ବର୍ତ୍ତମାନ ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଛି। ଏଭଳି ପରିସ୍ଥିତିରେ ସୁବର୍ଣ୍ଣପୁର ଜିଲାର ତରଭା ଅଞ୍ଚଳରେ ବିଦ୍ୟୁତ୍‌ର ଲୁଚକାଳି ଖେଳ ଲୋକଙ୍କ ଚିନ୍ତାର କାରଣ ହୋଇଛି। ଗତ କିଛି ଦିନ ହେଲା ଦ୍ୱିପ୍ରହର ସମୟରେ ପ୍ରତି ପନ୍ଦର କୋଡ଼ିଏ ମିନିଟ ବ୍ୟବଧାନରେ ବିଦ୍ୟୁତ ସରବରାହ ବନ୍ଦ ହୋଇ ପୁଣି କିଛି ସମୟ ପରେ ସ୍ୱାଭାବିକ ହେଉଛି। ଏଭଳି ଲଗାତାର ହେଉଥିବାରୁ ଲୋକେ ନା ଘରେ ରହି ପାରୁଛନ୍ତି ନା ପ୍ରଚଣ୍ଡ ଖରାରେ ପଦାକୁ ବାହାରି ପାରୁଛନ୍ତି। ଫଳରେ ଲୋକେ ଡହଳ ବିକଳ ଅବସ୍ଥାରେ ରହୁଛନ୍ତି। ବିଶେଷ କରି ଛୋଟ ଛୁଆ ଓ ବୃଦ୍ଧାବୃଦ୍ଧ କଲବଲ ହେଉଛନ୍ତି। ବିଭାଗୀୟ କର୍ମଚାରୀମାନେ ବିଦ୍ୟୁତ ବିଲ୍ ଆଦାୟ ସମୟରେ ଜୋରଜୁଲମ କରୁଥିବା ବେଳେ ଘନ ଘନ ବିଦ୍ୟୁତ କାଟ ଜନ ଅସନ୍ତୋଷର କାରଣ ହୋଇଛି। ଦିନ ତମାମ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ପାନୀୟ ଜଳ ଯୋଗାଣରେ ମଧ ସମସ୍ୟା ହେଉଛି। ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଆଇନଜୀବୀ ପ୍ରହ୍ଲାଦ ନନ୍ଦଙ୍କ ପରଲୋକ

ସୋନପୁର,୧୦।୬(ନି.ପ୍ର.): ସୁବର୍ଣ୍ଣପୁରର ବରିଷ୍ଠ ଆଇନଜୀବୀ ପ୍ରହ୍ଲାଦ ନନ୍ଦଙ୍କ



ରାୟଗୁରୁପୁଡାସ୍ଥିତ ବାସଭବନରେ ଶନିବାର ଅପରାହ୍ନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ନନ୍ଦ ବିନିକାର ପ୍ରଥମ ବିଧାୟକ ଡ. ଅନ୍ତରାମ ନନ୍ଦଙ୍କ ପୁଅ। ଜଣେ ଦକ୍ଷ ଆଇନଜ୍ଞ ଓ ସରଳ ବ୍ୟକ୍ତି ଭାବେ ସେ ବେଶ ଖ୍ୟାତି ଅର୍ଜନ କରିଥିଲେ। ୧୯୭୩ ମସିହାରେ ସୋନପୁର ଟ୍ରଷ୍ଟ ଫଣ୍ଡ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁରେ ସୁବର୍ଣ୍ଣପୁର ଜିଲାରେ ଶୋକର ଛାୟା ଖେଳିଯାଇଛି। ପ୍ରହ୍ଲାଦଙ୍କ ମୃତ୍ୟୁ ସମୟରେ ସ୍ତ୍ରୀ ସନ୍ୟାସିନୀ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସୁବର୍ଣ୍ଣପୁର ଓକିଲ ସଂଘର ସଭାପତି ବିଧାନ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ଓକିଲ ସଂଘର ସମସ୍ତ ବରିଷ୍ଠ ସଦସ୍ୟ ହରିନାରାୟଣ ତ୍ରିପାଠୀ, ଇନ୍ଦ୍ରମଣି ଦାଶ, ଦଶରଥ ମହାରଣା, ଅରବିନ୍ଦ ପୂଜାହାରୀ, ବୁଦ୍ଧିଜୀବୀ ସ୍ୱର୍ଗତ ନନ୍ଦଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରାମେଶ୍ୱର ଶ୍ମଶାନରେ ନନ୍ଦଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ଗୋଚର ଜମିରେ ବେଆଇନ ଖନନ

**ବେଆଇନ ଖନନ ବନ୍ଦ କରିବାକୁ ତହସିଲଦାରଙ୍କ ଦ୍ୱାରସ୍ଥ**

ଅମରପାଲି,୧୦।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ମୁର୍ଷୁଣି ରାଜସ୍ୱ ନିରୀକ୍ଷକ ସର୍କଲ ମୁଣ୍ଡିଦମକରେ ବେଆଇନ ଖନନ ହେଉଥିବା ଅଭିଯୋଗ ହୋଇଛି। ସରକାରୀ ଜମିରୁ ଖନନକୁ ବିରୋଧ କରି ଏହାକୁ ବନ୍ଦ କରିବାକୁ ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବୀରମହାରାଜପୁର ତହସିଲର ବିଭିନ୍ନ ମୌଜାରେ ସରକାରୀ ଜମିରେ ବେଆଇନ ଖନନ ହେଉଥିବା ବେଳେ ପ୍ରଶାସନ ଏଥିପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି। ଜଟେସିଙ୍ଘା ପଞ୍ଚାୟତର ମୁଣ୍ଡିଦମକ ମୌଜାର ଖାତା ନମ୍ବର ୪୧୨ର ପ୍ଲଟ ନମ୍ବର ୬ରେ ଗୋଚର କିସମରେ ଥିବା ୮ ଏକର ୩୮୦ ଡିସମିଲ ପରିମିତ ଜମି ଉପରୁ ଜେସିବି ଲଗାଇ କେତେଜଣ ମୁଷ୍ଟିମେୟ ଲୋକ ସେଠାରେ ମାଟି ଖନନ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏନେଇ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗୋଚର ଜମିରେ ଖନନ ଯୋଗୁ ଗ୍ରାମରେ ଥିବା ଗୃହପାଳିତ ପଶୁ ଚରିବାରେ ଘୋର ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ଏଣୁ ବେଆଇନ ଖନନ ବନ୍ଦ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାର ବିବୁଧ ଗଣନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ନଦୀରେ କମିଛି ପାଣି, କମୁଛି ମାଛ ବଂଶ

**■ସପନ ପାଲଟିଛି ଚିଙ୍ଗୁଡି**

**■ମହାନଦୀରେ ଛୋଟ ଛୋଟ ଆନିକଟ କରି ପାଣି ଗଚ୍ଛିତ ରଖାଯାଉ**

ବୌଦ୍ଧ,୧୦।୬(ସ୍ୱ.ପ୍ର.): ବୌଦ୍ଧ ଜିଲା ଦେଇ ଚିରସ୍ରୋତା ମହାନଦୀ ପ୍ରବାହିତ। ଏହାଛଡା ତେଲନଦୀ, ବାଘନଦୀ, ସାଲୁଙ୍କି ନଦୀ ପ୍ରବାହିତ ହେଉଥିବାରୁ ଦିନ ଥିଲା ପ୍ରଚୁର ପରିମାଣରେ ମତ୍ସ୍ୟ ସମ୍ପଦ ଭରି ରହିଥିଲା। ବର୍ତ୍ତମାନ ଆଉ ସେହି ନଦୀଗୁଡିକରେ ବିଭିନ୍ନ ପ୍ରଜାତିର ମାଛ ଦେଖିବାକୁ ମିଳୁ ନାହିଁ। ଏକଦା ବୌଦ୍ଧରେ ମହାନଦୀ ମାଛର ଚାହିଦା ବହୁ ଉଚ୍ଚରେ ରହିଥିଲା। ମାଛ ମାରି ବହୁ ପରିବାର ନିଜ ପରିବାର ପୋଷଣ କରି ଆସୁଥିଲେ। ଏହି କାରଣରୁ ମହାନଦୀ କୂଳରେ ମତ୍ସ୍ୟଜୀବ ବସ୍ତି ମଧ ଗଢି ଉଠିଛି। ମହାନଦୀ ମାଛର ସ୍ୱାଦ ଭଲ ହୋଇଥିବାରୁ ଏହାର ଚାହିଦା ବଜାରରେ ସବୁବେଳେ ରହିଛି। ହେଲେ ଦିନକୁ ଦିନ ମାଛ ବଂଶ ଶେଷ ହେବାକୁ ବସିଲାଣି। ଓଡିଶାର ଜୀବନରେଖା କୁହାଯାଉଥିବା ମହାନଦୀ ବୌଦ୍ଧ ଜିଲାରେ ୧୧୦ କିଲୋମିଟର ପର୍ଯ୍ୟନ୍ତ ଅର୍ଥାତ୍ କନ୍ଧମାଳ ବ୍ଲକର ମନମୁଣ୍ଡାଠାରୁ ହରଭଙ୍ଗା ବ୍ଲକର ମାରଡା ଯାଏ ବୋହି ଯାଇଛି। କିନ୍ତୁ ଏବେ ଆଉ ନଦୀରେ ପାଣି ପ୍ରବାହ ସେତେଟା ନ ଥିବାରୁ କାଁ ଭାଁ ମାଛ ମିଳୁଥିବା ବେଳେ ଚିଙ୍ଗୁଡି ସ୍ୱପ୍ନ ପାଲଟିଛି। ଦିନ ଥିଲା ମହାନଦୀର ମାଛ ଓ ଚିଙ୍ଗୁଡିର ଚାହିଦା ସାରା ରାଜ୍ୟରେ



ବୌଦ୍ଧ ଜିଲା ଦେଇ ପ୍ରବାହିତ ମହାନଦୀ।

ରହିଥିଲା। ବୌଦ୍ଧକୁ ଯିଏ ଆସୁଥିଲେ ସେ ପ୍ରଥମେ ଚିଙ୍ଗୁଡି ଖାଇବାକୁ ଅଧିକ ପସନ୍ଦ କରିଥାଏ। ଜିଲାରୁ ମାଛ ଓ ଚିଙ୍ଗୁଡି ରାଜ୍ୟର ବିଭିନ୍ନ ସ୍ଥାନ ଓ ରାଜ୍ୟ ବାହାରକୁ ଯାଉଥିଲା। ଏହା ଏବେ ସ୍ୱପ୍ନ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ନଦୀରେ ଯାହା ବି ପାଣି ରହୁଛି ସେଥିରେ ଡିନାମାଇଟ ପକାଇ ମାଛ ମାରୁଥିବା ତଥା ବିଭିନ୍ନ ପ୍ରକାର କୀଟନାଶକ ଔଷଧ ନଦୀ ପାଣିରେ ପକାଇ ମାଛ ମାରୁଥିବା ଯୋଗୁ ମାଛ ବଂଶ ଧୀରେ ଧୀରେ ଲୋପ ହୋଇଯାଉଛି। ସେହିପରି ଉପର ମୁଣ୍ଡରେ ବହୁ ସଂଖ୍ୟାରେ ବ୍ୟାରେଜ ନିର୍ମାଣ ଯୋଗୁ ପାଣି ଆସିପାରୁ ନ ଥିବାରୁ ମାଛ ବଂଶ ବୃଦ୍ଧି ହୋଇପାରୁନାହିଁ। ଜିଲାରେ ବର୍ଷା ଦିନେ ଗୋଳିଆ ପାଣି ଯୋଗୁ ମହାନଦୀରେ ମାଛ ମିଳୁଥିବା ବେଳେ ସେତେଟା ଚିଙ୍ଗୁଡି ମିଳି ପାରୁନାହିଁ। ଅସଦ୍ ଉପାୟରେ ମାଛ ମରାଯାଉଥିବାରୁ ମାଛ ବଂଶ ଲୋପ ପାଇବାକୁ ବସିଥିବା ବେଳେ ମହାନଦୀରେ ପାଣି ପ୍ରବାହ ଭଲ ନ ଥିବାରୁ ମତ୍ସ୍ୟଜୀବୀ ଆଉ ଜାଲ ଦ୍ୱାରା ମାଛ ଧରି ପାରୁନାହିଁ। ଡିନାମାଇଟ ପକାଇବା ଫଳରେ ବଡ ମାଛ ସହିତ ଛୋଟ ଛୋଟ ମାଛ ମରି ଯାଉଛି। ଯାହାକି ମାଛ ବଂଶ ଲୋପ ପାଇବାର ପ୍ରମୁଖ କାରଣ। ସେହିପରି ନଦୀ ଜଳରେ କୀଟନାଶକ ଔଷଧ ପକାଇବା ଫଳରେ ପାଣି ବିଷାକ୍ତ ହେବା ସହ ମାଛର ଗୁଣବତ୍ତା କମିଯାଉଛି। ପୂର୍ବପରି ନଦୀରୁ ମାଛ ପଡୁ ନ ଥିବାରୁ ବହୁ ମତ୍ସ୍ୟଜୀବୀ ପରିବାର ନିଜ କୌଳିକ ବୃତ୍ତି ଛାଡି କାମଧନ୍ଦା ଅନ୍ୱେଷଣରେ ରାଜ୍ୟ ବାହାରକୁ ଚାଲିଯିବା ଦେଖିବାକୁ ମିଳୁଛି। ଜିଲାରେ ମୁଖ୍ୟତଃ କେଉଟ, ଧୀବର, ଗିଙ୍ଗିରା, ଝରା ସଂପ୍ରଦାୟର ଲୋକମାନେ ମାଛ ମାରି ଜୀବିକା ନିର୍ବାହ କରିଥାନ୍ତି। ଅନେକ ମତ୍ସ୍ୟଜୀବୀ ପରିବାରର ପୁରୁଷ ମାଛ ମାରି ଆଣୁଥିବା ବେଳେ ମହିଳା ସେହି ମାଛଗୁଡିକୁ ବଜାରକୁ ବିକ୍ରି ପାଇଁ ଆଣିଥାନ୍ତି। ଆଗେ ମହାନଦୀରେ ଚିଙ୍ଗୁଡି ସହିତ ରୋହି ,ଭାକୁର, ମାଗୁର, ମାଟିରି, ଖଇଙ୍ଗା, ବୁଦ, ଜର୍‌ଡା, କୁକିଆ, ଟେଙ୍ଗିଣି, ଜଲଙ୍ଗ ଆଦି ପ୍ରଜାତିର ମାଛ ବହୁଳ ଭାବରେ ମିଳୁଥିବା ବେଳେ ଏବେ ଆଉ ସେସବୁ ମାଛ ମିଳୁନାହିଁ। ସରକାର ମତ୍ସ୍ୟ ସଂପଦର ସୁରକ୍ଷା ଓ ମତ୍ସ୍ୟଜୀବୀମାନଙ୍କ ପାଇଁ ବିଭିନ୍ନ ଯୋଜନା କରିଥିବା କହୁଥିଲେ ମଧ୍ୟ ଏହାର ସୁଫଳ ମିଳି ପାରୁନାହିଁ। ଯଦି ସରକାର ମହାନଦୀରେ ଛୋଟ ଛୋଟ ଆନିକଟ କରି ପାଣିକୁ ଗଚ୍ଛିତ ରଖିବା ବ୍ୟବସ୍ଥା କରନ୍ତେ, ତେବେ ପୁଣି ମାଛ ବୃଦ୍ଧି ପାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏହାଛଡା ଅସଦ୍ ଉପାୟରେ ମାଛ ମରାଯିବା ପ୍ରକ୍ରିୟାରେ ଯେପରି ରୋକ୍ ଲାଗିବ ସେ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ଅସହାୟ ମହିଳାଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

ବୌଦ୍ଧ,୧୦।୬(ସ୍ୱ.ପ୍ର.): ବୌଦ୍ଧ ବୁଟୁପାଲିସ୍ଥିତ ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି ପକ୍ଷରୁ ଶନିବାର ଜଣେ ଅସହାୟ ମହିଳାଙ୍କ ଶବ ସତ୍କାର କରାଯାଇଛି। ସେ ହେଲେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଉଲୁଥୁପତକା ଗ୍ରାମର ଦୁହିତା ବେହେରା (୬୦)। ଦୁହିତା ରାମ୍ଭିକଟା ଗ୍ରାମରେ ଥିବା ସଂପର୍କୀୟ ଘରକୁ କୌଣସି କାମରେ ଆସିଥିଲେ। ଶୁକ୍ରବାର ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପାଖରେ ଝିଅ ଅନୁ ବେହେରା ଓ ସଂପର୍କୀୟ ଉପାସୀ ବେହେରାଙ୍କ ଛଡା କେହି ନ ଥିଲେ। ଫଳରେ ସେମାନେ ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତିକୁ ଲିଖିତ ଭାବେ ଜଣାଇବାରୁ ସଂଗଠନର ସଂଯୋଜକ ରାମଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ସନ୍ତୋଷ ମେହେର, ରମେଶ ପ୍ରଧାନ, କ୍ରିଷ୍ଣା ମେହେର, ନରସିଂହ ପାଳ, ଅରୁଣ ମେହେର, ମଦନ ମୋହନ ପ୍ରଧାନ, ବିକାଶ ମେହେର, ଇନ୍ଦ୍ରମଣି ମେହେର ଓ ସଭାପତି ମିନୁ ପ୍ରସାଦ ମିଶ୍ରଙ୍କ ମିଳିତ ଉଦ୍ୟମରେ ବୌଦ୍ଧ ରାଜଘାଟ ଠାରେ ଶବ ସତ୍କାର କରାଯାଇଥିଲା। ଝିଅ ଅନୁ ମୁଖାଗ୍ନି ଦେଇଥିଲେ।

# ଅଞ୍ଚଳର ବିକାଶରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବୀରମହାରାଜପୁରରେ ସାମ୍ବାଦିକଙ୍କ ବନ୍ଧୁମିଳନ**

ଅମରପାଲି,୧୦।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ବାଗବର ଆମ୍ବତୋଟାରେ ସାମ୍ବାଦିକଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ତିନି ବ୍ଲକର ସାମ୍ବାଦିକମାନେ ଯୋଗ ଦେଇଥିଲେ। ଏହି ଅବସରରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ନିଜ ବକ୍ତବ୍ୟରେ ଅଞ୍ଚଳର ସାମ୍ବାଦିକମାନଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। ସାମ୍ବାଦିକମାନେ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ। ଅଞ୍ଚଳରେ ହେଉଥିବା ଦୁର୍ନୀତି ଲୋକଲୋଚନକୁ ଆଣିବା ସହିତ ବିଭିନ୍ନ କ୍ଷେତ୍ରରେ ହେଉଥିବା ସଫଳତା ସମ୍ପର୍କରେ ଯେପରି ଲୋକେ ଜାଣିବେ ସେ ସମ୍ପର୍କରେ ଗୁରୁତ୍ୱ ଦେବାକୁ କହିଥିଲେ। ଅଞ୍ଚଳର ବିକାଶରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ବୀରମହାରାଜପୁର ନିର୍ବାଚନମଣ୍ଡଳୀର ବିନିକା, ଉଲୁଣ୍ଡା ଏବଂ



ସାମ୍ବାଦିକଙ୍କ ବନ୍ଧୁମିଳନ।

ବୀରମହାରାଜପୁର ବ୍ଲକରେ କାର୍ଯ୍ୟରତ ଉଭୟ ଇଲୋକ୍ଟ୍ରୋନିକ୍ସ ଏବଂ ପ୍ରିଣ୍ଟ ମିଡିଆର ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମ୍ବାଦିକମାନେ ନିଜ ନିଜ ମତ ପ୍ରଦାନ କରିଥିଲେ। ଏହି ଅବସରରେ ନିମନ୍ତ୍ରିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସର୍ବପ୍ରଥମେ ଉପଢୌକନ ଦେଇ ବ୍ଲକ ଉପାଧ୍ୟକ୍ଷ ସମ୍ବର୍ଦ୍ଧିତ କରିଥିଲେ। ପରେ ବୀରମହାରାଜପୁର ନିର୍ବାଚନମଣ୍ଡଳୀର ସାମଗ୍ରିକ ଉନ୍ନତି ପାଇଁ ସାମ୍ବାଦିକଙ୍କ କର୍ତ୍ତବ୍ୟକୁ ପ୍ରଂଶସା କରିଥିଲେ। ଏହି ଅବସରରେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ସେ ବୀରମହାରାଜପୁର ନିର୍ବାଚନମଣ୍ଡଳୀରେ ବିଜେଡିରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଦଳ ପାଖରେ ଆବେଦନ କରିବେ ବୋଲି କହିବା ସହ ସେନେଇ ସାମ୍ବାଦିକମାନେ ସହଯୋଗର ହାତ ବଢାଇବାକୁ ଅନୁରୋଧ କରିଥିଲେ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୩୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ।

## ବାଲ୍ୟ ବିବାହକୁ ରୋକିଲା ଚାଇଲ୍ଡ ଲାଇନ

ବୌଦ୍ଧ,୧୦।୬(ସ୍ୱ.ପ୍ର.): ବୌଦ୍ଧ ଜିଲା ମୁଣ୍ଡାପଡା ଗ୍ରାମ ପଞ୍ଚାୟତ ଅଧୀନ ବଡମାଳ ଗ୍ରାମରେ ଏକ ବାଲ୍ୟବିବାହକୁ ଚାଇଲଡ ଲାଇନ ପକ୍ଷରୁ ରୋକା ଯାଇଥିବା ଜଣାପଡିଛି। ସୂଚନା ମୁତାବକ, ବଡମାଳ ଗ୍ରାମର ଜଣେ ୧୭ ବର୍ଷୀୟା ନାବାଳିକାର ବିବାହ ଅନୁଗୋଳ ଜିଲା ଆଠମଲିକ ଅଞ୍ଚଳରେ ରବିବାର ଦିନ ହେବାକୁ ସ୍ଥିର ହୋଇଥିଲା। ଖବର ପାଇ ଚାଇଲ୍ଡ ଲାଇନର କର୍ମକର୍ତ୍ତା ଗତ ଶୁକ୍ରବାର ଦିନ ବଡମାଳ ଗ୍ରାମକୁ ଯାଇ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରି ଶନିବାର ଦିନ ବୌଦ୍ଧ ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲେ। ଶିଶୁ ମଙ୍ଗଳ ସମିତି ପକ୍ଷରୁ ଦଶମ ପାସ୍ କରିଥିବା ଏହି ନାବାଳିକାଙ୍କୁ ରାମକୃଷ୍ଣ ବାଳାଶ୍ରମ ନିଆଯାଇ ରଖାଯାଇଥିଲା। ଯଦି ସେ ପାଠ ପଢିବାକୁ ଆଗ୍ରହୀ ତେବେ ଶିଶୁମଙ୍ଗଳ ସମିତି ପକ୍ଷରୁ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦାମୋଦର ସାହୁ ପ୍ରକାଶ କରିଥିଲେ।

# ଅଂଶୁଘାତ ପୀଡ଼ିତାଙ୍କୁ ଡାକ୍ତରଖାନା ନେଲେ ବ୍ଲକ ଉପାଧ୍ୟକ୍ଷ

ଅମରପାଲି,୧୦।୬(ଡି.ଏନ.ଏ.): ମହାନତା ଦେଖାଇଲେ ବ୍ଲକ ଉପାଧ୍ୟକ୍ଷ। ନିଜ ଗାଡିରେ ରାସ୍ତା କଡରୁ ଅଂଶୁଘାତ ପୀଡିତାଙ୍କୁ ଉଠାଇ ପହଞ୍ଚାଇଲେ ଡାକ୍ତରଖାନାରେ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ଦେଖାଇଛନ୍ତି ଏଭଳି ମାନବିକତା। ଶନିବାର ଅପରାହ୍ନରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା କୌଣସି ଏକ କାମ ସାରି ସୁବଳୟାରୁ ବୀରମହାରାଜପୁର ରାସ୍ତାରେ ଫେରୁଥିବା ସମୟରେ ଜଟେସିଂହା ସେତୁ ନିକଟରେ ରାସ୍ତା କଡରେ ଜଣେ ମହିଳା ଅଚେତ ହୋଇ ପଡିଥିବା ଦେଖିବାକୁ ପାଇଥିଲେ। ନାରାୟଣ ତୁରନ୍ତ ଗାଡିରୁ ଓହ୍ଲାଇ ତାଙ୍କୁ ନିଜ ଗାଡିରେ ବସାଇ ବୀରମହାରାଜପୁର ଡାକ୍ତରଖାନା ନେଇ ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ଅଂଶୁଘାତ ପୀଡିତା ଜଣକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ସେ ଉଲୁଣ୍ଡା ବ୍ଲକ ନାକଡେଇଁ ଗ୍ରାମର ବୋଲି ଜଣାପଡିଛି। ବଡଖମାର ଗାଁକୁ ତାଙ୍କ ସମ୍ପର୍କୀୟଙ୍କ ସହ ଏକ ବ୍ରତ ଘର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିବା ବେଳେ ପ୍ରଚଣ୍ଡ ରୌଦ୍ରତାପରେ ସେ ଅଂଶୁଘାତରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି।




ଅଂଶୁଘାତ ପୀଡ଼ିତାଙ୍କୁ ଡାକ୍ତରଖାନା ଆଣୁଛନ୍ତି ବ୍ଲକ ଉପାଧ୍ୟକ୍ଷ।



ରଥ ଶୁଭାରମ୍ଭ ଅବସରରେ ବୀରମହାରାଜପୁରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

## କୃଷି ସଚେତନତା ରଥ ଶୁଭାରମ୍ଭ

ଅମରପାଲି,୧୦।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଲ ଗ୍ରାମ ପଞ୍ଚାୟତ ମୁଖ୍ୟାଳୟଠାରୁ କୃଷି ସଚେତନତା ରଥର ଶୁଭାରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ବିଭିନ୍ନ କୃଷି ସହାୟତା, କୃଷି ଯନ୍ତ୍ରପାତି କ୍ଷେତ୍ରରେ ଚାଷୀଙ୍କୁ ସବ୍‌ସିଡି, ସମନ୍ୱିତ କୃଷି ପାଇଁ ଫୁଲ ଚାଷ, ବତକ, କୁକୁଡ଼ା, ଗାଈ, ଛେଳି ଚାଷ ପାଇଁ ସହାୟତା ପ୍ରଦାନ ପ୍ରଭୃତି ବିଷୟରେ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ସନ୍ଧ୍ୟାଶ୍ରୀ ଭୂୟାଁ, ଆତ୍ମାର ପୂର୍ବତନ ସଦସ୍ୟ କିଶୋର ହୋତା, କୃଷକ ସାଥୀ ସଞ୍ଜୟ ନେଗୀ ପ୍ରମୁଖ ଯୋଗ ଦେଇଥିଲେ। ଚମ୍ପାମାଲ ପରେ ହିଲୁଙ୍ଗ ଏବଂ ଉପ୍ଫୁଲା ଗ୍ରାମ ପଞ୍ଚାୟତରେ କୃଷି ସଚେତନତା ରଥ ପରିକ୍ରମା କରିଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଭିନ୍ନ ସମସ୍ୟା ନେଇ ପ୍ରଶାସନ ସହ ଆଲୋଚନା କଲା ନାଗରିକ କମିଟି

ବୌଦ୍ଧ,୧୦।୬(ସ୍ୱ.ପ୍ର.): ବୌଦ୍ଧ ଜିଲା ନାଗରିକ କମିଟି ପକ୍ଷରୁ ଏକ ତିନିଜଣିଆ ପ୍ରତିନିଧି ମଣ୍ଡଳୀ ସମ୍ପାଦକ ବିଶେଶ୍ୱର ପୃଷ୍ଟିଙ୍କ ନେତୃତ୍ୱରେ ଜିଲାବାସୀଙ୍କ ବିଭିନ୍ନ ସମସ୍ୟା ନେଇ ପ୍ରଶାସନ ସହ ଶନିବାର ଦିନ ଆଲୋଚନା କରିଛନ୍ତି। ନାଗରିକ କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକ୍ରମେ ଏହି ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ରଙ୍କୁ ସାକ୍ଷାତ କରି ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ନୈରାଶ୍ୟଜନକ ଫଳ ନେଇ ଉଦବେଗ ପ୍ରକାଶ କରିଥିଲେ। ଏଥିସହିତ ପିଜି ପାଠ୍ୟକ୍ରମ ଖୋଲାଯିବା, ବିସିଏ, ଡିସିଏ ଓ ଆଇଟି ଆଦି ପାଠ୍ୟକ୍ରମ ଖୋଲାଯିବା ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲାପାଳ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲାପାଳ, ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ନାଗରିକ କମିଟିର ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ କରାଯିବା ସଂପର୍କରେ ଅତିରିକ୍ତ ଜିଲାପାଳ ପାତ୍ର ପ୍ରତିନିଧି ମଣ୍ଡଳୀଙ୍କୁ ଜଣାଇଥିଲେ। ବୈଠକରେ ଗୃହୀତ ପ୍ରସ୍ତାବ ଅନୁଯାୟୀ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଥମେ ବୌଦ୍ଧ ସହରବାସୀଙ୍କୁ ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବା ପରେ ପାନୀୟଜଳ ଯୋଗାଣ ପାଇଁ ମିଟର ସଂଯୋଗ କରାଯିବାକୁ ଏକ ଦାବିପତ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ,ସଚିବ ଓ ୫ ଟି ସଚିବଙ୍କୁ ପ୍ରେରଣ କରାଯାଇଛି। ପାନୀୟଜଳରେ ମିଟର ସଂଯୋଗ ପୂର୍ବରୁ ଖାଉଟିମାନଙ୍କୁ ଏହାର କାର୍ଯ୍ୟକାରିତା ନେଇ ସଚେତନ କରାଯିବାକୁ ଦାବି କରାଯାଇଛି। ସେହିପରି ବୌଦ୍ଧ ଏନଏସିକୁ ପୌର ପରିଷଦର ମାନ୍ୟତା ପ୍ରଦାନ କରିବା ନିମନ୍ତେ ପ୍ରଶାସନିକ ପଦକ୍ଷେପ ଓ ତୁରନ୍ତ ଘୋଷଣା ଦାବିରେ ଜିଲାପାଳ ବୌଦ୍ଧ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ, ସଚିବ ଓ ୫ ଟି ସଚିବଙ୍କୁ ଦାବିପତ୍ର ପ୍ରେରଣ କରାଯାଇଛି। ଏହି ସାକ୍ଷାତ ଆଲୋଚନା ସମୟରେ ନାଗରିକ କମିଟି ପକ୍ଷରୁ ସତ୍ୟ ନାରାୟଣ ପାଣି, ଆଶୁତୋଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ସିଦ୍ଧିକ୍ଷାକୁ ହରାଇ ବାଦୀ ବ୍ରଦର୍ସ ଚାମ୍ପିୟନ

**ବିପିଏଲ ସିଜନ-୩ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ବିନିକା,୧୦।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟସ କ୍ଲବ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଦୀର୍ଘ ଏକ ମାସ ଧରି ଆଇପିଏଲ ଢାଞ୍ଚାରେ ଚାଲିଥିବା ବିପିଏଲ ସିଜନ-୩ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସିଦ୍ଧିକ୍ଷାକୁ ହରାଇ ବାଦୀ ବ୍ରଦର୍ସ ଚଳିତବର୍ଷ ବିପିଏଲ ଚାମ୍ପିୟନ ହୋଇଛି। ଟସ୍ ଜିଣି ବାଦୀ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ହରାଇ ୯୪ରନ କରିଥିଲା। ତାର ଜବାବରେ ସିଦ୍ଧିକ୍ଷା ଇଲେଭେନ ସମସ୍ତ ଉଇକେଟ ହରାଇ ୧୦ ଓଭରରେ ୬୯ରନ କରି ପରାଜିତ ହୋଇଥିଲା। ମ୍ୟାଚକୁ ବିନୋଦ ପାତ୍ର ଓ ରଞ୍ଜିତ ପଣ୍ଡା ପରିଚାଳନା କରିଥିଲେ। ସ୍କୋରର ଭାବେ ହାଡୁ ବଢେଇ, ସରୋଜ ମହାନ୍ତି ଓ ମ୍ୟାଚର ଧାରା ବିବରଣୀ ମାନସ ଦାଶ, ଭବାନୀ ଶଙ୍କର ଜଗଦଲା ପ୍ରଦାନ କରିଥିଲେ। ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ବେହେରା




ମଞ୍ଚାସୀନ ଅତିଥି।

ଷ୍ଟାଡିୟମର ଉନ୍ନତି ପାଇଁ ୨୧ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଥିବା ପ୍ରକାଶ କରିଥିଲେ। ଏଥିସହ ଷ୍ଟାଡିୟମ ପାଇଁ ଯାହା ଆବଶ୍ୟକ ହେବ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ, ବିନିକା ସେବା ସମବାୟ ସମିତି ସଭାପତି ଆନନ୍ଦ ବାବୁ, ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖୀରାମ ନାଏକ, ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘର ପୂର୍ବତନ ସଭାପତି ପଠାଣ ପଣ୍ଡା, ବିନିକା ବଣିକ ସଂଘ ସଭାପତି ଅଶିନୀ କୁମାର ସୁବୁଦ୍ଧି, ଯୁବ ଉଦ୍ୟୋଗୀ ସୁଜିତ କୁମାର ବଡ଼ପଣ୍ଡା, ରଘୁନନ୍ଦନ ସିଂ ପ୍ରମୁଖ ଯୋଗଦେଇ ଥିଲେ। ବେଷ୍ଟ ଫିଲଡର ଭାବେ ଆଶୁତୋଷ ଦାଶ, ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ ଦି ମ୍ୟାଚ ରିଣ୍ଟୁ ମେହେର, ବେଷ୍ଟ ବୋଲର/ମ୍ୟାନ ଅଫ ଦି ସିରିଜ କିରଣ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ବିଜେତା ଦଳ ବାଦୀକୁ ନଗଦ ୨୦ହଜାର ସହ ଟ୍ରଫି ଓ ଉପ ବିଜେତା ଦଳ ସିଦ୍ଧିକ୍ଷାକୁ ନଗଦ ୧୦ହଜାର ସହ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ସେହିପରି ବେଷ୍ଟ ଅମ୍ପାୟାର ଭାବେ ବିନୋଦ ପାତ୍ର, ରଞ୍ଜିତ ପଣ୍ଡା, ପ୍ରଦୀପ ମହାଲିଙ୍ଗ, ସବ୍ୟସାଚୀ ମିଶ୍ର, ବେଷ୍ଟ ସ୍କୋରର ଭାବେ ଆଲୋକ ସେଠୀ, ହାଡୁ ବଢେଇଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଦର୍ଶକ ଓ କ୍ରୀଡାପ୍ରେମୀ ଶାନ୍ତିଶୃଙ୍ଖଳା ସହିତ ମ୍ୟାଚ ଉପଭୋଗ କରିଥିବାରୁ ଆୟୋଜକ ସ୍ପୋର୍ଟସ କ୍ଲବ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ହେମଗିର,୧୦ା୬(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ହେମଗିର ଥାନାସ୍ଥିତ ବୁରଦରହ ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହିଗ୍ରାମର ରଜତ କିଶାନ(୨୩)। ମିଳିଥିବା ସୂଚନା ଅନୁଯାୟୀ ରଜତ ଓ ପୁଅ ଶୁଭମ ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ଜାଣିବା ପରେ ଉଭୟଙ୍କୁ ପ୍ରଥମେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ସୁନ୍ଦରଗଡ଼କୁ ପଠାଯାଇଥିଲା। ସେଠାରେ ରଜତଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଶଭୁମଙ୍କ ଅଧିକ ଚିକିତ୍ସା ପାଇଁ ବୁର୍ଲା ପଠାଯାଇଛି।

### ସଡ଼କ ଦୁର୍ଘଟଣାରେ ୨ ଆହତ

**ବଡ଼ଗାଁ, ୧୦ା୬(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗରିଆମାଲ ଗାଁ ନିକଟ ରାଜ୍ୟ ରାଜପଥରେ ସଡ଼କ ଦୁର୍ଘଟଣାରେ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଥାନା ଡ୍ରାଇଭର ସାବିଆସ ଏକା ଓ ତାଙ୍କ ଶଶୁର ପାଉଲୁସ। ଉଭୟଙ୍କୁ ବଡ଼ଗାଁ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସାବିଆସଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଶନିବାର ସକାଳୁ ଲେଲେପଡ଼ା ଗ୍ରାମର ସାବିଆସି ଓ ତାଙ୍କ ଶଶୁର ପାଉଲୁସ କୌଣସି କାମରେ ସ୍କୁଟି ଯୋଗେ ବଡ଼ଗାଁକୁ ଆସିଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ହଠାତ୍ ବଳଦଆଗରେ ପଶିଯାଇଥିଲେ। ଫଳରେ ଉଭୟେ ସ୍କୁଟିରୁ ପଡ଼ିଯାଇଥିଲେ।

### ବନପୋଷରେ ଜଳୁନି ଷ୍ଟ୍ରିଟ୍ ଲାଇଟ୍

**ରାଉରକେଲା ଅଫିସ,୧୦ା୬:** ରାଉରକେଲା ଆର୍‌ଏମ୍‌ସି ଅଧୀନ ୪ ନମ୍ବର ୱାର୍ଡ ବନପୋଷର ବିଭିନ୍ନ ଗଳିରେ ବର୍ଷେ ତଳେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ତେବେ ସେହି ଲାଇଟ୍‌ଗୁଡିକ ବର୍ତ୍ତମାନ ଜଳୁନାହିଁ। ଫଳରେ ଲୋକମାନେ ରାତିରେ ଅନ୍ଧାରରେ ଯାତାୟାତ କରୁଛନ୍ତି। ଏ ନେଇ ସ୍ଥାନୀୟ ବାସିନ୍ଦା ସ୍ଥାନୀୟ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏହି ସମସ୍ୟା ନେଇ ଆର୍‌ଏମ୍‌ସି ଅଫିସ୍‌ର ଦ୍ୱାରସ୍ଥ ହେବୁ ବୋଲି ବନପୋଷର ଯୁବକ ବୁଦ୍ଧଦେବ ସା, ଧନଞ୍ଜୟ ସା, ରୋହିତ ତନ୍ତୀ, ଅଜୁ ସା ପ୍ରମୁଖ କହିଛନ୍ତି।

### ଲାପଟପ୍, ମୋବାଇଲ ଜବତ, ଯୁବକ ଗିରଫ

**ରାଉରକେଲା ଅଫିସ,୧୦ା୬:** ରାଉରକେଲା ରେଳ ଷ୍ଟେଶନରୁ ଯାତ୍ରୀଙ୍କ ମୋବାଇଲ ଓ ଲାପଟପ୍ ଚୋରି ଅଭିଯୋଗରେ ଆର୍‌ପିଏଫ୍ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶମ୍ଭୁ ପ୍ରସାଦ(୩୭)। ପୋଲିସ ଏ ନେଇ ଏକ ମାମଲା (ନଂ.୫୩ା୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗୋପବନ୍ଧୁପାଲି ଅଞ୍ଚଳରୁ ଶନିବାର ଗିରଫ କରିଛି। ତାଙ୍କଠାରୁ ଚୋରି ସାମଗ୍ରୀକୁ ଜବତ କରାଯାଇଛି। ସୂଚନାଯୋଗ୍ୟ, ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯାତ୍ରୀ ରାଉରକେଲା ରେଳ ଷ୍ଟେଶନରେ ହାୱଡା ଯିବା ପାଇଁ ସାଲିମାର ସୁପରଫାଷ୍ଟ ଟ୍ରେନକୁ ଅପେକ୍ଷା କରିଥିଲେ। ଏହି ସମୟରେ ଶମ୍ଭୁ କୌଶଳକ୍ରମେ ଉକ୍ତ ଯାତ୍ରୀଙ୍କ ମୋବାଇଲ ଓ ଲାପଟପ୍‌କୁ ଚୋରି କରିନେଇଥିଲେ। ପରେ ଯାତ୍ରୀ ଜଣଙ୍କ ଆର୍‌ପିଏଫ୍ ପୋଲିସକୁ ଜଣାଇବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

### ଚ୍ୟାମ୍ବର ଅଫ୍ କମର୍ସ ସଭାପତିଙ୍କୁ ସମ୍ବର୍ଦ୍ଧନା



**ରାଉରକେଲା ଅଫିସ,୧୦ା୬:** ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ସଭାପତି ସୁନିଲ କଯ୍ୟାଲଙ୍କୁ ସଂଘ ପକ୍ଷରୁ ଶନିବାର ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ଉପସଭାପତି ଭାବେ ଗୁରମିତ ସିଂ ଓ ନରେଶ ଆରିୟା, ସାଧାରଣ ସମ୍ପାଦକ ଭାବେ ପ୍ରଭାତ ଟିବରିୱାଲ, ସେକ୍ରେଟାରୀ ଫାଇନାନ୍ସ ସନ୍ତୋଷ ଅଗ୍ରୱାଲ, ଆଡମିନ ଓ ପିଆରଓ ଭାବେ ଶୁଭମ କପୁର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ କିଭଳି ଉନ୍ନତିମୂଳକ କାର୍ଯ୍ୟ କରାଯିବ ସେ ନେଇ ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସମୁଦାୟ ୩୧ ଜଣ ସଦସ୍ୟଙ୍କୁ ନେଇ ଏହି ନୂତନ କମିଟି ଗଠନ କରାଯାଇଛି।

# ବିପର୍ଯ୍ୟସ୍ତ ରେଳସେବାର ପ୍ରତିକାର ଦାବିରେ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା ଅଫିସ,୧୦ା୬**



ରେଲୱେ ଷ୍ଟେଶନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବିପର୍ଯ୍ୟସ୍ତ ରେଳସେବାର ପ୍ରତିକାର ଦାବିରେ ରାଉରକେଲା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କମିଟି ପକ୍ଷରୁ ରାଉରକେଲା ଷ୍ଟେଶନ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରେଳ ଷ୍ଟେଶନ ପରିଚାଳକ ପ୍ରଭାସ ଦାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦଳର କର୍ମକର୍ତ୍ତାମାନେ ବାହାନଗା ରେଳ ଦୁର୍ଘଟଣା, ଯାଜପୁର ରେଳଡବା ଚଢ଼ି ଶ୍ରମିକଙ୍କ ମୃତ୍ୟୁ, ବିଭିନ୍ନ ଟ୍ରେନରେ ନିଆଁ ଲାଗିବା, ଟ୍ରେନ ଚଳାଚଳରେ ବିଳମ୍ବ ହେବା, ପାସେଞ୍ଜର ଟ୍ରେନରେ ଯାତ୍ରୀଙ୍କଠାରୁ ଏକ୍ସପ୍ରେସ ଭଡା ଆଦାୟ ହେବା, ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କ ରିହାତି ବନ୍ଦ ହେବା, ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଦୈନିକ ରାଉରକେଲା ଷ୍ଟେଶନରେ ବିଳମ୍ବରେ ପହଞ୍ଚିବା ଓ ରେଳସେବାର ଘରୋଇକରଣ ବନ୍ଦ କରାଯିବା ଆଦି ଦାବି କରିଥିଲେ। ଜିଲା କମିଟି ସମ୍ପାଦକ ଅଜିତ ନାୟକଙ୍କ ନେତୃତ୍ୱରେ ବିକ୍ଷୋଭ ଆୟୋଜିତ ହୋଇଥିବା ବେଳେ କ୍ଷେତ୍ରବାସୀ ସେଠୀ, ବିଷ୍ଣୁ ପଣ୍ଡା, ବିଦ୍ୟୁତ ମହନ୍ତ, ଲିଲି ମହାନ୍ତି, ବିଜୟ ସାହୁ, ସୁବାଷ ଦଣ୍ଡପାଟ, ଶେଖ ଇସଲାମ, କବିତା ମହାନ୍ତି, ସୁଶୀଲ କୁମାର ବାରିକ, ରାମଚନ୍ଦ୍ର ସାହୁ, ଓ୍ୱହିଦା ବେଗମ, କମଳେଶ ମାଛଖଣ୍ଡ, ଅରୁଣ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# କେନ୍ଦ୍ର ମହିଳା, ଶିଶୁ ବିକାଶ ମନ୍ତ୍ରୀଙ୍କ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ

**କୁଆଁରମୁଣ୍ଡା,୧୦ା୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅଧୀନ ଚୁଟିଆଟୋଲିସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ଶୁକ୍ରବାର ପୂର୍ବାହ୍ନରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଡ.ମୁଞ୍ଜୁପାରା ମହେନ୍ଦ୍ରଭାଇ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ମନ୍ତ୍ରୀ ମହେନ୍ଦ୍ରଭାଇ ବିଦ୍ୟାଳୟର ଭିତ୍ତିଭୂମି ବିଶେଷକରି ବିଦ୍ୟାଳୟ ପରିସର, ହଷ୍ଟେଲ ଇତ୍ୟାଦି ବୁଲି ଦେଖିଥିଲେ। ବିଦ୍ୟାଳୟ ଏକ ଉତ୍ତମ ପରିବେଶରେ ସ୍ଥାପନ ହୋଇଥିଲେ ମଧ୍ୟ ଏଠାରେ ପିଲାଙ୍କ ଶିକ୍ଷାଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସ୍ଥାୟୀ ଶିକ୍ଷକ ନିଯୁକ୍ତିର ଜରୁରୀ ଆବଶ୍ୟକତା ଅଛି ବୋଲି ମହେନ୍ଦ୍ରଭାଇ ହୃଦୟଙ୍ଗମ କରିଥିଲେ। ଏଥିସହ ସୁନ୍ଦରଗଡ଼ ଲୋକସଭା ସଦସ୍ୟ ଜୁଏଲ ଓରାମ କେନ୍ଦ୍ର ସରକାରଙ୍କ ୯ ବର୍ଷ ଶାସନର ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ କିଭଳି ଶିକ୍ଷାର ବିକାଶ କରାଯାଇପାରିବ ସେଥିପ୍ରତି ବିଶେଷଭାବେ ସଦସ୍ୟ ଓରାମ ଗୁରୁତ୍ୱାରୋପ କରିବା ସହ ମନ୍ତ୍ରୀ ମହେନ୍ଦ୍ରଭାଇଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ତଳସେରା ବିଧାୟକ ଭବାନିଶଙ୍କର ଭୋଇ ସୁନ୍ଦରଗଡ଼ ଜିଲାର ସାମଗ୍ରିକ ବିକାଶ ତଥା ଆଦିବାସୀ ବିଦ୍ୟାର୍ଥୀଙ୍କର ଉତ୍ତମ ଶିକ୍ଷା ପାଇଁ ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ନିହାର ରାଏ, ଯୁବ ନେତା ସଞ୍ଜୀବ ପ୍ରତାପ ସିଂଦେଓ, କୁଆଁରମୁଣ୍ଡା ବିଡିଓ ତୃପ୍ତୀ ବରୋଇ, ଶଙ୍କର ପୂଝାରି, ଲତିକା ପଟ୍ଟନାୟକ, ଦିଲ୍ଲୀପ ପଟେଲ, ଜୀବନ ଦାଶ, ବୁଲୁ ଚାନ୍ଦ, ରାଜୁ ପାଶ୍ୱାନ, ରୀନା ମେହେର ତଥା ବହୁ ଭାଜପା କର୍ମୀ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ କୁଶଧର କୁଅଁର ବିଦ୍ୟାଳୟ ଭିତ୍ତିଭୂମି ସମ୍ପର୍କରେ ପ୍ରାରମ୍ଭିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ହଳପାଣି ସଭା କାର୍ଯ୍ୟ ସଞ୍ଚାଳନ ସହ ଧନ୍ୟବାଦ ଦେଇଥିଲେ।


କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

# ସରକାରୀ କଳ ଠପ୍, ଜନତା ହଇରାଣ



ଉପଜିଲାପାଳଙ୍କ ଅଫିସ ଆଗରେ ଅମଲାମାନେ ଧାରଣାରେ ବସିଛନ୍ତି।

**ରାଉରକେଲା ଅଫିସ,୧୦ା୬**

### ୧୦ମ ଦିନରେ ଅମଲାଙ୍କ ଧାରଣା

ରାଉରକେଲା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୦ ଦିନ ହେଲା ଶତାଧିକ ଅମଲା କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଛନ୍ତି। ଫଳରେ ସାଧାରଣ ଜନତା ବିଭିନ୍ନ କାମରେ ଅଫିସ୍‌କୁ ଆସି ନିରାଶରେ ଫେରୁଥିବା ଦେଖିବାକୁ ମିଳୁଛି।

ରାଉରକେଲା ଉପଖଣ୍ଡ ଅଧୀନ ଆର୍‌ଏମ୍‌ସି, ଏଡିଏମ୍, ଉପଜିଲାପାଳ, ବ୍ଲକ, ତହସିଲ, ଶିକ୍ଷା, ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, କୃଷି, ଜଳସମ୍ପଦ, ଆଞ୍ଚଳିକ ପରିବହନ, ଯୋଗାଣ, ଜିଏସ୍‌ଟି, ବିଦ୍ୟୁତ୍ ବିଭାଗ ସହ ଅନ୍ୟ ସରକାରୀ ବିଭାଗରେ କାର୍ଯ୍ୟରତ ଅମଲାମାନେ ଜୁନ୍ ୧ରୁ ୧୦ଦିନ ହେଲାଣି କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଛନ୍ତି। ଫଳରେ ସରକାରୀ ଅଫିସଗୁଡିକରେ କାର୍ଯ୍ୟ ବନ୍ଦ ରହିଛି। ଏହାଦ୍ୱାରା ଲୋକେ ବିଭିନ୍ନ କାମରେ ସରକାରୀ ଅଫିସ୍‌କୁ ଆସି ଫେରୁଛନ୍ତି। ଏବେ ଉଷା ସର୍ଭେ ତାଲିକାରେ ନିଜର ନାଁ ପଞ୍ଜୀକୃତ କରାଇବାକୁ ଆସୁଥିବା ସାଧାରଣ ଜନତା ହଇରାଣ ହେଉଛନ୍ତି। ବନ୍ଧମୁଣ୍ଡା (ଡି-କ୍ୟାବିନ)ର ବାସିନ୍ଦା ସେବକ ଠାକୁର ଉଷା ସର୍ଭେ ତାଲିକାରେ ତାଙ୍କ ନାଁ ପ୍ରାମାଣିକ କାଗଜପତ୍ରରେ ତ୍ରୁଟି ଯୋଗୁ ଅତିରିକ୍ତ ଜିଲାପାଳଙ୍କ ନିକଟକୁ ଏହାର ସମାଧାନ ପାଇଁ ଯାଇଥିଲେ। ମାତ୍ର ଅମଲାଙ୍କ ଅନୁପସ୍ଥିତି ଯୋଗୁ ଆର୍‌ଏମ୍‌ସି ବକ୍ସରେ ଲିଖିତ ଅଭିଯୋଗ ପକାଇ ନିରାଶ ହୋଇ ଘରକୁ ଫେରିଥିବା କହିଛନ୍ତି। ସେହିପରି ବାସନ୍ତୀ ଓରାମ ମଧ୍ୟ ଅନୁରୂପ ଭାବେ ନିରାଶ ହୋଇ ଫେରିଥିବା ଦର୍ଶାଇଛନ୍ତି। ତହସିଲ କାର୍ଯ୍ୟାଳୟରେ ଜମିଜମା, ସୈରାତ, ପ୍ରମାଣପତ୍ର, ରେକର୍ଡ ବିଭାଗ କାର୍ଯ୍ୟ ବ୍ୟାହତ ହୋଇଛି। ଅମଲାମାନେ ଧାରଣା ଦେଉଛନ୍ତି। ଧାରଣା ପରେ ଯାହା ହେବ ବୋଲି ସବୁ ଅଫିସରେ ସାଧାରଣ ଲୋକଙ୍କୁ ଗୋଟିଏ ଜବାବ ମିଳୁଛି। ଏ ସମ୍ପର୍କରେ ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ କୁହନ୍ତି, ଅମଲାମାନଙ୍କ ବିନା କାର୍ଯ୍ୟ କରିବା କଷ୍ଟସାଧ। କିନ୍ତୁ ଯଥାସମ୍ଭବ ସମସ୍ତ କାର୍ଯ୍ୟ ସମ୍ପାଦନ ହେଉଛି ବୋଲି ସେ କହିଛନ୍ତି।

# ମୌଳିକ ସାକ୍ଷରତା, ସଂଖ୍ୟା ଉପରେ କର୍ମଶାଳା

**ସୁନ୍ଦରଗଡ଼,୧୦ା୬(ଡି.ଏନ୍.ଏ.)**

ପୁନେରେ ଜୁନ ୨୦ ଓ ୨୧ରେ ହେବାକୁ ଥିବା ଚତୁର୍ଥ ଜି -୨୦ ଶିକ୍ଷା କାର୍ଯ୍ୟକାରିଣୀ ବୈଠକ ପୂର୍ବରୁ ବିଦ୍ୟାଳୟମାନଙ୍କରେ ଜନଭାଗୀଦାରି କାର୍ଯ୍ୟକ୍ରମାନ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ କେ. ସୂର୍ଯ୍ୟପ୍ରକାଶ ରାଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ପ୍ରଧାନଶିକ୍ଷକ ଜୟନ୍ତ କୁମାର କୁଆ ଓ ଆଦିତ୍ୟ କୁମାର ପଟେଲ (ସ୍ନାତକୋତ୍ତର ଶିକ୍ଷକ) ପରିଚାଳନା କରିଥିଲେ। ଏଥିରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀ ସମେତ ଶିକ୍ଷା ବିଭାଗର ଅନେକ ପଦାଧିକାରୀ ଭାଗ ନେଇଥିଲେ। ସେହିପରି ନିକଟ ବିଦ୍ୟାଳୟମାନଙ୍କର ମୁଖ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ମଧ୍ୟ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ବରିଷ୍ଠ ସ୍ନାତକୋତ୍ତର ଶିକ୍ଷକ ସାନନ୍ଦ ଭୋଇ ଧନ୍ୟବାଦ ଦେଇଥିଲେ।

# ବିର୍ସା ମୁଣ୍ଡା ସୀମାନ୍ତ ଉଚ୍ଚ ବିଦ୍ୟାଳୟର ସଫଳତା

**କୁତ୍ରା,୧୦ା୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଏରବାହାଲସ୍ଥିତ ବିର ବିର୍ସା ମୁଣ୍ଡା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପରୀକ୍ଷାରେ କଳା ବିଭାଗର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ୧୬୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୫୫ ଜଣ ପାସ୍ କରିଥିଲେ। ଏଥିରେ ୧୨ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୧୭ ଜଣ ଦ୍ୱିତୀୟ ଓ ୧୨୬ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି।

# ତେଜିଲା ହୋ ଭାଷା ସାମ୍ବିଧାନିକ ମାନ୍ୟତା ଦାବି


ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି।

**ଟେନ୍‌ସା,୧୦ା୬(ଡି.ଏନ୍.ଏ.)**

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ

ତେଜିଲା ହୋ ଭାଷା ସାମ୍ବିଧାନିକ ମାନ୍ୟତା ଦାବି। ୫ ଦଫା ଦାବି ନେଇ ଜିଲା ଆଦିବାସୀ ହୋ ସମାଜ କମିଟି କୋଇଡ଼ା ପକ୍ଷରୁ ଶନିବାର ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଜିଲା ଆଦିବାସୀ ହୋ ସମାଜ ସଭାପତି କଲ ସୁନିଆ ବଦ୍ରା, ଉପ ସଭାପତି ବାଟୁ ମୁଣ୍ଡା, ବ୍ଲକ ସଭାପତି ସୁରେଶ ହୋନାଗା, ଜିଲା ସମ୍ପାଦକ ପାଣ୍ଡୁ ଚାମ୍ପିଆ, ଉପଦେଷ୍ଟା ଦେବାନନ୍ଦ ହେମ୍ବ୍ରମଙ୍କ ସହ ଶତାଧିକ ସମ୍ପ୍ରଦାୟ ମହିଳା ପୁରୁଷମାନେ ବ୍ୟାନର ପୋଷ୍ଟର ଧରି ରାଲି କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ଆଦିବାସୀ ନୃତ୍ୟ ଗାନ ସହ ପ୍ରତିବାଦ ଜଣାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୋଇଡ଼ା ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଡିଏସ୍ ଶୁଭଦର୍ଶୀ ଜୋସୀଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ୫ ଦଫା ଦାବିଗୁଡ଼ିକ ହେଲା ହୋ ଭାଷାକୁ ସମ୍ବିଧାନର ୮ମ ପରିଚ୍ଛେଦରେ ସାମିଲ କରିବା, ହୋ ଭାଷାରେ ଅଙ୍ଗନୱାଡି ସ୍ତରରେ ଅରୁଣିମା ପ୍ରଚଳନ କରିବା, ସୁନ୍ଦରଗଡ଼ ଜିଲାରେ ହୋ ବହୁ ଭାଷିକ ଶିକ୍ଷକ ତୁରନ୍ତ ନିଯୁକ୍ତି, ହୋ ଭାଷାକୁ ଓଡ଼ିଶାର ଦ୍ୱିତୀୟ ଭାଷା ରୂପେ ଘୋଷଣା, ବିଶ୍ୱବିଦ୍ୟାଳୟ ସ୍ତରରେ ହୋ ଭାଷା ପାଠ୍ୟକ୍ରମ ଲାଗୁ କରିବା।

# ଖତକୁରବାହାଲ ସ୍କୁଲ ସ୍ଥାନାନ୍ତର ନେଇ ବୈଠକ

**କୁତ୍ରା,୧୦ା୬(ଡି.ଏନ୍.ଏ.)**



ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଖତକୁରବାହାଲ ପ୍ରାଇମେରୀ ଓ ଉଚ୍ଚ ବିଦ୍ୟାଳୟ ସ୍ଥାନାନ୍ତରିତ ହେବା ନେଇ ଶନିବାର ବ୍ଲକ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ମଙ୍ଗଳା କିଶାନ, ରାଜଗାଙ୍ଗପୁର ବିଧାୟକ ଡ.ସିଏସ୍ ରାଜେନ ଏକ୍କା, ଏଡିଏମ୍ ଅଭିମନ୍ୟୁ ବେହେରା, ଉପଜିଲାପାଳ ଦାଶରଥି ସରାବୁ, ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନ, କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀ, ତହସିଲଦାର ମାନସି ନାୟକ, ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ସମେତ କମ୍ପାନୀ କର୍ତ୍ତୃପକ୍ଷ, ଖତକୁରବାହାଲ ଗ୍ରାମବାସୀ ଏବଂ ବିଦ୍ୟାଳୟ ଶିକ୍ଷକ ଉପସ୍ଥିତ ଥିଲେ। ସଭାରେ ଗ୍ରାମବାସୀମାନେ ବିଦ୍ୟାଳୟ ସ୍ଥାନାନ୍ତରକୁ ସ୍ୱାଗତ କରିଥିବାବେଳେ ଗ୍ରାମବାସୀଙ୍କ କିଛି ସର୍ତ୍ତ ରହିଥିଲା। ଛାତ୍ରୀଛାତ୍ରଙ୍କ ପାଇଁ ବସ୍ ଚଳାଚଳର ସୁବିଧା, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ,ବିଦ୍ୟାଳୟ ଉଠିଲା ପରେ ଜମିକୁ ପଞ୍ଚାୟତକୁ ହସ୍ତାନ୍ତର, ବିଦ୍ୟାଳୟର ବିଦ୍ୟୁତ୍ ବିଲ୍ ଟଙ୍କା ପ୍ରଦାନ, ଗାଁରେ ଘରକୁ ଘର ପିଇବା ପାଣିର ବ୍ୟବସ୍ଥା, ଗାଁ ପୋଖରୀ ଉନ୍ନତିକରଣ ସହିତ ସେଠାରେ ଛୋଟିଆ

### ସଭା ଅଧାରୁ ଉଠି ପଳାଇଲେ ମଙ୍ଗଳା

ପାର୍କ ନିର୍ମାଣ ଏବଂ ଗାଁ ରାସ୍ତାରେ ଦିନକୁ ୩ ଥର ପାଣି ଛିଞ୍ଚନ ପ୍ରଭୃତି ସର୍ତ୍ତ ଗ୍ରାମବାସୀ ରଖିଥିଲେ। ଏହି ସବୁ ସର୍ତ୍ତ କମ୍ପାନୀ କର୍ତ୍ତୃପକ୍ଷ ପୂରଣ କଲେ ୧୫ ଦିନ ଭିତରେ ବିଦ୍ୟାଳୟ ସ୍ଥାନାନ୍ତରିତ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ବୈଠକରେ ସଭା ଆରମ୍ଭରୁ ବିଭ୍ରାଟ ଦେଖାଦେଇଥିଲା। ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଶାନ ଓ କଂଗ୍ରେସ ବିଧାୟକ ଡ.ରାଜେନ ଏକ୍କାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସଭା ସ୍ଥଳରୁ କିଶାନ ଅଧାରୁ ଛାଡ଼ି ପଳାଇଥିଲେ।

# ଜିଲା କଂଗ୍ରେସ କମିଟି ସଭାପତି ଜନାର୍ଦ୍ଦନ ଦେହୁରୀ

**ଟେନ୍‌ସା,୧୦ା୬(ଡି.ଏନ୍.ଏ.)**



ସର୍ବ ଭାରତୀୟ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଶୁକ୍ରବାର ପ୍ରେସ୍ ରିଲିଜ ଜରିଆରେ ୧୦ ଜିଲା କମିଟି ସଭାପତି ଚୟନ କରାଯାଇଛି। ସେଥି ମଧ୍ୟରୁ ସୁନ୍ଦରଗଡ଼ ଜିଲା କମିଟି ସଭାପତିଭାବେ ବରିଷ୍ଠ କଂଗ୍ରେସ କର୍ମୀ ତଥା ବଣାଇଁ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ ଚୟନ ହୋଇଛନ୍ତି। ଏନେଇ ତାଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟୁଛି। ଦେହୁରୀ କହିଛନ୍ତି, ଜୀବନ ସାରା କଂଗ୍ରେସ ପାଇଁ କାମ କରି ଲୋକଙ୍କ ନିକଟତର ହୋଇପାରିଛି। ସଭାପତି ଚୟନ ପରେ ଏବେ ଗୁରୁଦାୟିତ୍ୱ ବଢ଼ିଛି। ଜିଲାରେ ଅନ୍ୟ ବରିଷ୍ଠ ସଦସ୍ୟଙ୍କୁ ନେଇ ଦଳ ସଂଗଠନ ସୁଦୃଢ଼ କରିବା ସହ ଲୋକଙ୍କ ପାଇଁ ସବୁବେଳେ କାର୍ଯ୍ୟ କରିବି। ରାଜନୈତିକ ରୁଚି ଯୋଗୁ ଦେହୁରି ଚାକିରି ଛାଡ଼ି ୧୯୮୪ରେ ସରପଞ୍ଚ ହୋଇଥିଲେ। ୫ ବର୍ଷ ପରେ ପୁଣି ୨ୟ ଥର ପାଇଁ ସରପଞ୍ଚ ହୋଇଥିଲେ। ୧୦ ବର୍ଷ ସରପଞ୍ଚ ରହିଲା ପରେ ହିନ୍ଦୁ ମଜଦୁର ସଭାର ସମ୍ପାଦକ ରହିଥିଲେ। ଏଥିସହ ବ୍ଲକ୍ ୟୁଥ୍ କଂଗ୍ରେସ ସଭାପତି ୧୦ ବର୍ଷ ଓ ବ୍ଲକ୍ କଂଗ୍ରେସ ସଭାପତିଭାବେ ୧୫ ବର୍ଷ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ଜିଲା କଂଗ୍ରେସ କମିଟିରେ ୫ ବର୍ଷ ଉପ ସଭାପତି ଭାବେ ଚୟନ ହୋଇଥିଲେ। ୧୯୯୮ ମସିହାରେ ବଣାଇ ନିର୍ବାଚନ ମଣ୍ଡଳୀରେ ବିଧାୟକ ହୋଇଥିଲେ। କଂଗ୍ରେସର ବରିଷ୍ଠ କର୍ମୀଭାବେ ଆଜି ଯାଏଁ ସେ ରାଉରକେଲା ଶ୍ରମିକ ସଂଗଠନ ଉପ ସଭାପତି, ରାଜ୍ୟ ଆଇଏନ୍‌ଟିୟୁସିର ସମ୍ପାଦକ ଭାବେ କାର୍ଯ୍ୟଭାର ତୁଲାଉଛନ୍ତି। ରାଜନୈତିକ ସହ ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ବିଦ୍ୟାଳୟ ଉନ୍ନୟନ ପାଇଁ ତାଙ୍କର ଅନୁଦାନ ଓ ସମାଜସେବା କ୍ଷେତ୍ରରେ ଲୋକଙ୍କ ନିକଟତର ହୋଇ ଥିବାରୁ ତାଙ୍କୁ କୋଇଡା ଓ ବଣାଇଁ ଅଞ୍ଚଳର ଏକ ନିଆରା ପରିଚୟ ପ୍ରଦାନ କରିଛି।

# ଚତୁର୍ଥ ସନ୍ଧ୍ୟାରେ ‘ଲୈଲାମଜନୁ’ ମଞ୍ଚସ୍ଥ

### ଗ୍ରୀଷ୍ମକାଳୀନ ନାଟକ ମହୋତ୍ସବ

**ରାଉରକେଲା ଅଫିସ, ୧୦ା୬**


ନାଟକରେ ପରିବେଷିତ ଏକ ଦୃଶ୍ୟ।

ରାଉରକେଲା ସିଭିକ ସେଣ୍ଟରଠାରେ ଚାଲିଥିବା ଗ୍ରୀଷ୍ମକାଳୀନ ନାଟକ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ‘ଲୈଲାମଜନୁ’ ନାଟକ ମଞ୍ଚସ୍ଥ ହୋଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ଇଡ଼ି (ସାମଗ୍ରୀ ଓ ପ୍ରବନ୍ଧନ ବିଭାଗ) ସୋମନାଥ ତ୍ରିପାଠୀ ବରେଣ୍ୟ ଅତିଥି, ରାଉରକେଲା ଏନ୍‌ଆଇଟିର ରେଜିଷ୍ଟ୍ରାର ଡ. ରୋହନ ଧୀମାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଂଯୋଜକ ଭାସ୍କର ଚନ୍ଦ୍ର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଆର୍‌ଏସ୍‌ପି ସିଓସି ଅର୍ଚ୍ଚନା ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇସମାଇଲ ଗୁନାରଙ୍କ ରଚିତ ଓ ତଥା ପଦ୍ମଶ୍ରୀ ରାମଗୋପାଳ ବଜାଜଙ୍କ ନିର୍ଦ୍ଦେଶିତ ଏହି ନାଟକକୁ ରିପ୍ରୋକ୍ଟରୀ କମ୍ପାନୀର କଳାକାରମାନେ ପରିବେଷଣ କରିଥିଲେ। ସପ୍ତମ ଶତାବ୍ଦୀର ଲୈଲାମଜନୁର କାହାଣୀ ଉପରେ ନାଟକ ଆଧାରିତ ଥିଲା। ଏକ ଯାଯାବର ସମ୍ପ୍ରଦାୟର ଯୁବକ ମଜନୁ ଓ ଲୈଲାଙ୍କ ମଧ୍ୟରେ ନିବିଡ଼ ପ୍ରେମ ସମ୍ପର୍କ ସ୍ଥାପନ ହୋଇଛି। ସମୟ କ୍ରମେ ଲୈଲାଙ୍କ ପ୍ରତି ମଜନୁଙ୍କ ପ୍ରଗାଢ଼ ପ୍ରେମ ବଢ଼ିଚାଲିଛି ଏବଂ ମଜନୁ ପାଗଳ ସାଜିଛି। ମଜନୁଙ୍କ ପିତା ଲୈଲାଙ୍କୁ ବୋହୂ କରିବାକୁ ରାଜି ହେବା ବେଳେ ସମାଜ ସାଜିଛି ପ୍ରତିବନ୍ଧକ। ଏନ୍‌ଏସ୍‌ଡି ରିପ୍ରୋକ୍ଟରୀ କମ୍ପାନୀର କଳାକାରମାନେ ଏଭଳି ଚରିତ୍ରଗୁଡ଼ିକୁ ଜୀବନ୍ତ ଭାବେ ପରିବେଷଣ କରିଥିଲେ। ବିଜୟ ପାତ୍ର, ସୁରେନ୍ଦ୍ର ପାଢ଼ୀ, ପ୍ରଜ୍ଞାନନ୍ଦ ମହାନ୍ତି, ପ୍ରଳୟ ଶତପଥୀ, ଉମା ବିଶୋୟୀ, ପୁଷ୍ପା ବିଶୋୟୀ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସୁରେଶ ଆଜାଦ୍ ଜିଲା କଂଗ୍ରେସ ସଭାପତି

**ନୂଆପଡ଼ା ଅଫିସ,୧୦।୬:** ନୂଆପଡ଼ା ଜିଲା କଂଗ୍ରେସ ସଭାପତି ଭାବେ ସୁରେଶ କୁମାର ଆଜାଦଙ୍କୁ ଦଳ ଘୋଷଣା କରିଛି। ଏନେଇ ପୂର୍ବତନ ଜିଲା ସଭାପତି ଘାସିରାମ ମାଝି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାଜ୍ୟ କଂଗ୍ରେସର ଏଭଳି ନିଷ୍ପତି ସମ୍ପୂର୍ଣ୍ଣ ଭୁଲ ରହିଛି।


ସୁରେଶ ଆଜାଦ।

ଜିଲା କଂଗ୍ରେସକୁ ଅଣଦେଖା କରାଯାଇଛି ବୋଲି କହିଛନ୍ତି। ଆଗକୁ ନିର୍ବାଚନ ରହିଛି,ଏଭଳି ସ୍ଥିତିରେ ହଠାତ କାହାକୁ ନ ପଚାରି ସଭାପତି ବଦଳାଇବା ନିଷ୍ପତ୍ତି ଠିକ ହୋଇନାହିଁ। ଏହା କଂଗ୍ରେସକୁ କ୍ଷତି ପହଞ୍ଚାଇବ ବୋଲି ସେ କହିଛନ୍ତି। ଆଗକୁ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାୟକ ପଦ ସକାଶେ ନାମାଙ୍କନ ଦେବା ପାଇଁ ଏଭଳି କରିଥାଇ ପାରନ୍ତି କି ବୋଲି ମାଝିଙ୍କୁ ପଚାରିବାରୁ ମୁଁ ଆଗାମୀ ନିର୍ବାଚନରେ ନାମାଙ୍କନ କରିବା ସ୍ପଷ୍ଟ ରହିଛି । ମୋତେ କେନ୍ଦ୍ର ତଥା ରାଜ୍ୟ ନେତୃବୃନ୍ଦ ସବୁଜ ସଙ୍କେତ ଦେଇ ସାରିଛନ୍ତି। ତେଣୁ କରି ମୁଁ ସବୁ ପ୍ରକାର ପ୍ରସ୍ତୁତି ଶେଷ କରି ସାରିଛି । ମୋତେ ଲୋକେ ଗ୍ରହଣ କରି ସାରିଛନ୍ତି ବୋଲି ସେ କହିଛନ୍ତି । କଂଗ୍ରେସର ଏଭଳି ପଦକ୍ଷେପ ପରେ ଏକ ଗୋଷ୍ଠୀ ବିବାଦର ଆଭାସ ଦେଖା ଦେଇଛି । ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲ ନିକଟରେ ଆଜାଦଙ୍କ ଦ୍ୱାରା ଆୟୋଜିତ ଖବରଦାତା ସମ୍ମିଳନୀରେ ଘାସିରାମଙ୍କ ସମର୍ଥକମାନେ ଯାଇ ନ ଥିଲେ। ଜିଲା କଂଗ୍ରେସରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି।

### ଧରମ୍ ସିଂ ମାନ୍ଧାତାଙ୍କ ଫଟୋ ସ୍କୁଲକାନ୍ଥରେ ଅଙ୍କନ କର

**ବଲାଙ୍ଗୀର ଅଫିସ, ୧୦।୬:** କନ୍ଧମେଳିର ଅନ୍ୟତମ ବୀର ଶହୀଦ ଧରମ୍ ସିଂ ମାଝି ମାନ୍ଧାତାଙ୍କ ଫଟୋକୁ ଜିଲାର ବିଭିନ୍ନ ସରକାରୀ ଅଫିସ ଏବଂ ସ୍କୁଲ କାନ୍ଥରେ ଅଙ୍କନ କରିବାକୁ ଦାବି ଉଠିଛି। ଧରମ୍ ସିଂ ମାଝି ମାନ୍ଧାତା ସ୍ମୃତି କମିଟି ପକ୍ଷରୁ ଜିଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଏ ସମ୍ପର୍କରେ ଦାବି କରାଯାଇଛି। ସରକାରୀ ଅଫିସ ଓ ସ୍କୁଲ କାନ୍ଥରେ ଶହୀଦ ବୀର ଧରମ୍ ସିଂ ମାନ୍ଧାତାଙ୍କ ଫଟୋ ଅଙ୍କନ କରାଗଲେ ଛାତ୍ରୀଛାତ୍ର ତାଙ୍କର ବୀରତ୍ୱ ବିଷୟରେ ଜାଣିପାରିବେ ବୋଲି ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ରଙ୍କୁ ସ୍ମୃତି କମିଟି ଅଧକ୍ଷ କାଳିନ୍ଦ୍ରୀ ମାଝି କହିଛନ୍ତି। ଦାବିପତ୍ର ଦେବା ସହ ଧରମ୍ ସିଂ ମାଝି ମାନ୍ଧାତାଙ୍କ ଏକ ଫଟୋ ମଧ ମିଶ୍ରଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ଦେବା ସମୟରେ କମିଟିର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସତ୍ୟ ବନ୍ଛୋର, ହରି ନନ୍ଦ, ଗୋପବନ୍ଧୁ ଛତ୍ରିଆ, ଜୟବିହାରୀ ବିଶ୍ୱାଳ ଉପସ୍ଥିତ ଥିଲେ।

### ସମ୍ପାଦକ, ପ୍ରଧାନ ଆଚାର୍ଯ୍ୟଙ୍କ ବୈଠକ

**ଟିଟିଲାଗଡ଼,୧୦।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶନିବାର ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟଙ୍କ ବୈଠକ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଓଡିଶା ସଂଗଠନ ସମ୍ପାଦକ ମନ୍ତ୍ରୀ ତାରକ ଦାସ ସରକାର, ଦକ୍ଷିଣ ପଶ୍ଚିମ ସମ୍ଭାଗ ସଦସ୍ୟା ଝଙ୍ଗତି ପଟେଲ, ଜିଲା ସହ ପ୍ରମୁଖ ମିତ୍ରଭାନୁ ପ୍ରଧାନ, ବିଭାଗ ନିରୀକ୍ଷକ ନରୋତ୍ତମ ମିଶ୍ର, ସ୍ଥାନୀୟ ବିଦ୍ୟାଳୟ ସଭାପତି ଜ୍ୟୋତି ପ୍ରକାଶ ଗଡ଼ତ୍ୟା ଉପସ୍ଥିତ ଥିଲେ। ସହ ବିଭାଗ ନିରୀକ୍ଷକ ମନୋରଞ୍ଜନ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସହପ୍ରମୁଖ ମିତ୍ରଭାନୁ ପ୍ରଧାନ ବୈଠକର ଉଦେଶ୍ୟ ଜ୍ଞାପନ କରିଥିଲେ। ସମ୍ଭଗ ସଦସ୍ୟା ଝଙ୍ଗତି ପଟେଲ ଆଶ୍ରୀବଚନ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ତାରକ ଦାସ ସରକାର ଶିକ୍ଷା ଓ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ। ଭାରତୀ କୃଷ୍ଣ ଗଣିତ ପ୍ରତିଭା ଓ ମେଧା ପରୀକ୍ଷାରେ ସଫଳତା ପାଇଥିବା ଭଉଣୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଦକ୍ଷିଣ ପଶ୍ଚିମ ସମ୍ଭାଗ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା, ପ୍ରାନ୍ତ ନିରୀକ୍ଷକ ପ୍ରସନ୍ନ କୁମାର ବିଶାଳ, ଜିଲା ପ୍ରମୁଖ ଓ ବଲାଙ୍ଗୀର ଜିଲାର ସମସ୍ତ ସଙ୍କୁଳ ପ୍ରମୁଖୀ ଆଚାର୍ଯ୍ୟ ପଙ୍କଜ ବେହେରା ମଞ୍ଚ ପରିଚାଳନା କରିଥିଲେ।

# ୧୯୪ ଅସହାୟ ହିତାଧିକାରୀଙ୍କ ଘରେ ପହଞ୍ଚିଲା ଭତ୍ତା

## କଳାହାଣ୍ଡି ଜିଲା ପ୍ରଶାସନର ପ୍ରୟାସ

**ଭବାନୀପାଟଣା,୧୦।୬(ସ୍ୱ.ପ୍ର)**

ସରକାରଙ୍କ ପକ୍ଷରୁ ଡିବିଟି ମାଧ୍ୟମରେ ହିତାଧିକାରୀଙ୍କୁ ସିଧାସଳଖ ଭତ୍ତା ଟଙ୍କା ପ୍ରଦାନ କରାଯାଉଥିବାବେଳେ ଏହା ଯୋଗୁ ଅନେକ ଅସହାୟ ରୋଗାଗ୍ରସ୍ତ ବୃଦ୍ଧାବୃଦ୍ଧ ଭତ୍ତା ଟଙ୍କା ବ୍ୟାଙ୍କକୁ ଯାଇ ଉଠାଇ ପାରୁ ନ ଥିଲେ। ସେହିପରି ଭତ୍ତା ଟଙ୍କା ଉଠାଇବାକୁ ବୃଦ୍ଧାବୃଦ୍ଧମାନେ ବ୍ୟାଙ୍କକୁ କିପରି ଚାଲିଚାଲି ଅତିକଷ୍ଟର ସହ ଯାଉଥିବା ଭିଡିଓମାନ ଗତ କିଛିଦିନ ତଳେ ଭାଇରାଲ ମଧ ହୋଇଥିଲା। ତେବେ କଳାହାଣ୍ଡି ଜିଲାରେ ଏପରି ଅସହାୟ ରୋଗାଗ୍ରସ୍ତ ବୃଦ୍ଧାବୃଦ୍ଧମାନଙ୍କୁ କିପରି ତାଙ୍କ ଘରେ ଭତ୍ତା ଟଙ୍କା ପହଞ୍ଚିବ ସେ ନେଇ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ


ଜଣେ ଅସହାୟ ବୃଦ୍ଧଙ୍କୁ ଘରକୁ ଯାଇ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି।

ହୋଇଛି। ଜିଲାର ୧୩ଟି ବ୍ଲକ ସମେତ ପୌରାଞ୍ଚଳ, ପୌରପରିଷଦର ଉପରୋକ୍ତ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ଭତ୍ତା ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ ସେମାନେ ଏହି ଟଙ୍କାକୁ ଉଠାଇ ପାରୁ ନ ଥିଲେ। ଫଳରେ ଜିଲା ପ୍ରଶାସନର ଉଦ୍ୟମ କ୍ରମେ ଶନିବାର ପ୍ରଥମ ଦିନରେ ଜିଲାର ୧୯୪ ଜଣ ଅସହାୟ ଓ ରୋଗାଗ୍ରସ୍ତ ତଥା ବ୍ୟାଙ୍କରୁ ଟଙ୍କା ଉଠାଇ ପାରି ନ ଥିବା ବୃଦ୍ଧାବୃଦ୍ଧ ହିତାଧିକାରୀଙ୍କ ଘରକୁ ଯାଇ ସ୍ଥାନୀୟ ପିଇଓ, ଜିଆରଏସ ଓ ବ୍ୟାଙ୍କ କର୍ମଚାରୀ ଭତ୍ତା ଟଙ୍କା ନଗଦ ଆକାରରେ ପ୍ରଦାନ କରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ହିତାଧିକାରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# ବ୍ଲକସ୍ତରୀୟ ଜନଭାଗୀଦାରି କାର୍ଯ୍ୟକ୍ରମ


ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ର ।

**ନୂଆପଡ଼ା ଅଫିସ,୧୦।୬**

ନୂଆପଡା ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ଅଧିକାରୀ ସମଗ୍ର ଶିକ୍ଷା ନୂଆପଡା ଫୁଲମଣି ମୁର୍ମୁଙ୍କ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ନୂଆପଡା ସଦର ବ୍ଲକର ୧୭ଟି କ୍ଲଷ୍ଟରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ସଚେତନତା ଜନ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳ ଅଗସ୍ତି, ଚୈତରାମ ନାଏକ, ଚନ୍ଦ୍ରକଳା ଜଗତ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅବିଭାବକ, ବରେଣ୍ୟ ବ୍ୟକ୍ତି, ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରମୁଖ ଭାଗ ନେଇ କାର୍ଯ୍ୟକ୍ରମକୁ ସଫଳତା ପାଇଁ ସମସ୍ତେ ମିଳିତ ଭାବରେ ପ୍ରୟାସ କରିବୁ ବୋଲି ମତପୋଷଣ କରି ଶପଥପାଠ କରିଥିଲେ।

# ବାଇକ୍ ଧକ୍କାରେ ନାବାଳିକା ମୃତ, ଚାଳକ ଗିରଫ

**ଜୁନାଗଡ଼,୧୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ କାନ୍ଦୁଲବନ୍ଧ ଗ୍ରାମରେ ବାଇକ୍ ଦୁର୍ଘଟଣାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ରୋଜି ବଣିଆ (୮) ବୋଲି ଜଣାପଡିଛି। ଶୁକ୍ରବାର ତାଙ୍କୁ ଏକ ବାଇକ୍ ଧକ୍କା ଦେବା ଫଳରେ ଗୁରୁତର ଅବସ୍ଥାରେ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଶନିବାର ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଜୁନାଗଡ଼ ପୋଲିସ ଦୁର୍ଘଟଣା ଘଟାଇ ଥିବା ବାଇକକୁ ଜବତ କରିବା ସହ ଚାଳକ କଳମପୁର ଥାନା ଅନ୍ତର୍ଗତ ଝିକିପଡା ଗ୍ରାମର ଟଙ୍କଧର ନାଗ (୨୫)ଙ୍କୁ ଗିରଫ କରିଥିବା ଜୁନାଗଡ଼ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ପ୍ରକାଶ କରିଛନ୍ତି।

# କୋଶଲ ରାଏଜ ମୁକ୍ତି ମୋର୍ଚ୍ଚାର ବୈଠକ

**ବେଲପଡା, ୧୦।୬(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ପଞ୍ଚାୟତ ଅଫିସ ଗୃହରେ କୋଶଲ ରାଏଜ ମୁକ୍ତି ମୋର୍ଚ୍ଚା ଓ କୋଶଲ ସେନା ମଧ୍ୟରେ କୋଶଲ ଆନ୍ଦୋଳନର ଆଗାମୀ ରଣନୀତି ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଝାରସୁଗୁଡ଼ାରୁ ବେଲପଡା ଆସିଥିବା ସମସ୍ତ କୋଶଲ ସଂଗ୍ରାମୀମାନଙ୍କୁ ସ୍ଥାନୀୟ ପଞ୍ଚାୟତ ଗୃହରେ ଫୁଲମାଳ ଦେଇ ଜଏ କୋଶଲ ନାରାରେ ସ୍ୱାଗତ କରାଯାଇଥିଲା। ବୈଠକରେ ଝାରସୁଗୁଡ଼ାରୁ ଆସିଥିବା କୋଶଲ ସଂଗ୍ରାମୀ ଜ୍ଞାନେନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକ ପୂର୍ବରୁ ବଲାଙ୍ଗୀର ଜିଲା କରମତଲା ଗାଁର ମୃତକ କୋଶଲ ସଂଗ୍ରାମୀ ଶାନ୍ତନୁ ରଣା ଏବଂ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ମୃତକ ପାଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକକୁ କୋଶଲ ମୁକ୍ତିମୋର୍ଚ୍ଚାର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ସିଂ ପରିଚାଳନା କରିଥିଲେ। ଆଗାମୀ ଦିନରେ କୋଶଲ ଉଲଗୁଲାନକୁ ଭୟଙ୍କର ଆନ୍ଦୋଳନ ରୂପେ ଠିଆ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏହି ବୈଠକରେ କୋଶଲ ସେନା ଝାରସୁଗୁଡ଼ା ଜିଲାରୁ ଗଣେଶ ମଟାରି, ଆକାଶ କଲେତ, କୁବେତ ମେହେର୍,ଜୋଗେଶ ଅଗ୍ରୱାଲ, ଧରଣୀ, ବରଗଡ଼ ଜିଲାରୁ ଅଶୋକ ଛତର,ବଲାଙ୍ଗିର ଜିଲାରୁ ସିପୁନ ଖମାରୀ, ରବିନ୍ଦ୍ର ଥାପା, ସଚି ମେହେର୍, ବିଜୁ ସିଂ, ରାଜୁ ବାରିକ, ଯୁଗଳ ମେହେର୍, ଆନନ୍ଦ ନିଆଲ, ସୁନୀଲ ବାଗ, ଯୋଗେଶର ରାଉତ, ଖିରେନ୍ଦ୍ର ନିଆଲ, ପିଣ୍ଟୁ ବୁଡେକ, କାଶୀନାଥ ମେହେର୍ ଏବଂ ରାମ ପଧାନ ଯୋଗ ଦେଇଥିଲେ। ଶେଷରେ ଜିତୁ ନାଏକ ଧନ୍ୟବାଦ ଅର୍ପଣ କରି ଥିଲେ।

# ଫେଲ୍ ମାରିଲା ପ୍ରତିଶ୍ରୁତି, ଜଳଯୋଗାଣ ହେଲାନି

**ଲାଠୋର, ୧୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଝଲିଆଲିଟି ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ନଳକୂପରୁ କମ୍ ପାଣି ବାହାରୁଛି। ଗାଁରେ ଥିବା ଜଳଯୋଗାଣ ପ୍ରକଳ୍ପ ଏହି ସମୟରେ କାମରେ ଆସୁନାହିଁ। ଓଭରହେଡ ଟ୍ୟାଙ୍କର ଚାବି ହଜି ଯିବାରୁ ପାଇପ ଜଳଯୋଗାଣ ବନ୍ଦ ରହିଛି। ଫଳରେ ଗାଁର ୬ଶହରୁ ଉର୍ଦ୍ଧ୍ୱ ଲୋକେ ପାଣି ପାଇଁ ଆଉଟପାଉଟ ହେଉଛନ୍ତି। ଏ ନେଇ ମେ ୮ତାରିଖ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଦିନେ ଦୁଇଦିନ ଭିତରେ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶ୍ୟାମ କୁମାର କହିଥିଲେ। ଇତିମଧ୍ୟରେ ଏକ ମାସ ବିତି ଯାଇଥିଲେ ବି ଜଳ ଯୋଗାଣ ସ୍ୱାଭାବିକ ହୋଇ ପାରିଲା ନାହିଁ।ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଏବେ ପଚାରିଲେ କହୁଛନ୍ତି ପ୍ରକଳ୍ପରେ ଥିବା ଦୁଇଟି ଗଭୀର କୂପରେ ଜଳନାହିଁ। ସେଠାରେ ଏକ ନୂଆ ଗଭୀର କୂପ ଖୋଳିବା ପାଇଁ ଦିଆଯାଇଥିବା ପ୍ରସ୍ତାବ ଅନୁମୋଦିତ ହୋଇଛି। ମଙ୍ଗଳବାର ସେଠାରେ ଗଭୀର କୂଅଖୋଳି ଜଳଯୋଗାଣର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ତେବେ ଲୋକଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବଡ଼ଗୁର୍ଜିଭଟା ଚାମ୍ପିୟନ, ଗୁଣ୍ଡୁରୁପାଲି ରନର ଅପ୍


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

## ଟାଇଗର କପ ନାଇଟ କ୍ରିକେଟ ଟୁର୍ନାମେଣ୍ଟ

**ଖପ୍ରାଖୋଲ, ୧୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଓଏଭି ସମ୍ମୁଖ ଖେଳ ପଡିଆରେ ଟାଇଗର କ୍ରିକେଟ କ୍ଲବ ତରଫରୁ ଅନୁଷ୍ଠିତ ଟାଇଗର କପ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ବ୍ୟାଚ ବଡ଼ ଗୁର୍ଜିଭଟା ଓ ଗୁଣ୍ଡୁରୁପାଲି ମଧ୍ୟରେ ହୋଇଥିଲା। ଗୁଣ୍ଡୁରୁପାଲି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫୩ ରନ କରିଥିଲା। ଜବାବରେ ବଡ଼ ଗୁର୍ଜିଭଟା ଦଳ ୭ ଓଭରରେ ୫୪ ରନ କରି ଚାମ୍ପିୟନ ହୋଇଥିଲା। ଖେଳକୁ ସୁଜିତ କୁମାର ପାଣିଗ୍ରାହୀ ଓ ରାଜୁ ସାହୁ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ସତ୍ୟାନନ୍ଦ ସେନ୍ଦ୍ରିଆ, ସମ୍ମାନୀତ ଅତିଥି ହରିବୋଲ ପୋଡ଼, ବୁଲୁ ପଣ୍ଡା ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ବାଦଲ ଦଣ୍ଡସେନା, ବୁଲୁ ବାରିକ, ରାଜୁ ସାହୁ, ମନୋଜ ପାଣ୍ଡେ, ଚିତ୍ର ବିଶି, ମୁନା ବାଗ, ଦେବାଶିଷ ରାଉତ, ଦେବା ରାଉତ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

# ଯୁବକ କହିଲେ ଗାଡ଼ିରେ ଏମ୍‌ପି ଥିଲେ

## ରାଜ୍ୟସଭା ସଦସ୍ୟଙ୍କ ଗାଡି ଧକ୍କାରେ ଯୁବକ ମୃତ ଘଟଣା

■ଘଟଣାର ୧୬ ଦିନ ପରେ ପ୍ରେସ୍‌ମିଟ କରି କହିଲେ

**ବଲାଙ୍ଗୀର ଅଫିସ/ପାଟଣାଗଡ଼, ୧୦।୬ (ଡି.ଏନ.ଏ.)**

ପାଟଣାଗଡ–ତମିଆଁ ରାସ୍ତାର ତମିଆ ଛକ ନିକଟରେ ଗତ ମେ ୨୪ ତାରିଖ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ରାଜ୍ୟସଭା ସଦସ୍ୟ(ଏମ୍‌ପି) ନିରଞ୍ଜନ ବିଶିଙ୍କ କାର ଧକ୍କାରେ ଇନ୍ଦପୁରର ଟଙ୍କଧର ବିଶ୍ୱାଳ (୩୫)ଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାର ୧୬ ଦିନ ପରେ ଦୁଇଜଣ ବ୍ୟକ୍ତି ପାଟଣାଗଡରେ ଖବରଦାତା ସମ୍ମିଳନୀ କରି ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି। ଏହି ତଥ୍ୟରେ କେତେ ସତ୍ୟତା ରହିଛି ତାହା ତଦନ୍ତ ସାପେକ୍ଷ। ଗତ ମେ ୨୪ ତାରିଖ ଦୁର୍ଘଟଣା ଦିନ ରାଜ୍ୟସଭା ସଦସ୍ୟ ବିଶି ଦୁର୍ଘଟଣା ଘଟାଇବା ସମୟରେ ତାଙ୍କ ଗାଡିରେ ଉପସ୍ଥିତ ନ ଥିଲେ ବୋଲି କୁହାଯାଇଥିଲା। ତେବେ ଘଟଣାର ୧୬ ଦିନ ପରେ ତମିଆଁ ଗାଁର ପ୍ରମୋଦ ବେହେରା ଓ ପାଟଣାଗଡର ଡିଙ୍ଗର କୁମ୍ଭାର ଏକ ଖବରଦାତା ସମ୍ମିଳନୀ କରି ଦୁର୍ଘଟଣା ଘଟିବା ବେଳେ କାରରେ ରାଜ୍ୟ ସଭା ସଦସ୍ୟ ବିଶି ଉପସ୍ଥିତ ଥିଲେ ବୋଲି ଦାବି କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଏଭଳି ଦାବିକରି କିଛି ସିସିଟିଭି ଭିଡିଓ ଫୁଟେଜ ଏବଂ ଫଟୋ ଖବରଦାତାଙ୍କୁ ଦେଇଛନ୍ତି। କାର ସ୍କୁଟିକୁ ଧକ୍କା ଦେବା ପରେ ବିଶିଙ୍କୁ ନିଜ ବାଇକ୍‌ରେ ଆଣି ତାଙ୍କ ଘରେ ଛାଡିଥିଲେ ବୋଲି ପ୍ରମୋଦ କହିଥିଲେ। ନିଜକୁ ଘଟଣାର ପ୍ରତ୍ୟକ୍ଷଦର୍ଶୀ ବୋଲି କହିଛନ୍ତି। ଘଟଣା ପରେ ଏଭଳି ତଥ୍ୟ ନଦେଇ ୧୬ ଦିନ ପରେ କାହିଁକି ଏଭଳି ତଥ୍ୟ ଦେଉଛନ୍ତି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ଘଟଣାକୁ ନେଇ ସେ ମାନସିକ ଅଶାନ୍ତିରେ ରହିଥିଲେ ଓ ବିଶି ମିଛ କହୁଥିବାରୁ ସେ ବାଧହୋଇ ଖବରଦାତା ସମ୍ମିଳନୀ କରୁଛନ୍ତି ବୋଲି କହିଛନ୍ତି। ପୀଡିତଙ୍କୁ ନ୍ୟାୟ ମିଳୁ ବୋଲି ଉଭୟ ବେହେରା ଓ କୁମ୍ଭାର କହିଛନ୍ତି। ଏହି ଖବରଦାତା ସମ୍ମିଳନୀ ନେଇ ରାଜ୍ୟସଭା ସାଂସଦ ବିଶିଙ୍କୁ ପଚରାଯିବାରୁ ମାମଲାଟି ଏବେ ଅଦାଲତରେ ବିଚାରାଧିନ ରହିଛି। ଏଣୁ ଏବିଷୟରେ କିଛିବି ମତ ଦେବା ଉଚିତ୍ ହେବନାହିଁ ବୋଲି ସେ କହିଛନ୍ତି। ଗତ ୨୪ ତାରିଖ ଦୁର୍ଘଟଣା ସମୟରେ ଇନୋଭା ଗାଡିରେ ରାଜ୍ୟସଭା ସାଂସଦ ବିଶି ଉପସ୍ଥିତ ଥିଲେ ବୋଲି ଅଭିଯୋଗ ହୋଇଥିଲା। ତେବେ ଏହି ଅଭିଯୋଗକୁ ବିଶି ଖଣ୍ଡନ କରିଥିଲେ। ଘଟଣା ସମୟରେ ସେ ତାଙ୍କ ପାଟଣାଗଡ ଘରେ ଥିଲେ ବୋଲି କହିଥିଲେ। ଘଟଣାର ୧୬ ଦିନ ପରେ ଖବରଦାତା ସମ୍ମିଳନୀ କରି ଦୁଇଜଣ ବ୍ୟକ୍ତି ଚାଞ୍ଚଲ୍ୟକର ତଥ୍ୟ ଦେବା ଘଟଣା ପାଟଣାଗଡ ସମେତ ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

# ଜନସହଭାଗିତା ସାକ୍ଷରତା ସଂଖ୍ୟାଜ୍ଞାନ ଉପରେ କାର୍ଯ୍ୟକ୍ରମ

**ଖଡ଼ିଆଳ,୧୦।୬ (ଡି.ଏନ.ଏ)**

ନୂଆପଡା ଜିଲା ଖଡ଼ିଆଳ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଜନ ସହଭାଗିତା ଆଧାରରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ତାଜ ଉର୍ଦ୍ଦୁ କ୍ଲଷ୍ଟର ସ୍ତରୀୟ ଏକ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଖୁସିରାମ ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ କାଉନସିଲର ଚନ୍ଦନ କୁମାର ସାହୁ, ଅନ୍ୟତମ ଅତିଥି ଭାବରେ କାଉନସିଲର ବିନତୀ ହଂସ, ସମ୍ମାନିତ ଅତିଥି ଭାବରେ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପ୍ରଧାନ ଯୋଗଦାନ କରିଥିଲେ। ସିଆରସିସି ପ୍ରଶାନ୍ତ ପଣ୍ଡା ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ ଓ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକାକୁ ବୁଝାଇଥିଲେ। ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଅଗସ୍ତି ମଞ୍ଚ ପରିଚାଳନା ଓ ଶପଥ ପାଠ କରାଇଥିଲେ। ବିଶ୍ୱମହାମାରୀ ସମୟରେ ହୋଇଥିବା ଶୈକ୍ଷିକ କ୍ଷତିକୁ କିପରି ଭରଣା କରିବା ପାଇଁ ଜନ ସହଭାଗିତା ମାଧ୍ୟମରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଭଳି କାର୍ଯ୍ୟକ୍ରମ ଅଧିକ ଉପାଦେୟ ଓ ପ୍ରାସଙ୍ଗିକ ଅଟେ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ଏହି ବିଦ୍ୟାଳୟର ପୁରାତନ ଛାତ୍ର ହିସାବରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁ ପ୍ରକାର ଚେଷ୍ଟା କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏହି ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିଚାଳନା ସଦସ୍ୟାସଦସ୍ୟ ସହିତ ଛାତ୍ରୀଛାତ୍ର, ଅଭିଭାବକ ଅଭିଭାବିକା ଯୋଗଦାନ କରିଥିଲେ ।

# ମୋ ଘର, ସହରାଞ୍ଚଳର ବିକାଶ ନେଇ ସମୀକ୍ଷା

**ଟିଟିଲାଗଡ଼,୧୦।୬ (ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ଲୋକଙ୍କୁ ପକ୍କା ଗୃହ ବ୍ୟବସ୍ଥା ପାଇଁ ନୂତନ ଭାବରେ ପ୍ରଣୟନ ହୋଇଥିବା ମୋ ଘର ଯୋଜନା ତଥା ଟିଟିଲାଗଡ ଏବଂ ତୁଷୁରା ବିଜ୍ଞାପିତ ପରିଷଦ ଅଞ୍ଚଳର ବିକାଶ ନେଇ ମନ୍ତ୍ରୀ ଟୁକୁନି ସାହୁ ଶନିବାର ସମୀକ୍ଷା ବୈଠକ କରିଛନ୍ତି। ଉପଜିଲାପାଳଙ୍କ ସଭାଗୃହରେ ସହରାଞ୍ଚଳର ବିକାଶ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରମିକଙ୍କୁ କର୍ମ ନିଯୁକ୍ତି ପ୍ରଦାନ ଲକ୍ଷ୍ୟରେ ଦେଶରେ ପ୍ରଥମ ରାଜ୍ୟ ଭାବରେ ମୁଖ୍ୟମନ୍ତ୍ରୀ ମୁକ୍ତା ଯୋଜନା ଆରମ୍ଭ କରିଥିଲେ। ଏନେଇ ଖୁବ ଶୀଘ୍ର ଦ୍ୱିତୀୟ କିସ୍ତି ଟଙ୍କା ଆସିବ। ଉକ୍ତ ଅର୍ଥରାଶି ଟିଟିଲାଗଡ ପୌରାଞ୍ଚଳ ଏବଂ ତୁଷୁରା ବିଜ୍ଞାପିତ ପରିଷଦ ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ସଠିକ ଭାବରେ ବିନିଯୋଗ ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସହରର ସିଟି ସ୍କୁଲ ମିନି ଷ୍ଟାଡିୟମରେ ନିର୍ମାଣାଧିନ ସ୍ମାର୍ଟପାର୍କ, ୱାକିଙ୍ଗ ଟ୍ରାକ, ବିଭିନ୍ନ ୱାର୍ଡରେ ଓପନ ଜିମ, ମିନି ପାର୍କ, ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ନୂତନ ଭାବରେ ୪ଟି କଲ୍ୟାଣ ମଣ୍ଡପ, ବର୍ଷା ଋତୁରେ ବ୍ୟାପକ ଚାରାରୋପଣ, ୩୭ଟି ବସ୍ତିର ଉନ୍ନତିକରଣ, ରାସ୍ତାକଡରେ ବସୁଥିବା ପସରା ନେଇ ଟ୍ରାଫିକ ସମସ୍ୟା ଦୂର ପାଇଁ ଭେଣ୍ଡିଂ ଜୋନ, ସ୍ୱତନ୍ତ୍ର ଆମିଷ ବଜାର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତୁଷୁରା ବିଜ୍ଞାପିତ


ସମୀକ୍ଷା ବୈଠକରେ ମନ୍ତ୍ରୀ ଟୁକୁନୀ ସାହୁ ଓ ଅନ୍ୟମାନେ।

ପରିଷଦରେ ଆହାର କେନ୍ଦ୍ରର ରୋଷେଇ ଘର, ସ୍ୱତନ୍ତ୍ର ଭେଜ, ନନଭେଜ ଭେଣ୍ଡିଂ ଜୋନ ନିର୍ମାଣ, ଡ୍ରେନ ଗୁଡିକରେ ଢାଙ୍କୁଣି ବ୍ୟବସ୍ଥା, ଜଗର୍ସ ପାର୍କ ତଥା ଟାଉନ ହଲ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ତୁଷୁରା ବିଜ୍ଞାପିତ ପରିଷଦରେ ୧.୩୮ କୋଟି ଟଙ୍କାରେ ମୁକ୍ତା ଯୋଜନାରେ ନିର୍ମାଣ କାର୍ଯ୍ୟ ନେଇ ମନ୍ତ୍ରୀ ସମୀକ୍ଷା କରିଥିଲେ। ଚଳିତ ବର୍ଷ ଆହୁରି ୩ କୋଟି ଟଙ୍କା ରାଜ୍ୟ ସରକାର ପ୍ରଦାନ କରିବାକୁ ଥିବା ବେଳେ ଠିକ ବିନିଯୋଗ ପାଇଁ କର୍ମଖସଡା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟିଟିଲାଗଡ ପୌର ନିର୍ବାହି ଅଧିକାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ତୁଷୁରା ଏନଏସି ଅଧକ୍ଷ ଅଜୟ ଜୟସ୍ୱାଲ, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଟିଟିଲାଗଡ ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଲ, ମ୍ୟୁନିସିପାଲ ଇଞ୍ଜିନିୟର ଅଶୋକ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ରିତେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଟିଟିଲାଗଡ ପୌରାଞ୍ଚଳର ବିକାଶ ନେଇ ମନ୍ତ୍ରୀ ସାହୁ ଡାକିଥିବା ଏହି ସମୀକ୍ଷା ବୈଠକରେ ପୌରାଧ୍ୟକ୍ଷା ମମତା ଜୈନ ଓ ଭାଜପା କାଉନସିଲର ଅନୁପସ୍ଥିତ ଥିବା ଦେଖାଯାଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମାଗଣା ଘର ପ୍ରଦାନ ନେଇ ଅନେକ ମାନଦଣ୍ଡ, କାଣ୍ଟଛାଣ୍ଟ ନେଇ ଅନେକ ପରିବାର ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ଏନେଇ ରାଜ୍ୟ ସରକାର ପ୍ରଥମ ଥର ପାଇଁ ଗ୍ରାମାଞ୍ଚଳର ମାଟି ଘରକୁ ପକ୍କା କରିବା ଉଦ୍ଦେଶ୍ୟରେ ମୋ ଘର ଯୋଜନା ଲାଗୁ କରିଛନ୍ତି। ଯୋଜନା ମାନଦଣ୍ଡ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ୩ ଲକ୍ଷ ଟଙ୍କା ଯାଏ ବ୍ୟାଙ୍କ ଜରିଆରେ ଗୃହ ଋଣ ଏବଂ ସର୍ବୋଚ୍ଚ ୭୦ ହଜାର ଟଙ୍କା ରିହାତି ବ୍ୟବସ୍ଥା ରହିଛି। ଆସନ୍ତା ୧୬ ତାରିଖରେ ଯୋଜନା ବିଧିବଦ୍ଧ ଶୁଭାରମ୍ଭ ହେବ। ଏନେଇ ବ୍ୟାଙ୍କ ପ୍ରତିନିଧି, ଗ୍ରାମାଞ୍ଚଳରେ ଥିବା ମୋ ସେବା କେନ୍ଦ୍ର ପରିଚାଳକଙ୍କ ସହ ବୈଠକ ସରିଥିବା ବେଳେ ପ୍ରଥମ ପାଇଁ ଟିଟିଲାଗଡ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଯୋଜନା ସମ୍ପର୍କରେ ଅବଗତ କରିବାକୁ ଶନିବାର ବୈଠକ ଡକାଯାଇଥିଲା। ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପାଧ୍ୟକ୍ଷ ଜଗତରାମ ରଣା, ବିଡିଓ ନବିନ ଚନ୍ଦ୍ର ନାୟକ, ସମିତି ସଭ୍ୟ ସୀମାଞ୍ଚଳ ବେନିଆ, ପବନ ପ୍ରସାଦ ଗୁପ୍ତା, କମଲ ରଣା, ଚମ୍ପା ମହାନନ୍ଦ, ମାଳତି ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ତାଲିମ ଶିବିର

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଣଶିକ୍ଷା ବିଭାଗ ଦ୍ୱାରା ବ୍ଲକସ୍ତରୀୟ ପାଚିକା ଓ ସହାୟିକାମାନଙ୍କୁ ନେଇ ଖାଦ୍ୟ ନିରାପତ୍ତା ଏବଂ ସ୍ୱଚ୍ଛତା ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହାକୁ ବୌଦ୍ଧ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ସିଆରସିସି ସୌମିତ୍ରି କର୍ଣ୍ଣ ଉଦ୍‌ଘାଟନ କରିଥିଲେ। ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୪୪ ଜଣ ପାଚିକା ସହାୟିକା ତାଲିମ ନେଇଥିଲେ । ସିଆରସିସି ନିରଞ୍ଜନ ମେହେର ଓ ପାଚିକା ସୁଜାତା ବେହେରା ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

**ସଂକ୍ଷେପରେ**

## ସୁରେଶ ଆଜାଦ୍ ଜିଲା କଂଗ୍ରେସ ସଭାପତି

**ନୂଆପଡ଼ା ଅଫିସ,୧୦।୬:** ନୂଆପଡ଼ା ଜିଲା କଂଗ୍ରେସ ସଭାପତି ଭାବେ ସୁରେଶ କୁମାର ଆଜାଦଙ୍କୁ ଦଳ ଘୋଷଣା କରିଛି। ଏନେଇ


ସୁରେଶ ଆଜାଦ।

ପୂର୍ବତନ ଜିଲା ସଭାପତି ଘାସିରାମ ମାଝି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାଜ୍ୟ କଂଗ୍ରେସର ଏଭଳି ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ ରହିଛି। ଜିଲା କଂଗ୍ରେସକୁ ଅଣଦେଖା କରାଯାଇଛି ବୋଲି କହିଛନ୍ତି। ଆଗକୁ ନିର୍ବାଚନ ରହିଛି,ଏଭଳି ସ୍ଥିତିରେ ହଠାତ କାହାକୁ ନ ପଚାରି ସଭାପତି ବଦଳାଇବା ନିଷ୍ପତ୍ତି ଠିକ ହୋଇନାହିଁ। ଏହା କଂଗ୍ରେସକୁ କ୍ଷତି ପହଞ୍ଚାଇବ ବୋଲି ସେ କହିଛନ୍ତି। ଆଗକୁ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାୟକ ପଦ ସକାଶେ ନାମାଙ୍କନ ଦେବା ପାଇଁ ଏଭଳି କରିଥାଇ ପାରନ୍ତି କି ବୋଲି ମାଝିଙ୍କୁ ପଚାରିବାରୁ ମୁଁ ଆଗାମୀ ନିର୍ବାଚନରେ ନାମାଙ୍କନ କରିବା ସ୍ପଷ୍ଟ ରହିଛି । ମୋତେ କେନ୍ଦ୍ର ତଥା ରାଜ୍ୟ ନେତୃବୃନ୍ଦ ସବୁଜ ସଙ୍କେତ ଦେଇ ସାରିଛନ୍ତି। ତେଣୁ କରି ମୁଁ ସବୁ ପ୍ରକାର ପ୍ରସ୍ତୁତି ଶେଷ କରି ସାରିଛି । ମୋତେ ଲୋକେ ଗ୍ରହଣ କରି ସାରିଛନ୍ତି ବୋଲି ସେ କହିଛନ୍ତି । କଂଗ୍ରେସର ଏଭଳି ପଦକ୍ଷେପ ପରେ ଏକ ଗୋଷ୍ଠୀ ବିବାଦର ଆଭାସ ଦେଖା ଦେଇଛି । ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲ ନିକଟରେ ଆଜାଦଙ୍କ ଦ୍ୱାରା ଆୟୋଜିତ ଖବରଦାତା ସମ୍ମିଳନୀରେ ଘାସିରାମଙ୍କ ସମର୍ଥକମାନେ ଯାଇ ନ ଥିଲେ। ଜିଲା କଂଗ୍ରେସରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି।

## ଧରମ୍ ସିଂ ମାନ୍ଧାତାଙ୍କ ଫଟୋ ସ୍କୁଲକାନ୍ଥରେ ଅଙ୍କନ କର

**ବଲାଙ୍ଗୀର ଅଫିସ, ୧୦।୬:** କନ୍ଧମେଳିର ଅନ୍ୟତମ ବୀର ଶହୀଦ ଧରମ୍ ସିଂ ମାଝି ମାନ୍ଧାତାଙ୍କ ଫଟୋକୁ ଜିଲାର ବିଭିନ୍ନ ସରକାରୀ ଅଫିସ ଏବଂ ସ୍କୁଲ କାନ୍ଥରେ ଅଙ୍କନ କରିବାକୁ ଦାବି ଉଠିଛି। ଧରମ୍ ସିଂ ମାଝି ମାନ୍ଧାତା ସ୍ମୃତି କମିଟି ପକ୍ଷରୁ ଜିଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଏ ସମ୍ପର୍କରେ ଦାବି କରାଯାଇଛି। ସରକାରୀ ଅଫିସ ଓ ସ୍କୁଲ କାନ୍ଥରେ ଶହୀଦ ବୀର ଧରମ୍ ସିଂ ମାନ୍ଧାତାଙ୍କ ଫଟୋ ଅଙ୍କନ କରାଗଲେ ଛାତ୍ରୀଛାତ୍ର ତାଙ୍କର ବୀରତ୍ୱ ବିଷୟରେ ଜାଣିପାରିବେ ବୋଲି ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ରଙ୍କୁ ସ୍ମୃତି କମିଟି ଅଧ୍ୟକ୍ଷ କାଳିନ୍ଦ୍ରୀ ମାଝି କହିଛନ୍ତି। ଦାବିପତ୍ର ଦେବା ସହ ଧରମ୍ ସିଂ ମାଝି ମାନ୍ଧାତାଙ୍କ ଏକ ଫଟୋ ମଧ ମିଶ୍ରଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ଦେବା ସମୟରେ କମିଟିର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସତ୍ୟ ବନ୍‌ଛୋର, ହରି ନନ୍ଦ, ଗୋପବନ୍ଧୁ ଛତ୍ରିଆ, ଜୟବିହାରୀ ବିଶ୍ୱାଳ ଉପସ୍ଥିତ ଥିଲେ।

## ସମ୍ପାଦକ, ପ୍ରଧାନ ଆଚାର୍ଯ୍ୟଙ୍କ ବୈଠକ

**ଟିଟିଲାଗଡ଼,୧୦।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶନିବାର ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟଙ୍କ ବୈଠକ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଓଡିଶା ସଂଗଠନ ସମ୍ପାଦକ ମନ୍ତ୍ରୀ ତାରକ ଦାସ ସରକାର, ଦକ୍ଷିଣ ପଶ୍ଚିମ ସମ୍ଭାଗ ସଦସ୍ୟା ଝଙ୍କତି ପଟେଲ, ଜିଲା ସହ ପ୍ରମୁଖ ମିତ୍ରଭାନୁ ପ୍ରଧାନ, ବିଭାଗ ନିରୀକ୍ଷକ ନରୋତ୍ତମ ମିଶ୍ର, ସ୍ଥାନୀୟ ବିଦ୍ୟାଳୟ ସଭାପତି ଜ୍ୟୋତି ପ୍ରକାଶ ଗଡ଼ତ୍ୟା ଉପସ୍ଥିତ ଥିଲେ। ସହ ବିଭାଗ ନିରୀକ୍ଷକ ମନୋରଞ୍ଜନ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସହପ୍ରମୁଖ ମିତ୍ରଭାନୁ ପ୍ରଧାନ ବୈଠକର ଉଦେଶ୍ୟ ଜ୍ଞାପନ କରିଥିଲେ। ସମ୍ଭାଗ ସଦସ୍ୟା ଝଙ୍କତି ପଟେଲ ଆଶ୍ରୀବଚନ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ତାରକ ଦାସ ସରକାର ଶିକ୍ଷା ଓ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ। ଭାରତୀ କୃଷ୍ଣ ଗଣିତ ପ୍ରତିଭା ଓ ମେଧା ପରୀକ୍ଷାରେ ସଫଳତା ପାଇଥିବା ଭଉଣୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଦକ୍ଷିଣ ପଶ୍ଚିମ ସମ୍ଭାଗ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା, ପ୍ରାନ୍ତ ନିରୀକ୍ଷକ ପ୍ରସନ୍ନ କୁମାର ବିଶାଳ, ଜିଲା ପ୍ରମୁଖ ଓ ବଲାଙ୍ଗୀର ଜିଲାର ସମସ୍ତ ସଙ୍କୁଳ ପ୍ରମୁଖ। ଆଚାର୍ଯ୍ୟ ପଙ୍କଜ ବେହେରା ମଞ୍ଚ ପରିଚାଳନା କରିଥିଲେ।

# ସେବା ଦେଉନି ପଥପ୍ରାନ୍ତ ସୁବିଧା କେନ୍ଦ୍ର

**ସୋନପୁର,୧୦।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ୨ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ର ରହିଛି। ଗୋଟିଏ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ସୋନପୁର ବ୍ଲକର ସାହାଜପିଟା ଓ ଅନ୍ୟଟି ସୋନପୁର-ସମ୍ବଲପୁର ୧୫ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱ ମେଟାକାନୀ ମନ୍ଦିର ନିକଟରେ ରହିଛି। ଉଭୟ କେନ୍ଦ୍ରରେ କେବଳ ଶୌଚାଳୟ ବ୍ୟବସ୍ଥାକୁ ଛାଡିଦେଲେ ଅନ୍ୟ କୌଣସି ସୁବିଧା ମିଳୁନାହିଁ। ସରକାର ଯେଉଁ ଉଦ୍ଦେଶ୍ୟ ନେଇ ଏହି ପରିକଳ୍ପନା କରିଥିଲେ, ତାହା ସାଧିତ ହୋଇ ପାରିନାହିଁ। ପରିଚାଳନାଗତ ତ୍ରୁଟି ଯୋଗୁ ଏଭଳି ଅବ୍ୟବସ୍ଥା ଦେଖାଦେଇଛି। ହାତଗଣତି କେତେକ ସିକ୍ୟୁରିଟି ଗାର୍ଡ ଏଠାରେ ରହୁଛନ୍ତି। ଏହାକୁ ପରିଚାଳନା କରୁଥିବା ଠିକା ସଂସ୍ଥା କିଛି ବୁଝୁ ନ ଥିବା ଅଭିଯୋଗ ହେଉଛି। ଏହି କେନ୍ଦ୍ର ଉପରକୁ ଚକାଚକ୍ ଦେଖା ଯାଉଥିବା ବେଳେ ପର୍ଯ୍ୟଟକ, ଯାତ୍ରୀଙ୍କୁ ସାମାନ୍ୟ ସେବା ମିଳୁନାହିଁ। ତେଣୁ କେନ୍ଦ୍ର ଦ୍ୱୟକୁ କେହି ଯାଉନଥିବା ଦେଖିବାକୁ ମିଳୁଛି।

ରାଜପଥ ଦେଇ ଯାତାୟାତ କରୁଥିବା ଟ୍ରକ୍, ଯାତ୍ରୀବାହୀ ବସଗୁଡିକର ଯାତ୍ରୀ ଓ ପର୍ଯ୍ୟଟକ ମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରାସ୍ତା ପାର୍ଶ୍ୱରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ



ସାହାଜପିଟାଠାରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ର।

କରିଛନ୍ତି। ଜିଲା ପ୍ରଶାସନ ମାଗଣାରେ ଦେଢରୁ ଦୁଇ ଏକର ଜମି ଯୋଗାଇ ଦେବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ସୁବିଧା କେନ୍ଦ୍ର ନିର୍ମାଣ ହୋଇଛି । ପ୍ରତି କେନ୍ଦ୍ର ପାଇଁ ପ୍ରାୟ ଦେଢ଼ କୋଟି ଟଙ୍କା ଲେଖାଏ ଖର୍ଚ୍ଚ କରାଯାଇଛି। ୨୦୧୮ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୨୦୨୦ରେ ସରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧ ନଭେମ୍ବର ମାସ ୨୫ ତାରିଖରେ ଏହି କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରଗୁଡିକ କାର୍ଯ୍ୟକ୍ଷମ ନ ହୋଇ ସେମିତି ପଡି ରହିଥିଲା। ପରବର୍ତ୍ତୀ ସମୟରେ ପର୍ଯ୍ୟଟନ ବିଭାଗକୁ ଏହି କେନ୍ଦ୍ରକୁ ହସ୍ତାନ୍ତର କରାଗଲା। ପର୍ଯ୍ୟଟନ ବିଭାଗ ପିପିପି ମୋଡରେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଲା। ହେଲେ ଆନ୍ତରିକତା ଅଭାବରୁ ତାହା ସଫଳ ହୋଇ ନଥିଲା। ଏବେ ଏକ ଘରୋଇ ସଂସ୍ଥା ଏହାର ପରିଚାଳନା କରୁଛି। ଏହି କେନ୍ଦ୍ରରେ ରେଷ୍ଟ ରୁମ୍, ରିଫ୍ରେସ ରୁମ୍, କାଫେ, ଡାଇନିଂ, କିଚେନ୍, ଗାଡି ପାର୍କିଂ, ଏଟିଏମ୍ ଓ ଗ୍ୟାରେଜ୍‌ର ସୁବିଧା ରହିବା କଥା। ତେବେ ଏଟିଏମ୍ ଓ ଗ୍ୟାରେଜ୍ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ସୁବିଧା ଏହି କେନ୍ଦ୍ରରେ ରହିଛି । କିନ୍ତୁ ବର୍ତ୍ତମାନ କେବଳ ଶୌଚାଳୟ ସୁବିଧା ଛାଡି ଦେଲେ ଆଉ କୌଣସି ସୁବିଧା ଏଠାରେ ଉପଲବ୍ଧ ନାହିଁ। ପର୍ଯ୍ୟଟକ ଓ ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଖରାପ ଅନୁଭୂତି ନେଇ ଏଠାରୁ ଫେରୁଛନ୍ତି। ଥରେ ଏହି କେନ୍ଦ୍ରକୁ ଆସିଲେ ଦ୍ୱିତୀୟ ଥର ଆସିବାକୁ ନାକ ଟେକୁଛନ୍ତି । କାରଣ ଏଠାରେ ଖାଇବା

**ପରିଚାଳନାରେ ତ୍ରୁଟି ଯୋଗୁ କାମରେ ଆସୁନି**

ପିଇବା ବ୍ୟବସ୍ଥା ନାହିଁ । ପାଇଖାନାଗୁଡିକ ପରିଷ୍କାର ନଥିବା ବେଳେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନାହିଁ । ଅନ୍ୟ ବିକଶିତ ଦେଶଗୁଡିକରେ ରାସ୍ତା ପାର୍ଶ୍ୱରେ ଏଭଳି ସୁବିଧାକୁ ଦେଖି ସରକାର ଏହାର ପରିକଳ୍ପନା କରିଥିଲେ। ମାତ୍ର ଏଠାରେ ସେହି ଉଦ୍ଦେଶ୍ୟ ସାଧିତ ହୋଇପାରି ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗତ ମାର୍ଚ୍ଚ ମାସରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗର ଯୁଗ୍ମ ସଚିବ ବିନୋଦ କୁମାର ଜେନା ସମସ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଚିଠି ଲେଖି ଏହି କେନ୍ଦ୍ରଗୁଡିକର ପରିଚାଳନା ଦାୟିତ୍ୱ ସ୍ଥାନୀୟ ବ୍ଲକ ଲେଭେଲ ଫେଡେରେଶନକୁ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ଉଲୁଣ୍ଡା ବ୍ଲକର ମେଟାକାନୀ ମନ୍ଦିର ପାର୍ଶ୍ୱରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରର ପରିଚାଳନା ଦାୟିତ୍ୱ ଉଲୁଣ୍ଡା ଜୀବନ ଜ୍ୟୋତି ବ୍ଲକ ଲେଭେଲ ଫେଡେରେଶନ ଓ ସାହାଜପିଟାରେ ଥିବା କେନ୍ଦ୍ରର ଦାୟିତ୍ୱ ସୋନପୁର ମଦର ଟେରେସା ବ୍ଲକ ଲେଭେଲ ଫେଡେରେଶନକୁ ପ୍ରଦାନ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ୫-ଟି ସଚିବଙ୍କ ଗସ୍ତକୁ ନେଇ ବିଧାୟିକାଙ୍କ ପ୍ରସ୍ତୁତି ବୈଠକ


ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ପ୍ରସ୍ତୁତି ବୈଠକରେ ସୂଚନା ଦେଉଛନ୍ତି।

**ସରଣ୍ଡା, ୧୦।୬(ଡି.ଏନ.ଏ.)**

ଆସନ୍ତା ୨୬ ତାରିଖରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ଗସ୍ତରେ ଆସିବେ। ଏହି ଉପଲକ୍ଷେ ସରଣ୍ଡା ବିଶ୍ୱେଶ୍ୱର ଅଷ୍ଟଶମ୍ଭୁ ଶୈବ ପୀଠରେ ଶନିବାର ରାତି ସାଢେ ୮ଟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ କହିଥିଲେ, ଆସନ୍ତା ୨୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ତଥା ୫-ଟି ସଚିବ ବରଗଡ ଗସ୍ତରେ ଆସିବେ। ସେ ହେଲିକପ୍ଟର ଯୋଗେ ଆସି ପ୍ରଥମେ ସରଣ୍ଡା ହାଇସ୍କୁଲ ପଡିଆରେ ଓହ୍ଲାଇ ସ୍ଥାନୀୟ ହାଇସ୍କୁଲ ପରିଦର୍ଶନ କରିବେ। ସେ ପୂର୍ବାହ୍ନ ୯ଟାରେ ସରଣ୍ଡା ସ୍ଥିତ ବିଶ୍ୱେଶ୍ୱର ଶୈବପୀଠକୁ ଯାଇ ମନ୍ଦିରର ଉନ୍ନୟନ କାର୍ଯ୍ୟ ବୁଲି ଦେଖିବେ। ୫-ଟି ସଚିବ ଅତାବିରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗସ୍ତ କରିସାରିବା ପରେ ବରଗଡ ଯିବେ ବୋଲି ବିଧାୟିକା ଛୁରିଆ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ୫-ଟି ସଚିବଙ୍କ ଗସ୍ତକୁ ନେଇ ବିଧାୟିକାଙ୍କ ପ୍ରସ୍ତୁତି ବୈଠକକୁ ବିରୋଧୀ

**ଗଣତନ୍ତ୍ର ପ୍ରତି ବିପଦ କହିଲେ ବିରୋଧୀ**

ସମାଲୋଚନା କରିଛନ୍ତି। ଏ ସମ୍ପର୍କରେ ବରଗଡ଼ ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି, ସଚିବ ଆସୁଥିବାରୁ ବିଧାୟିକା ପ୍ରସ୍ତୁତି ବୈଠକ କରିବା ଦୁର୍ଭାଗ୍ୟର ବିଷୟ। ଗଣତାନ୍ତ୍ରିକ ପଦ୍ଧତିରେ ଜଣେ ଜନପ୍ରତିନିଧି ଆସିଲେ ପ୍ରଶାସନିକ ସ୍ତରରେ ସେ ନେଇ ପ୍ରସ୍ତୁତି ବୈଠକ ହେବା କଥା। କିନ୍ତୁ ବିଧାୟକ ମନ୍ତ୍ରୀମାନେ ସଚିବଙ୍କ ଗୋଡ଼ାଣିଆ ହେବା ଗଣତନ୍ତ୍ର ପ୍ରତି ବିପଦ ବୋଲି ଷଡ଼ଙ୍ଗୀ କହିଥିଲେ। ସେହିପରି ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ କହିଛନ୍ତି, ଜନପ୍ରତିନିଧିଙ୍କ ପାଇଁ ସଚିବ କାର୍ଯ୍ୟକ୍ରମ ପରିଚାଳନା କରି ପ୍ରସ୍ତୁତି କରିବା କଥା। କିନ୍ତୁ ଏଠାରେ ଓଲଟା ଦେଖିବାକୁ ମିଳୁଛି। ଏହା ସମ୍ବିଧାନ ବିରୋଧୀ କାର୍ଯ୍ୟ। ସଚିବଙ୍କ ଗସ୍ତ ସମୟରେ ଲୋକ ଜମାଇ ନିଜ ଚୌକି ବଞ୍ଚାଇବାକୁ ଜନପ୍ରତିନିଧି ପ୍ରସ୍ତୁତି କରୁଥିବା ମହାନନ୍ଦ କହିଛନ୍ତି। ଅନ୍ୟପକ୍ଷେ ଏ ସମ୍ପର୍କରେ ବିଧାୟିକା ଛୁରିଆଙ୍କ ମତାମତ ମିଳିପାରିନାହିଁ ।

# ଗ୍ରୀଷ୍ମ ପ୍ରବାହ ଯୋଗୁ ଅସ୍ତବ୍ୟସ୍ତ ଜନଜୀବନ

**ଅମରପାଲି,୧୦।୬(ଡି.ଏନ.ଏ.)**

ସଂପ୍ରତି ଗ୍ରୀଷ୍ମପ୍ରବାହ ଯୋଗୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ରାଜ୍ୟର ପଶ୍ଚିମରେ ତାପମାତ୍ରା କ୍ରମାଗତ ଭାବେ ବଢି ଚାଲିଥିବା ବେଳେ ବୀରମହାରାଜପୁର ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ପର୍ଯ୍ୟନ୍ତ ରହୁଛି। ସକାଳ ୮ ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଘରୁ ପଦାକୁ ବାହାରି ହେଉନାହିଁ। ଅତି ଜରୁରୀ କାମ ନ ଥିଲେ ଲୋକେ ବାହାରକୁ ଆସୁନାହାନ୍ତି। ପ୍ରଚଣ୍ଡ ଗରମ ସାଙ୍ଗକୁ ତତଲା ଝାଞ୍ଜି ପବନ ମାରୁଛି। ଫଳରେ ନା ଘରେ ରହି ହେଉଛି ନା ବାହାରେ । ଏବେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳୁଛି। ବ୍ଲକର ଅନେକ ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡିଛି। ଦୁର୍ଜନଟୈଲା, ମସିଣାପାଲି, ଅମରପାଲି, ବିକଲପୁର, ଲୁଡୁରପଙ୍କ(ବାବୁପାଲି), ଗୋବିନ୍ଦପୁର ସମେତ ଅନେକ ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡିଛି। ଏହାସହିତ ପ୍ରକଳ୍ପ ଥିବା ପ୍ରାୟ ସ୍ଥାନରେ ସମସ୍ତଙ୍କୁ ପାନୀୟ ଜଳ ଯୋଗାଇବା ସମ୍ଭବ ହୋଇପାରୁ ନାହିଁ। ବିଭିନ୍ନ ସ୍ଥାନରେ ଥିବା ଥଣ୍ଡା ପାନୀୟ ପ୍ରକଳ୍ପ(ଅମୃତଧାରା)ରୁ ପାଣି ବାହାରୁ ନାହିଁ। ଏଗୁଡିକ ଦୀର୍ଘଦିନ ଧରି ଅଚଳ ହୋଇଥିଲେ ମଧ ମରାମତି କରାଯାଉ ନାହିଁ। ଲୋକେ ପାନୀୟ ଜଳ

**ବୀରମହାରାଜପୁର ଉପଖଣ୍ଡ**
- ଅନେକ ଜଳଯୋଗାଣ ପ୍ରକଳ୍ପ ଅଚଳ
- ଶୁଖିଲା ପଡିଛି ଜଳଶୟ
- ଅଂଶୁଘାତର ମୁକାବିଲା ପାଇ ହେଉନି ସଚେତନତା



ପାଇଁ ହନ୍ତସନ୍ତ ହେଉଛନ୍ତି। ଅଞ୍ଚଳର ହରିହର ଯୋର, ସୁରବାଲି ଯୋର, ବାଇଗଣି ଯୋର, ଘୁଙ୍ଗି ଯୋରରେ ପାଣି ଟିକିଏ ନାହିଁ। ଅଧିକାଂଶ ଗ୍ରାମର ଜଳାଶୟ ଶୁଖିଲା ପଡିଛି। ଫଳରେ ଗାଧୁଆ ସହିତ ଅନ୍ୟାନ୍ୟ କାମରେ ପାଣି ପାଇଁ ଅସୁବିଧା ହେଉଛି। ଗୃହପାଳିତ ପଶୁପକ୍ଷୀମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଗୃହପାଳିତ ପଶୁଙ୍କ ପାଇଁ ଚହଲା ଖୋଳିବାକୁ ଦାବି ହେଉଥିଲେ ମଧ ଏହା କରାଯାଉ ନାହିଁ। ଅନେକ ସ୍ଥାନରେ ନଳକୂପ ଅଚଳ ହୋଇଥିଲେ ହେଁ ମରାମତି କରାଯାଉ ନ ଥିବା ଅଭିଯୋଗ ହେଉଛି। ବ୍ଲକ ପ୍ରଶାସନ ତରଫରୁ ନଳକୂପ ମରାମତି ପାଇଁ ଏକ ଟିମ୍ ଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇପାରୁ ନାହିଁ। ଗ୍ରୀଷ୍ମର ମୁକାବିଲା ପାଇଁ ଜିଲା ପ୍ରଶାସନ ତରଫରୁ ବିଭିନ୍ନ ବିଭାଗକୁ କଡା ନିର୍ଦ୍ଦେଶ ଦିଆଯାଇଥିଲେ ହେଁ କେହି କର୍ଣ୍ଣପାତ କଲା ଭଳି ମନେ ହେଉନାହିଁ । ଅଂଶୁଘାତ ସଚେତନତା କେବଳ କାଗଜ କଲମରେ ସୀମିତ ରହୁଛି। ଅଞ୍ଚଳରେ ବ୍ୟାପକ ଜଙ୍ଗଲ କ୍ଷୟ ସହିତ ପକ୍କାଘର ଓ କଂକ୍ରିଟ କରଣ ଯୋଗୁ ତାପମାତ୍ରା ବୃଦ୍ଧି ପାଉଥିବା ପରିବେଶବିତ୍‌ମାନେ ମତବ୍ୟକ୍ତ କରୁଛନ୍ତି। ବୀରମହାରାଜପୁର ଉପଖଣ୍ଡ ଦେଇ ମହାନଦୀ ପ୍ରବାହିତ ହେଉଥିଲେ ମଧ ନଦୀ ଏବେ ଶୁଖିଲା ପଡିଛି। ଖରା ଯୋଗୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଦୋକାନ ବଜାର ବନ୍ଦ ରହୁଛି। କାଁ ଭାଁ କେତେକ ସ୍ଥାନରେ ଲସି ଓ ଥଣ୍ଡା ପାନୀୟ ଦୋକାନ ଖୋଲା ରହୁଛି। ଏହି ସମୟରେ ଏକ ପ୍ରକାର ଅଘୋଷିତ କର୍ଫ୍ୟୁର ଭ୍ରମ ଦେଖିବାକୁ ମିଳୁଛି। ଗ୍ରୀଷ୍ମରେ ପାନୀୟ ଜଳ ସମସ୍ୟାର ସମାଧାନ କରିବା ସହିତ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ପ୍ରଶାସନ ଲୋକଙ୍କୁ ସଚେତନ କରିବାକୁ ସାଧାରଣରେ ଦାବି ହେଉଛି।

## କୋଶଲ ରାଏଜ ମୁକ୍ତି ମୋର୍ଚ୍ଚାର ବୈଠକ

**ବେଲପଡା, ୧୦।୬(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ପଞ୍ଚାୟତ ଅଫିସ ଗୃହରେ କୋଶଲ ରାଏଜ ମୁକ୍ତି ମୋର୍ଚ୍ଚା ଓ କୋଶଲ ସେନା ମଧ୍ୟରେ କୋଶଲ ଆନ୍ଦୋଳନର ଆଗାମୀ ରଣନୀତି ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଝାରସୁଗୁଡ଼ାରୁ ବେଲପଡା ଆସିଥିବା ସମସ୍ତ କୋଶଲ ସଂଗ୍ରାମୀମାନଙ୍କୁ ସ୍ଥାନୀୟ ପଞ୍ଚାୟତ ଗୃହରେ ଫୁଲମାଳ ଦେଇ ଜଏ କୋଶଲ ନାରାରେ ସ୍ୱାଗତ କରାଯାଇଥିଲା। ବୈଠକରେ ଝାରସୁଗୁଡ଼ାରୁ ଆସିଥିବା କୋଶଲ ସଂଗ୍ରାମୀ ଜ୍ଞାନେନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକ ପୂର୍ବରୁ ବଲାଙ୍ଗୀର ଜିଲା କରମତଲା ଗାଁର ମୃତକ କୋଶଲ ସଂଗ୍ରାମୀ ଶାନ୍ତନୁ ରଣା ଏବଂ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ମୃତକ ପାଇଁ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକକୁ କୋଶଲ ମୁକ୍ତିମୋର୍ଚ୍ଚାର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ସିଂ ପରିଚାଳନା କରିଥିଲେ। ଆଗାମୀ ଦିନରେ କୋଶଲ ଉଲଗୁଲାନକୁ ଭୟଙ୍କର ଆନ୍ଦୋଳନ ରୂପେ ଠିଆ କରିବା ପାଇଁ ନିଷ୍ପତ୍ତି ନିଆଗଲା।

## ଜନସହଭାଗିତା ସାକ୍ଷରତା ସଂଖ୍ୟାଜ୍ଞାନ ଉପରେ କାର୍ଯ୍ୟକ୍ରମ

**ଖଡ଼ିଆଳ,୧୦।୬ (ଡି.ଏନ.ଏ)**

ନୂଆପଡା ଜିଲା ଖଡ଼ିଆଳ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଜନ ସହଭାଗିତା ଆଧାରରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ତାଜ ଉର୍ଦ୍ଧ୍ୱ କ୍ଲଷ୍ଟର ସ୍ତରୀୟ ଏକ ସଚେତନତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଖୁସିରାମ ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ କାଉନସିଲର ଚନ୍ଦନ କୁମାର ସାହୁ, ଅନ୍ୟତମ ଅତିଥି ଭାବରେ କାଉନସିଲର ବିନତୀ ହଂସ, ସମ୍ମାନିତ ଅତିଥି ଭାବରେ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପ୍ରଧାନ ଯୋଗଦାନ କରିଥିଲେ। ସିଆରସିସି ପ୍ରଶାନ୍ତ ପଣ୍ଡା ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ ଓ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକାକୁ ବୁଝାଇଥିଲେ। ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଅଗସ୍ତି ମଞ୍ଚ ପରିଚାଳନା ଓ ଶପଥ ପାଠ କରାଇଥିଲେ। ବିଶ୍ୱମହାମାରୀ ସମୟରେ ହୋଇଥିବା ଶୈକ୍ଷିକ କ୍ଷତିକୁ କିପରି ଭରଣା କରିବା ପାଇଁ ଜନ ସହଭାଗିତା ମାଧ୍ୟମରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଭଳି କାର୍ଯ୍ୟକ୍ରମ ଅଧିକ ଉପାଦେୟ ଓ ପ୍ରାସଙ୍ଗିକ ଅଟେ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ଏହି ବିଦ୍ୟାଳୟର ପୁରାତନ ଛାତ୍ର ହିସାବରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁ ପ୍ରକାର ଚେଷ୍ଟା କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏହି ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିଚାଳନା ସଦସ୍ୟାସଦସ୍ୟ ସହିତ ଛାତ୍ରୀଛାତ୍ର, ଅଭିଭାବକ ଅଭିଭାବିକା ଯୋଗଦାନ କରିଥିଲେ ।

# ଏଥର ୮୩ ବର୍ଷରେ ପଦାର୍ପଣ କରିବ କାଠଡେରା ରଥଯାତ୍ରା

**ସରଣ୍ଡା,୧୦।୬(ଡି.ଏନ.ଏ.)**

ଚଳିତବର୍ଷ ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କାଠଡେରା ଶ୍ରୀଗୁଣ୍ଡିଚା ରଥଯାତ୍ରା ୮୩ ବର୍ଷରେ ପଦାର୍ପଣ କରିବ। ୬ଟି ଗ୍ରାମରୁ ରଥାରୁଢ଼ ହୋଇ ଜଗନ୍ନାଥ ଆସନ୍ତା ୨୦ ତାରିଖ ରଥଯାତ୍ରା ଦିନ କାଠଡେରାଠାରେ ସମ୍ମିଳିତ ହେବେ। ଏ ନେଇ ଚୂଡାନ୍ତ ପ୍ରସ୍ତୁତି ହୋଇଥିବା କାଠଡେରା ଶ୍ରୀଗୁଣ୍ଡିଚା ରଥଯାତ୍ରା ସମନ୍ୱୟ କମିଟି ପକ୍ଷରୁ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କାଠଡେରା ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ୨୦ ତାରିଖ ସନ୍ଧ୍ୟାରେ ଲଚିଦା, ହିଁଲିପାଲି, ଭୂର୍ଷିପାଲି, ଟାଙ୍ଗରପାଲି, ଲୁରୁପାଲି ଆଦି ୬ଟି ଗ୍ରାମରୁ ରଥ ବାହାରି ଏଠାରେ ଏକାଠି ହେବେ। ଶ୍ରୀଜିଉଙ୍କ ରଥ ଆଗମନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ସେହି ସନ୍ଧ୍ୟାରେ ଡୁଙ୍ଗୁରିପାଲିର ଉଏଁରେ ବୀର ଘଣ୍ଟବାଦ୍ୟ, ୨୧ରେ ବରଗଡ଼ କଟାପାଲିର ମାଁ ସମଲେଶ୍ୱରୀ କରମସାନୀ ଦଳ, କୁଲିଆ ଖୁସା କଳା ପରିଷଦର ସମ୍ବଲପୁରି ନୃତ୍ୟ, ୨୨ରେ ବୁଢ଼ାରଜା ଖଞ୍ଜନୀ ଦଳ, ବଲାଙ୍ଗୀର ଜୟନ୍ତ ଦୀପ ସଞ୍ଚାର ଦଳ, ୨୩ରେ ମହଲା ସଂକୀର୍ତ୍ତନ ଦଳ, ରାମପୁର ଖଲିଆପାଲିର ମାଁ ଚଣ୍ଡୀପାଟ ସଂକୀର୍ତ୍ତନ, ୨୪ରେ କୁମେଲସିଂହାର ମା ନାରାୟଣୀ ସଂକୀର୍ତ୍ତନ ମଣ୍ଡଳୀ, ୨୫ରେ ବଲାଙ୍ଗୀର ସତ୍ୟମ ସ୍କୁଲ ସିଙ୍ଗାର ଭଜନ ଦଳ, ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଡ୍ୟାନ୍ସ ଗ୍ରୁପ୍, ୨୬ରେ ଗାଇସିଲେଟ ମାହେଶ୍ୱରୀ ଡାଲଖାଇ ନୃତ୍ୟ, କୋରାପୁଟର କେମସା ଡାପ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯିବ।।୩୦ ତାରିଖ ଦଶମୀରେ ପହଣ୍ଡି ବିଜେ କରି ରଥାରୂଢ ପ୍ରଭୁ ଜଗନ୍ନାଥ ନିଜ ନିଜ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଦଶମୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ର ସେବା ଟିମ, ଅଗ୍ନିଶମ, ପୋଲିସ ବାହିନୀ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଖବରଦାତା ସମ୍ମିଳନୀରେ ସଭାପତି ଆନନ୍ଦ ସାହୁ, ସମ୍ପାଦକ କରୁଣାକର ପ୍ରଧାନ, କୋଷାଧ୍ୟକ୍ଷ ଗଙ୍ଗାଧର ଭୁଏ ଓ ସକ୍ରିୟ ସଦସ୍ୟ ୟୁନିସ ଖାଁ ପ୍ରମୁଖ ମଞ୍ଚାସୀନ ଥିଲେ। ମିଡ଼ିଆ ପ୍ରଭାରୀ ଭାବେ ଅରୁଣ ପ୍ରଧାନ ଓ ସୂର୍ଯ୍ୟକୁମାର ଭୋଇଙ୍କୁ ଦାୟିତ୍ୱ ଦିଆଯାଇଛି।

**ଖବରଦାତା ସମ୍ମିଳନୀରେ ଚୂଡାନ୍ତ ପ୍ରସ୍ତୁତି ନେଇ ସୂଚନା**

# ମୋ ଘର, ସହରାଞ୍ଚଳର ବିକାଶ ନେଇ ସମୀକ୍ଷା

**ଟିଟିଲାଗଡ଼,୧୦।୬ (ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ଲୋକଙ୍କୁ ପକ୍କା ଗୃହ ବ୍ୟବସ୍ଥା ପାଇଁ ନୂତନ ଭାବରେ ପ୍ରଣୟନ ହୋଇଥିବା ମୋ ଘର ଯୋଜନା ତଥା ଟିଟିଲାଗଡ ଏବଂ ତୁଷୁରା ବିଜ୍ଞାପିତ ପରିଷଦ ଅଞ୍ଚଳର ବିକାଶ ନେଇ ମନ୍ତ୍ରୀ ଟୁକୁନି ସାହୁ ଶନିବାର ସମୀକ୍ଷା ବୈଠକ କରିଛନ୍ତି। ଉପଜିଲାପାଳଙ୍କ ସଭାଗୃହରେ ସହରାଞ୍ଚଳର ବିକାଶ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରମିକଙ୍କୁ କର୍ମ ନିଯୁକ୍ତି ପ୍ରଦାନ ଲକ୍ଷ୍ୟରେ ଦେଶରେ ପ୍ରଥମ ରାଜ୍ୟ ଭାବରେ ମୁଖ୍ୟମନ୍ତ୍ରୀ ମୁକ୍ତା ଯୋଜନା ଆରମ୍ଭ କରିଥିଲେ। ଏନେଇ ଖୁବ ଶୀଘ୍ର ଦ୍ୱିତୀୟ କିସ୍ତି ଟଙ୍କା ଆସିବ। ଉକ୍ତ ଅର୍ଥରାଶି ଟିଟିଲାଗଡ ପୌରାଞ୍ଚଳ ଏବଂ ତୁଷୁରା ବିଜ୍ଞାପିତ ପରିଷଦ ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ସଠିକ ଭାବରେ ବିନିଯୋଗ ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସହରର ସିଟି ସ୍କୁଲ ମିନି ଷ୍ଟାଡିୟମରେ ନିର୍ମାଣାଧିନ ସ୍ମାର୍ଟପାର୍କ, ୱାକିଙ୍ଗ ଟ୍ରାକ, ବିଭିନ୍ନ ୱାର୍ଡରେ ଓପନ ଜିମ, ମିନି ପାର୍କ, ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ନୂତନ ଭାବରେ ୪ଟି କଲ୍ୟାଣ ମଣ୍ଡପ, ବର୍ଷା ଋତୁରେ ବ୍ୟାପକ ଚାରାରୋପଣ, ୩୭ଟି ବସ୍ତିର ଉନ୍ନତିକରଣ, ରାସ୍ତାକଡରେ ବସୁଥିବା ପସରା ନେଇ ଟ୍ରାଫିକ ସମସ୍ୟା ଦୂର ପାଇଁ ଭେଣ୍ଡିଂ ଜୋନ, ସ୍ୱତନ୍ତ୍ର ଆମିଷ ବଜାର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତୁଷୁରା ବିଜ୍ଞାପିତ ପରିଷଦରେ ଆହାର କେନ୍ଦ୍ରର ରୋଷେଇ ଘର, ସ୍ୱତନ୍ତ୍ର ଭେଜ, ନନଭେଜ ଭେଣ୍ଡିଂ ଜୋନ ନିର୍ମାଣ, ଡ୍ରେନ ଗୁଡିକରେ ଢାଙ୍କୁଣି ବ୍ୟବସ୍ଥା, ଜଗର୍ସ ପାର୍କ ତଥା ଟାଉନ ହଲ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ତୁଷୁରା ବିଜ୍ଞାପିତ ପରିଷଦରେ ୧.୩୮ କୋଟି ଟଙ୍କାରେ ମୁକ୍ତା ଯୋଜନାରେ ନିର୍ମାଣ କାର୍ଯ୍ୟ ନେଇ ମନ୍ତ୍ରୀ ସମୀକ୍ଷା କରିଥିଲେ। ଚଳିତ ବର୍ଷ ଆହୁରି ୩ କୋଟି ଟଙ୍କା ରାଜ୍ୟ ସରକାର ପ୍ରଦାନ କରିବାକୁ ଥିବା ବେଳେ ଠିକ ବିନିଯୋଗ ପାଇଁ କର୍ମଖସଡା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟିଟିଲାଗଡ ପୌର ନିର୍ବାହି ଅଧିକାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଟିଟିଲାଗଡ ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଲ, ମ୍ୟୁନିସିପାଲ ଇଞ୍ଜିନିୟର ଅଶୋକ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ରିତେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଟିଟିଲାଗଡ ପୌରାଞ୍ଚଳର ବିକାଶ ନେଇ ମନ୍ତ୍ରୀ ସାହୁ ଡାକିଥିବା ଏହି ସମୀକ୍ଷା ବୈଠକରେ ପୌରାଧ୍ୟକ୍ଷା ମମତା ଜୈନ ଓ ଭାଜପା କାଉନସିଲର ଅନୁପସ୍ଥିତ ଥିବା ଦେଖାଯାଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମାଗଣା ଘର ପ୍ରଦାନ ନେଇ ଅନେକ ମାନଦଣ୍ଡ, କାଣ୍ଟଛାଣ୍ଟ ନେଇ ଅନେକ ପରିବାର ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ଏନେଇ ରାଜ୍ୟ ସରକାର ପ୍ରଥମ ଥର ପାଇଁ ଗ୍ରାମାଞ୍ଚଳର ମାଟି ଘରକୁ ପକ୍କା କରିବା ଉଦ୍ଦେଶ୍ୟରେ ମୋ ଘର ଯୋଜନା ଲାଗୁ କରିଛନ୍ତି। ଯୋଜନା ମାନଦଣ୍ଡ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ୩ ଲକ୍ଷ ଟଙ୍କା ଯାଏ ବ୍ୟାଙ୍କ ଜରିଆରେ ଗୃହ ଋଣ ଏବଂ ସର୍ବୋଚ୍ଚ ୭୦ ହଜାର ଟଙ୍କା ରିହାତି ବ୍ୟବସ୍ଥା ରହିଛି। ଆସନ୍ତା ୧୬ ତାରିଖରେ ଯୋଜନା ବିଧିବଦ୍ଧ ଶୁଭାରମ୍ଭ ହେବ। ଏନେଇ ବ୍ୟାଙ୍କ ପ୍ରତିନିଧି, ଗ୍ରାମାଞ୍ଚଳରେ ଥିବା ମୋ ସେବା କେନ୍ଦ୍ର ପରିଚାଳକଙ୍କ ସହ ବୈଠକ ସରିଥିବା ବେଳେ ପ୍ରଥମ ପାଇଁ ଟିଟିଲାଗଡ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଯୋଜନା ସମ୍ପର୍କରେ ଅବଗତ କରିବାକୁ ଶନିବାର ବୈଠକ ଡକାଯାଇଥିଲା। ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପାଧ୍ୟକ୍ଷ ଜଗତରାମ ରଣା, ବିଡିଓ ନବିନ ଚନ୍ଦ୍ର ନାୟକ, ସମିତି ସଭ୍ୟ ସୀମାଞ୍ଚଳ ବେନିଆ, ପବନ ପ୍ରସାଦ ଗୁପ୍ତା, କମଲ ରଣା, ଚମ୍ପା ମହାନନ୍ଦ, ମାଳତି ବାଗ ପ୍ରମୁଖ ଉପସ୍ଥିତ ଥିଲେ।


ସମୀକ୍ଷା ବୈଠକରେ ମନ୍ତ୍ରୀ ଟୁକୁନୀ ସାହୁ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୧ ଜୁନ୍ ୨୦୨୩

### ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ

**କୁଚିଣ୍ଡା,(ଡି.ଏନ.ଏ.):** କୁଚିଣ୍ଡା ଥାନା ଶିରିଡ ପଞ୍ଚାୟତ କରଙ୍ଗାମାଲ ଗ୍ରାମର ଗୌର ଚରଣ ନାଏକ (୫୫)ଙ୍କ ଶନିବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଗୌର ସକାଳେ ଜଙ୍ଗଲକୁ ଶାଳମଞ୍ଜି ସଂଗ୍ରହ ପାଇଁ ଯାଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଘରକୁ ଫେରି ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି।



## ସଂକ୍ଷେପରେ

### ହିଣ୍ଡାଲ୍‌କୋରେ ବିଶ୍ୱ ପରିବେଶ ସପ୍ତାହ ଉଦ୍‌ଯାପିତ

**ସମ୍ବଲପୁର,୧୦।୬(ବ୍ୟୁରୋ):** ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ସପ୍ତାହବ୍ୟାପୀ ଚାଲିଥିବା ୫୦ତମ ବିଶ୍ୱ ପରିବେଶ ଦିବସ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଆଞ୍ଚଳିକ ଭାରପ୍ରାପ୍ତ ଅଧିକାରୀ ଡ. ସତ୍ୟ ନାରାୟଣ ନନ୍ଦ ମୁଖ୍ୟଅତିଥି, ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେ, ହିଣ୍ଡାଲକୋ ଗ୍ରୁପ ସୁରକ୍ଷା ମୁଖ୍ୟ ସୁନୀଲ ବିଲବାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ଲାଷ୍ଟିକ ବ୍ୟବହାର ନିରାକରଣ ଉପରେ ଗୁରୁତ୍ୱ ଦେଇ ସମସ୍ତେ କାର୍ଯ୍ୟ କରିବା ପାଇଁ ମୁଖ୍ୟଅତିଥି ନନ୍ଦ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିବେଶ ସଚେତନତା ପାଇଁ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା। ହିଣ୍ଡାଲ୍‌କୋ ପରିବେଶ ବିଭାଗ ମୁଖ୍ୟ ରଞ୍ଜନ ଜେନା ଓ ସହକର୍ମୀ ବିଶ୍ୱଜିତ ପରିଡା ସହଯୋଗ କରିଥିଲେ।

### ଆସଫ୍ ଅଲ୍ଲି ଖାନା କଂଗ୍ରେସ ଜିଲା ସଭାପତି

**ସମ୍ବଲପୁର,୧୦।୬(ବ୍ୟୁରୋ):** ସମ୍ବଲପୁର ଜିଲାରେ କଂଗ୍ରେସ ଜିଲା ସଭାପତି ବଦଳିଛନ୍ତି। ରେଢାଖୋଲ ବିଧାୟକ ପ୍ରାର୍ଥୀ ଆସଫ ଅଲ୍ଲି ଖାନଙ୍କୁ ସଭାପତି କରାଯାଇଛି। ଜିଲା ସଭାପତି ଅଶ୍ୱିନୀ ଗୁରୁ ପୂର୍ବରୁ ଇସ୍ତଫା ଦେଇ କାର୍ଯ୍ୟ ତୁଲାଉଥିଲେ। ଆସଫଙ୍କ ନିଯୁକ୍ତି ପରେ କଂଗ୍ରେସ ଶିବିରରେ ଉତ୍ସାହ ଦେଖାଦେଇଛି। ଆସଫ କହିଛନ୍ତ, ରାଜ୍ୟ ସରକାର ଓଡିଶାବାସୀଙ୍କୁ ଅକର୍ମଣ୍ୟ କରି ଦେଇଛନ୍ତି । ଏସ୍ଏଚ୍‌ଜି ମହିଳାମାନଙ୍କୁ ଋଣ ଭାରରେ ବୁଡାଇ ଦେଇଛନ୍ତି । ଉନ୍ନୟନ କାମ ନାମରେ ରାଜ୍ୟ ବାହାର ତାମିଲନାଡୁରୁ ଠିକାଦାର ଆଣି କୋଟି ଟଙ୍କାର କମିଶନ କାରବାର ହେଉଛି। ଏସବୁ ବିରୋଧରେ କଂଗ୍ରେସ ଆନ୍ଦୋଳନ କରିଆସୁଛି ଓ ଆଗକୁ ମଧ ଜାରି ରହିବ ବୋଲି କହିଥିଲେ । ଆସଫ ପୂର୍ବରୁ ଜିଲା ଯୁବ କଂଗ୍ରେସ ସଭାପତି, ଟାକ୍ସଫୋର୍ସ କମିଟି, ନିର୍ବାଚନ କମିଟି ସହିତ ବିଭିନ୍ନ ରାଜ୍ୟରେ ଦାୟିତ୍ୱରେ ରହିଥିଲେ।



### କୁଚିଣ୍ଡାରେ ବିର୍ସା ମୁଣ୍ଡା ସ୍ମୃତି ଦିବସ

**କୁଚିଣ୍ଡା,୧୦।୬(ଡି.ଏନ.ଏ.):** ବିଶିଷ୍ଟ ଆଦିବାସୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ସ୍ମୃତି ଦିବସ ଶୁକ୍ରବାର କୁଚିଣ୍ଡା ଆଦିବାସୀ ଭବନରେ ପାଳିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବିନୋଦ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଦିବାସୀ ସାଂସ୍କୃତିକ ପରିଷଦ ସଭାପତି ସୁବାସ ଚନ୍ଦ୍ର ନାୟକ, ଉପସଭାପତି ରମେଶ ପ୍ରଧାନ, କିଷାନ ସମାଜ ମହାଗୁଡି ସଭାପତି ଶୋଭାରାମ ପ୍ରଧାନ, ପୂର୍ବତନ ସରପଞ୍ଚ ଲିଙ୍ଗନ କିଣ୍ଡୋ ପ୍ରମୁଖ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ତ୍ୟାଗପୂତ ଜୀବନ ଓ ସଂସ୍କାର ମୂଳକ କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ଲିପ୍ସା ମାଝି, କର୍ଣ୍ଣ ପ୍ରଧାନ, ନେହେରୁ କିଷାନ, କାର୍ତ୍ତିକ ମାଝି, ଶରତ ପ୍ରଧାନ, ଭାଗିରଥି କିଷାନ, ମୁନିନ୍ଦ୍ର ନାଏକ, ପିତାମ୍ବର ମାଝି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବିର୍ସାମୁଣ୍ଡା ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିବା ବେଳେ ଶେଷରେ ରୁଦ୍ର ବାଘ ଧନ୍ୟବାଦ ଦେଇଥିଲେ।

### କେନ୍ଦ୍ରମନ୍ତ୍ରୀଙ୍କୁ ଆଦିବାସୀ କଲ୍ୟାଣ ସଂଘର ଦାବିପତ୍ର

**ଜମନକିରା,୧୦।୬(ଡି.ଏନ.ଏ.):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁର ଜିଲା ଗସ୍ତରେ ଆସି ଫାଶୀମାଲ ପୁରାତନ ଆର୍‌ଆଇ ଅଫିସ ନିକଟ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଉପଦେଷ୍ଟା ସୁବାସ ଚନ୍ଦ୍ର ନାୟକ, ଉପସଭାପତି କରୁଣା କର କିଷାନ ଓ ସମ୍ପାଦକ ତ୍ରିନାଥ କାଲୋଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୫ଦଫା ସମ୍ବଳିତ ଦାବିପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। କୁଚିଣ୍ଡା ଉପଖଣ୍ଡରେ ଚଳିତ ଶିକ୍ଷା ବର୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ, ଜିଲ୍ଲାରେ ପ୍ରସ୍ତାବିତ ଜମନକିରା, ବାମରା ଓ ଯୁଯୁମୁରା ଓ ରେଙ୍ଗାଲିରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ, କୁଚିଣ୍ଡା ଏକଲବ୍ୟ ସ୍କୁଲରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦେବାକୁ ଦାବି କରାଯାଇଛି।

# ବ୍ୟବହାରରେ ଆସିବ ପୁରୁଣା ସାମଗ୍ରୀ

## ଖୋଲିଲା ୩ ଆର୍ କେନ୍ଦ୍ର
## ଏସ୍‌ଏମ୍‌ସିର ଅଭିନବ ପ୍ରୟାସ

**ରେଙ୍ଗାଲି,୧୦।୬ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପକ୍ଷରୁ ୩ ଆର୍ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରେ ଲୋକଙ୍କଠାରୁ ପୁରୁଣା ସାମଗ୍ରୀ ସଂଗ୍ରହ କରି ପୁଣି ଲୋକଙ୍କ ବ୍ୟବହାର ପାଇଁ ଗଚ୍ଛିତ ରଖାଯିବ। ଏହାକୁ ଶନିବାର ଆନୁଷ୍ଠାନିକ ଭାବେ କମିଶନର ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି, ଅତିରିକ୍ତ କମିଶନର ଶଙ୍କର ପ୍ରସାଦ ସାହୁ ଉପସ୍ଥିତ ରହିଥିଲେ। ଏହି କେନ୍ଦ୍ର ବିଷୟରେ ପ୍ରବର୍ତ୍ତନ ଅଧିକାରୀ ମହାନ୍ତି କହିଛନ୍ତି, ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଅଭିଯାନରେ ଏହି କେନ୍ଦ୍ର ଖୋଲାଯାଇଛି। ସହର, ୱାର୍ଡ ଓ କ୍ଲଷ୍ଟର ସ୍ତରରେ ୩ ଆର୍ କେନ୍ଦ୍ର ଖୋଲାଯିବ। ଏଠାରେ ଲୋକେ ନିଜର ପୁରୁଣା ପୋଷାକ, ବହିପତ୍ର, ଜୋତା, ଇଲେକ୍ଟ୍ରୋନିକ ସାମଗ୍ରୀ, ପ୍ଲାଷ୍ଟିକ ଖେଳଣା ଆଦି ଦେଇପାରିବେ। ସେହି ସାମଗ୍ରୀକୁ ପୁନଃ ପ୍ରକ୍ରିୟାକରଣ କରି ବ୍ୟବହାର ଉପଯୋଗୀ କରାଯିବ। ଉକ୍ତ ବ୍ୟବହାର ଉପଯୋଗୀ ସାମଗ୍ରୀକୁ କେନ୍ଦ୍ରରେ ରଖାଯିବ। ଯେଉଁମାନଙ୍କ ଆବଶ୍ୟକ ରହିବ ସେମାନେ ଆସି କେନ୍ଦ୍ରରୁ ନେଇପାରିବେ। ବ୍ୟବହାର ଅନୁପଯୋଗୀ ସାମଗ୍ରୀକୁ ଏମ୍‌ଆର୍‌ଏଫ୍ କେନ୍ଦ୍ରକୁ ପଠାଯାଇ ନଷ୍ଟ କରିଦିଆଯିବ। ଜନସାଧାରଣ ନିଜ ୱାର୍ଡରେ ଥିବା ୩ ଆର୍ ସେଣ୍ଟରରେ ପୁରୁଣା ସମାଗ୍ରୀ ଦେବାକୁ ଅନୁରୋଧ କରିଥିଲେ। ଏହା ସହ ସୁସ୍ଥ ଓ ସ୍ୱଚ୍ଛ ଓଡ଼ିଶା ଗଠନ କରାଯାଇପାରିବ ବୋଲି କହିଥିଲେ। ଏସ୍‌ଏମ୍‌ସି ଅଧିକାରୀ ଓ କର୍ମଚାରୀମାନେ ଏହି କେନ୍ଦ୍ର ପରିଚାଳନା କରିବେ।



ସମ୍ବଲପୁର ବାଲିବନ୍ଧାରେ ୩ ଆର୍ କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

# ଫଡ଼ିରେ ନିଆଁଲାଗି ପୋଡ଼ିଗଲା ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର

**ରେଢାଖୋଲ,୧୦।୬(ଡି.ଏନ.ଏ.)**

ରେଢାଖୋଲ ଥାନା ଅଧୀନରେ ଥିବା ଆଠମଲ୍ଲିକ କେନ୍ଦୁପତ୍ର ଡିଭିଜନର ପଣ୍ଡକିମାଳ ଗ୍ରାମ କେନ୍ଦୁପତ୍ର ଫଡିରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ବିଳମ୍ବିତ ରାତିରେ ଫଡିରେ ନିଆଁ ଲାଗିଥିବା ଦେଖି ଗ୍ରାମବାସୀ ରେଢାଖୋଲ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ଫଡିରେ ଥିବା ପ୍ରାୟ ୩ଲକ୍ଷ ୨୦ ହଜାର ଟଙ୍କାର କେନ୍ଦୁପତ୍ର ପୋଡି ଧ୍ୱଂସ ହୋଇଯାଇଥିବା ବିଭାଗୀୟ କର୍ମଚାରୀଙ୍କଠାରୁ ପ୍ରକାଶ। ଖବରପାଇ କଦଳିଗଡ ରେଞ୍ଜ ଅଧିକାରୀ ହରିହର ବେହେରା ଶନିବାର କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରିଥିଲେ। ପରେ ଏ ସମ୍ପର୍କରେ ସେ ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# କର୍ମଚାରୀଙ୍କ ଅବହେଳା, ପଞ୍ଚାୟତ ଅଫିସରେ ତାଲା



କିନାଲୋଇ ପଞ୍ଚାୟତ ଅଫିସରେ ତାଲା ପକାଇଛନ୍ତି ଗ୍ରାମବାସୀ।

**ରେଙ୍ଗାଲି,୧୦।୬ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କିନାଲୋଇ ପଞ୍ଚାୟତ କାର୍ଯ୍ୟାଳୟରେ ମାଣିକମୁଣ୍ଡା ଗ୍ରାମବାସୀ ତାଲା ପକାଇ ଦେଇଛନ୍ତି। ଗ୍ରାମର ଉନ୍ନତିମୂଳକ କାର୍ଯ୍ୟରେ ସରକାରୀ କର୍ମଚାରୀ ଅବହେଳା କରିଆସୁଥିବା ଅଭିଯୋଗ କରି ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଗ୍ରାମବାସୀଙ୍କ କହିବା କଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ମାଣିକମୁଣ୍ଡା କଟାର ଉନ୍ନତୀକରଣ କାର୍ଯ୍ୟ କରିଥିଲେ ମଧ୍ୟ ପାଉଣା ଦେବାରେ ଅବହେଳା କରାଯାଉଛି। ସେହିପରି ମାଣିକମୁଣ୍ଡା ବଡ଼ କଟାରେ ମଞ୍ଜୁର ହୋଇଥିବା ପାଚେରି ନିର୍ମାଣରେ ଅବହେଳା, ଗାଧୁଆ ପୋଖରୀକୁ ଗ୍ରାମବାସୀଙ୍କ ଅଜ୍ଞାତରେ ନିଲାମ କରାଯାଇଛି। ଏ ନେଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଜୁନ ୪ରେ ପୁଣି ଅଭିଯୋଗ କରି ୫ଦିନ ମଧ୍ୟରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳ, ବିଡ଼ିଓ, ସରପଞ୍ଚ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଅନୁରୋଧ କରାଯାଇଥିଲା। ସୁଫଳ ନ ମିଳିଲେ ପଞ୍ଚାୟତରେ ତାଲା ପକାଇଦେବାକୁ ମଧ୍ୟ ଚେତାବନୀ ଦିଆଯାଇଥିଲା।

## ଟିଣାବାଡିରେ ଜବରଦଖଲ ଉଚ୍ଛେଦ ଦାବି

**ସମ୍ବଲପୁର,୧୦।୬(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଦଳେଇପଡା ଟିଣାବାଡିରେ ହୋଇଥିବା ଜବରଦଖଲ ଏବଂ ମୋତିଝରଣ ଓ ସୁନାପାଲିଠାରେ ଥିବା ବେନିୟମ ସ୍ଲଟର ହାଉସ ଉଚ୍ଛେଦ କରିବାକୁ ଭାଜପା ଜିଲା କମିଟି ଦାବି କରିଛି। ଏ ନେଇ ଶୁକ୍ରବାର ଜିଲା ଭାଜପା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଭାଜପାର ଅଭିଯୋଗ କ୍ରମେ ଯେ ବିଭିନ୍ନ ସମୟରେ ଆପରାଧିକ ଘଟଣାରେ ଟିଣାବାଡିର ନାଁ ଆସୁଛି। ଗତ ହନୁମାନ ଜୟନ୍ତୀ ସମୟରେ ଏଠାରେ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯାଇଥିଲା। ସହରର ମୋତିଝରଣ ଓ ସୁନାପାଲି ଅଞ୍ଚଳରେ ଥିବା ସ୍ଲଟର ହାଉସରେ ବେଆଇନ ଭାବରେ ଗୋ ହତ୍ୟା ଓ ଗୋମାଂସ ଚୋରା ଚାଲାଣ ହେଉଛି। ଏହାକୁ ରୋକିବା ପାଇଁ ଏହି ସ୍ଲଟର ହାଉସକୁ ଉଚ୍ଛେଦ କରାଯାଉ। ନିୟମ ଅନୁସାରେ ସରକାରୀ ଜମିରେ ଆପରାଧିକ କାର୍ଯ୍ୟ ଚାଲୁଥିବା ଘର ଭଙ୍ଗା ଚାଲିଛି। ତେଣୁ ଏହି ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ଦାବି କରିଥିଲେ।

# ଲେମ୍ଭୁଝରନ ଗ୍ରାମ ବିଜୁ କୁଟିର ଜ୍ୟୋତି ଯୋଜନାରେ ସାମିଲ



ଗ୍ରାମରେ ବିଦ୍ୟୁତ୍ ସଂଯୋଗ ଦିଆଯିବା ଅବସରରେ କର୍ମଚାରୀ ଓ ଗ୍ରାମବାସୀ।

**ସମ୍ବଲପୁର,୧୦।୬ (ବ୍ୟୁରୋ)**

ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘରଗୁଡିକରେ ବିଦ୍ୟୁତ୍ ସଂଯୋଗ ଦେବା ଯୋଜନା ହାତକୁ ନେଇଛି ଟିପିଡବ୍ଲ୍ୟୁଓଡିଏଲ୍ । ପଶ୍ଚିମ ଓଡ଼ିଶାରେ ପ୍ରାୟ ୨୫ ହଜାର ଗୃହକୁ ବିଦ୍ୟୁତ୍ ସଂଯୋଗ ଦେବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ୧୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଜିଲାର ବାମରା ବ୍ଲକ ରକବା ଗ୍ରାମପଞ୍ଚାତ ଅନ୍ତର୍ଗତ ଲେମ୍ଭୁଝରନ ଗ୍ରାମର ୧୪ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଗଡପୋଷରୁ ପ୍ରାୟ ୪୦ କି.ମି. ଦୂର ପାହାଡିଆ ଅଞ୍ଚଳରେ ଏହି ଗ୍ରାମ ରହିଛି। ଏହି ଗ୍ରାମକୁ ବିଦ୍ୟୁତ ସଂଯୋଗ କରିବାକୁ ଦାବି ହୋଇଆସୁଥିଲା। ଏଥିସହିତ ୪୧୬ ଗୃହକୁ ଅଫଗ୍ରୀଡ ଦ୍ୱାରା ବିଦ୍ୟୁତ୍‌କରଣ କରାଯିବ। ଏଥିପାଇଁ କମ୍ପାନୀ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ କାମ କରାଯାଉଛି ବୋଲି ସୂଚନା ଦିଆଯାଇଛି ।

# ପୁରୁଣା ରାସ୍ତା ନିର୍ମାଣ ନ ହେଲେ ଆନ୍ଦୋଳନ

**ଜମନକିରା,୧୦।୬(ଡି.ଏନ.ଏ.)**

ଜମନକିରା ଚିନିମହୁଲଠାରୁ ଥାନା ପର୍ଯ୍ୟନ୍ତ ଥିବା ପୁରୁଣା ରାସ୍ତାକୁ ନୂତନ ଭାବେ ନିର୍ମାଣ କରା ନ ଗଲେ ରାସ୍ତାରୋକୋ କରାଯିବ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଜମନକିରା ଦେଇ କିଛିମାସ ହେବ ବାଇପାସ୍ ରାସ୍ତାରେ ଗାଡ଼ି ଯାତାୟାତ କରୁଛି। କିନ୍ତୁ ପୂର୍ବରୁ ଗାଁ ଦେଇ ଯାଇଥିବା ଜାତୀୟ ରାଜପଥକୁ ଏନ୍‌ଏଚ୍‌ଏଆଇ ଅବହେଳା କରି ଆସୁଛି। ଏ ନେଇ ଆନ୍ଦୋଳନ କରାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଫଳରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଆସନ୍ତା ୧୫ଦିନ ମଧ୍ୟରେ ନୂତନ ରାସ୍ତା ନିର୍ମାଣ କରା ନ ଗଲେ ରାସ୍ତାରୋକୋ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇ ପିଡି କେ.ଏନ୍. ରାଓଙ୍କୁ ପଚାରିବାରୁ ଟେଣ୍ଡର ହୋଇଛି, ଆସନ୍ତା ୩ଦିନ ମଧ୍ୟରେ କାମ ଆରମ୍ଭ ହେବ ବୋଲି ସେ କହିଥିଲେ।



ଶୋଚନୀୟ ହୋଇପଡିଥିବା ପୁରୁଣା ରାସ୍ତା।

## ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର,୧୦।୬(ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ୧୨୩ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ସମ୍ବଲପୁର ଜିଲା ଆଦିବାସୀ କଲ୍ୟାଣ ମହାସଂଘ ତରଫରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ଜିଲା ବିଜେଡି ସଭାପତି ଡ. ପ୍ରମୋଦ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅଇଁଠପାଲି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଜିଲା ଆଦିବାସୀ କଲ୍ୟାଣ ମହାସଂଘ ସଭାପତି କିଶୋର ମୁଣ୍ଡା, ଗିରିଧାରୀ ମୁଣ୍ଡା, ସୁବେସ ମୁଣ୍ଡାଙ୍କ ସମେତ ମହାସଂଘର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

# ଆର୍‌ଏସ୍‌ଏସ୍‌ର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଶିବରରେ ଯୋଗଦେଇଥିବା ସ୍ୱୟଂସେବକମାନେ।

**ସମ୍ବଲପୁର୧୦।୬(ବ୍ୟୁରୋ)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବାର୍ଷିକ କ୍ଷେତ୍ରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୨୦ଦିନ ଧରି ଶିବିର ଚାଲିଥିଲା। ଓଡ଼ିଶା ଓ ପଶ୍ଚିମବଙ୍ଗରୁ ୧୯୮ ଜଣ ସ୍ୱୟଂସେବକ ଏହି ଦ୍ୱିତୀୟବର୍ଷ ସଂଘ ଶିକ୍ଷା ବର୍ଗରେ ଯୋଗଦାନ କରଥିଲେ। ସ୍ୱୟଂସେବକଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ଲାଗି ଉକ୍ତ ବର୍ଗ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ସୂର୍ଯ୍ୟ ନମସ୍କାର, ଦଣ୍ଡ ବୈଠକ, ଆସନ, ପ୍ରାଣାୟାମ, ଖେଳକୁଦ, ସମ୍ବାଦ ଚର୍ଚ୍ଚା, ସ୍ୱାଧ୍ୟାୟ, ଯୋଗ, ଶ୍ରମ ଦାନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାର୍ଥୀମାନେ କ୍ଷେତ୍ର କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ, କ୍ଷେତ୍ର ପ୍ରଚାରକ ରମାପଦ ପାଲ୍, କ୍ଷେତ୍ର ପ୍ରଚାରକ ପ୍ରମୁଖ ପ୍ରସନ୍ନ ମିଶ୍ର, ପ୍ରାନ୍ତ ପ୍ରଚାରକ ବିଷ୍ଣୁ ପାତ୍ରଙ୍କ ମାର୍ଗଦର୍ଶନ ପ୍ରାପ୍ତ କରିଥିଲେ। ସନାତନ ପ୍ରଧାନ ବର୍ଗ କାର୍ଯ୍ୟବହ, ସୁବାସ ଜୈନ ସର୍ବ ଅଧିକାରୀ, ଜଳଧର ମାହୋତ ସହକ୍ଷେତ୍ର ପ୍ରଚାରକ ଅଭ୍ୟାସ ବର୍ଗକୁ ସମାପନ କରିଥିଲେ ।

# ହନୁମାନ ଜୟନ୍ତୀ ଘଟଣାରେ ପ୍ରଶାସନ ଦାୟୀ

**ସମ୍ବଲପୁର୧୦।୬(ବ୍ୟୁରୋ)**

ସମ୍ବଲପୁରରେ ବହୁବର୍ଷରୁ ହନୁମାନ ଜୟନ୍ତୀ ଓ ଶୋଭାଯାତ୍ରା ହୋଇଆସୁଛି। ହେଲେ ଚଳିତବର୍ଷ ଏପ୍ରିଲ ୧୨ରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ହୋଇଥିଲା। ଏପ୍ରିଲ ୧୪ରେ ପୁଣି ଥରେ ଆକ୍ରମଣ ହୋଇଥିଲା। ଏଥିରେ ଜିଲା ପ୍ରଶାସନ ଦାୟୀ। ତୁଷ୍ଟିକରଣ ରାଜନୀତି କରିବା ପାଇଁ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କରାଯାଉଛି। ହିନ୍ଦୁ ଯୁବବର୍ଗଙ୍କୁ ଏକାଠି କରିବାକୁ ବଜରଙ୍ଗ ଦଳ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି ବୋଲି ସମ୍ବଲପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବଜରଙ୍ଗ ଦଳ ରାଷ୍ଟ୍ରୀୟ ସଂଯୋଜକ ନିରୋଜ ଦନୋରିଆ କହିଥିଲେ। ସେ ଆହୁରି କହିଥିଲେ, ସମଗ୍ର ଦେଶରେ ହିନ୍ଦୁ ଯୁବବର୍ଗଙ୍କୁ ଶାରୀରିକ, ମାନସିକ ସ୍ତରରେ ପ୍ରସ୍ତୁତ କରାଯାଉଛି। ସେମାନଙ୍କୁ ଲବ ଜିହାଦ, ଧର୍ମାନ୍ତରୀକରଣ ରୋକିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଉଛି। ହିନ୍ଦୁ ଏକତାର ବାର୍ତ୍ତା ନେଇ କାମ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ବଜରଙ୍ଗ ଦଳ ପଶ୍ଚିମପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର, ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଭାପତି ଡାକ୍ତର ରାଜ କିଶୋର ବଡପଣ୍ଡା ଓ ସହ ସମ୍ପାଦକ ରାଜୀବ ଶତପଥି ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ବଜରଙ୍ଗ ଦଳ କର୍ମକର୍ତ୍ତା।

# ଆତ୍ମନିର୍ଭର ହେବା ପାଇଁ ଶିକ୍ଷା ଦିଏ ସମ୍ବଲପୁର: କେନ୍ଦ୍ରମନ୍ତ୍ରୀ

## ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବଲପୁର ଗସ୍ତ

**କୁଚିଣ୍ଡା/ସମ୍ବଲପୁର,୧୦।୬ (ଡି.ଏନ.ଏ./ବ୍ୟୁରୋ)**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁର ଜିଲା ଗସ୍ତରେ ଆସି କୁଚିଣ୍ଡା ଓ ରେଙ୍ଗାଲି ବିଧାନସଭା କ୍ଷେତ୍ରରେ ଆୟୋଜିତ ସମାବେଶରେ ଯୋଗଦେଇଥିଲେ। ଜମନକିରା ବ୍ଲକ ଫାଶିମାଲଠାରେ ଭାଜପା ପକ୍ଷରୁ ଆୟୋଜିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ୯ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ବଖାଣିଥିଲେ। ମୋଦି ସରକାର ଗରିବଙ୍କ ସରକାର। ତେଣୁ ମାନ ଅଭିମାନ ଓ ରାଗରୋଷକୁ ଭୁଲି ପୁରାତନ କାର୍ଯ୍ୟକର୍ତ୍ତା ଏକଜୁଟ ହୋଇ ନରେନ୍ଦ୍ର ମୋଦିଙ୍କୁ ପୁଣି ଆଗାମୀ ନିର୍ବାଚନରେ ପ୍ରଧାନମନ୍ତ୍ରୀ କରାଇ ଏକ ସଶକ୍ତ ରାଷ୍ଟ୍ର ଗଠନରେ ସାମିଲ ହେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କାର୍ଯ୍ୟକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ଗୁଣ୍ଡୁରୁଚୁଆଁ ମଣ୍ଡଳ ସଭାପତି ଦୁଷ୍ମନ୍ତ ନାୟକ ପୌରୋହିତ୍ୟରେ ସଭା ହୋଇଥିଲା। ସେହିପରି ରେଙ୍ଗାଲି ବିଧାନସଭା କ୍ଷେତ୍ରର ଟାମ୍ପରକେଲାଠାରେ ଆୟୋଜିତ 'ଗରିବ କଲ୍ୟାଣ ସମାବେଶ'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ଆଜି ବିଶ୍ୱ ସ୍ୱୀକାର କରିଛି। ସମ୍ବଲପୁର ସମେତ ଦେଶରେ ତାଙ୍କର କଲ୍ୟାଣକାରୀ ଯୋଜନା ଗରିବ, ଚାଷୀ, ମହିଳା, ଯୁବକ ବର୍ଗର ଲୋକଙ୍କ ଜୀବନଶୈଳିକୁ ପରିବର୍ତ୍ତନ କରିଛି। କଳା, ସଂସ୍କୃତି, ପରମ୍ପରା ଓ ସଙ୍ଗୀତକୁ ସମୃଦ୍ଧ କରିଥିବା ଭୂମି ହେଉଛି ସମ୍ବଲପୁର। ଏହି ଅଞ୍ଚଳ ପରିଶ୍ରମୀ, ସ୍ୱାଭିମାନ ଓ ଆତ୍ମନିର୍ଭର ହେବା ପାଇଁ ଶିକ୍ଷା ଦିଏ। ଏହି ମାଟିର ସୁଯୋଗ୍ୟ ସନ୍ତାନମାନଙ୍କୁ ମୋଦି ସରକାର ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରି ସମ୍ବଲପୁରର ପ୍ରତିଭାକୁ ସମ୍ମାନ ଦେଇଛନ୍ତି। ପ୍ରସିଦ୍ଧ ଲୋକଗୀତ 'ରଙ୍ଗବତୀ' ସହ ଜଡ଼ିତ ଗୀତିକାର ମିତ୍ରଭାନୁ ଗୌନ୍ତିଆ, ଗାୟକ ଜିତେନ୍ଦ୍ର ହରିପାଲ, ଗାୟିକା କ୍ରୀଷ୍ଣା ପଟେଲଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରାଯାଇଛି। ଓଡ଼ିଶାର ପିଲାମାନଙ୍କୁ ଉନ୍ନତମାନର ମ୍ୟାନେଜମେଣ୍ଟ ଶିକ୍ଷା ଦେବା ପାଇଁ ଆଇଆଇଏମ୍ ସମ୍ବଲପୁର ଭଳି ଶିକ୍ଷାନୁଷ୍ଠାନର ସ୍ଥାପନା ମୋଦି ସରକାରରେ ହୋଇଛି। ଖୁବ୍‌ଶୀଘ୍ର ପ୍ରଧାନମନ୍ତ୍ରୀଙ୍କ କରକମଳରେ ଏହାର ନୂତନ ସ୍ଥାୟୀ ଭବନ ଲୋକାର୍ପଣ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସମାବେଶରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାଏକ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ସମ୍ବଲପୁର ଜିଲା ସଭାପତି ଗିରିଶ ପଟେଲ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ପ୍ରମୁଖ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ କାର୍ଯ୍ୟକର୍ତ୍ତାଙ୍କ ଆହ୍ୱାନ ଦେଇଥିଲେ। ଫାଶୀମାଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଚିଣ୍ଡା, ବାମରା, ଜମନକିରା ବ୍ଲକର ବହୁ ପୁରାତନ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।




ଟାମ୍ପରକେଲାଠାରେ ଆୟୋଜିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ନେତୃବୃନ୍ଦ।

## ସଂକ୍ଷେପରେ

### ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୧୦।୬:** ବରଗଡ଼ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡ. ରମେଶ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରଗଡ଼, ଝାରସୁଗୁଡ଼ା ଜିଲାରେ କାର୍ଯ୍ୟରତ ଆୟୁର୍ବେଦ ଚିକିତ୍ସକ ଯୋଗଦେଇଥିଲେ। ଜିଲା ଆୟୁର୍ବେଦ ଚିକିତ୍ସକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ତଥା ଡ. ପ୍ରଶାନ୍ତ ମିଶ୍ର, ଡ. ଅଜିତ ଦର୍ଜୀ, ଡ. ମୋହନ ଭୋଇ, ଡ. ରମେଶ ପୋଢ଼, ଚିତ୍ତରଞ୍ଜନ ଶର୍ମା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ପୋଲିସ ଏସ୍‌ଆଇ ସ୍ତରରେ ଅଦଳବଦଳ

**ବରଗଡ଼ ଅଫିସ୍,୧୦।୬:** ବରଗଡ଼ ଜିଲା ପୋଲିସ ସବ୍‌ଇନ୍ସପେକ୍ଟର(ଏସ୍‌ଆଇ) ସ୍ତରରେ ଅଦଳବଦଳ ହୋଇଛି। ଗୋଡ଼ଭଗା ଫାଣ୍ଡି ଅଧିକାରୀ ବିପିନ ବାଗଙ୍କୁ ବରଗଡ଼ ଟାଉନ ଥାନାକୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ଅତାବିରା ଥାନାରେ କାର୍ଯ୍ୟରତ ଏସ୍‌ଆଇ କୈଳାସ ଚନ୍ଦ୍ର ପ୍ରଧାନଙ୍କୁ ଅବସ୍ଥାପିତ କରାଯାଇଛି। ବରଗଡ଼ ଟାଉନ ଥାନାରେ କାର୍ଯ୍ୟରତ ଏସ୍‌ଆଇ ଦେବାନନ୍ଦ ମଲ୍ଲିକଙ୍କୁ ଜିଲା ପୋଲିସ ମୁଖ୍ୟାଳୟ ଡିସିଆର୍‌ବିକୁ ବଦଳି କରାଯାଇଛି। ସେହିପରି ବରଗଡ଼ ଟାଉନ ଥାନାରେ କାର୍ଯ୍ୟରତ ଏସ୍‌ଆଇ ଅର୍ଚ୍ଚନା ଛୋଟରାୟ ପଦ୍ମପୁର ଥାନାକୁ ବଦଳି ହୋଇଥିବାବେଳେ ପଦ୍ମପୁର ଥାନାର ପ୍ରତିମା ଡୁଙ୍ଗଡୁଙ୍ଗଙ୍କୁ ବରଗଡ଼ ଟାଉନ ଥାନାକୁ ବଦଳି ହୋଇଛନ୍ତି।

### ସାଂସ୍କୃତିକ ବୃତ୍ତି ପାଇଲେ ବୌଦ୍ଧର ଓଡ଼ିଶୀ ନୃତ୍ୟଶିଳ୍ପୀ



**ବୌଦ୍ଧ,୧୦।୬(ସ୍ୱ.ପ୍ର.):** ବୌଦ୍ଧର ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରତ୍ୟାଶା ମହାପାତ୍ର ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସାଂସ୍କୃତିକ ସ୍ରୋତ ଏବଂ ପ୍ରଶିକ୍ଷଣ କେନ୍ଦ୍ର ନୂଆଦିଲ୍ଲୀ ଦ୍ୱାରା ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟରେ ସାଂସ୍କୃତିକ ବୃତ୍ତି ପାଇଥିବା ଜଣାପଡିଛି । ପ୍ରକାଶ ଯେ, ଚଳିତବର୍ଷ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସାଂସ୍କୃତିକ ସ୍ରୋତ ଏବଂ ପ୍ରଶିକ୍ଷଣ କେନ୍ଦ୍ର ନୂଆଦିଲ୍ଲୀ ପକ୍ଷରୁ ୧୦ରୁ ୧୪ ବର୍ଷର ବାଳକ ଓ ବାଳିକାମାନଙ୍କ ମଧରେ ଓଡିଶୀ ନୃତ୍ୟ ପ୍ରଦର୍ଶନ ହୋଇଥିଲା । ଏଥିରେ ଓଡିଶାରୁ ୨୨ ଜଣ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଏଥିରେ ବୌଦ୍ଧର କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପ୍ରତ୍ୟାଶା ମହାପାତ୍ର କନିଷ୍ଠ ସାଂସ୍କୃତିକ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ସେ ବୌଦ୍ଧର ପ୍ରଣାମ ନୃତ୍ୟାନୁଷ୍ଠାନର ଗୁରୁ ପ୍ରଶାନ୍ତ କୁମାର ଭାଇନା ଙ୍କ ତତ୍ତ୍ୱାବଧାନରେ ଓଡିଶୀ ନୃତ୍ୟ ଶିକ୍ଷା ଗ୍ରହଣ କରି ଆସୁଛନ୍ତି। ଏନେଇ ଅନୁଷ୍ଠାନର ପ୍ରତିଷ୍ଠାତା ସୁକାନ୍ତି ସିଂ, ସଭାପତି ବସନ୍ତ ସାହୁ ଓ ସମସ୍ତ କର୍ମକର୍ତ୍ତା ଖୁସି ବ୍ୟକ୍ତ କରିବା ସହ ପ୍ରତ୍ୟାଶା ମହାପାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ବିନିକା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

**ବିନିକା,୧୦।୬ ( ଡି. ଏନ. ଏ ):** ସୁବର୍ଣ୍ଣପୁର ଜିଲା ବିନିକା ଥାନାରେ ଶୁକ୍ରବାର ସନ୍ଧ୍ୟାରେ ନୂତନ ଆଇଆଇସି ଭାବରେ ସାରଙ୍ଗଧର ପାଣିଗ୍ରାହୀ ଯୋଗଦାନ କରିଛନ୍ତି । ପୂର୍ବରୁ ପାଣିଗ୍ରାହୀ ଝାରସୁଗୁଡା ଜିଲା ହେଡକ୍ୱାଟରରେ କାର୍ଯ୍ୟରତ ଥିଲେ। ପୂର୍ବତନ ଆଇଆଇସି ପବିତ୍ର କୁମାର ସାହୁଙ୍କ ବଦଳି ସମ୍ବଲପୁର ଜିଲା ଚାରମାଳ ଥାନାକୁ ହୋଇଥିବାରୁ ଆଇଆଇସି ପଦବୀ ଖାଲି ପଡିଥିଲା । ପାଣିଗ୍ରାହୀ କାର୍ଯ୍ୟରେ ଯୋଗଦାନ କରିବା ଫଳରେ ଜନସାଧାରଣଙ୍କ ପାଇଁ କାମ କରିବେ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି ।



# ତାପମାତ୍ରା ବୃଦ୍ଧିକୁ ରୋକିବ ବନୀକରଣ




ତାତି ଯୋଗୁ ବରଗଡ଼ ସହରରେ ଲୋକେ ଛତା ଧରି ଯାଉଛନ୍ତି ।

**ବରଗଡ଼ ଅଫିସ୍,୧୦।୬**

ସମୟ ସହିତ ବଦଳୁଛି ଜଳବାୟୁ। ଏଥିପାଇଁ ବିଶ୍ୱ ତାପନ ଭଳି ମହାବିପଦ ମାଡ଼ି ଆସୁଛି। ପାରଦ ବଢ଼ି ଚାଲିଛି। ତାପମାତ୍ରା ଥମିବା ନାଁ ନେଉନାହିଁ । ଆଗରୁ ଯେଉଁଠି ତାପମାତ୍ରା ୪୦ଡିଗ୍ରୀ ହେଉଥିଲା, ତାକୁ ଉତ୍ତପ୍ତ ସହର କୁହାଯାଉଥିଲା। ହେଲେ ଏବେ ଏଭଳି ସ୍ଥିତି ଆସିଛି, କେଉଁଠି ବି ୪୦ଡିଗ୍ରୀ ତଳକୁ ପାରଦ ରହୁନାହିଁ। ବରଗଡ଼ ଜିଲାରେ ମଧ୍ୟ ବର୍ତ୍ତମାନ ସମାନ ପରିସ୍ଥିତି। ଏଠାରେ ତାପମାତ୍ରା ୪୨ରୁ ୪୩ ଡିଗ୍ରୀ ମଧ୍ୟରେ ରହି ଆସୁଥିବାବେଳେ ତାତିରୁ ନିସ୍ତାର ମିଳୁନାହିଁ। ଘରୁ ପଦାକୁ ବାହାରବା ମୁସ୍କିଲ ହୋଇ ପଡୁଛି। ବାହାରକୁ ବାହାରିଲେ ଛତା, ଗାମୁଛା, ପଗଡ଼ି, ଓଢ଼ଣୀର ଆଶ୍ରୟ ନେବାକୁ ପଡୁଛି। ତଥାପି ତାତି ଅସହ୍ୟ ହୋଇ ପଡୁଛି। ଯେଭଳି ଭାବେ ବିଦ୍ୟୁତ୍ କାଟ୍ ହେଉଛି, ଘର ଭିତରେ ରହିବା ମଧ୍ୟ କଷ୍ଟସାଧ୍ୟ ହୋଇ ପଡୁଛି। ଏଭଳି ତାପମାତ୍ରା ବୃଦ୍ଧିକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି।

**(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)**

## ଏମାନେ ଯାହା କୁହନ୍ତି...

### ଶିଳ୍ପାୟନରୁ ବିଶ୍ୱ ତାପାୟନ



“ରାସ୍ତା ପ୍ରଶସ୍ତୀକରଣ ନାଁରେ ଗଛଗୁଡ଼ିକୁ କାଟି ଦିଆଯାଉଛି। ପିଚୁ, ସିମେଣ୍ଟ ତଥା ପକ୍କା ରାସ୍ତା କରାଯାଉଛି। ରାସ୍ତା ସମେତ ବିଭିନ୍ନ ସ୍ଥାନରେ ବର୍ଜ୍ୟବସ୍ତୁଗୁଡ଼ିକ ପଡ଼ିରହୁଛି। ଖଣି ଖାଦାନ ଖୋଲାଯାଉଥିବା ବେଳେ କଳକାରଖାନା ବଢ଼ିବାରେ ଲାଗିଛି। ପଲିଥିନ ବ୍ୟବହାର ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି। ଏହିସବୁ କାରଣରୁ ତାପମାତ୍ରା ବଢ଼ି ଚାଲିଛି।

**–ଜେଠୁ ଭୋଇ, ପରିବେଶବିତ୍**

### ପରିବେଶ ପ୍ରଦୂଷଣ ଏକ କାରଣ



“ଗୋଟିଏ ପଟେ ବ୍ୟାପକ ଜଙ୍ଗଲ କ୍ଷୟ, ଅନ୍ୟପଟେ ଦ୍ରୁତ ଶିଳ୍ପାୟନ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ। ସେହିପରି ଗାଡ଼ି, ମୋଟର ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ି ଚାଲିଥିବାବେଳେ ସେଥିରୁ ନିର୍ଗତ ଧୂଆଁ ପରିବେଶ ପ୍ରଦୂଷିତ କରୁଛି। ପରିବେଶ ପ୍ରଦୂଷଣ କାରଣରୁ ମଧ୍ୟ ତାପମାତ୍ରା ବୃଦ୍ଧି ପାଉଛି । ବ୍ୟାପକ ଜଙ୍ଗଲ ବୃଦ୍ଧି କଲେ ଯାଇ ଏହାକୁ ପ୍ରତିରୋଧ କରିହେବ।

**–ମୀନକେତନ ସାହୁ, ପରିବେଶବିତ୍**

### କୃଷି ବନୀକରଣ ଅନିବାର୍ଯ୍ୟ



“ଯେଉଁ ପରିମାଣରେ ଆମେ ବୃକ୍ଷ ଲଗାଇବା କଥା, ତାହା ହେଉନାହିଁ। ସେହିପରି ଯାହା କିଛି ଜଙ୍ଗଲ ରହିଛି, ସେଗୁଡିକର ମଧ୍ୟ ଠିକ୍ ଭାବେ ଯତ୍ନ ନିଆଯାଉନାହିଁ। ଫଳରେ ଜଙ୍ଗଲ କ୍ଷୟ ହେବା ସହ ବୃକ୍ଷରାଜି ଦିନକୁ ଦିନ ଯଥେଷ୍ଟ ପରିମାଣରେ ହ୍ରାସ ପାଉଛି। ଏଭଳି ସ୍ଥଳେ କୃଷି ବନୀକରଣ ଅନିବାର୍ଯ୍ୟ ହୋଇପଡ଼ିଛି। ଜମି, ହିଡ଼, ରାସ୍ତାପାର୍ଶ୍ୱରେ ବ୍ୟାପକ ବୃକ୍ଷରୋପଣ ଦରକାର।

**–ଡଃ ଡୋଲାମଣି ଶତପଥୀ, ପରିବେଶବିତ୍**

# ବ୍ରିଜ୍ ଲୋକାର୍ପଣ କଲେ ବିଧାୟକ



ନୂତନ ବ୍ରିଜକୁ ଲୋକାର୍ପଣ କରାଯାଉଛି ।

**ବରଗଡ଼ ଅଫିସ୍,୧୦।୬**

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମକୁ ଜାତୀୟ ରାଜପଥରୁ ସଂଯୋଗ କରୁଥିବା ରାସ୍ତାରେ ରହିଥିବା ନବନିର୍ମିତ ବ୍ରିଜ ଶୁକ୍ରବାର ଲୋକାର୍ପିତ ହୋଇଛି। ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାୟକ ଅଧକ୍ଷତା କରିଥିଲେ। ବ୍ଲକ ଉପାଧକ୍ଷ ଉମେଶ ପଣ୍ଡା, ସମିତିସଭ୍ୟ ଜ୍ଞାନରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆନନ୍ଦ ସାହୁ, ତୋଷବନ୍ତ ଦାଶ, ଜନକଧାରୀ ସାହୁ, ବୁଦ୍ଧଦେବ ନାୟକ, ବ୍ୟାସଦେବ ସାହୁ, ସଦାଶିବ ସାହୁ, ଅଶୋକ ଭୋଇ, ରୋହିତ ସାହୁ ଉପସ୍ଥିତ ଥିଲେ ।

# ଭିନ୍ନକ୍ଷମଙ୍କ ପାଇଁ ସମ୍ବଳ ଗୃହ ଉଦ୍‌ଘାଟିତ

**ବରପାଲି,୧୦।୬(ଡି.ଏନ୍.ଏ.)**

ବରଗଡ଼ ଜିଲା ବରପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟଠାରେ ଭିନ୍ନକ୍ଷମଙ୍କ ପାଇଁ ଏକ ସମ୍ବଳ ଗୃହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମହରା ଦ୍ୱୀପ ପ୍ରଜ୍ୱଳନ କରିଥିବାବେଳେ ଜିଲା ସହ ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିନ୍ନକ୍ଷମଙ୍କ ସମ୍ବଳ ଗୃହ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସହ ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମହରା, ବିଆର୍‌ସିସି ଦୁର୍ଯ୍ୟୋଧନ ସିଂ, ବିଆରଟି ମୁକୁନ୍ଦ ମେହେର ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ମୁକୁନ୍ଦ ମେହେର ପରିଚାଳନା କରିଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉର୍ଦ୍ଦିଷ୍ଟ ସମ୍ବଳ ଗୃହର ଆବଶ୍ୟକତା ଓ ଉପଯୋଗିତା ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ମୁକୁନ୍ଦ ଭିନ୍ନକ୍ଷମଙ୍କ ଉପକରଣ କିପରି ଭାବେ ଉପଯୋଗୀ ହୋଇପାରିବ ସେ ବିଷୟରେ କହିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତ ସ୍ତରରେ ଥିବା ଅର୍ନ୍ତନିବେଶି ଶିକ୍ଷା ସହାୟକ, ଅବିଭାବିକା ଅବିଭାବକ, ଭିନ୍ନକ୍ଷମ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ସମସ୍ତ ସିଆର୍‌ସିସି ସଭାକାର୍ଯ୍ୟରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ୧୦ମ ଶ୍ରେଣୀରେ ପାସ୍ କରିଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ତୋଳାରାମ ସାହୁ, ମିହିର ପଧାନ, ନୃପରାଜ ଦାଶ, ଲୁପାନ୍ସନ ବାରିକ, କ୍ଷେତ୍ର ମେହେରଙ୍କ ସହ ତେଜଙ୍ଗ କ୍ଲଷ୍ଟରର ସିଆର୍‌ସିସି ସଞ୍ଜୟ କୁମାର ସାହୁ ସହଯୋଗ କରିଥିଲେ। ଶେଷରେ ଗଙ୍ଗାଧର ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବାରିକ ଧନ୍ୟବାଦ ଦେଇଥିଲେ।




ସଭା କାର୍ଯ୍ୟରେ ଉପସ୍ଥିତ ଅତିଥି।

# ସଫଳତା ବଖାଣିଲେ ଭାଜପା ନେତା

**ବରଗଡ଼ ଅଫିସ୍,୧୦।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯ବର୍ଷ ଶାସନରେ ଅଶାତୀତ ବିକାଶ ହୋଇଛି ବୋଲି ଶୁକ୍ରବାର ବରଗଡ଼ ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଧ କହିଛନ୍ତି। ସମ୍ମିଳନୀରେ ଛତିଶଗଡ଼ ରାଜ୍ୟ ବିରିହା ବିଧାୟକ ତଥା ବିରୋଧୀ ଦଳ ନେତା ଧରମଲାଲ କୌଶିକ, ବରଗଡ଼ ଲୋକସଭା ସାଂସଦ ସୁରେଶ ପୂଜାରୀ, ଦଳର ରାଜ୍ୟ ପ୍ରବକ୍ତା ଧିରେନ ସେନାପତି, ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ବରିଷ୍ଠ ନେତା ସୁରେଶ୍ୱର ଶତପଥୀ, ଡ. ଅରୂପାନନ୍ଦ ସାହୁ, ଅଶୋକ ପଣ୍ଡା, ରବି ନାରାୟଣ ଦାଶ ଉପସ୍ଥିତ ଥିଲେ। ବିଗତ ୯ବର୍ଷ ଶାସନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ଯୋଗୁ ସେବା, ସୁଶାସନ, ଗରିବ କଲ୍ୟାଣର ଧାରା ପ୍ରବାହିତ ହୋଇଛି ବୋଲି ସେମାନେ କହିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୮ଲକ୍ଷ ଗରିବ ଲୋକଙ୍କୁ ମାଗଣା ଘର, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୩କୋଟି ୨୫ଲକ୍ଷ ଲୋକଙ୍କୁ ମାଗଣା ଚାଉଳ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୫୨ଲକ୍ଷ ପରିବାରକୁ ମାଗଣା ରୋଷେଇ ଗ୍ୟାସ ମିଳି ସାରିଛି। ଏଭଳି କେନ୍ଦ୍ର ସରକାରଙ୍କ ବହୁବିଧ ଯୋଜନାରେ ଲୋକେ ଉପକୃତ ହୋଇ ସାରିଛନ୍ତି ବୋଲି ସେମାନେ କହିଥିଲେ। ସେହିପରି ସ୍ୱାସ୍ଥ୍ୟସେବା, ଶିକ୍ଷା, ସଶକ୍ତ ମାତୃଶକ୍ତି, ଶିଶୁ, କୃଷକଙ୍କ ବିକାଶ ସହିତ ଓଡ଼ିଶାରେ ଭିତ୍ତିଭୂମି ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ମୋଦି ପ୍ରାଥମିକତା ଦେଇ ଆସିଛନ୍ତି ବୋଲି ଭାଜପା ନେତୃବୃନ୍ଦ କହିଥିଲେ। ଏହି ସମ୍ମିଳନୀରେ ବହୁସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ।

# ଝେଙ୍ଗନାଡ଼ିହିରେ ବିଜେଡି କର୍ମୀ ସମ୍ମିଳନୀ

**ପାଇକମାଳ,୧୦।୬(ଡି.ଏନ୍.ଏ.)**

ବରଗଡ଼ ଜିଲା ପାଇକମାଳ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତ ଝେଙ୍ଗନାଡିହି ଆମ୍ବ ବଗିଚା ଠାରେ ବିଜେଡି କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଦଳୀୟ ନେତା ହୃଦାନନ୍ଦ ବାରିକଙ୍କ ସଭାତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ଭଟଲି ନିର୍ବାଚନ ମଣ୍ଡଳୀର ବିଧାୟକ ସୁଶାନ୍ତ ସିଂ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପାଇକମାଳ ବ୍ଲକ ଅଧକ୍ଷା ଭାବନା ସିଂ, ଉପାଧକ୍ଷ ସଞ୍ଜୀବ ବରିହା, ଗୋବିନ୍ଦ ପାଣିଗ୍ରାହୀ, ପଦ୍ମପୁର ଜିଲାପରିଷଦ ସଦସ୍ୟା ପୂର୍ଣ୍ଣିମା ରଣା, ବିଜୟ କୁମାର ସ୍ୱାଇଁ, ବିଜୟ ରାଓ, ଜାମସେଠ ସରପଞ୍ଚ ଆତ୍ରର୍ତ୍ତତାଣ ସାହୁ, ବରତୁଣ୍ଡା ସରପଞ୍ଚ, ଭେଙ୍ଗରାଜପୁର ସମିତ ସଭ୍ୟା ଯତିନୀ ଭୋଇ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ସଭାରେ ସମସ୍ତ ନେତା ଭାଜପାକୁ ଟାର୍ଗେଟ କରିବା ସହ ୨୦୨୪ରେ ବିଜେଡିକୁ ବହୁ ମାତ୍ରାରେ ଭୋଟ ଦେବା ପାଇଁ ଆହ୍ୱାନ କରିଥିଲେ। ପ୍ରବଳ ଖରା ସତ୍ତ୍ୱେ ଏହି ସମ୍ମିଳନୀରେ ପଞ୍ଚାୟତର ୪୦୦ ରୁ ଉର୍ଦ୍ଧ୍ୱ ମହିଳା ସମେତ ପ୍ରାୟ ୮୦୦ରୁ ଅଧିକ କର୍ମୀଙ୍କ ସମାଗମ ହୋଇଥିଲ। ବିଜେଡି ସଭାପତି ଭିଷ୍ମଦେବ ସାହୁ ଧନ୍ୟବାଦ ଦେଇଥିଲେ।

# ମୋଟର ଚାଳକ ସଂଘ କର୍ମକର୍ତ୍ତା ନିର୍ବାଚନ

**ବରଗଡ଼ ଅଫିସ୍/ସୋହେଲା,୧୦।୬**

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ୍‌ଠାରେ ଜିଲା ମୋଟର ଚାଳକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସଂଘର ରାଜ୍ୟ ସମ୍ପାଦକ ଗୁରୁପ୍ରସାଦ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବାରଦ ହରିଜନ ଭାଇ, ବରଗଡ଼ ଜିଲା ଉପଦେଷ୍ଟା କମିଟିର ସଦସ୍ୟ ରବି ସାହୁ ଉପସ୍ଥିତ ଥିଲେ। ସେମାନଙ୍କ ଉପସ୍ଥିତିରେ ହୋଇଥିବା ଜିଲା କମିଟିର ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ଉଗ୍ରସେନ ସାହୁ ସଭାପତି, କୁନୁ ସିଂ ଉପସଭାପତି, ଛତ୍ରପତି ସାହୁ ସମ୍ପାଦକ, ଧନୁର୍ଯ୍ୟୟ ମହାକୁର ସହସମ୍ପାଦକ, ତାରାକାନ୍ତ ରଣବିଡ଼ା କୋଷାଧକ୍ଷଭାବେ ମନୋନୀତ ହୋଇଥିଲେ। କୀର୍ତ୍ତିରାମ ବୈଏଗା, ସାନନ୍ଦ ଥପା, ଗିରିଜା ଖୁଟଲା, ସନାତନ ଦାସ, ବିପିନ ବିଶି, ପିତାମ୍ବର ତରାଇ, ଶମ୍ଭୁଭୂଷଣ ମହାନନ୍ଦ, ବିରେଶ ପ୍ରଧାନ, ଭାଗବତ ବିଶ୍ୱାଳ, ଲକ୍ଷ୍ମଣ ବାଗ କାର୍ଯ୍ୟକାରୀ କମିଟି ସଦସ୍ୟ ମନୋନୀତ ହୋଇଥିଲେ। ସେହିପରି ରମାକାନ୍ତ ଗୁପ୍ତା, ରବିସାହୁ, ଘନ ପଟେଲଙ୍କୁ ଉପଦେଷ୍ଟା କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଥିଲା।

# ମୌଳିକ ଭାଷା, ଗାଣିତିକ ଚିନ୍ତନର ବିକାଶକୁ ଗୁରୁତ୍ୱ

**ବରଗଡ଼ ଅଫିସ୍/ଅମ୍ବାଭୋନା,୧୦।୬**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବ୍ଲକ କଲୋନୀ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୁକ୍ତା ପରିସରରେ ଶୁକ୍ରବାର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମଚରଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂହ, ଭୁକ୍ତା କ୍ଲଷ୍ଟର ସିଆର୍‌ସିସି କେଦାର ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟ ଅବକାଶ ସମୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମୌଳିକ ଭାଷା ଓ ଗାଣିତିକ ଚିନ୍ତନର ବିକାଶ ଉପରେ ସେମାନେ ମତ ରଖିଥିଲେ । ଶିକ୍ଷକ ସ୍ୱାଧୀନ କୁମାର ପ୍ରଧାନ ଛାତ୍ରୀଛାତ୍ରମାନେ ବିନା ବାଧା ତଥା ଠିକ୍ ଭାବେ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକବୃନ୍ଦ ଯୋଗଦାନ କରିଥିଲେ ।

# ବ୍ଲକସ୍ତରୀୟ ପାଚିକା, ସହାୟିକାଙ୍କ ପ୍ରଶିକ୍ଷଣ ଶିବିର

**ସରଣ୍ଡା,୧୦।୬(ଡି.ଏନ.ଏ.)**

ବରଗଡ ଜିଲା ଅତାବିରା ବ୍ଲକସ୍ତରୀୟ ପାଚିକା ତଥା ସହାୟିକାଙ୍କ ପ୍ରଶିକ୍ଷଣ ଶିବିର ବ୍ଲକ ଶିକ୍ଷାଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏବିଇଓ କାର୍ତ୍ତିକ ବାଗ ଓ ତପନ କୁମାର ଦାସ ଯୋଗଦାନ କରିଥିଲେ। ଏହି ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅତାବିରା ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଅତାବିରା ଏବଂ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ଗୋଡଭଗାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ମୋଟ ୨୯୪ ଜଣ ପାଚିକା ସହାୟିକା ଯୋଗଦାନ କରିଥିଲେ। ସାଧନ କର୍ମୀ ଭାବେ ସିଆର୍‌ସିସି ରଞ୍ଜନ ବାଗ, ଧରମ ନାୟକ, ସୀତାପତି ପ୍ରଧାନ, କୃତାର୍ଥ ଚନ୍ଦ୍ର ଭୁଏ, ଜୟଦେବ ନାଏକ, ରାଜୀବ ବିଶ୍ୱାଳ, ଭକ୍ତ କହ୍ନେଇ, ରଶ୍ମିରାଣୀ ନନ୍ଦ, କେଶବ ଛନ୍ଦ ଉପସ୍ଥିତ ଥିଲେ। ଋଷଭ ପଣ୍ଡା, ତ୍ରିଲୋଚନ ସେଠ୍, ରବି ଗୁପ୍ତା, ରିଙ୍କି ସାହୁ, ରୁବି ସାହୁ, କଲ୍ୟାଣୀ ସାମନ୍ତ, ସତ୍ୟବାନ୍ ସାହୁ ଓ ଆନନ୍ଦ ସାହୁ ସହଯୋଗ କରିଥିଲେ । ସିଆର୍‌ସିସି ନନ୍ଦିଘୋଷ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ଉପରେ ପିପିଟି ଓ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା। ଶେଷରେ ସମସ୍ତ ପାଚିକା ସହାୟିକାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।



ଶିବିରରେ ପ୍ରମାଣପତ୍ର ପାଇଥିବା ପାଚିକା, ସହାୟିକାଗଣ।

# ଶିଶୁଙ୍କ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

**ବରଗଡ଼ ଅଫିସ୍,୧୦।୬**

ବରଗଡ଼ ଜିଲା ବିଜେପୁର ବ୍ଲକର ୧୨ କ୍ଲଷ୍ଟର ଅଧୀନ ବିଦ୍ୟାଳୟ ଗୁଡ଼ିକରେ ଶୁକ୍ରବାର ଜି-୨୦ (ଜନଭାଗିଦାରୀ କାର୍ଯ୍ୟକ୍ରମ) ଅନୁଷ୍ଠିତ ହୋଇଯାଇଛି। ଜାରିଂ କ୍ଲଷ୍ଟର ଅନ୍ତର୍ଗତ ପିପିଲିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାଯର୍‌ୟକ୍ରମରେ ଗଜରାଜ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ରାଜେଶ୍ୱର ବେହେରା ସଭାପତିତ୍ୱ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ ସାହୁ, ସ୍କୁଲ କମିଟି ଚେୟାରମ୍ୟାନ ପ୍ରଫୁଲ୍ଲ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିଶୁଙ୍କ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା ବୋଲି ଅତିଥିବୃନ୍ଦ କହିଥିଲେ। ଏହି ଅବସରରେ ପ୍ଲାକାର୍ଡ଼ ଧରି ପଦଯାତ୍ରାରେ ଗ୍ରାମ ପରିକ୍ରମା ସହିତ ସଚେତନତା ସୃଷ୍ଟି କରାଯାଇଥିଲା। ଶିକ୍ଷକ ରୋହିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉକ୍ତ ବ୍ଲକର ଅନ୍ୟ କ୍ଲଷ୍ଟର ଅଧିନ ବିଦ୍ୟାଳୟରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ବାନ୍ଦୁପାଲି କ୍ଲଷ୍ଟର ଅଧୀନ ବରମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ସୀତାରାମ ଦୀପ ଅଧ୍ୟକ୍ଷତା କରିଥିବାବେଳେ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁମନ୍ତ ବରର୍ତ୍ତୀ, ସମିତିସଭ୍ୟ ବ୍ୟାସଦେବ ମାଝୀ, ସ୍କୁଲ କମିଟି ଚେୟାରମ୍ୟାନ ସୁବୋଧ କୁମାର ସାହୁ, ପ୍ରଧାନ ଶିକ୍ଷକ ସନ୍ତୋଷ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବଡ଼ବାଉଁଶେନ କ୍ଲଷ୍ଟର ଅନ୍ତର୍ଗତ କୁର୍କୁଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ଦୁର୍ବାଦଳ ବଡ଼ଗୋଛିଆ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରେମରାଜ ପଟେଲ, ଯାକୁବ ନନ୍ଦ ଅତିଥି ଭାବେ ଯୋଗଦାନ କରିଥିଲେ। ଟି. ଗଣ୍ଡପାଲି କ୍ଲଷ୍ଟର ଅଧୀନ ଗୁଡ଼ିମୁଣ୍ଡା ସ୍କୁଲରେ ସିଆରସିସି ପ୍ରଭାତ ରଞ୍ଜନ ସାହୁ, ବଡ଼ବ୍ରାହ୍ମଣୀ କ୍ଲଷ୍ଟର ଅଧୀନ ବାରଙ୍ଗବାହାଲରେ ସିଆରସିସି ଡ଼ୋଲାମଣି କୁମ୍ଭାର, ବିଜେପୁର କ୍ଲଷ୍ଟର ଶଙ୍କର୍ଷଣ ପ୍ରାଥମିକ ସ୍କୁଲରେ ସିଆରସିସି ସୁଧାଂଶୁ ଶେଖର ଜାଲ, ପଡ଼ା କ୍ଲଷ୍ଟର ଅଧୀନ ବାଞ୍ଜିଡୁଙ୍ଗୁରିରେ ସିଆର୍‌ସିସି ନବୀନ ସାହୁ, ତାଲପଦର କ୍ଲଷ୍ଟର ବିନୁଆପାଲିରେ ସିଆର୍‌ସିସି ବାସୁଦେବ ପ୍ରଧାନ, ଲାଉମୁଣ୍ଡାରେ ପ୍ରକାଶ ମହାନନ୍ଦ, ପଥର୍ଲା ଖୁଣ୍ଟପାଲିରେ ହେମନ୍ତ କୁମାର ଆରୁକ, ଖରମୁଣ୍ଡା କ୍ଲଷ୍ଟର ବି. କଟାପାଲିରେ ଶରତ ପ୍ରଧାନ, ଯୋଝିପାଲି କ୍ଲଷ୍ଟର ବାଦିପାଲିରେ ସିଆରସିସି ତ୍ରିନାଥ ସେଠ ଅଧ୍ୟକ୍ଷତା କରିଥିଲେ।



ପିପିଲିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସଚେତନତା ପଦଯାତ୍ରା ।

## ସଂକ୍ଷେପରେ

### ଅବକାରୀ ଥାନା ଉଦ୍‌ଘାଟିତ

ବଡ଼ଗାଁ,୧୦।୬(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ନୂତନ ଅବକାରୀ ଥାନା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଅବକାରୀ ଅଧିକ୍ଷକ ନରୁତ୍ତମ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡ଼ଗାଁ ଅବକାରୀ ରେଞ୍ଜ ଇନ୍ସପେକ୍ଟର ରବି ନାରାୟଣ ପ୍ରଧାନ, ମୋବାଇଲ ଇନ୍ସପେକ୍ଟର ଜାଜ୍ଞସେନି ପ୍ରଧାନ, ଇନ୍ସପେକ୍ଟର ଗିରିଶ ପଣ୍ଡା, ବଡ଼ଗାଁ ଥାନା ଏଏସ୍‌ଆଇ ଗୋପୀନାଥ ଓଝା, ବଡ଼ଗାଁ ଗୌନ୍ତିଆ ପ୍ରକାଶ ପାଣିଗ୍ରାହୀ, ସତ୍ୟ ନାରାୟଣ ନାୟକ ଯୋଗଦେଇଥିଲେ। ବଡ଼ଗାଁ ଅବକାରୀ ଅଧିକାରୀ ଲକ୍ଷ୍ମଣ ନାୟକ, ଏଏସ୍‌ଆଇ ରାଜେଶ ପଟେଲ, ନିରୁପମା ନାୟକ, ଭୀଷ୍ମ ବରିହା, ବ୍ୟାସଦେବ ରାୟ, ରିପା ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସେମ ହେମ୍ବ୍ରମ ନୂତନ ଜିଲା କଂଗ୍ରେସ ସଭାପତି ନିଯୁକ୍ତ



ଦେବଗଡ଼, ୧୦।୬(ଡି.ଏନ୍.ଏ.): ଦେବଗଡ଼ ଜିଲା କଂଗ୍ରେସ କମିଟିର ନୂତନ ସଭାପତି ଭାବେ ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ନିଯୁକ୍ତ ହୋଇଛନ୍ତି। ପ୍ରଦେଶ କଂଗ୍ରେସ କମିଟିର ପ୍ରସ୍ତାବ କ୍ରମେ ଅଖିଳ ଭାରତୀୟ କଂଗ୍ରେସ କମିଟି ହେମ୍ବ୍ରମଙ୍କୁ ଦେବଗଡ ଜିଲା କଂଗ୍ରେସ ସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ହେମ୍ବ୍ରମ ପୂର୍ବରୁ ପ୍ରଦେଶ କଂଗ୍ରେସ ସମ୍ପାଦକ ଭାବେ ମଧ ସୂଚାରୁ ରୂପେ କାର୍ଯ୍ୟ ତୁଲାଇ ସାରିଛନ୍ତି। ଜିଲା କଂଗ୍ରେସ କମିଟିର ନୂତନ ସଭାପତି ପଦ ମିଳିବା ପରେ ଜିଲା କଂଗ୍ରେସର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଭିନ୍ନକ୍ଷମଙ୍କ ପାଇଁ ସମ୍ବଳ ଗୃହ ଉଦ୍‌ଘାଟିତ

ବରପାଲି,୧୦।୬(ଡି.ଏନ୍.ଏ.): ବରଗଡ଼ ଜିଲା ବରପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟଠାରେ ଭିନ୍ନକ୍ଷମଙ୍କ ପାଇଁ ଏକ ସମ୍ବଳ ଗୃହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମହରା ଦ୍ୱୀପ ପ୍ରଜ୍ୱଳନ କରିଥିବାବେଳେ ଜିଲା ସହ ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିନ୍ନକ୍ଷମଙ୍କ ସମ୍ବଳ ଗୃହ ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସହ ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମହରା, ବିଆର୍‌ସିସି ଦୁର୍ଯ୍ୟୋଧନ ସିଂ, ବିଆରଟି ମୁକୁନ୍ଦ ମେହେର ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ମୁକୁନ୍ଦ ମେହେର ପରିଚାଳନା କରିଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉର୍ଦ୍ଧିଷ୍ଟ ସମ୍ବଳ ଗୃହର ଆବଶ୍ୟକତା ଓ ଉପଯୋଗିତା ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ।

# ଭାଜପାର ଗରିବ କଲ୍ୟାଣ ସମାବେଶ

## ରାଜ୍ୟ ସରକାର ଜମି ଯୋଗାଇ ଦେଲେ ତାଳଚେର- ବିମଳାଗଡ଼ କାର୍ଯ୍ୟ ତ୍ୱରାନ୍ୱିତ ହେବ: ଧର୍ମେନ୍ଦ୍ର

ଦେବଗଡ଼,୧୦।୬(ଡି.ଏନ୍.ଏ.)



ଦେବଗଡ ଜିଲା ଭାଜପା ପକ୍ଷରୁ ଗରିବ କଲ୍ୟାଣ ସମାବେଶରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ମୋଦୀ ସରକାରର ୯ ବର୍ଷ ପୂର୍ତ୍ତି ଅବସରେ ଦେବଗଡ଼ ଜିଲା ଭାଜପା ପକ୍ଷରୁ ସ୍ଥାନୀୟ ବଡ଼ ବଗିଚାଠାରେ ଗରିବ କଲ୍ୟାଣ ସମାବେଶ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଓଡ଼ିଶା ଭଳି ପଛୁଆ ରାଜ୍ୟକୁ ମୋଦି ସରକାର ପୂର୍ବଦୋୟ ଯୋଜନାରେ ଗରିବ କଲ୍ୟାଣ ପ୍ରୟୋଗଶାଳାଭାବେ ଦାୟିତ୍ୱ ନେବା ସହ ଏକ ତୁଳନାତ୍ମକ ହିସାବ ପ୍ରଦାନ କରିଥିଲେ। ରାଜ୍ୟରେ ୫ ବର୍ଷରେ ପୂର୍ବ ରାଜସ୍ୱ ୫ ହଜାର କୋଟି, ଏବେ ମୋଦି ସରକାର ନିତି ନିର୍ଦ୍ଧାରଣ ଯୋଗୁ ୫୦ ହଜାର କୋଟିରେ ପହଞ୍ଚିଛି। ଓଡ଼ିଶା ଜିଏସ୍‌ଟି ଲାଗୁ ପରେ ରାଜସ୍ୱ ୫୦ ହଜାର କୋଟିକୁ ପହଞ୍ଚିଛି। ଡିଏମ୍‌ଏଫ ଫଣ୍ଡରେ ପୂର୍ବରୁ ଯୋଜନା ନଥିଲା, ଏବେ ୨୨ ହଜାର କୋଟି ଦେଉଛି। ହେଲେ ଦୁର୍ଭାଗ୍ୟର ବିଷୟ ଓଡ଼ିଶା ଦୁର୍ନିତି ଯୋଗୁ ଟଙ୍କା ବ୍ୟାପକ ବାଟ ମାରଣା ହେଉଛି। ମୋଦୀ ୨୭ ଲକ୍ଷର ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ଘର ପ୍ରଦାନ କଲେ। ୯ ଲକ୍ଷରୁ ଉର୍ଦ୍ଧ୍ୱ ଘର ଦିଲ୍ଲୀରୁ ୱାର୍କ ଅଡର ଆସିବା ପରେ ମଧ ଗରିବ ଲୋକଙ୍କୁ ଘର ମିଳିପାରୁନାହିଁ। ଜଳ ଜୀବନ ସୁବ୍ୟସ୍ଥା କଲା ପରେ ମଧ ଗାଁ ଗାଁରେ ପିଇବା ପାଣି ଦୂର ହେଇନି। ବାର୍ଦ୍ଧକ୍ୟ ଭତ୍ତା ବାଟ ମାରଣ ହେଉଛି। ସବୁ ପରିବର୍ତ୍ତନ ପାଇଁ ନରେନ୍ଦ୍ର ମୋଦୀ ଶାସନ ପ୍ରଣାଳିକୁ ଓଡ଼ିଶାରେ ଲାଗୁ କରିବାକୁ ହେବ। ଗରିବ କଲ୍ୟାଣ ମୁଖ୍ୟ ଉଦ୍ଦେଶ୍ୟ ହେଲା ୨୦୨୪ରେ ମୋଦୀଙ୍କ ବିଚାରଧାରାକୁ ଜାତୀୟ ଓ ରାଜ୍ୟସ୍ତରରେ ପୁନଃସ୍ଥାପିତ କରିବାକୁ ହେବ ବୋଲି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବହୁ ପ୍ରତୀକ୍ଷିତ ତାଳଚେର – ବିମଳାଗଡ଼ ରେଳପଥ ନିର୍ମାଣ ନେଇ ପ୍ରଧାନ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ରାଜ୍ୟ ସରକାର ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରି ହସ୍ତାନ୍ତର କଲେ କେନ୍ଦ୍ର ତ୍ୱରିତ ପଦକ୍ଷେପ ନେବା ସହ କାର୍ଯ୍ୟ ଆରମ୍ଭ କରିବ ବୋଲି କହିଥିଲେ। ଏଥି ସହିତ ତାଳଚେର ବିମଳାଗଡ଼ ଲିଙ୍କରୁ ବାରକୋଟ – ଦେବଗଡ଼ – କୁଚିଣ୍ଡା ଦେଇ ଝାରସୁଗୁଡା ପର୍ଯ୍ୟନ୍ତ ରେଳ ଲାଇନ ନେଇ ଜିଲ୍ଲାର ବରିଷ୍ଠ ଓ ଗୁରୁଜନ ବ୍ୟକ୍ତି ଆଜି ଯେଉଁ ପ୍ରସ୍ତାବ ଦେଇଛନ୍ତି ତାର ଦାଇତ୍ୱ ମୁଁ ଆଜି ନେବା ସହ ରେଳ ବିଭାଗ ସହିତ ଆଲୋଚନା କରି କାର୍ଯ୍ୟକାରୀ କରିବେ ବୋଲି ପ୍ରଧାନ କହିଥିଲେ। ସେହିପରି ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ୪୦କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦେଇ ଏହାର ଭିତ୍ତିପ୍ରସ୍ତର ଖୁବ ଶୀଘ୍ର କରାଯିବ ବୋଲି କହିଥିଲେ। ଏହାର ନିର୍ମାଣ କାର୍ଯ୍ୟ ବିଳମ୍ବ ହୋଇଥିବାରୁ ପ୍ରଧାନ ଦୁଃଖ ପ୍ରକାଶ କରିବା ସହ ବହୁ ଦିନ ପରେ ଦେବଗଡ଼ ଆସି ଖୁସି ଲାଗୁଥିବା କହିଥିଲେ। ଦେବଗଡ଼ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେ, ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ କେନ୍ଦ୍ରର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିବା ସହ ସେମାନେ ହାତକୁ ନେଇ ଥିବା ବିଭିନ୍ନ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଟଙ୍କ ଧର ତ୍ରିପାଠୀ,ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ଅଗସ୍ତି ବେହେରା, ତିଳେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷ ଆରତୀ ପ୍ରଧାନ , ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ ଭୋଜ, ମାଧବୀ ଦେବୀ, ଦଳୀୟ କାଉନସିଲର, ମଣ୍ଡଳ ସଭାପତି, ଭାରତ ଭୂଷଣ ପ୍ରଧାନ, ସଚ୍ଚିକାନ୍ତ ଦାଶ, ରଞ୍ଜିତ ପଟେଲ , ଯୋଗେଶ ପ୍ରଧାନ, ସତ୍ୟ ନାରାୟଣ ପାଣି, ସନ୍ତୋଷ ଭୂତିଆ, ମୋତିଲାଲ ଶର୍ମା, ଦିବ୍ୟ ଖୁଣ୍ଟିଆ ପ୍ରମୁଖ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।

## ସାଂସ୍କୃତିକ ବୃତ୍ତି ପାଇଲେ ବୌଦ୍ଧର ଓଡ଼ିଶୀ ନୃତ୍ୟଶିଳ୍ପୀ



ବୌଦ୍ଧ,୧୦।୬(ସ୍ୱ.ପ୍ର.)

ବୌଦ୍ଧର ଓଡିଶୀ ନୃତ୍ୟଶିଳ୍ପୀ ପ୍ରତ୍ୟାଶା ମହାପାତ୍ର ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସାଂସ୍କୃତିକ ସ୍ରୋତ ଏବଂ ପ୍ରଶିକ୍ଷଣ କେନ୍ଦ୍ର ନୂଆଦିଲ୍ଲୀ ଦ୍ୱାରା ଜାତୀୟ ସ୍ତରରେ ଓଡିଶୀ ନୃତ୍ୟରେ ସାଂସ୍କୃତିକ ବୃତ୍ତି ପାଇଥିବା ଜଣାପଡ଼ିଛି । ପ୍ରକାଶ ଯେ, ଚଳିତବର୍ଷ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସାଂସ୍କୃତିକ ସ୍ରୋତ ଏବଂ ପ୍ରଶିକ୍ଷଣ କେନ୍ଦ୍ର ନୂଆଦିଲ୍ଲୀ ପକ୍ଷରୁ ୧୦ରୁ ୧୪ ବର୍ଷର ବାଳକ ଓ ବାଳିକାମାନଙ୍କ ମଧ୍ୟରେ ଓଡିଶୀ ନୃତ୍ୟ ପ୍ରଦର୍ଶନ ହୋଇଥିଲା । ଏଥିରେ ଓଡିଶାରୁ ୨୨ ଜଣ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଏଥିରେ ବୌଦ୍ଧର କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପ୍ରତ୍ୟାଶା ମହାପାତ୍ର କନିଷ୍ଠ ସାଂସ୍କୃତିକ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ।

# କଂଗ୍ରେସ ଜିଲା ସଭାପତିଙ୍କ ବାଇକ୍ ଶୋଭାଯାତ୍ରା

ଦେବଗଡ଼,୧୦।୬(ଡି.ଏନ୍.ଏ)



ଦେବଗଡ଼ରେ ବାଇକ୍ ଶୋଭାଯାତ୍ରାରେ କଂଗ୍ରେସ ସଭାପତି ଓ ଅନ୍ୟମାନେ।

ଦେବଗଡ଼ ଜିଲା କଂଗ୍ରେସ କମିଟିର ନୂତନ ସଭାପତି ଭାବେ ସେମ ହେମ୍ବ୍ରମଙ୍କ ନାମ ଘୋଷଣା କରାଯିବା ପରେ ଦଳ ପକ୍ଷରୁ ଶନିବାର ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେହିପରି ନୂତନ ଜିଲା କଂଗ୍ରସ ସଭାପତି ହେମ୍ବ୍ରମ ଶତାଧିକ କଂଗ୍ରେସ କର୍ମୀ ଓ ନେତାଙ୍କ ଗହଣରେ ଉକ୍ତ ବାଇକ୍ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପରେ ପ୍ରଧାନପାଟ ଯାଇ ଅଧିଷ୍ଠାତ୍ରୀ ଦେବୀ ମା' ପ୍ରଧାନପାଟେଶ୍ୱରୀଙ୍କ ଶରଣାପନ୍ନ ହେବା ସହ ମା'ଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏଥିସହ ସହର ମଧ୍ୟସ୍ଥଳୀରେ ଗୋପବନ୍ଧୁ ଛକଠାରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପୂର୍ବାହ୍ନରେ ସହର ଉପକଣ୍ଠସ୍ଥ ରାଞ୍ଚି–ବିଜୟୱାଡା ରାସ୍ତା କଡରେ ଥିବା ସୌରଭ ଫୁଏଲ ସେଣ୍ଟର ସମ୍ମୁଖରୁ ଶତାଧିକ କଂଗ୍ରେସ କର୍ମୀ ଓ ନେତା ବିଭିନ୍ନ ସ୍ଲୋଗାନ ସହ ଏକ ବାଇକ୍ ଶୋଭାଯାତ୍ରାରେ ନବ ନିଯୁକ୍ତ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମଙ୍କୁ ପାଛୋଟି ନେଇ ନଗର ପରିକ୍ରମା କରିବା ପରେ ପ୍ରଧାନପାଟରେ ପହଞ୍ଚିଥିଲେ। ଆଗାମୀ ଦିନରେ ଦେବଗଡ଼ ଜିଲାରେ କଂଗ୍ରେସ ସଙ୍ଗଠନକୁ ଅଧିକ ସୁଦୃଢ ଏବଂ ସୁସଙ୍ଗଠିତ କରାଯିବ ଓ ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀ ବିଧାୟକ ହେବେ ବୋଲି ନୂତନ ସଭାପତି ହେମ୍ବ୍ରମ ଗଣମାଧ୍ୟମ ସମ୍ମୁଖରେ ଦୃଢୋକ୍ତି ପ୍ରକାଶ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ନୂତନ ଜିଲା କଂଗ୍ରେସ ସଭାପତି ଭାବେ ହେମ୍ବ୍ରମଙ୍କ ନାମ ଘୋଷଣା ହେବା ପରେ ସେ ପୂର୍ବତନ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁଙ୍କ ବାସଭବନରେ ତାଙ୍କୁ ସାକ୍ଷାତ କରିବାସହ ତାଙ୍କର ସହଯୋଗ କାମନା କରିଥିଲେ।

## ଝେଙ୍ଗନାଡ଼ିହିରେ ବିଜେଡି କର୍ମୀ ସମ୍ମିଳନୀ

ପାଇକମାଳ,୧୦।୬(ଡି.ଏନ୍.ଏ.)

ବରଗଡ଼ ଜିଲା ପାଇକମାଳ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତ ଝେଙ୍ଗନାଡିହି ଆମ୍ବ ବଗିଚା ଠାରେ ବିଜେଡି କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଦଳୀୟ ନେତା ହୃଦାନନ୍ଦ ବାରିକଙ୍କ ସଭାତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ଭଟଲି ନିର୍ବାଚନ ମଣ୍ଡଳୀର ବିଧାୟକ ସୁଶାନ୍ତ ସିଂ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପାଇକମାଳ ବ୍ଲକ ଅଧକ୍ଷା ଭାବନା ସିଂ, ଉପାଧକ୍ଷ ସଞ୍ଜୀବ ବରିହା, ଗୋବିନ୍ଦ ପାଣିଗ୍ରାହୀ, ପଦ୍ମପୁର ଜିଲାପରିଷଦ ସଦସ୍ୟା ପୂର୍ଣ୍ଣିମା ରଣା, ବିଜୟ କୁମାର ସ୍ୱାଇଁ, ବିଜୟ ରାଓ, ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ବରତୁଣ୍ଡା ସରପଞ୍ଚ, ଭେଙ୍ଗରାଜପୁର ସମିତ ସଭ୍ୟା ଯତିନୀ ଭୋଇ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ

ରିଆମାଳ,୧୦।୬(ଡି.ଏନ୍.ଏ.)

ରିଆମାଳ ବ୍ଲକ ସଦର ମହକୁମା ରିଆମାଳଠାରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହିତ ବିଭିନ୍ନ ସମସ୍ୟାକୁ ନେଇ ଦାବିପତ୍ର ପ୍ରଦାନ କରାଯାଇଛି । ଦେବଗଡ଼ଠାରେ ହେବାକୁ ଥିବା ଗରିବ କଲ୍ୟାଣ ଯୋଜନାରେ ଯୋଗ ଦେବାପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆସିଥିଲେ। ଜଗନ୍ନାଥମନ୍ଦିରଠାରେ ତାଙ୍କୁ ସ୍ୱାଗତ ପାଇଁ ରିଆମାଳ ମଣ୍ଡଳ ବିଜେପି ପ୍ରସ୍ତୁତି କରିଥିଲା। ଦୁଲଦୁଲି ବାଜା ସହିତ ନାମ ସଂକୀର୍ତ୍ତନ ମାଧ୍ୟମରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ମଣ୍ଡଳ ସଭାପତି ରାକେଶ ଦାଶ, ଜିଲା ସାଧାରଣ ସମ୍ପାଦକ ସମୀର ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ବିଜୟ ବିଶ୍ୱାଳ, ମଣ୍ଡଳ ସମ୍ପାଦକ ବିରେନ ପ୍ରଧାନ, ଯୁବମୋର୍ଚ୍ଚା ଜିଲା ଉପସଭାପତି ପ୍ରଭାସ କୁମାର ବିଶ୍ୱାଳ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସରୋଜ ପ୍ରଧାନ, ଅମୂଲ୍ୟ ସାହୁ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିବା ବେଳେ ଜଗନ୍ନାଥ କମିଟି ତଥା ଗ୍ରାମବାସୀଙ୍କ ତରଫରୁ ରମାକାନ୍ତ ପ୍ରଧାନ, ଯୋଗେଶ୍ୱର ବିଶ୍ୱାଳ ପ୍ରମୁଖ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହାପରେ ରିଆମାଳ ଆଠପଡ଼ା ଜଗନ୍ନାଥ ମନ୍ଦିର ନିର୍ମାଣ, ରିଆମାଳ ଦେଇ ରେଳପଥ ସଂଯୋଗ ଆଦି ବିଷୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ୱାଗତ ଉତ୍ସବରେ ଅଞ୍ଚଳର ଶତାଧିକ ଭାଜପା କର୍ମି, ଏସ୍‌ଏଚ୍‌ଜି ଗ୍ରୁପ ତଥା ରିଆମାଳ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।



ରିଆମାଳରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

## ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସଚେତନତା କର୍ମଶାଳା

ଦେବଗଡ଼,୧୦।୬(ଡି.ଏନ୍.ଏ.)

ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଶିକ୍ଷାର ବିକାଶ ନିମନ୍ତେ ଚତୁର୍ଥ ଜି–୨୦ ସମାରୋହ ଉପଲକ୍ଷେ ସୁଗୁଡା କ୍ଲଷ୍ଟର ଅନ୍ତର୍ଗତ କଲଣ୍ଡା ଗ୍ରାମରେ ଶୁକ୍ରବାର ଏକ କ୍ଲଷ୍ଟର ସ୍ତରୀୟ ଜନ ଭାଗୀଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିକ୍ଷା ନୀତି–୨୦୨୦ ଆଧାରିତ ମିଶ୍ରିତ ଶିକ୍ଷଣ ପ୍ରସଙ୍ଗରେ ମୂଳ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ସୁଦୃଢ଼ିକରଣ ନିମନ୍ତେ ଉକ୍ତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସୃଗୁଡା କ୍ଲଷ୍ଟରର ସିଆରସିସି ପ୍ରାଣବନ୍ଧୁ ଘଡେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲଣ୍ଡା ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ପ୍ରଦୀପ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଗଡନାୟକ, କଲଣ୍ଡା ବିଦ୍ୟାଳୟର ପରିଚାଳନା ସମିତି ସଭାପତି ଲିଙ୍ଗରାଜ ଭୋଇ ଓ ଅବନୀକାନ୍ତ ଜାଲ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ବାସୁଦେବପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବୈଜୟନ୍ତୀ ମାହାନାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ବଲଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନେତ୍ରାନନ୍ଦ ବେହେରା ଓ ସୁଗୁଡା ସ୍ଥିତ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗଳ୍ପ କଥନ, ଭାଷା ଜ୍ଞାନ ଓ ଅଙ୍କଜ୍ଞାନ ସମ୍ପର୍କୀତ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସାମନ୍ତାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଶର୍ମା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଗୁଣ୍ଡୁରିପୋଶି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମାନନ୍ଦ ବସନ୍ତରା, ବାସୁଦେବ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ପ୍ରଧାନ, ସହକାରୀ ଶିକ୍ଷକ ବିରଞ୍ଚି ପ୍ରଧାନ, ଦୀନେଶ ପାଢୀ, ସହକାରୀ ଶିକ୍ଷୟିତ୍ରୀ ନମିତାରାଣୀ ସାହୁ , ସୁମତି ହେମ୍ବ୍ରମ ଓ ରୋମାଞ୍ଚଳ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ବ୍ରିଜ୍ ଲୋକାର୍ପଣ କଲେ ବିଧାୟକ

ବରଗଡ଼ ଅଫିସ୍,୧୦।୬

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମକୁ ଜାତୀୟ ରାଜପଥରୁ ସଂଯୋଗ କରୁଥିବା ରାସ୍ତାରେ ରହିଥିବା ନବନିର୍ମିତ ବ୍ରିଜ ଶୁକ୍ରବାର ଲୋକାର୍ପିତ ହୋଇଛି। ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ନାୟକ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସମିତିସଭ୍ୟ ଜ୍ଞାନରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ମୌଳିକ ସାକ୍ଷରତାରେ ମାତାପିତାଙ୍କ ଭୂମିକା କର୍ମଶାଳା

ରାଜଗାଙ୍ଗପୁର,୧୦।୬(ଡି.ଏନ୍.ଏ.)

ରାଜଗାଙ୍ଗପୁର ସରକାରୀ ନୋଡାଲ କ୍ଲଷ୍ଟର ପକ୍ଷରୁ ୧୧ଟି ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ରୀ ଏବଂ ଅଭିଭାବକଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶିଶୁମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଦକ୍ଷତା ହାସଲରେ ମାତାପିତାଙ୍କ ଭୂମିକା ଉପରେ ମାତାପିତାଙ୍କୁ ସଚେତନା କରିବା ପାଇଁ ରାଜ୍ୟ ସରକାରଙ୍କ ନୂତନ ଶିକ୍ଷାନୀତି ଉପରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଗୋପବନ୍ଧୁ ସ୍କୁଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ସମ୍ମାନିତ ଅତିଥି ଭାବେ ଡ. ସରୋଜିନୀ ସାହୁ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସବିତା ନାୟକ, ଉପାଧ୍ୟକ୍ଷା ଏମ୍‌ଡି ଇରଫାନ ଯୋଗ ଦେଇଥିଲେ। ସରକାରୀ ନୋଡାଲ କ୍ଲଷ୍ଟର ସିଆର୍‌ସିସି ସୁଜାତା ଦାଶ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ମଧ ଉପସ୍ଥିତ ଥିଲେ। ଅଭିଭାବକମାନେ କିପରି ବିଦ୍ୟାଳୟ ପରିଚାଳନାରେ ସ୍କୁଲକୁ ସହଯୋଗ କରିପାରିବେ, ଘରେ ପିଲାଙ୍କୁ ପାଠପଢ଼ାରେ କିପରି ସହଯୋଗ କରିବେ, ପିଲାମାନେ ଘରେ କିପରି ନାନା ପ୍ରକାରର ଶିକ୍ଷଣୀୟ ବିଷୟକୁ ଶିଖିବେ, ଅଭିଭାବକଙ୍କ ଏ ଦିଗରେ କ'ଣ ଭୂମିକା ରହିଛି ସେ ଦିଗରେ ଅତିଥିମାନେ ଆଲୋଚନା କରିଥିଲେ। ଡ. ସରୋଜିନୀ ସାହୁ ଚିତ୍ର ସହିତ ପିପିଟି ମାଧ୍ୟମରେ ଶିଶୁଙ୍କ ଶିକ୍ଷାରେ ପିତାମାତାଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ପୌରାଧ୍ୟକ୍ଷା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ନାଚ ଏବଂ ଗୀତ ମାଧ୍ୟମରେ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁପ୍ରଭା ପରିଜା ପରିଚାଳନା କରିଥିଲେ। ଶେଷରେ ସୁଜାତା ଦାଶ ଧନ୍ୟବାଦ ଦେଇଥିଲେ।

# ଆବିଷ୍କୃତ ହେଲା ପ୍ରାଚୀନ ଐତିହ୍ୟ ଛେଙ୍ଗା ପାହାଡ଼

ସୁନ୍ଦରଗଡ଼/ହେମଗିର,୧୦।୬(ଡି.ଏନ୍.ଏ.)



ଐତିହ୍ୟ ସ୍ଥଳରେ ଭୂତତ୍ତ୍ୱ ବିଜ୍ଞାନୀ ଓ ବନବିଭାଗ ଅଧିକାରୀ।

ଆବିଷ୍କାର ହେଲା ୧୬ହଜାର ନିୟୁତ ବର୍ଷ ପୂର୍ବର ପ୍ରାକୃତିକ ଐତିହ୍ୟ ଛେଙ୍ଗା ପାହାଡ଼। ଏହି ପାହାଡ଼ ବକ୍ଷରେ ଦିନେ ନଦୀ ପ୍ରବାହିତ ହେଉଥିବା କଥା ଭୂତତ୍ତ୍ୱ ବୈଜ୍ଞାନିକମାନେ ଗବେଷଣାରୁ ଜାଣି ପାରିଛନ୍ତି। କାଳକ୍ରମେ କୌଣସି ପ୍ରାକୃତିକ ଭୂଚଳନ ଯୋଗୁ ଏହା ପାହାଡ଼ ରୂପ ଧାରଣ କରିଥିବା କୁହାଯାଉଛି। ଭାରତୀୟ ଭୂ ବୈଜ୍ଞାନିକ ସର୍ବେକ୍ଷଣ ବେଲପାହାଡ଼ କାର୍ଯ୍ୟାଳୟ ଅଧୀନ ସୁନ୍ଦରଗଡ଼ ଜିଲା ହେମଗିରି ବ୍ଲକ୍ ବ୍ରାହ୍ମଣୀ ଗ୍ରାମ ନିକଟରେ ଏହି ବିରଳ ପ୍ରାକୃତିକ ଐତିହ୍ୟ ସ୍ଥାନ ଆବିଷ୍କୃତ ହୋଇଛି। ଯାହାକୁ ବ୍ରାହ୍ମଣୀ ଆର୍କ ନାମରେ ନାମିତ କରାଯାଇଛି। ସ୍ଥାନୀୟ ବାସିନ୍ଦା ଏହାକୁ ଛେଙ୍ଗା ପାହାଡ଼ କହୁଥିବା ବେଳେ ଏହାର ଐତିହ୍ୟ ବାବଦରେ ଅଜ୍ଞ ଅଛନ୍ତି। ସୁନ୍ଦରଗଡ଼ ଜିଲା କନିକାରୁ ହେମଗିରି ଯିବା ରାସ୍ତାର ମୁଖ୍ୟ ରାସ୍ତାରୁ ଘଞ୍ଚ ଜଙ୍ଗଲ ଦେଇ ପ୍ରାୟ ୨.୫ କିମି ଦୂରରେ ଥିବା ଛେଙ୍ଗା ପାହାଡ଼ ଶିଖରରେ ଏହି ପ୍ରାଚୀନ ପଥର ତୋରଣ ରୂପରେ ଐତିହ୍ୟ ବିଦ୍ୟମାନ ହୋଇଛି। ଏହି ପ୍ରାକୃତିକ ଆର୍କର ଲମ୍ବ ୩୦ ମିଟର, ଉଚ୍ଚତା ୧୨ ମିଟର। ଜ୍ୟାମିତିକ ଦୃଷ୍ଟିରୁ ଆର୍କଟି ଓଭାଲ ଆକୃତିର। ପୂର୍ବରୁ ଆଣ୍ଡାମାନ ନିକୋବର ଓ ତିରୁପତି ପାହାଡ଼ରେ ୨ଟି ଏଭଳି ପୁରାତନ ଐତିହ୍ୟ ଆବିଷ୍କୃତ ହୋଇଥିବା ବେଳେ ବ୍ରାହ୍ମଣୀ ଆର୍କ ଆମ ଦେଶର ତୃତୀୟ ଐତିହ୍ୟ ଭାବରେ ସ୍ୱୀକୃତି ପାଇଛି। ଏହାର ପ୍ରଚାର ପ୍ରସାର ହେଲେ ଆଗାମୀ ଦିନରେ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବା ସହ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ଓ ଅଞ୍ଚଳବାସୀ ରୋଜଗାରକ୍ଷମ ହେବେ ବୋଲି ଆଶା କରାଯାଉଛି। ତେବେ ଆବିଷ୍କୃତ ବ୍ରାହ୍ମଣୀ ଆର୍କ୍ ର ସଂରକ୍ଷଣ ପାଇଁ ଉକ୍ତ ଐତିହ୍ୟ ସ୍ଥାନରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଥିଲା। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଭାରପ୍ରାପ୍ତ ଡିଏଫ୍‌ଓ ଲଳିତ କୁମାର ପାତ୍ର, ସମ୍ମାନିତ ଅତିଥିଭାବେ କନିକା ସରପଞ୍ଚ ଶାନ୍ତ ଧୂରୁଆ, ଜିଏସଆଇ ଡେପୁଟି ଡାଇରେକ୍ଟର ଜେନେରାଲ ଡ. ସୈବାଲ ଚନ୍ଦ୍ର ମିତ୍ର, ଏସିଏଫ୍ ମୋହନ ହେମ୍ବ୍ରମ, କନିକା ରେଞ୍ଜ ଅଧିକାରୀ ପ୍ରକାଶ ନାଏକ ପ୍ରମୁଖ ଯୋଗଦେଇ ବ୍ରାହ୍ମଣୀ ଆର୍କର ସଂରକ୍ଷଣ ଦିଗରେ ଜନସାଧାରଣଙ୍କୁ ସଚେତନ କରିଛନ୍ତି।

# ସୁଲଭ ମୂଲ୍ୟରେ ବ୍ରାଣ୍ଡେଡ୍ ସାମଗ୍ରୀ

ଭୁବନେଶ୍ୱର,୧୦।୬



ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଅନ୍ତଃରାଷ୍ଟ୍ରୀୟ ରପ୍ତାନିକାରୀ ସଂସ୍ଥା ପକ୍ଷରୁ ଦି ନ୍ୟୁ ମ୍ୟାରିୟନ ହୋଟେଲଠାରେ ୪ ଦିନିଆ ସର୍ବବୃହତ୍ ଡିସ୍କାଉଣ୍ଟ ସେଲ୍‌ର ଶୁଭାରମ୍ଭ କରାଯାଇଛି। ଶନିବାରୁଠାରୁ ଆରମ୍ଭ ହୋଇଥିବା ଏହି ସେଲ୍ ୨୦୨୩ ଜୁନ୍ ୧୩ ପର୍ଯ୍ୟନ୍ତ ଉପଲବ୍ଧ ରହିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଏହି ସେଲ୍ ଜରିଆରେ ଗ୍ରାହକମାନେ ସୁଲଭ ମୂଲ୍ୟ ବ୍ରାଣ୍ଡେଡ୍ କମ୍ପାନୀର ସାମଗ୍ରୀ ଓ ଉତ୍ପାଦ ଗୋଟିଏ ଜାଗାରୁ ପାଇପାରିବେ। ବିଶେଷକରି ଦେଶର ପ୍ରମୁଖ ବ୍ରାଣ୍ଡ୍ ଯଥା ରୋଡ୍‌ଷ୍ଟାର,ଫିଲା, କଲରପ୍ଲସ୍, ଜନ୍ ମିଲର,କ୍ଲାର୍କସ, ରେମଣ୍ଡ,ୱାଙ୍ଗରଲର,ଡବ୍ଲ୍ୟୁ,ନୁଟିସିଆ, ପାର୍କ ଏଭ୍ୟୁନ, ବେନଲଟେନ ଭଳି ଅନେକ ବ୍ରାଣ୍ଡେଡ୍ କମ୍ପାନୀର ଜିନ୍ସ, ଟ୍ରାଉଜର୍ସ, ଶାର୍ଟ, ଚିନୋସ, ଟି-ଶାର୍ଟସ, ଜ୍ୟାକେଟ୍ସ, ବ୍ଲେଜର୍ସ,ଫ୍ୟାନ୍ସି ସାମଗ୍ରୀ, ଲେଡିଜ ଟପ୍, ପାଲାଜୋ, ଫ୍ରକ୍ସ,ଲେଡିଜ ଲୋୱର ପ୍ୟାଣ୍ଟ, ଜିନ୍ସ କୁର୍ତ୍ତା-କୁର୍ତ୍ତି ଲେଗିଁସ୍, ଫ୍ୟାଶନେବଲ କିଡ୍‌ସ ୱେର ଏବଂ ଜୋତା ସମେତ ଆହୁରି ଅନେକ ସାମଗ୍ରୀ ଉପଲବ୍ଧ। ବିଶେଷକରି ଉକ୍ତ ପ୍ରଦର୍ଶନୀ ଓ ସେଲ୍‌ରେ ଲେଡିଜ୍, ଜେଣ୍ଟସ୍ ଓ କିଡ୍‌ସଙ୍କ ପାଇଁ ୩୫ରୁ ଊର୍ଦ୍ଧ୍ୱ କାଉଣ୍ଟରରେ ୩୦,୦୦୦ରୁ ଅଧିକ ଗାର୍ମେଣ୍ଟସ ଉଭୟ ବିକ୍ରୟ ଓ ପ୍ରଦର୍ଶନୀ ହେଉଛି। ସେହିଭଳି ଆକର୍ଷଣୀୟ ଉତ୍ପାଦ କ୍ରୟର ୧୨୦୦ରୁ ୬୦୦୦ ପ୍ରତି ବିଲିଂ ଉପରେ ୮୦% ପର୍ଯ୍ୟନ୍ତ ରିହାତି ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ସୂଚନାଯୋଗ୍ୟ, ବିଶ୍ୱବ୍ୟାପୀ ମାନ୍ଦାବସ୍ଥା ଯୋଗୁ ସାରା ବିଶ୍ୱରେ ଉଚ୍ଚ ଅର୍ଥନୈତିକ ମନ୍ଥରତା ଦେଖାଦେଇଛି। ଫଳରେ ବ୍ୟାପକ ପରିମାଣର ରପ୍ତାନି ଅର୍ଡରଗୁଡିକ ବାତିଲ ହୋଇଯାଇଛି। ଏପରିକି ସାରା ଦେଶରେ ସଂସ୍ଥାର ଫ୍ଲାଗ୍‌ଶିପ ଷ୍ଟୋରଗୁଡିକ ମଧ୍ୟ ବନ୍ଦ ହୋଇଯାଇଛି। ଉପରୋକ୍ତ କାରଣଗୁଡିକ ପାଇଁ ସଂସ୍ଥା ନିକଟରେ ବିପୁଳ ପରିମାଣରେ ସାମଗ୍ରୀ ମହଜୁଦ ହୋଇ ରହିଛି।

## ରିଅଲ୍‌ମି ୧୧ପ୍ରୋ ସିରିଜ୍ ୫ଜିର ଉନ୍ମୋଚନ

ଭୁବନେଶ୍ୱର,୧୦।୬

ରିଅଲ୍‌ମିର ଫ୍ଲାଗ୍‌ଶିପ୍ ନମ୍ବର ସିରିଜ୍ ରିଅଲ୍‌ମି ୧୧ ପ୍ରୋ ସିରିଜ୍ ୫ଜିର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ରିଅଲ୍‌ମି ୧୧ପ୍ରୋ ସିରିଜ୍ ୫ଜି ପୂର୍ବତନ ଗୁଚି ଡିଜାଇନର ମାଟେଓ ମେନୋଟୋଙ୍କ ସହ ସହଭାଗିତାରେ ରିଅଲ୍‌ମି ଡିଜାଇନ ଷ୍ଟୁଡିଓରେ ଏକ ପ୍ରିମିୟମ ମାଷ୍ଟର ଡିଜାଇନ୍ ପ୍ରଦର୍ଶନ କରୁଛି। ଏ ସମ୍ପର୍କରେ ରିଅଲ୍‌ମି ଇଣ୍ଡିଆର ପ୍ରଡକ୍ଟ ମ୍ୟାନେଜର ଶ୍ରୀହରି କହିଛନ୍ତି, ଆମର ରିଅଲ୍‌ମି ନମ୍ବର ସିରିଜର ଶୁଭାରମ୍ଭ ପରଠାରୁ ସବୁ ସ୍ତରରେ ଉତ୍ସାହ ଦେଖା ଦେଇଛି। ରିଅଲ୍‌ମି ୧୧ ପ୍ରୋ ସିରିଜ୍ ୫ଜି ବାସ୍ତବରେ ଉଦ୍ଭାବନ ଓ ଡିଜାଇନ ଉତ୍କର୍ଷ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶିତ ଏବଂ ବ୍ରାଣ୍ଡର ଗୁଣବତ୍ତାକୁ କ୍ୟାପ୍ଚର କରୁଛି। ଉଲ୍ଲେଖଯୋଗ୍ୟ, ରିଅଲ୍‌ମି ୧୧ ପ୍ରୋ+ ୫ଜି ୩ଟି ରଙ୍ଗ ସନ୍‌ରାଇଜ୍ ବିଜ୍, ଓଏସିସ୍ ଗ୍ରୀନ୍ ଓ ଆଷ୍ଟ୍ରାଲ ବ୍ଲାକ୍‌ରେ ଉପଲବ୍ଧ ହେଉଛି।

## ଅରୁନ୍ଧତୀରେ ରଥଯାତ୍ରା ମେଗା ସେଲ

ଭୁବନେଶ୍ୱର,୧୦।୬

Arundhati
JEWELLERS
ODISHA'S LARGEST JEWELLERY BRAND

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ 'ରଥଯାତ୍ରା ମେଗା ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ବର୍ଷର ରଥଯାତ୍ରା ଉପଲକ୍ଷେ ଅରୁନ୍ଧତୀ ପକ୍ଷରୁ ଆକର୍ଷଣୀୟ 'ହୁଇଲ୍ସ ଅଫ୍ ଫର୍ଚ୍ୟୁନ' ଅଫରର ଶୁଭାରମ୍ଭ କରାଯାଇଛି। ସେହିଭଳି ଅରୁନ୍ଧତୀର ଅଭିଜ୍ଞ କାରିଗରି ଦ୍ୱାରା ପ୍ରସ୍ତୁତ ୧୦,୦୦୦ରୁ ଊର୍ଦ୍ଧ୍ୱ ଆକର୍ଷଣୀୟ ଡିଜାଇନ ଓ ବ୍ୟାପକ ଗହଣା ସମ୍ଭାର ସହିତ ପ୍ରିମିୟମ ବିବାହ ସୁନାଗହଣା କ୍ରୟ ଉପରେ ଫ୍ଲାଟ୍ ୫୦%ର ରିହାତି ଦିଆଯାଉଛି। ଏପରିକି ହୀରା ଗହଣାର ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ଛାଡ଼ ଓ ରୁପା ସାମଗ୍ରୀ ଉପରେ ଫ୍ଲାଟ୍ ୨୫% ରିହାତି ସହିତ ୫ ଷ୍ଟାର ପ୍ରମିଜ୍ ସେବାରେ ଲାଇଫ ଟାଇମ୍ ଫ୍ରି ରିପେୟାର ସହ ୧୦୦% ଏକ୍ସଚେଞ୍ଜ ଭାଲ୍ୟୁ ଓ ଗହଣା ଉପରେ ଫ୍ରି ଇନ୍‌ସ୍ୟୁରାନ୍ସ ସେବା ମଧ୍ୟ ଗ୍ରାହକମାନେ ପାଇପାରିବେ। ଚଳିତ ରଥଯାତ୍ରା ଅବସରରେ ଅରୁନ୍ଧତୀର ବ୍ୟାପକ ଗହଣା ସମ୍ଭାର ଏବଂ ଆକର୍ଷଣୀୟ ଅଫରର ଲାଭ ଉଠାଇବା ପାଇଁ ସମସ୍ତ ଗ୍ରାହକବନ୍ଧୁଙ୍କୁ ଅରୁନ୍ଧତୀ ପକ୍ଷରୁ ସାଦର ନିମନ୍ତ୍ରଣ କରାଯାଉଛି ବୋଲି ଅରୁନ୍ଧତୀ ଗ୍ରୁପ୍ ପକ୍ଷରୁ କୁହାଯାଇଛି।

## ୧୩ରୁ ବିମ୍ବଟେକ୍ ବ୍ୟବସାୟ କନ୍‌କ୍ଲେଭ

ଭୁବନେଶ୍ୱର,୧୦।୬

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବିମ୍ବଟେକ୍ ବ୍ୟବସାୟ କନ୍‌କ୍ଲେଭ-୨୦୨୩ର ଆୟୋଜନ କରାଯାଉଛି। ଏହି କନ୍‌କ୍ଲେଭ ଚଳିତ ବର୍ଷ ଜୁନ୍ ୧୩ରୁ ୧୫ ପର୍ଯ୍ୟନ୍ତ କୋଲକାତା ଠାରେ ଅନୁଷ୍ଠିତ ହେବ। ଏ ନେଇ ଆଇଏନ୍‌ଡବ୍ଲ୍ୟୁଇସି ବିଆଇଏମ୍‌ଏସ୍‌ଟିଇସି ନେତୃତ୍ୱ ଫୋରମ୍ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଆୟୋଜନ କରାଯାଇଥିଲା। ବିଶେଷକରି ଆଇସିସି, ଏଲ୍‌ଏସ୍‌ଜି ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଯୋଗରେ ଉଦ୍ୟୋଗୀମାନଙ୍କ ପାଇଁ ଏଭଳି ଏକ କନ୍‌କ୍ଲେଭ ବ୍ୟାପକ ସୁଯୋଗ ସୃଷ୍ଟି କରିବ। ଏପରିକି ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶାର ୧୨ ଜଣ ମହିଳା ଉଦ୍ୟୋଗୀଙ୍କ ଏକ ପ୍ରତିନିଧି ଦଳ ଏହାକୁ ପ୍ରତିନିଧିତ୍ୱ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଏନ୍‌ଡବ୍ଲ୍ୟୁଇସିର ରାଷ୍ଟ୍ରୀୟ ଅଧ୍ୟକ୍ଷା ଭାବେ ସୁକୀର୍ତ୍ତି ପଟ୍ଟନାୟକ ନିକଟରେ ନୟନ ତାରା ପାଲ ଚୌଧୁରୀଙ୍କଠୁ ଉକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ନେତୃତ୍ୱରେ ଆଇଏନ୍‌ଡବ୍ଲ୍ୟୁଇସି ବିଆଇଏମ୍‌ଏସ୍‌ଟିଇସି ନେତୃତ୍ୱ ଫୋରମ୍ ଆୟୋଜନ କରୁଛି। ନୂତନ ଦାୟିତ୍ୱ ଗ୍ରହଣ ପରେ ସୁକୀର୍ତ୍ତି ଅନେକ ଜାତୀୟ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯୋଜନା କରିଛନ୍ତି, ଯାହା ଜାତୀୟସ୍ତରରେ ଉଦ୍ୟୋଗିତା ଦୃଶ୍ୟପଟର ବିକାଶ ତଥା ଆମ ରାଜ୍ୟର ମହିଳା ଉଦ୍ୟୋଗୀମାନଙ୍କ ଉପକୃତ କରିବ।

ସୂଚନାଯୋଗ୍ୟ, ଓଡ଼ିଶା ପ୍ରତିନିଧି ଦଳରେ ସୁକୀର୍ତ୍ତି ପଟ୍ଟନାୟକ, ପ୍ରୀତି ପଲ୍ଲବୀ ପଟ୍ଟନାୟକ, ମିନୁ ପଟ୍ଟନାୟକ, ସ୍ୱାତି କେଜ୍‌ରିୱାଲ, ସୋଫିଆ ଫିରଦୌସ୍, ସୋନୀ ସାମଲ, ଜୁବିନା ଅଲ୍ଲୀ, ଅନୁରାଧା ମହାନ୍ତି, ଶ୍ୱେତା ଶର୍ମା ଏବଂ ଡା. ସ୍ଥିତିପ୍ରଜ୍ଞା ରହିଛନ୍ତି। ଉକ୍ତ ସମ୍ମିଳନୀରେ ଶିକ୍ଷା, ପର୍ଯ୍ୟଟନ ବାଣିଜ୍ୟ, ରତ୍ନ ଏବଂ ଅଳଙ୍କାର, ସ୍ୱାସ୍ଥ୍ୟସେବା ସଂଯୋଗୀକରଣ, କୃଷି, ଆର୍ଥିକ ସେବା, ହସ୍ତତନ୍ତ୍ର, ଷ୍ଟାର୍ଟଅପ୍, ଜଳବାୟୁ ପରିବର୍ତ୍ତନ, ମହିଳା ଉଦ୍ୟୋଗୀଙ୍କ ପାଇଁ ସୁଯୋଗ ଇତ୍ୟାଦି ବିଷୟ ଉପରେ ଆଲୋଚନା ହେବ।

## ବେଦାନ୍ତର ବାର୍ଷିକ ଗ୍ରୀନ୍ ହାର୍ଟସ ଅଭିଯାନ

ଭୁବନେଶ୍ୱର,୧୦।୬




ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ବିଶ୍ୱ ପରିବେଶ ସପ୍ତାହ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ବାର୍ଷିକ ଗ୍ରୀନ୍ ହାର୍ଟସ ଅଭିଯାନର ଆୟୋଜନ କରାଯାଇଥିଲା। ସେହିଭଳି କମ୍ପାନୀର ଝାରସୁଗୁଡ଼ା ମେଗା ଆଲୁମିନିୟମ ସ୍ମେଲଟର, ଲାଞ୍ଜିଗଡ଼ ଆଲୁମିନା ରିଫାଇନେରି, ଜାମ୍‌କାନିଠାରେ ଥିବା ଖଣି ଏବଂ ଛତିଶଗଡ଼ର କୋରବାଠାରେ ଥିବା ବେଦାନ୍ତ ବାଲ୍‌କୋ ପରିସରରେ ଗ୍ରୀନ୍ ହାର୍ଟସ ଅଭିଯାନ କାର୍ଯ୍ୟକ୍ରମରେ ବିଭିନ୍ନ ଗୋଷ୍ଠୀର ଲୋକମାନଙ୍କୁ ସାମିଲ କରାଯାଇଥିଲା। ଏକ ସପ୍ତାହବ୍ୟାପୀ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ୨୫୦୦ରୁ ଅଧିକ ଚାରାରୋପଣ କରାଯାଇଥିଲା। ସେହିଭଳି ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ସହର ଚାରିପାଖରେ ସ୍ୱଚ୍ଛତା ଅଭିଯାନ ଓ ଦୋକାନୀମାନଙ୍କୁ ୧୫,୦୦୦ରୁ ଅଧିକ କପଡ଼ା ବ୍ୟାଗ୍ ବଣ୍ଟନ କରାଯାଇଥିଲା। ଏପରିକି ଲୋକମାନଙ୍କୁ ପ୍ଲାଷ୍ଟିକ ପ୍ରଦୂଷଣ ଦୂର କରିବାକୁ ସଚେତନ କରାଯାଇଥିଲା। ସ୍କୁଲଗୁଡ଼ିକରେ ପରିବେଶ ସଂରକ୍ଷଣ ଓ ପ୍ଲାଷ୍ଟିକ ବର୍ଜନ ବିଷୟ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ଜନସଚେତନତା ଅଧିବେଶନର ଆୟୋଜନ କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଆଲୁମିନିୟମ ବିଜ୍‌ନେସ୍)ର ସିଇଓ ରାହୁଲ ଶର୍ମା କହିଛନ୍ତି, କମ୍ପାନୀ ଅଂଶୀଦାର ଇକୋସିଷ୍ଟମର ଦୀର୍ଘମିଆଦୀ ଆବଶ୍ୟକତା ସହିତ ଆମର କାର୍ଯ୍ୟ ନିକଟତର ହୋଇଛି।

## ଭିତ୍ତିଭୂମି ସୁଦୃଢ଼କୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୦।୬

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ ଭାରତର ସର୍ବବୃହତ୍ ଡିଜିଟାଲ ଶିକ୍ଷା କଣ୍ଟେଣ୍ଟ ପ୍ଲାଟ୍‌ଫର୍ମ ଦୀକ୍ଷା (ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଫର୍ ନଲେଜ ଶେୟାରିଂ)କୁ ସଶକ୍ତ କରିବା ପାଇଁ ଡିଜିଟାଲ ଇଣ୍ଡିଆ କର୍ପୋରେଶନ (ଡିଆଇସି)ଠାରୁ କ୍ଲାଉଡ୍ ଓ ସିଡିଏନ୍ ଜନାଦେଶ ହାସଲ କରିଛି। ଏପରିକି ଏୟାରଟେଲ୍ ଓ ଶିକ୍ଷା ମନ୍ତ୍ରଣାଳୟ ମଧ୍ୟରେ ନିକଟରେ ଏକ ସହଭାଗିତା ହୋଇଥିବା ଜଣାପଡିଛି। ଉକ୍ତ ଜନାଦେଶ ସହିତ ଏୟାରଟେଲ୍ ତା'ର ମୋବାଇଲ ଆପ୍ଲିକେଶନ ଓ ୱେବ୍‌ସାଇଟ୍‌ରେ ଦୀକ୍ଷାର ଅନ୍‌ଲାଇନ ପ୍ଲାଟ୍‌ଫର୍ମର ପରିଚାଳନା ପାଇଁ ବିଶ୍ୱସନୀୟ ସହଯୋଗୀରେ ପରିଣତ ହୋଇଛି। ଫଳରେ ଦୀକ୍ଷା ଆପ୍ଲିକେଶନ ଓ ୱେବ୍‌ସାଇଟ୍ ବର୍ତ୍ତମାନ ଏୟାରଟେଲ୍ କ୍ଲାଉଡ୍ ଦ୍ୱାରା ପରିଚାଳିତ ହେବ। ବିଶେଷକରି ଏହାକୁ ଦେଶବ୍ୟାପୀ ଛାତ୍ରୀଛାତ୍ରଙ୍କ ପାଇଁ ସେମାନଙ୍କର ପସନ୍ଦର ଭାରତୀୟ ଭାଷାରେ ମାଗଣା ଶିକ୍ଷା ବିଷୟବସ୍ତୁ ଲାଗି ପହଞ୍ଚଯୋଗ୍ୟ କରାଯିବ। ଦେଶର କୋଣ ଅନୁକୋଣ ଓ ସୁଦୂର ଅଞ୍ଚଳରୁ ଛାତ୍ରୀଛାତ୍ରମାନେ ଏହି ପ୍ଲାଟ୍‌ଫର୍ମରେ ସହଜରେ ନାମ ଲେଖାଇବାକୁ ସକ୍ଷମ ହେବେ। ଏୟାରଟେଲ୍ କ୍ଲାଉଡ୍ , ଓରାକଲ୍ କ୍ଲାଉଡ୍‌କୁ ଦୀକ୍ଷାର ସ୍ଥାନାନ୍ତରର ନେତୃତ୍ୱ ନେବ ଏବଂ ସିଡିଏନ୍ ସଲ୍ୟୁଶନ ସହିତ ନିଜର ପରିଚାଳିତ ସେବା ପ୍ରଦାନ କରିବ। ଏ ସମ୍ପର୍କରେ ଏୟାରଟେଲ୍ ବିଜ୍‌ନେସ୍‌ର ଗଭର୍ନମେଣ୍ଟ ବିଜ୍‌ନେସ ବିଭାଗର ମୁଖ୍ୟ ପ୍ରବୀଣ ଅଗ୍ରୱାଲ କହିଛନ୍ତି, ଦୀକ୍ଷା ୩୫ରୁ ଅଧିକ ଭାରତୀୟ ଭାଷାରେ ୯୩୦୦ରୁ ଅଧିକ ପାଠ୍ୟକ୍ରମ ପ୍ରଦାନ କରୁଛି ଏବଂ ଏହା ଛାତ୍ରୀଛାତ୍ରଙ୍କ ଦ୍ୱାରା ୫୦ ବିଲିୟନରୁ ଅଧିକ ଶିକ୍ଷା ଅଧିବେଶନ ଓ ୬୦ ବିଲିୟନରୁ ଅଧିକ ମିନିଟ୍‌ର ବ୍ୟବହାରର ସାକ୍ଷୀ ହୋଇଛି ଯାହା ଏହାକୁ ବିଶ୍ୱରେ ଅନ୍ୟତମ ସର୍ବବୃହତ୍ ମାଗଣା ଶିକ୍ଷା ପ୍ଲାଟ୍‌ଫର୍ମରେ ପରିଣତ କରୁଛି। ଆମେ ଏହି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ଏହାର ଉପଲବ୍ଧତାକୁ ଦେଶର ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ସହ ସହଭାଗିତା କରି ଉତ୍ସାହିତ ରହିଛୁ।

ଫୁରସତ୍

# ଛୋଟପିଲା ଚଳାଇପାରିବେନି ଗାଡ଼ି

ଶ୍ରୀନଗର



### ଶାହିଦା ବିକଶିତ କଲେ ସ୍ମାର୍ଟ ଚାବି

ବାରମୁଲାର ଶାହିଦା ବାନୋ ଅଳ୍ପ ବୟସର ଚାଳକଙ୍କ ଦ୍ୱାରା ଘଟୁଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ଏକ ସ୍ମାର୍ଟ ଚାବି ବିକଶିତ କରିଛନ୍ତି। ଶାହିଦା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ, ଫତେହଗଡ ଏବଂ ଶେରି ନରଭା ବାରମୁଲାର ବାସିନ୍ଦା। ବିଜ୍ଞାନ ଉପରେ ଜାପାନ-ଏସିଆ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ତାଙ୍କୁ ଚୟନ କରାଯାଇଛି। ଏଥିପାଇଁ ଅନ୍ୟ ଦୁଇଜଣ ଛାତ୍ରଙ୍କୁ ମଧ୍ୟ ଚୟନ କରାଯାଇଛି। ଶାହିଦା କହିଛନ୍ତି ସ୍ମାର୍ଟ ଗାଡି ଚାବି ଡ୍ରାଇଭରଙ୍କର ବୟସ ଏବଂ ଲାଇସେନ୍ସ ନମ୍ବରକୁ ଚିହ୍ନଟ କରିଥାଏ। ଏହା ଫିଙ୍ଗର ପ୍ରିଣ୍ଟ ସେନସର ସହିତ ସଂଯୁକ୍ତ। ଛୋଟ ପିଲାଙ୍କ ଦ୍ୱାରା ଘଟୁଥିବା ସଡ଼କ ଦୁର୍ଘଟଣା ଦେଖିବା ପରେ ମୁଁ ଏହି ପ୍ରକଳ୍ପରେ କାମ ଆରମ୍ଭ କରିଥିଲି। ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ସ୍ମାର୍ଟ ଚାବିର ସାମର୍ଥ୍ୟ ଅଛି ବୋଲି ସେ ଦାବି କରିଛନ୍ତି। ଚାବି ଫିଙ୍ଗର ପ୍ରିଣ୍ଟ ସେନସର ମାଧ୍ୟମରେ ଡ୍ରାଇଭରଙ୍କର ବୟସ ଏବଂ ଲାଇସେନ୍ସ ନମ୍ବର ବ୍ୟତୀତ ଫିଙ୍ଗର ପ୍ରିଣ୍ଟ ସେନସର ଚିହ୍ନଟ କରେ। ଯଦି ଡ୍ରାଇଭର ନାବାଳକ କିମ୍ବା ତାଙ୍କର ବୈଧ ଲାଇସେନ୍ସ ନାହିଁ, ତେବେ ଚାବି ଗାଡି ଚଳାଇବାକୁ ଅନୁମତି ଦେବ ନାହିଁ। ଅଳ୍ପ ବୟସର ଚାଳକଙ୍କ ଦ୍ୱାରା ଘଟୁଥିବା ଦୁର୍ଘଟଣାକୁ ରୋକିବାରେ ଏହି ସରଳ ସମାଧାନ ଏକ ଦୀର୍ଘସ୍ଥାୟୀ ମାଧ୍ୟମ ହୋଇପାରେ । ଶାହିଦା ପ୍ରେରଣା ଜାତୀୟ ପୁରସ୍କାର ପାଇଛନ୍ତି। ସେ ଅଷ୍ଟମ ଷ୍ଟାଣ୍ଡାର୍ଡରେ ପଢୁଥିବାବେଳେ ଉଦ୍ଭାବକ ଇଣ୍ଡିଆ ଚ୍ୟାଲେଞ୍ଜ ଜିତିଥିଲେ। ସେ ଗତ ମାସରେ ନ୍ୟାଶନାଲ ଟେକ୍ନୋଲୋଜି ସପ୍ତାହ ୨୦୨୩ ରେ ମଧ୍ୟ ଯୋଗ ଦେଇଥିଲେ । ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଥିଲେ। ଦେଶର ବିଭିନ୍ନ ସ୍ଥାନରୁ ହଜାର ହଜାର ଯୁବ ଉଦ୍ଭାବକ ଏଥିରେ ଯୋଗ ଦେଇଥିଲେ। ବର୍ତ୍ତମାନ ଜାପାନ-ଏସିଆ ଯୁଥ ଏକ୍ସଚେଞ୍ଜ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ମନୋନୀତ ହେବା ପରେ ଶାହିଦା କହିଛନ୍ତି ଏହି ସଫଳତା ପଛରେ ତାଙ୍କ ପରାମର୍ଶଦାତା ରିୟାଜ ଅହମ୍ମଦ ଗନଇ ଏବଂ ଶିକ୍ଷକମାନଙ୍କ ବିଶେଷ ସମର୍ଥନ ରହିଛି।

## 'ରାମାୟଣ'ରେ ରାମ ଚରିତ୍ରକୁ କଙ୍ଗନାଙ୍କ ସମାଲୋଚନା



ମୁମ୍ବାଇ: ନୀତେଶ ତୀୱାରୀଙ୍କ ନିର୍ଦ୍ଦେଶିତ ଆଉ ଏକ 'ରାମାୟଣ'କୁ ନେଇ ଫିଲ୍ମ ଆସିବାକୁ ଯାଉଛି। ଯେଉଁଥିରେ ବଲିଉଡର ଲଭ ବାର୍ଡ ଆଲିୟା ଏବଂ ରଣବୀର ମୁଖ୍ୟ ଚରିତ୍ରରେ ଅଭିନୟ କରିବେ। ତେବେ ଏହାକୁ ସୋସିଆଲ ମିଡିଆରେ ସମାଲୋଚନା କରିଛନ୍ତି ବିବାଦୀୟ ଅଭିନେତ୍ରୀ କଙ୍ଗନା ରଣାଓ୍ୱ। ଇନଷ୍ଟାଗ୍ରାମର ଷ୍ଟୋରି ସେୟାର କରି ଫିଲ୍ମକୁ ନେଇ ସେ ଏକ ଲମ୍ବା ନୋଟ ଲେଖିଛନ୍ତି। ଏଥିସହ ଫିଲ୍ମ କାଷ୍ଟିଂ ବିଷୟରେ ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି। ସେ ଷ୍ଟୋରିରେ ରଣବୀରଙ୍କୁ ସ୍କିନି ହ୍ୱାଇଟ ର୍‌ୟାଟ ସମ୍ବୋଧନ କରିଛନ୍ତି। କଙ୍ଗନା ଲେଖିଛନ୍ତି, ନିକଟରେ ଶୁଣିବାକୁ ପାଇଲି ଆଉ ଏକ ବଲିଉଡ ରାମାୟଣ ଆସିବାକୁ ଯାଉଛି। ଏଥିରେ ଏକ ସ୍କିନି ହ୍ୱାଇଟ ର୍‌ୟାଟ ଯିଏକି ସୋ କଲ୍ଡ ଆକ୍ଟର ଅଭିନୟ କରୁଛନ୍ତି। ଯିଏ କି ମହିଳା ଏବଂ ନିଶାଡି ତାଙ୍କୁ ରାମ ଭୂମିକାରେ ଅଭିନୟ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଏହି 'ରାମାୟଣ' ଫିଲ୍ମରେ ଆଲିୟା ସୀତା ଏବଂ ରଣବୀର ରାମ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି।

## ୩୨ ବର୍ଷ ପରେ ବଡ଼ ପରଦାରେ ଏକାଠି ହେବେ ରଜନୀକାନ୍ତ, ଅମିତାଭ



ମୁମ୍ବାଇ

ଭାରତୀୟ ସିନେମାର ଦୁଇ ଖ୍ୟାତନାମା ବର୍ଷିୟାନ ଅଭିନେତା ରଜନୀକାନ୍ତ ଓ ଅମିତାଭ ବଚ୍ଚନ ଦୀର୍ଘ ୩୨ ବର୍ଷ ପରେ ପୁଣିଥରେ ବଡ଼ ପରଦାରେ ଏକାଠି ହେବାକୁ ଯାଉଛନ୍ତି। ସେମାନେ ପୂର୍ବରୁ ବଲିଉଡ୍ ଚଳଚ୍ଚିତ୍ର ହମ୍, ଅନ୍ଧା କାନୁନ ଏବଂ ଗେରାଫତାରରେ ଏକାଠି ଅଭିନୟ କରିଥିଲେ। ଆଗାମୀ ଚଳଚ୍ଚିତ୍ର 'ଥାଲାଇଭାର ୧୭୦'ରେ ସେମାନେ ପୁନର୍ବାର ଏକାଠି ନଜରକୁ ଆସିବେ। ରଜନୀକାନ୍ତ ନିକଟରେ 'ଜେଲର' ଫିଲ୍ମର ଶୁଟିଂ ଶେଷ କରିଥିବାବେଳେ ଏବେ 'ଲାଲ୍ ସଲାମ' ପାଇଁ କାମ କରୁଛନ୍ତି। ଏହା ପରେ ସେ 'ଜୟ ଭୀମ' ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ଟି.ଜେ. ଗ୍ୟାନ୍‌ଭେଲଙ୍କ ଆଗାମୀ ଫିଲ୍ମ ଥାଲାଇଭାର ୧୭୦ରେ କାମ କରିବେ। ଏହା ତାଙ୍କ କ୍ୟାରିୟରର ୧୭୦ତମ ଫିଲ୍ମ ହେବାକୁ ଯାଉଛି। ଲିସା ପ୍ରଡକ୍ସନର ଏହି ଚଳଚ୍ଚିତ୍ରରେ ଅମିତାଭ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଚଳଚ୍ଚିତ୍ରର ଶୁଟିଂ କେବେ ଆରମ୍ଭ ହେବ ସ୍ପଷ୍ଟ ହୋଇ ନ ଥିବାବେଳେ ବର୍ଷ ଶେଷ ବେଳକୁ କାର୍ଯ୍ୟ ଆରମ୍ଭ ହେବା ଆଶା କରାଯାଉଛି।

## ମିଳନ ବିନା ମାଈ କୁମ୍ଭୀରର ଅଣ୍ଡାଦାନ



ସାନ୍ ଜୋସେ: ପୁରୁଷ ଏବଂ ମହିଳାଙ୍କ ମିଳନରୁ ହିଁ ଭ୍ରୂଣ ବିକଶିତ ହୋଇଥାଏ। ହେଲେ ନିକଟରେ ଗୋଟେ କୁମ୍ଭୀର ତା' ଅଣ୍ଡିରା ସାଥୀ ସହ ମିଳନ ନ କରି ମଧ୍ୟ ସେ ମା' ହେବା ସହ ଅଣ୍ଡା ଦେଇଛି। ଏପରି ଘଟଣା କୋଷ୍ଟାରିକାରେ ଦେଖିବାକୁ ମିଳିଛି। ରିପୋର୍ଟ ମୁତାବକ, କୋଷ୍ଟାରିକା ଚିଡ଼ିଆଖାନାରେ ୧୬ ବର୍ଷ ଧରି ଏକୁଟିଆ ଥିବା ୧୮ ବର୍ଷୀୟା ମାଈ କୁମ୍ଭୀର ନିକଟରେ ଅଣ୍ଡାଦାନ କରିଛି। ଏଥିରେ ବୈଜ୍ଞାନିକମାନେ କହିଛନ୍ତି, ସେହି ମାଈ କୁମ୍ଭୀର ଅଣ୍ଡିରା କୁମ୍ଭୀର ସହ ମିଳନ ନ କରି ମଧ୍ୟ ସେ ଅଣ୍ଡାଦାନ କରିଛି। ସେ ଚିଡ଼ିଆଖାନାର ଏନ୍‌କ୍ଲୋଜରରେ ୧୪ଟି ଅଣ୍ଡା ଦେଇଛି। ସେଥିରୁ ୭ ଅଣ୍ଡାରେ ଭ୍ରୂଣ ହେବାକୁ ପ୍ରସ୍ତୁତ ହେଉଛି। ମାଈ କୁମ୍ଭୀର ୩ ମାସ ଉଷ୍ମାୟନ ପରେ ସେଥିରୁ ତା'ର ୬ଟି ଅଣ୍ଡା ନଷ୍ଟ ହୋଇଯାଇଥିଲା। ବୈଜ୍ଞାନିକମାନେ ପରୀକ୍ଷଣ କରିଥିଲେ ମଧ୍ୟ ସେମାନଙ୍କୁ କୌଣସି ଅଣ୍ଡିରା କୁମ୍ଭୀରର ଅଂଶ ମିଳି ନ ଥିଲା। ବୈଜ୍ଞାନିକମାନେ ଏହାକୁ କୁଆଁରୀ ଜନ୍ମ ବୋଲି କହୁଛନ୍ତି। ତେବେ ସେମାନେ ତା'ର ଡିଏନ୍‌ଏ ପରୀକ୍ଷାରୁ ଏହା କେ ଅଲୈଙ୍ଗିକ ପ୍ରଜନନର ରୂପ। ଯେଉଁଥିରେ ଶୁକ୍ରାଣୁରୁ ଜେନେଟିକ୍ ଗୁଣ ନେବା ଆବଶ୍ୟକ ହୋଇ ନ ଥାଏ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୧ ଜୁନ୍, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ଅଟଳ ଭୂଜଳ ଯୋଜନା .......... ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି ?
୨– ଭାଇସ୍‌ରୟ .....................ଙ୍କ ସମୟରେ ମୁସ୍‌ଲିମ୍ ଲିଗ୍ ପ୍ରତିଷ୍ଠା ହୋଇଥିଲା ?
୩– ଗେଟିଙ୍ଗ୍ ଇଣ୍ଡିଆ ବ୍ୟାକ୍ ଅନ୍ ଟ୍ରାକ୍ ପୁସ୍ତକର ଲେଖକ........................ ?।
୪– ପୃଥିବୀର ବୃହତ୍ତମ ସୋଲାର ପାର୍କ ......... ?
୫– ପଦାର୍ଥ ବିଜ୍ଞାନରେ ନୋବେଲ ପାଇଥିବା ପ୍ରଥମ ଭାରତୀୟ ବୈଜ୍ଞାନିକ ............. ?

## ଗତ ଥରର ଉତ୍ତର

୧ ୮୫%
୨ ଜୁଲାଇ ୨
୩ ବିଶ୍ୱ ଖାଦ୍ୟ ଦିବସ
୪ ସାଜି ମାଥ୍ୟୁ
୫ ଧର୍ମଶାଳା

## ଉତ୍ତରଦାତା


ଆରତୀ ମିଶ୍ର, ଝାରସୁଗୁଡ଼ା


ନିରଞ୍ଜନ ବେହେରା, ଭୁବନେଶ୍ୱର


ବିଶ୍ୱନନ୍ଦିନୀ ଆକାଂକ୍ଷା ଖମାରୀ, କୋରାପୁଟ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ଦୀର୍ଘତମ ମେଟ୍ରୋ



୧– ସାଙ୍ଘାଇ ............ ଚାଇନା
୨– ବେଜିଂ ସବ୍‌ୱେ ............ ଚାଇନା
୩– ଲଣ୍ଡନ୍ ଅଣ୍ଡରଗ୍ରାଉଣ୍ଡ ............ ୟୁକେ
୪– ଗୁଆଙ୍ଗଝୌ ମେଟ୍ରୋ............ଚାଇନା
୫– ନ୍ୟୁୟର୍କ ସିଟି ସବ୍‌ୱେ ............ ଆମେରିକା
୬– ଦିଲ୍ଲୀ ମେଟ୍ରୋ ............ ଭାରତ
୭– ମସ୍କୋ ମେଟ୍ରୋ ............ ରୁଷିଆ
୮– ଉହାନ ମେଟ୍ରୋ ............ ଚାଇନା
୯– ସେଓଲ୍ ମେଟ୍ରୋ ............ ସାଉଥ୍ କୋରିଆ
୧୦– ମାଡ୍ରିଡ୍ ମେଟ୍ରୋ ............ସ୍ପେନ୍

## ଜାଣନ୍ତୁ ଦୁନିଆ

# ସ୍ୱିଜରଲାଣ୍ଡ

**ୟୁରୋପୀୟ ଦେଶ ସ୍ୱିଜରଲାଣ୍ଡ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ସର୍ବଦା ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଜାଣିବା ଏହି ଦେଶ ସମ୍ପର୍କରେ ଅନେକ ରୋଚକ ତଥ୍ୟ...**

➤ଏହି ଦେଶର ପ୍ରାୟ ୬୦% ଭୂମି ଆଲ୍‌ପସ୍ ପର୍ବତମାଳା ଦ୍ୱାରା ଘେରି ହୋଇ ରହିଛି। ତେଣୁ ଏଠାରେ ଖୁବ୍ ସୁନ୍ଦର ସୁନ୍ଦର ପର୍ବତ, ନଦୀ, ହ୍ରଦର ଦୃଶ୍ୟ ଦେଖିବାକୁ ମିଳେ।

➤ଗ୍ଲୋବାଲ୍ ଇନୋଭେଶନ୍ ଇଣ୍ଡେକ୍ସ ରିପୋର୍ଟ ମୁତାବକ ୮ ବର୍ଷ ହେବ ପ୍ରତିବର୍ଷ ସ୍ୱିଜରଲାଣ୍ଡକୁ ପୃଥିବୀର ସବୁଠୁ ଅଭିନବୀକରଣ ଦେଶର ମାନ୍ୟତା ମିଳିଆସୁଛି।

➤ଏହି ଦେଶରେ ବହୁ ସଂଖ୍ୟାରେ ହ୍ରଦ ରହିଥିବା ବେଳେ ଜେନେଭା ହେଉଛି ସବୁଠାରୁ ବଡ଼ ହ୍ରଦ, ଯାହାକି ୫୯୦.୦୩ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି।

...ଶତ୍ରୁ ଆକ୍ରମଣ ଏମିତିକି ପରମାଣୁ ବୋମା ବିସ୍ଫୋରଣ ସମୟରେ ପ୍ରାୟ ୨୦,୦୦୦ ଲୋକ ଆଶ୍ରୟ ନେଇପାରିବେ।

➤ଏହି ଦେଶରେ ରବିବାର ଦିନ ବଡ଼ ପାଟି କରିବା, ହାତୁଡ଼ି ବାଡ଼ାଇବା ଭଳି କୌଣସି ଶବ୍ଦ କରୁଥିବା କାମ, ବାହାରେ ଲୁଗା ଶୁଖାଇବା ଭଳି କାର୍ଯ୍ୟ କରିବା ମନା। ଏହିଦିନ ଘର ଭିତରେ ଆରାମରେ ରହି ଖାଇବା, ଶୋଇବା, ବହି ପଢ଼ିବା କିମ୍ବା ପରିବାର ଓ ସାଙ୍ଗସାଥୀ ସହ ମଜା କରିପାରିବେ।

➤ପୃଥିବୀରେ କେବଳ ଦୁଇଟି ଦେଶ ଭାଟିକାନ୍ ସିଟି ଏବଂ ସ୍ୱିଜରଲାଣ୍ଡର ଜାତୀୟ ପତାକା ବର୍ଗାକାର।



➤ଏହି ଦେଶରେ ଅପରାଧ ସଂଖ୍ୟା ବହୁତ କମ୍। ସେଠାରେ ପ୍ରାୟ ସମସ୍ତଙ୍କ ପାଖରେ ବ୍ୟକ୍ତିଗତ ବନ୍ଧୁକ ରହିଛି।

➤ଡେନ୍‌ମାର୍କ ଏବଂ ଫିନ୍‌ଲାଣ୍ଡ ପରେ ସ୍ୱିଜରଲାଣ୍ଡକୁ ଦେଶର ସବୁଠୁ ଖୁସି ଦେଶ ବୋଲି କୁହାଯାଏ।

➤ପୃଥିବୀର ସବୁଠୁ ବଡ଼ ନ୍ୟୁକ୍ଲିଅର୍ ଶେଲ୍ଟର ସୋନେନବର୍ଗ ଟନେଲ୍ ସ୍ୱିଜରଲାଣ୍ଡରେ ରହିଛି। ଏହି ସୁଡ଼ଙ୍ଗକୁ ଏପରି ଭାବେ ଡିଜାଇନ୍ କରାଯାଇଛି, ଯେଉଁଠାରେ କୌଣସି ବାହ୍ୟ

➤ଏହି ଦେଶର ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ମାତ୍ର ଏକ ବର୍ଷ। ତେଣୁ ସେଠାରେ ପ୍ରତିବର୍ଷ ସଂଘୀୟ ବିଧାନସଭା ଦ୍ୱାରା ରାଷ୍ଟ୍ରପତି ଚୟନ କରାଯାଇଥାଏ।

➤ଟିମ୍ ବର୍ନର୍ସ ଲି ୧୯୮୯ରେ ଏହି ଦେଶରେ ୱାର୍ଲ୍ଡ ୱାଇଡ୍ ୱେବ୍ ଆବିଷ୍କାର କରିଥିଲେ।

➤ଏହି ଦେଶରେ ପୃଥିବୀର ସବୁଠୁ ଭଲ ସାର୍ବଜନୀନ ପରିବହନ ବ୍ୟବସ୍ଥା ରହିଛି। ଅର୍ଥାତ୍ ଏହି ଦେଶରେ ଗୋଟିଏ ଟିକେଟ୍‌ରେ କାର୍, ବସ୍ ଏବଂ ଟ୍ରେନ୍‌ରେ ଯାତ୍ରା କରିପାରିବେ।

# ମି ଟାଇମ୍

ଦୈନନ୍ଦିନ କାର୍ଯ୍ୟବ୍ୟସ୍ତତା ଭିତରେ ସମସ୍ତଙ୍କୁ କିଛି ସମୟ ନିଜ ପାଇଁ ବାହାର କରିବା ଜରୁରୀ। କାରଣ ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ସମୟର ଆବଶ୍ୟକତାରେ ଏତେମାତ୍ରାରେ ଜଡ଼ିତ ହୋଇଯାଉଛନ୍ତି ଯେ, ଏହା ପଛରେ ଧାଉଁ ଧାଉଁ ନିଜ ଇଚ୍ଛା, ରୁଚି ଯେ କେତେବେଳେ ପଛରେ ରହିଯାଉଛି ତାହା ସେମାନଙ୍କୁ ଜଣାପଡୁନି। ହେଲେ କିଛି ସମୟ ନିଜ ପାଇଁ ବାହାର କଲେ ପୁନର୍ବାର ନିଜ ରୁଚିକୁ ବିକଶିତ କରିବାର ସୁଯୋଗ ମିଳିପାରିବ। ଏହା ମାନସିକ ସ୍ତରରେ ବେଶ୍ ଖୁସି ଦେବ। ତେଣୁ ନିଜ ଭିତରେ କିଛି ନୂଆ



କରିବାର ଇଚ୍ଛା ଥିଲେ ଏହାକୁ ପୂରା କରିବା ଲାଗି 'ମି ଟାଇମ୍' ସବୁଠୁ ବେଷ୍ଟ ଅପ୍ସନ। ତେଣୁ ଦୈନନ୍ଦିନର ୨୪ ଘଣ୍ଟା ଭିତରୁ କିଛି ସମୟ କେବଳ ନିଜ ପାଇଁ ବାହାର କରି ଆତ୍ମବିଶ୍ୱାସର ସହ ଆଗେଇ ଆସିଲେ ଇଚ୍ଛା ପୂରଣ ହୋଇପାରିବ ସେଥିରେ ସନ୍ଦେହ ନାହିଁ...

**ଟ୍ରାଭେଲ୍:** ନୂଆ ନୂଆ ସ୍ଥାନକୁ ବୁଲିଯିବାକୁ କିଏ ବା ଭଲ ନ ପାଏ! ହେଲେ କାର୍ଯ୍ୟବ୍ୟସ୍ତତା ଭିତରେ ଅନେକେ ଏହି ଖୁସିରୁ ବଞ୍ଚିତ ହୁଅନ୍ତି। ହେଲେ ଏହାଦ୍ୱାରା ଆପଣ ଚାହିଁଲେ ଟାଇମ୍ ମ୍ୟାନେଜ୍‌ମେଣ୍ଟ କରି ସମସ୍ତ କାର୍ଯ୍ୟକୁ ଠିକ୍ ଭାବେ କରିପାରିବେ ଏବଂ କିଛି ସମୟ ନିଜ ପାଇଁ ବଞ୍ଚାଇପାରିବେ। ଯେଉଁଥିରେ ଆପଣ ଇଚ୍ଛାଥିବା ସ୍ଥାନକୁ ବୁଲିଯାଇପାରିବେ। ଏହାଦ୍ୱାରା କିଛି ସମୟ ପାଇଁ ମନ ପରିବର୍ତ୍ତନ ହେବା ସହ ପ୍ରତିଦିନ ଏକା କାର୍ଯ୍ୟ କରିବାକୁ ନେଇ ବିରକ୍ତି ଭାବନା ମଧ୍ୟ ରହିବ ନାହିଁ।

**ବହି ପଢ଼ନ୍ତୁ କିମ୍ବା ମ୍ୟୁଜିକ୍ ଶୁଣନ୍ତୁ:** ଯେବେ ବିଭିନ୍ନ କାର୍ଯ୍ୟର ବୋଝରେ ମନ ଭାରାକ୍ରାନ୍ତ ହୋଇପଡ଼େ, ସେତେବେଳେ କିଛି ସମୟ ଏକାନ୍ତ ଖୋଜେ। ଆଉ ଏମିତିରେ ମନକୁ ଚିନ୍ତାମୁକ୍ତ ଓ ଖୁସି କରିବା ଲାଗି କୌଣସି ଭଲ ବହି ପଢ଼ିପାରିବେ। ଯଦି ଗୀତ ଶୁଣିବା ପସନ୍ଦ, ତେବେ ଏହା ମଧ୍ୟ ଆପଣଙ୍କ ପାଇଁ ସବୁଠୁ ଭଲ ଅପ୍ସନ।

**ଯୋଗ ଓ ବ୍ୟାୟାମ:** କାର୍ଯ୍ୟବ୍ୟସ୍ତତା ଭିତରେ ଅନେକେ ନିଜ ସ୍ୱାସ୍ଥ୍ୟକୁ ଅଣଦେଖା କରିଦିଅନ୍ତି। ହେଲେ କିଛି ସମୟ ନିଜ ପାଇଁ ବାହାର କରି ଯୋଗ, ବ୍ୟାୟାମ କରିବା ଦ୍ୱାରା ନା କେବଳ ଆପଣ ଶାରୀରିକ ସ୍ତରରେ ଫିଟ୍ ରହିବେ ବରଂ ଏହା ଆପଣଙ୍କୁ ମାନସିକ ସ୍ତରରେ ମଧ୍ୟ ଶାନ୍ତି ଦେବ। ଫଳସ୍ୱରୂପ ଆପଣଙ୍କ କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି ହେବ।

**ଭ୍ଲଗ୍ କିମ୍ବା ରିଲ୍ସ:** ଆଜିକାଲି ସୋସିଆଲ୍ ମିଡିଆରେ ଅନେକେ ବେଶ୍ ଆକ୍ଟିଭ୍ ରହୁଛନ୍ତି। ଯଦି ଆପଣଙ୍କର ବି ଏଥିରେ ରୁଚି ରହିଛି, ତେବେ ଆପଣ ଚାହିଁଲେ କିଛି ସମୟ ବାହାର କରି ଭିଡିଓ କରି ଭ୍ଲଗ୍ କିମ୍ବା ଶର୍ଟ୍ସ ଓ ରିଲ୍ସ ପୋଷ୍ଟ କରିପାରିବେ।

**କୁକିଂ:** କେବଳ ଟେଷ୍ଟି ଟେଷ୍ଟି ଖାଦ୍ୟ ଖାଇବା ନୁହେଁ ବରଂ ନୂଆ ନୂଆ ଆଇଟମ୍ ରାନ୍ଧିବାକୁ ଅନେକେ ଭଲ ପାଆନ୍ତି। ହେଲେ ପଢ଼ା ହେଉ ଅବା ଜବ୍‌ରେ ଅନେକେ ଏତେ ବ୍ୟସ୍ତ ରହିଯାଆନ୍ତି ଯେ ନିଜ ରୁଚିକୁ ସମୟ ଦେଇପାରନ୍ତି ନାହିଁ। କିନ୍ତୁ ନିଜ ପାଇଁ କିଛି ସମୟ ବାହାର କରି ମନପସନ୍ଦର କାର୍ଯ୍ୟ କରନ୍ତୁ। ରୋଷେଇ କରି ପରିବାର ସଦସ୍ୟଙ୍କୁ ଖୁଆନ୍ତୁ ଦେଖିବେ ଆତ୍ମସନ୍ତୋଷ ମିଳିବ।

**ଡାନ୍ସିଂ ଓ ସିଙ୍ଗିଙ୍ଗ୍:** ଯଦି ନୃତ୍ୟ କରିବା କିମ୍ବା ଗୀତ ଗାଇବା ପସନ୍ଦ, ତେବେ ପ୍ରତିଦିନ କିଛି ସମୟ ଏଥିପାଇଁ ଦିଅନ୍ତୁ। ସୁଯୋଗ ମିଳିଲେ ବିଭିନ୍ନ ପ୍ରତିଯୋଗିତାରେ ମଧ୍ୟ ଭାଗ ନିଅନ୍ତୁ। ଦେଖିବେ ଏହାଦ୍ୱାରା ଆପଣଙ୍କ ପ୍ରତିଭାର ମଧ୍ୟ ପରିପ୍ରକାଶ ହୋଇପାରିବ ଓ ଆପଣଙ୍କୁ ଖୁସି ମିଳିବ।

**ପେଣ୍ଟିଂ:** ଚିତ୍ରାଙ୍କନ ଏକ ଏଭଳି କଳା, ଯାହା ଆପଣଙ୍କ ସୃଜନଶୀଳତାକୁ ବୃଦ୍ଧି କରେ। ଏହାଦ୍ୱାରା ଏକାଗ୍ରତା ଏବଂ କାର୍ଯ୍ୟଦକ୍ଷତା ମଧ୍ୟ ବଢ଼ିଥାଏ। ତେଣୁ ଯଦି ଆପଣଙ୍କୁ ପେଣ୍ଟିଂ କରିବା ପସନ୍ଦ, ତେବେ କିଛି ସମୟ ମିଳିଲେ ନିଶ୍ଚୟ ଏହାକୁ କରନ୍ତୁ।

**ଗାର୍ଡେନିଂ:** ନିଜ ମନକୁ ରିଲାକ୍ସ କରିବା ଲାଗି ଏକ ସୁନ୍ଦର ସବୁଜ ପରିବେଶରେ କିଛି ସମୟ ବିତେଇବାଠୁ ଭଲ ଅପ୍ସନ କ'ଣ ବା ଥାଇପାରେ। ତେଣୁ କିଛି ସମୟ ବାହାର କରି ପାର୍କରେ ବୁଲନ୍ତୁ। ଆପଣ ଚାହିଁଲେ ବିଭିନ୍ନ ଫୁଲ, ଫଳ ଗଛ ଆଦି ଲଗାଇ ଗାର୍ଡେନିଂ କରିପାରିବେ।

**ବର୍ତ୍ତମାନର ଯୁବପିଢ଼ି ନିଜ ପାଠପଢ଼ା, କ୍ୟାରିୟର ଆଦିକୁ ନେଇ ବେଶ୍ ତତ୍ପର। ହେଲେ ବେଳେବେଳେ ପଢ଼ା ହେଉ କି ଜବ୍ ଆଦିର କାର୍ଯ୍ୟବ୍ୟସ୍ତତା ଭିତରେ ଯେମିତି ସେମାନେ ଛନ୍ଦି ହୋଇଯାଉଛନ୍ତି। ଆଉ ପ୍ରତିଦିନର ଏହି ରୁଟିନ୍ ଲାଇଫ୍‌ରେ ରହିବା ବି ଲାଗେ ବୋର୍। ଏମିତିରେ ନିଜ ମନ ଓ ଶରୀରକୁ ରିଲାକ୍ସ କରିବାକୁ ଲୋଡ଼ା କିଛି ସମୟ ନିଜ ପାଇଁ ଅର୍ଥାତ୍ 'ମି ଟାଇମ୍'...**







### ଏମାନେ କ'ଣ କୁହନ୍ତି



**ଲୋହିତ ନାରାୟଣ ମହାପାତ୍ର** (କର୍ମଜୀବୀ, ଖୋର୍ଦ୍ଧା)– ନିଜ କର୍ମମୟ ଜୀବନରେ ସର୍ବଦା ବ୍ୟସ୍ତ। ଯେଉଁଥିପାଇଁ ଇଚ୍ଛା ଥିଲେ ବି ଅନେକ କାମ କରି ହୁଏନି। ତଥାପି ସଭିଙ୍କୁ କିଛି ସମୟ ନିଜ ପାଇଁ ବାହାର କରିବା ଦରକାର ବୋଲି ମୁଁ ଭାବିଥାଏ। ଆଉ ନିଜେ ମଧ୍ୟ କିଛି ସମୟ ବାହାର କରି କବିତା ଲେଖାଲେଖି କରେ। ଗାଁ ପରିବେଶ, ସଂସ୍କୃତିଠାରୁ ଆରମ୍ଭ କରି ମନର କଥାକୁ କବିତା ମାଧ୍ୟମରେ ପ୍ରକାଶ କରିଥାଏ। କର୍ମ କ୍ଷେତ୍ରରେ ଆସୁଥିବା ଦୈନିକ ସମସ୍ୟାକୁ କଲମ ମୁନରେ ସଜେଇବାକୁ ଚେଷ୍ଟାକରେ। ଏବେ ଏହି କବିତା ଲେଖା ମୋ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ଆଉ ଏହାଦ୍ୱାରା ମୋତେ ମାନସିକ ଶାନ୍ତି ମିଳୁଛି।



**ଆଞ୍ଚଲ ନାଗ** (ଯୁକ୍ତ ତିନି ବାଣିଜ୍ୟ, ପୁରୀ ମହିଳା ମହାବିଦ୍ୟାଳୟ)– ପିଲାବେଳୁ ଚିତ୍ରାଙ୍କନ ପ୍ରତି ଆଗ୍ରହ ରହିଛି। ପାଠପଢ଼ା ସହ ନୃତ୍ୟାଭିନୟ କରେ। ହେଲେ ଏସବୁ ବ୍ୟସ୍ତତା ଭିତରେ ରବିବାର ଛୁଟିଦିନରେ କିଛି ସମୟ ବାହାର କରି ତୂଳୀ ଧରି ଚିତ୍ର କରି ବସେ। ପଶୁପକ୍ଷୀ, ଦେବଦେବୀଙ୍କ ଚିତ୍ର ସହ ଝୋଟି, ଚିତା ଆଙ୍କିବାକୁ ଭଲ ଲାଗେ। ଯଦିଓ ବଡ଼ ବଡ଼ ଚିତ୍ରକରଙ୍କ ଭଳି ମୁଁ ବହୁତ ଭଲ ଆଙ୍କି ନ ପାରେ, ହେଲେ ପେଣ୍ଟିଂ କରିବାବେଳେ ନିଜକୁ ଖୁବ୍ ଖୁସିମିଳେ।



**ସମୀକ୍ଷା ମହାପାତ୍ର** (ଛାତ୍ରୀ, ପୁରୀ)– ବର୍ତ୍ତମାନ ବିବିଏ ୨ୟ ବର୍ଷ ପଢ଼ା ଚାଲିଛି। ତେଣୁ ପାଠପଢ଼ାର ପ୍ରେସର ଅଧିକ ରହୁଛି। ତା' ଭିତରେ ବି ସମୟ ବାହାର କରି ସିଲେଇ କରେ। ଏହା ମୋର ଏକ ନିଶା। କପଡ଼ାରେ ବିଭିନ୍ନ ଡିଜାଇନ୍‌ର ହ୍ୟାଣ୍ଡ ବ୍ୟାଗ୍, ମନିପର୍ସ, ୱାଲ ହ୍ୟାଙ୍ଗିଙ୍ଗ୍, ଡୋର ସ୍କ୍ରିନ ପ୍ରଭୃତି ପ୍ରସ୍ତୁତ କରେ। ପାଠପଢ଼ାରୁ ଅଳ୍ପ ସମୟ ଫାଙ୍କା ମିଳିଲେ ସମୟ ଅପଚୟ ନ କରି ଏଥିରେ ମଜ୍ଜିଯାଏ। ସତ କହିବାକୁ ଗଲେ କିଛି ସମୟ ସିଲେଇ କଲେ ମୋତେ ବେଶ୍ ରିଲାକ୍ସ ଏବଂ ଟେନ୍‌ଶନ୍ ଫ୍ରି ଲାଗେ।

## ୟୁଥ୍ ଆଲର୍ଟ

# ଟାଟୁ କରୁଥିଲେ...

❖ବର୍ତ୍ତମାନ କେବଳ ହାତ, ପିଠି କିମ୍ବା ଗୋଡ଼ରେ ନୁହେଁ; ଶରୀରର ବିଭିନ୍ନ ଅଂଶ ଏମିତିକି ଆଖିରେ ବି ଟାଟୁ କରିବାକୁ ପଛାଉ ନାହାନ୍ତି ଯୁବପିଢ଼ି। ହେଲେ କୌଣସି ଟାଟୁ ପାର୍ଲରରେ, ବାରମ୍ବାର ବ୍ୟବହାର ହେଉଥିବା ଛୁଞ୍ଚି ଏବଂ କେମିକାଲ ରଙ୍ଗ ବ୍ୟବହାର କରି ଟାଟୁ କରାଇବା ଦ୍ୱାରା କେତେକଙ୍କଠାରେ ଲାଲ ପଡ଼ି ଫୁଲିଯିବା, ଫୁଲିବା ଭଳି ସମସ୍ୟ ଉପୁଜୁଛି। ବେଳେବେଳେ ଉକ୍ତ ସ୍ଥାନରେ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ୍ ବି ହେଉଥିବା ଦେଖିବାକ ମିଳୁଛି।

❖ଟାଟୁ ପାର୍ଲରରେ ଟାଟୁ କରିବା ଲାଗି ବ୍ୟବହାର ହେଉଥିବା ଛୁଞ୍ଚି, ପଞ୍ଚ ଗନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଅନେକଙ୍କଠାରେ ବ୍ୟବହାର କରାଯାଇଥାଏ। ଏହାକୁ ଭଲ ଭାବେ ଜୀବାଣୁମୁକ୍ତ କରା ନ ଯାଇଥିବାରୁ ଏଚ୍‌ଆଇଭି, ହେପାଟାଇଟିସ୍ ଭଳି ରୋଗ ସଂକ୍ରମଣର ଆଶଙ୍କା ବଢ଼ିଥାଏ।

❖ଏମିତିକି ଟାଟୁ କରିବା ଦ୍ୱାରା କେତେକଙ୍କଠାରେ କ୍ୟାନ୍‌ସର ଭଳି ମାରାତ୍ମକ ରୋଗ ବି ସୃଷ୍ଟି ହୋଇଥାଏ।

❖ବର୍ତ୍ତମାନ କେବଳ ଗୋଟିଏ ରଙ୍ଗ(କଳା) ନୁହେଁ ବରଂ ଟାଟୁକୁ ଅଧିକ କଲରଫୁଲ୍ ଲୁକ୍ ଦେବାକୁ ସମସ୍ତେ ପସନ୍ଦ କରୁଛନ୍ତି। ହେଲେ ଜାଣନ୍ତିକି, ଏଥିପାଇଁ ବ୍ୟବହାର ହେଉଥିବା ରଙ୍ଗରେ ଆଲୁମିନିଅମ୍, ଟିଟାନିଅମ୍ ଡାଇଅକ୍ସାଇଡ୍, ଲେଡ୍, କ୍ରୋମିଅମ୍, ନିକେଲ୍, ଆଇରନ୍ ଅକ୍ସାଇଡ୍ ଭଳି ଅନେକ ଉପାଦାନ ରହିଥାଏ; ଯାହାକି ପରବର୍ତ୍ତୀ ସମୟରେ ତ୍ୱଚାରେ ଆଲର୍ଜିଠାରୁ ଆରମ୍ଭ କରି ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟାର କାରଣ ସାଜିଥାଏ।

❖ଟାଟୁରେ କେତେକ ଡିଜାଇନ୍ କରିବା ଲାଗି ଛୁଞ୍ଚିକୁ ତ୍ୱଚାର ଅଧିକ ଭିତର ପର୍ଯ୍ୟନ୍ତ ଫୁଟାଇବାକୁ ହୋଇଥାଏ। ଫଳରେ ରଙ୍ଗ ମଧ୍ୟ ମାଂସପେଶୀ ଭିତରକୁ ଚାଲିଯାଇଥାଏ ଏବଂ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ବିଶେଷଜ୍ଞଙ୍କ ମତରେ ବିଶେଷ କରି କଳାଜାଇ ବା ତିଳ ଚିହ୍ନ ଥିବା ସ୍ଥାନରେ ଟାଟୁ କରାଇବା ଅଧିକ ସମସ୍ୟା ସୃଷ୍ଟି କରିଥାଏ।

❖ପରମାନେଣ୍ଟ ଟାଟୁ କଷ୍ଟରୁ ରକ୍ଷା ପାଇବା ଲାଗି ଅନେକେ ଷ୍ଟିକର ଟାଟୁ ବି ବ୍ୟବହାର କରୁଛନ୍ତି। ଏଥିରେ ଦିଆଯାଇଥିବା କେମିକାଲ ତ୍ୱଚା ଉପରେ ହାନିକାର ପ୍ରଭାବ ପକାଉଛି।

**ଟାଟୁ କରିବାକୁ ନେଇ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ କ୍ରେଜ୍ ବଢ଼ୁଥିବା ଦେଖିବାକୁ ମିଳୁଛି। ହେଲେ ଆପଣ ଜାଣନ୍ତି କି, ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଥିବା ଏହି ନିଶା ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟାର କାରଣ ବି ସାଜିପାରେ...**





## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ..............................



ଚିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୋଦି ସରକାରରେ ଦେଶର ଋଣ ଭାର ୧୫୫ ଲକ୍ଷ କୋଟିକୁ ବୃଦ୍ଧି

## ଶ୍ୱେତପତ୍ର ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ, ୧୦।୬ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ୯ ବର୍ଷ ମଧ୍ୟରେ ଭାରତର ଋଣ ପରିମାଣ ପାଖାପାଖି ୩ ଗୁଣ ବଢ଼ି ୧୫୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା କଂଗ୍ରେସ ଅଭିଯୋଗ କରିଛି। ସରକାର ଦେଶର ଆର୍ଥିକ ସ୍ଥିତି ସମ୍ପର୍କରେ ଶ୍ୱେତପତ୍ର ପ୍ରକାଶ କରିବାକୁ କଂଗ୍ରେସ ଦାବି କରିଛି। ଦେଶର ଏଭଳି ସ୍ଥିତି ପାଇଁ ମୋଦି ସରକାରଙ୍କ ଆର୍ଥିକ କୁପରିଚାଳନା ଦାୟୀ ବୋଲି କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନାଟେ ଅଭିଯୋଗ କରିଛନ୍ତି। କେନ୍ଦ୍ରରେ ମୋଦି ସରକାର କ୍ଷମତାକୁ ଆସିବା ପୂର୍ବରୁ ଋଣ ବୋଝ ଯାହା ଥିଲା ସେଥିରେ ୧୦୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ହୋଇଛି। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ କେନ୍ଦ୍ରରେ କ୍ଷମତାରେ ଥିବା ଦଳକୁ ଅକ୍ଷମ, ଅସମର୍ଥ ଓ ଦୁର୍ନୀତିଗ୍ରସ୍ତ କହି ସମାଲୋଚନା କରିଆସୁଥିଲେ। ଏବେ ସେହିସବୁ ବିଶେଷଣ ତାଙ୍କ ସରକାରଙ୍କ ପାଇଁ ପ୍ରଯୁଜ୍ୟ ହୋଇଛି। ଭାଜପା ନେତୃତ୍ୱାଧୀନ ସରକାର ଅମଳରେ ଦେଶର ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇବା ସହ ବେରୋଜଗାରି ଏବଂ ମୁଦ୍ରାସ୍ଫୀତି ବଢ଼ିଥିବା ସୁପ୍ରିୟା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି, ପୂର୍ବ ୬୭ ବର୍ଷରେ ୧୪ ପ୍ରଧାନମନ୍ତ୍ରୀଙ୍କ ସମୟରେ ଦେଶର ଋଣ ପରିମାଣ ୫୫ ଲକ୍ଷ କୋଟି ଟଙ୍କା ଥିବାବେଳେ କେବଳ ମୋଦିଙ୍କ ସମୟରେ ଏହା ୧୦୦ ଲକ୍ଷ କୋଟି ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି।





ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ମୁର୍ଶିଦାବାଦ ଜିଲାରେ ଜଣେ କଂଗ୍ରେସ କର୍ମୀଙ୍କୁ ହତ୍ୟା କରାଯାଇଛି। ଏହାର ପ୍ରତିବାଦରେ କଂଗ୍ରେସ ସମର୍ଥକମାନେ ଶନିବାର କୋଲକାତାସ୍ଥିତ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି।

# ବିରୋଧୀ ମେଣ୍ଟରେ ସାମିଲ ହେବନି ନ୍ୟାଶନାଲ କନ୍‌ଫରେନ୍ସ

ରାଜୌରୀ/ଜମ୍ମୁ, ୧୦।୬ (ପି.ଟି.)

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ବିରୋଧରେ ବିରୋଧୀ ଦଳଗୁଡ଼ିକର ମହାମେଣ୍ଟରେ ନ୍ୟାଶନାଲ କନ୍‌ଫରେନ୍ସ ସାମିଲ ହେବ ନାହିଁ ବୋଲି ଏହାର ଉପାଧ୍ୟକ୍ଷ ଉମାର ଅବଦୁଲ୍ଲା ଶନିବାର ସୂଚନା ଦେଇଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମୟରେ ଅଧିକାଂଶ ବିରୋଧୀ ଦଳ ନୀରବ ରହିଥିଲେ ବୋଲି ସେ କହିଛନ୍ତି। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ପାଇଁ ବିଗୁଲ ନ ବାଜିବା ପର୍ଯ୍ୟନ୍ତ ସେଠାରେ ପ୍ରାକ୍ ନିର୍ବାଚନୀ ମେଣ୍ଟ ସମ୍ପର୍କରେ ଆଲୋଚନା ଅପରିପକ୍ୱତା ହେବ ବୋଲି ଓମାର କହିଛନ୍ତି। ଏହି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୫ ଲୋକ ସଭା ଆସନ ରହିଛି। ତେଣୁ ଜମ୍ମୁ-କଶ୍ମୀର ବାହାରେ ଆମର ଅବଦାନ କ'ଣ ହେବ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ନେତା ପ୍ରଶ୍ନ କରିଛନ୍ତି। ୫ଟି ଯାକ ଆସନରେ ଆମେ ଭାଜପା ବିରୋଧରେ ଲଢ଼ିବୁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜୌରୀଠାରେ ଖବରଦାତାମାନଙ୍କୁ କହିଛନ୍ତି।

## ଅଧ୍ୟାପକଙ୍କ ପିଏଚ୍.ଡି. ଲାଭ



ଖଇରା କଲେଜ, ଖଇରା, ବାଲେଶ୍ୱରର ପ୍ରାଧ୍ୟାପକ ଓ ଶିକ୍ଷା ବିଭାଗର ମୁଖ୍ୟ ଶ୍ରୀକମଳାକାନ୍ତ ପତି ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱରରୁ ଶିକ୍ଷାରେ ପିଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ସେ ସଂପ୍ରତି ସାଇ ଏକାଡେମୀ ଅଫ୍ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍ (ସାମ୍‌ସ) ଭୁବନେଶ୍ୱରର ଅଧ୍ୟକ୍ଷ ଏବଂ ପ୍ରାକ୍ତନ ଓଡ଼ିଶା ସରକାରଙ୍କ ବି.ଇଡି. ଟ୍ରେନିଂ କଲେଜର ଅଧ୍ୟକ୍ଷ ଡକ୍ଟର ନାରାୟଣ ବାରିକ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ତାଙ୍କର ସନ୍ଦର୍ଭ "Status Study on Child Labour Schools of Orissa in relation to Perspectives of Universalisation of Elementary Education". ପ୍ରଫେସର ଉମେଶ ଚନ୍ଦ୍ର ବଶିଷ୍ଠ, ଏମ୍. ଏସ.-୯୦, ସେକ୍ଟର-ଡି, ଆଲିଗଞ୍ଜ, ଲକ୍ଷ୍ନୌ, ଉତ୍ତରପ୍ରଦେଶ ଏବଂ ପ୍ରଫେସର ଡକ୍ଟର ପ୍ରଣତି ପଣ୍ଡା, ନେପା, ୧୭-ବି, ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଅଛି। ଡକ୍ଟର କମଳାକାନ୍ତ ପତି, ବାଲେଶ୍ୱର ଜିଲ୍ଲା ଖଇରା ପି.ଏସ.ଅଧୀନ କୁପାରୀ ନିକଟସ୍ଥ ପାଣିଛତ୍ର ଗ୍ରାମର ୰ଦିନେଶ ଚନ୍ଦ୍ର ପତି ଏବଂ ୰ପାର୍ବତୀ ଦେବୀଙ୍କର କନିଷ୍ଠପୁତ୍ର ଏବଂ ସୋରୋ ପି.ଏସ. ଅନ୍ତର୍ଗତ ସାହାସପୁରାସ୍ଥ ଅଞ୍ଜଗ୍ରାମ ନିବାସୀ ୰ମଧୁସୂଦନ ଦାଶ ଏବଂ ୰ଆଶାମଣି ଦେବୀଙ୍କ ଜାମାତା ଅଟନ୍ତି। ଡଃ ପତି ତାଙ୍କ ସଫଳତା ପାଇଁ ପତ୍ନୀ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଦାଶ, ବଡ଼ଭ୍ରାତା ୰ପ୍ରାଧ୍ୟାପକ ନାରାୟଣ ପ୍ରସାଦ ପତି ତଥା ଖଇରା କଲେଜର ସମସ୍ତ ସହକର୍ମୀ, କର୍ମଚାରୀ ଏବଂ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅରୁଣ କୁମାର ପାଢ଼ୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୦୫୬୪

# ବିଜେଡି ନାରୀ ନିର୍ଯାତନାର ଅନୁଡ଼ିଶାଳ: ଭାଜପା

**ଭୁବନେଶ୍ୱର,୧୦।୬(ବ୍ୟୁରୋ):** ନାରୀ ନିର୍ଯାତନାରେ ଓଡ଼ିଶା ଆଜି ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ମହିଳାଙ୍କୁ ସବୁଠୁ ଅଧିକ ଅତ୍ୟାଚାର ଏବଂ ଭୋଟବ୍ୟାଙ୍କ ପାଇଁ ଅଧିକ ବ୍ୟବହାର କରୁଥିବା ଦଳ ହେଉଛି ବିଜୁ ଜନତା ଦଳ । ୨୩ ବର୍ଷର ବିଫଳତାକୁ ଲୁଚାଇବା ପାଇଁ ବିଜେଡି ବର୍ତ୍ତମାନ ମହିଳାଙ୍କୁ ଅସ୍ତ୍ର କରିଛି । ରାଜ୍ୟରେ ଘଟିଯାଉଥିବା ଅଧିକାଂଶ ମହିଳା ଉତ୍ପୀଡ଼ନ କ୍ଷେତ୍ରରେ ଶାସକ ଦଳର ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା କାହାକୁ ଅଛପା ହୋଇ ରହିନାହିଁ । ବିଜେଡି ନାରୀ ନିର୍ଯାତନାର ଅନୁଡ଼ିଶାଳ ହୋଇଛି ବୋଲି ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

ସେ କହିଛନ୍ତି ଯେ ବିଜୁ ଜନତା ଦଳର ପ୍ରବକ୍ତାମାନେ ଅତ୍ୟନ୍ତ ନିମ୍ନସ୍ତରକୁ ଓହ୍ଲାଇ ଅରୁଚିକର ଲିଖିତ ବକ୍ତବ୍ୟକୁ ପଢ଼ିଦେଉଛନ୍ତି । ମହିଳା ସମ୍ମାନ ପ୍ରସଙ୍ଗରେ କାଚଘରେ ରହୁଥିବା ବିଜେଡିର ପ୍ରବକ୍ତାମାନେ ଅନ୍ୟ ଉପରେ ଢେଲା ମାରିବା କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। ଆଉ ନିଜ ସ୍ଥିତିକୁ ବଜାୟ ରଖିବା ପାଇଁ ବିଜେଡି ନେତାମାନେ ବାଉଳାଚାଉଳା ବକ୍ତବ୍ୟ ଦେଉଛନ୍ତି ବୋଲି ଲେଖାଶ୍ରୀ କହିଛନ୍ତି ।

# ମହିଳାଙ୍କ ସଶକ୍ତୀକରଣ ଚାହୁଁନି ରାଜ୍ୟ ଭାଜପା: ବିଜେଡି

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ମିଶନ ଶକ୍ତି ଅଧୀନରେ କାର୍ଯ୍ୟ କରୁଥିବା ମହିଳା ଏସ୍‌ଏଚଜି ଓଡ଼ିଶାରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ବଡ ପରିବର୍ତ୍ତନ ଆଣିଛନ୍ତି । ସେମାନେ ଭାରତ ଏବଂ ବିଶ୍ୱ ପାଇଁ ସଫଳ ମହିଳା ଏସ୍‌ଏଚଜି ଆନ୍ଦୋଳନର ଉଦାହରଣ ପାଲଟିଛନ୍ତି। ମାତ୍ର ମହିଳାଙ୍କ ଏହି ସଫଳତା ଓ ସଶକ୍ତୀକରଣକୁ ରାଜ୍ୟ ଭାଜପା ନେତୃତ୍ୱ ସହ୍ୟ କରିପାରୁ ନାହାନ୍ତି ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି ।

ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ୬ ଲକ୍ଷ ଏସ୍‌ଏଚଜିରେ ପ୍ରାୟ ୭୦ ଲକ୍ଷ ମହିଳାଙ୍କୁ ନେଇ ମିଶନ ଶକ୍ତି ଏକ ଆନ୍ଦୋଳନରେ ପରିଣତ ହୋଇଛି। ଯାହା କି ଓଡ଼ିଶାର ମହିଳାମାନଙ୍କୁ ରୋଷେଇ ଘରର ଚାରିକାନ୍ଥରୁ ବାହାର କରାଇ ସମାଜ ପରିବର୍ତ୍ତନକାରୀରେ



ଶ୍ରୀମୟୀ ମିଶ୍ର

ପରିଣତ ହୋଇପାରିଛି। ତେବେ ମହିଳା ଏସ୍‌ଏଚଜି ଭଲ କାର୍ଯ୍ୟ କରୁଥିବା ସତ୍ତ୍ୱେ ଭାଜପା ନେତାମାନେ ଏହାର ସଦସ୍ୟଙ୍କୁ ପ୍ରତିଦିନ ଅପମାନିତ ଏବଂ ଅସମ୍ମାନିତ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ଆଚରଣ । ଏହା ଦର୍ଶାଉଛି ଯେ ଓଡ଼ିଶାରେ ଚାଲିଥିବା ମହିଳା ସଶକ୍ତୀକରଣ ପ୍ରୟାସ ପ୍ରତି ସେମାନେ ଅସହିଷ୍ଣୁ ହୋଇପଡ଼ିଛନ୍ତି। ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ ଓଡ଼ିଶା ଭାଜପା ନେତାମାନେ ଚାହୁଁଛନ୍ତି ଓଡ଼ିଶାର ମହିଳାମାନେ ଘରର ଚାରିକାନ୍ଥ ଭିତରେ ରହିବା ଉଚିତ । ସେମାନେ ଚାହାଁନ୍ତି ନାହିଁ ଯେ ମହିଳାମାନେ ଆତ୍ମନିର୍ଭରଶୀଳ ହୁଅନ୍ତୁ ଏବଂ ଓଡ଼ିଶାର ବିକାଶକୁ ଆଗକୁ ବଢ଼ାନ୍ତୁ। କେବଳ ମିଶନ ଶକ୍ତି ଗୋଷ୍ଠୀର ମହିଳା ନୁହନ୍ତି, ସାଧାରଣ ମହିଳାମାନଙ୍କୁ ମଧ୍ୟ ଓଡ଼ିଶା ଭାଜପା ନେତାମାନେ ଟାର୍ଗେଟ କରୁଛନ୍ତି। ଭାଜପା ନେତାମାନେ କିପରି ପଦ୍ମପୁର ଏବଂ ଝାରସୁଗୁଡ଼ାରେ ବିଜେଡି ମହିଳା ପ୍ରାର୍ଥୀଙ୍କୁ ଅପମାନିତ ଏବଂ ଅସମ୍ମାନ କରିଥିଲେ ତାହା ସମସ୍ତେ ଜାଣନ୍ତି। ଓଡ଼ିଶାବାସୀଙ୍କ ବାରମ୍ବାର ପ୍ରତ୍ୟାଖ୍ୟାନ ସତ୍ତ୍ୱେ ରାଜ୍ୟ ଭାଜପା ଏଥିରୁ କିଛି ଶିଖିବାକୁ ଚାହୁଁନାହିଁ ବୋଲି ଶ୍ରୀମୟୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ମଧୁସ୍ମିତା ନାୟକ ଉପସ୍ଥିତ ଥିଲେ ।

# ଦେବଗଡ଼ର ପ୍ରତି ପରିବାରକୁ ମିଳିଛି ୩ ଲକ୍ଷ ଟଙ୍କା: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ମୋଦି ସରକାରଙ୍କ ୯ ବର୍ଷ ଶାସନରେ ଦେବଗଡ଼ ଜିଲାକୁ ଚାଉଳ, ଘର, ଶୌଚାଳୟ, ଉଜ୍ଜ୍ୱଳା ଗ୍ୟାସ, ମୁଦ୍ରା ଋଣ, ବାର୍ଦ୍ଧକ୍ୟ ଭତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ଏବଂ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ୭୩ ହଜାର ୭୧୭ ପରିବାରକୁ ସର୍ବମୋଟ ୨,୧୮୪ କୋଟି ଟଙ୍କା ମିଳିଛି । ଗରିବ କଲ୍ୟାଣ ଯୋଜନାରେ ଦେବଗଡ଼ ଜିଲାର ପରିବାର ପିଛା ପାଖାପାଖି ୩ ଲକ୍ଷ ଟଙ୍କା ମୋଦି ସରକାର ଦେଇଛନ୍ତି । ଶନିବାର ବଡ଼ବଗିଚା ପଡ଼ିଆରେ ଅନୁଷ୍ଠିତ 'ଗରିବ କଲ୍ୟାଣ ସମାବେଶ'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର କହିଛନ୍ତି, ବିଗତ ୯ ବର୍ଷରେ ଓଡ଼ିଶାକୁ ପୂର୍ବୋଦୟ ଯୋଜନା ମାଧ୍ୟମରେ ଗରିବ କଲ୍ୟାଣର ପ୍ରୟୋଗଶାଳା ଭାବେ ଦାୟିତ୍ୱ ନେଇଛନ୍ତି । ମୋଦି ସରକାରରେ ଦେବଗଡ଼ ଜିଲା ବେଶ୍ ଲାଭାନ୍ୱିତ ହୋଇଛି । ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୨୧୮୩ ଟଙ୍କାକୁ ବୃଦ୍ଧି କରାଯାଇଛି। ୨୦୧୪-୧୫ରେ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୧୩୬୦ ଟଙ୍କା ଥିବାବେଳେ ମୋଦି ସରକାରରେ ୨ ଗୁଣା ଏମ୍‌ଏସ୍‌ପି ବୃଦ୍ଧି ପାଇଛି। ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେବଗଡ଼ର ୨.୬୩ ଲକ୍ଷ ହିତାଧିକାରୀଙ୍କୁ ୫୬୮ କୋଟି ଟଙ୍କା ମୂଲ୍ୟର ଚାଉଳ ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମାଞ୍ଚଳ ଓ ସହର ପାଇଁ ମୋଟ ୨୨୩ କୋଟି ଟଙ୍କାର ପ୍ରାୟ ୧୭ ହଜାର ଘର ପ୍ରଦାନ କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି ।


# Classified Everyday
**0674-2580101, 2549949**



MATRIMONIAL

### BRIDE WANTED

Karan boy 1995, 5'11" B.Sc., PGDCA, Diploma Coir Technology Serving Bhubaneswar, "SUNASANSAR". 9937512659, 8249969649. D-74871

### GROOM WANTED

Suitable match required for a smart, beautiful, fair, 25+ years B-Tech MBA, Odia Khandayat girl working in strategy consulting firm. MBA/MTech, Khandayat groom preferred. Kindly contact 9167149844. D-0559



AUTOMOBILE

### SALE

2010 Model White Colour Linea Car for sale at Bhubaneswar, Price- 2 lakhs. Contact: 7326084916. D-74550



REAL ESTATE

### SALE

Plot for Sale- 5200sqft. Mouza- Basuaghai infront of Sai Temple. Contact- Rakesh Jena. Mob- 9337203932. D-0446

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

ସ୍ଥିତିବାନ ଗୃହ ଉପଯୋଗୀ ପ୍ଲଟ ପିତାପଲ୍ଲୀ ଓ ଛତାବରରେ ୩୦ft ରୋଡ ଓ ଇଲେକ୍ଟ୍ରିକ ଥାଇ ସୁଲଭ ଦରରେ ମିଳୁଛି। 8658219495 D-0468

**Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner).** D-0535

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74693



CONSTRUCTION

A consultancy Group of Architect and Senior Engineers of different wings of Civil Engineering named "SCAG" is ready to provide plan, Estimate, Structural design of Multistoried building to clients on affordable cost. Interested party may contact Mobile No- 9861119281 / 9437060733. D-0542

### GENERAL
### SALE

Colour web offset newspaper printing Machine with folder and Plate exposure unit for immediate sale. Contact- 9437076765. D-0565



Healthcare

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

Newly open health benefits SPA special offer @ 799 Jaydev Vihar. 8018429809. D-75117

Newly open SPA positively health benefit with expert. Contact: 7749976301. D-74546

Newly open Spa Positively Health benefits with expert therapist. 9040286886. D-75115

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74692

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Newly open health benefits Spa special offer @ 799, Master canteen. 9124527173. D-75116

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ଦିଗମ୍ବର ମହାଲିକ୍**

ଗୋଠପାଟଣା, ଭୁବନେଶ୍ୱର, ଗ୍ରାମ- ତୋଡ଼ଙ୍ଗା

ଆବିର୍ଭାବ: ୧୯।୦୧।୧୯୫୧
ତିରୋଧାନ: ୦୧।୦୬।୨୦୨୩

ତୁମେ ଆମ ସମସ୍ତଙ୍କୁ ଛାଡ଼ି ଏତେ ଶୀଘ୍ର ପ୍ରଭୁଙ୍କ ପାଖକୁ ଚାଲିଯିବ ବୋଲି ଏବେ ବି ବିଶ୍ୱାସ ହେଉନାହିଁ । ତୁମର ଆକସ୍ମିକ ବିୟୋଗରେ ସବୁ ଯେମିତି ପାଲଟି ଯାଇଛି ନୀରବ ନିଷ୍ପନ୍ଦ ଓ ଅଶ୍ରୁଳ । ତୁମର ଅନାବିଳ ସ୍ନେହ ଓ ଅମଳିନ ଶ୍ରଦ୍ଧା ଚିରଦିନ ଆମମାନଙ୍କ ପ୍ରେରଣା ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତିପାଇଁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ: ପରିବାରବୃନ୍ଦ ଓ ଆତ୍ମୀୟସ୍ୱଜନ ।

ଧ-୦୫୪୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଲାବନ୍ୟବତୀ ସାହୁ**

ଆବିର୍ଭାବ- ୨୩.୦୧.୧୯୩୫ | ତିରୋଧାନ- ୨୧.୦୬.୨୦୨୨
*Plot No.N-1/171, IRC Village, Bhubaneswar*

ଆପଣ ଯେ ଚାଲିଯିବେ ଏକଥା ବିଶ୍ୱାସ ହେଉନି । ଆପଣଙ୍କର ଶୂନ୍ୟତା ଅପୂରଣୀୟ, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସ୍ୱାଭିମାନ, ଅବିଶ୍ରାନ୍ତ ଜୀବନ ଓ ଅସୀମ ଧୈର୍ଯ୍ୟ, ଆମମାନଙ୍କର ପ୍ରେରଣାର ଉତ୍ସ ହୋଇରହୁ । ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ବିନମ୍ର ନିବେଦନ ।

ଶୋକସନ୍ତପ୍ତ :- ପୁତ୍ର-ଦୀଲ୍ଲିପ, ଦୀପକ, ପୁତ୍ରବଧୂ-ସାରଦା, ରିନ୍ନୁ, ଝିଅ-ନିମି, ମାମି, ବିମି, ସାମି, ଜ୍ୱାଇଁ- ପ୍ରଫୁଲ୍ଲ, ପସନ୍ନ, ଟଙ୍କ, ନାତି, ନାତୁଣୀମାନେ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।

ଧ-୭୧୫୬୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**Late Vasamsetti Nata Shree Ram**

ଶ୍ରୀ ନଟରାମ ଗାର୍ଡେନ୍ ନର୍ସରୀ, ଚକୁଳିଫାର୍ମ, ଅତାବିରା, ଜିଲ୍ଲା: ବରଗଡ଼

ଆବିର୍ଭାବ: ୦୭।୧୦।୨୦୦୫
ତିରୋଧାନ: ୦୩।୦୬।୨୦୨୩

ଶୋକସନ୍ତପ୍ତ: ଜେଜେବାପା- ଭି. ରାମା ରାଓ, ଜେଜେ ମା- ମାଙ୍ଗାୟାମା, ବାପା-ଭି. ଗଣପଥି, ମାଆ-ଭି. ସରସ୍ୱତୀ, ଭଉଣୀ-ଭି. ହେମଚନ୍ଦ୍ରିକା, ଭି. ଜୟଶ୍ରୀ ଓ ପରିବାରବର୍ଗ ।

ଧ-୦୫୬୧

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**୰ଲକ୍ଷ୍ମୀଚରଣ ସାହୁ**

*ହିଲ୍‌ପାଟଣା ୩ୟ ଲାଇନ୍, ବ୍ରହ୍ମପୁର*
ଆବିର୍ଭାବ: ୦୧।୦୭।୧୯୪୬
ତିରୋଧାନ: ୨୫।୦୭।୨୦୧୯

ଆପଣଙ୍କ ଅସମୟିକ ବିୟୋଗରେ ଆମ୍ଭେ ମର୍ମାହତ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ସ୍ତ୍ରୀ: ଉଷାରାଣୀ, ପୁଅ: ସଞ୍ଜୟ, ବୋହୂ: ସୋନାଲି, ସାନପୁଅ: ସନ୍ଦୀପ୍, ଝିଅ: ସସ୍ମିତା, ଜ୍ୱାଇଁ: ବଗଲା, ନାତୁଣୀ: ଆନି ଏବଂ ପିହୁ

ଧ-୦୫୬୦

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ଡକ୍ଟର ଦୀନବନ୍ଧୁ ମିଶ୍ର**

୧୮, ବସନ୍ତ ବିହାର, ଭୁବନେଶ୍ୱର

ଜନ୍ମ : ୧୦.୦୫.୧୯୪୬
ତିରୋଧାନ: ୨୨.୦୬.୨୦୨୨

ଚାହୁଁ ଚାହୁଁ ବର୍ଷେ ହୋଇଗଲା, ତୁମେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଛାଡି ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆଜି ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ, ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଅଛୁ।

ଶୋକ ସନ୍ତପ୍ତ- ଧର୍ମପତ୍ନୀ, ପୁତ୍ର- ସୁଗତ ବନ୍ଧୁ ଓ (୰ମାଗୁଣି ମିଶ୍ର) ବୃହତ୍ ପରିବାର, ପୁରୀ

ଧ-୦୫୫୪

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳ ହେବ ଭୀମକୁଣ୍ଡ

## ୫-ଟି ସଚିବଙ୍କ କେନ୍ଦୁଝର ଗସ୍ତ

### ମିଲେଟ୍ କାଫେରେ ଖାଇଲେ, ପରିଚାଳିକାଙ୍କ ସହ ଆଲୋଚନା କଲେ

କେନ୍ଦୁଝର,୧୦।୬(ସ୍ୱ.ପ୍ର./ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ.ପାଣ୍ଡିଆନ ଶନିବାର କେନ୍ଦୁଝର ଜିଲାକୁ ୨ ଦିନିଆ ଗସ୍ତରେ ଆସିଛନ୍ତି। ପାଟଣା ବ୍ଲକ୍ ଭୀମକୁଣ୍ଡ ପର୍ଯ୍ୟଟନ ସ୍ଥଳ ପରିଦର୍ଶନ କରି କେନ୍ଦ୍ରର ଉନ୍ନତୀକରଣର ସମୀକ୍ଷା କରିଥିଲେ। ଦାବି ମୁତାବକ ଭୀମକୁଣ୍ଡ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳ ହେବ। ଏକ ମାସ ଭିତରେ ପର୍ଯ୍ୟଟନ ବିଭାଗର ସହାୟତା ନେଇ ଜିଲାପାଳ ପ୍ଲାନିଂ ରିପୋର୍ଟ ଦେଲେ ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ କରିବେ ବୋଲି ସେ କହିଥିଲେ। ଏଥିସହ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରି ସେମାନଙ୍କ ସମସ୍ୟା, ଦାବି ଶୁଣିଥିଲେ। ପରେ ଚମ୍ପୁଆ, ବଡ଼ବିଲ, ଯୋଡ଼ା ବ୍ଲକ୍ ଯାଇ ସେଠାରେ ପାନୀୟ ଜଳ ପ୍ରକଳ୍ପ, ଯୋଡ଼ା ଫ୍ଲାଇ ଓଭର, ଏନ୍ଏଚ, କାନପୁର ଜଳସେଚନ ପ୍ରକଳ୍ପ ଆଦି କାର୍ଯ୍ୟର ଅଗ୍ରଗତି ବୁଲି ଦେଖିବା ସହ ସାଧାରଣ ଲୋକଙ୍କ ସମସ୍ୟା ଶୁଣିବା ସହିତ ଦାବିପତ୍ର ଗ୍ରହଣ କରିଥିଲେ। ଧର୍ମାନୁଷ୍ଠାନ ଗୁଡ଼ିକର ଉନ୍ନତୀକରଣ ଉପରେ ଗୁରୁତ୍ୱ ଦେବା ସହ ସପ୍ତାହ ମଧ୍ୟରେ ଏନେଇ ଖୁସି ଖବର ମିଳିବ ବୋଲି କହିଥିଲେ।

କେନ୍ଦୁଝରରେ ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ମହିଳା ଗୋଷ୍ଠୀ ସଦସ୍ୟାମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ସ୍ଥାନୀୟ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିବା ସହ ଅଭିଯୋଗ ଶୁଣି ଲିଖିତ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ କହିଥିଲେ, ଗ୍ରହଣ କରିଥିବା ଦରଖାସ୍ତ ବହୁତ ଭାରି ଅଛି। ଆପଣଙ୍କ ସୁଖଦୁଃଖ ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ପଠାଇଛନ୍ତି। ଦେଇଥିବା ଦରଖାସ୍ତ ମଧ୍ୟରୁ ଚାଷୀ ଭାଇମାନଙ୍କ ସମସ୍ୟା ତଥା ଜଳସେଚନକୁ ନେଇ ଦାବି ଶତ ପ୍ରତିଶତ ପୂରଣ ହୋଇଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଚାଷୀ ଭଉଣୀ ଭାଇମାନଙ୍କୁ ବହୁତ ଭଲ ପାଆନ୍ତି। ତାଙ୍କର ଉନ୍ନତି ଉପରେ ସବୁବେଳେ ଗୁରୁତ୍ୱ ଦିଅନ୍ତି। ବିଭିନ୍ନ ଅଞ୍ଚଳରେ ଗମନାଗମନ ସୁବିଧା ପାଇଁ ପୋଲ, ମନ୍ଦିର, ମସ୍ଜିଦ, ଚର୍ଚ୍ଚ ଉନ୍ନତି କାମ ହୋଇଯିବ। ଆପଣମାନେ ଗୋଟିଏ ସପ୍ତାହ ଭିତରେ ଅର୍ଥାତ୍ ୧୮ ତାରିଖ ଆଗରୁ ଗୋଟିଏ ଖୁସି ଖବର ପାଇଯିବେ ବୋଲି ବିଭିନ୍ନ ବ୍ଲକରେ ଅନୁଷ୍ଠିତ ସଭାରେ କହିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମିଲେଟ କାଫେରେ ଖାଇଲେ। ଏହାକୁ ଚଲାଉଥିବା ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ଅଡିଟୋରିୟମ ଯାଇ ସେଠାରେ ବିଭିନ୍ନ ମହାବିଦ୍ୟାଳୟର ସମସ୍ୟା ଓ ଉନ୍ନତୀକରଣ ଉପରେ ଆଲୋଚନା କରିଥିଲେ। ପରେ ହ୍ୟାଣ୍ଡବଲ ଷ୍ଟାଡ଼ିୟମର କାମ ଦେଖିବା ପରେ ପୁରୁଣା ବଜାର ଶ୍ରୀ ବଳଦେବଜୀଉ ମନ୍ଦିର, ବଡ଼ଦାଣ୍ଡ ଓ ପୋଖରୀ ସୌନ୍ଦର୍ଯ୍ୟକରଣର ଉନ୍ନତୀକାରଣ କାମ ବୁଲି ଦେଖିଥିଲେ।



୫-ଟି ସଚିବ ଭି.କେ. ପାଣ୍ଡିଆନ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେଙ୍କ ସହ ପାଟଣା ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳ ନକ୍ସା ସମୀକ୍ଷା କରୁଛନ୍ତି।

# ସ୍ତ୍ରୀ ଚରିତ୍ରକୁ ସନ୍ଦେହକରି ଶିଶୁପୁତ୍ରକୁ ହତ୍ୟାକଲେ ବାପା

ରାଉରକେଲା ଅଫିସ, ୧୦।୬

ରାଉରକେଲା ଉଦିତନଗର ଶୀତଳପଡ଼ା ବସ୍ତି ଅଞ୍ଚଳରେ ଏକ କୋମଳମତି ଶିଶୁକୁ ତାଙ୍କ ବାପା ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ନାବାଳକ ହେଲେ ଆର୍ଯ୍ୟନ ଲାକ୍ରା (୪ବର୍ଷ)। ଏହି ଘଟଣାରେ ପୋଲିସ ମୃତକଙ୍କ ବାପାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜୁ ଲାକ୍ରା(୨୦)। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଉଦିତନଗର ଥାନାରେ ଏକ ମାମଲା (ନଂ.୧୯୦।୨୩) ରୁଜୁ କରିଛି। ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ଅଭିଯୁକ୍ତ ଜଣଙ୍କ ନିଜ ନାବାଳକ ପୁଅକୁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପୋଲିସ କହିଛି।

ପୋଲିସ ସୂଚନାନୁସାରେ, ଉଦିତନଗର ଥାନା ଶୀତଳପଡ଼ା ବସ୍ତିର ରାଜୁ ଲାକ୍ରା ପ୍ରାୟ ୫ବର୍ଷ ତଳେ ଗୁନୁ ଲାକ୍ରାଙ୍କୁ ବିବାହ କରିଥିଲେ। ଉଭୟଙ୍କର ସାଢ଼େ ୪ ବର୍ଷର ପୁଅ ଆର୍ଯ୍ୟନ ଅଛି। ପ୍ରତ୍ୟେକ ଦିନ ଟଙ୍କା ପଇସାକୁ ନେଇ ଉକ୍ତ ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ରାଜୁ ନିଶା ଖାଉଥିବା ବେଳେ କୌଣସି କାର୍ଯ୍ୟ କରୁ ନ ଥିଲେ। ତେଣୁ ବାଧ୍ୟ ହୋଇ ଗୁନୁ ଜଣେ ଠିକାଦାରଙ୍କ ନିକଟରେ କାମ କରି ଘର ଚଳାଉଥିଲେ। ତେବେ ଅନ୍ୟ ପୁରୁଷ ସହ ଗୁନୁ ସମ୍ପର୍କ ରଖୁଥିବା ରାଜୁ ସନ୍ଦେହ କରୁଥିଲେ ଏବଂ ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗତ ଗୁରୁବାର ରାଜୁ ଓ ଗୁନୁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ ଶୁକ୍ରବାର ଗୁନୁ ପୁଅକୁ ଘରେ ଏକୁଟିଆ ଛାଡ଼ି ନିଜ ପିଯୁସୀଙ୍କ ଘରକୁ ଚାଲିଯାଇଥିଲେ। ରାଜୁ ଘରକୁ ଆସି ସ୍ତ୍ରୀଙ୍କୁ ନ ଦେଖି ପୁଅ ଉପରେ ରାଗ ସୁଝାଇଥିଲେ। ସେ ପୁଅକୁ ମାରି ଆଜବେଷ୍ଟସ କାଠବିମ୍ବରେ ଟାଙ୍ଗି ଦେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ପାଖ ପଡୋଶୀ ଜାଣିବା ପରେ ଥାନାକୁ ସୂଚନା ଦେଇଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରିଥିଲା। ଶନିବାର ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ମାମୁଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଉଦିତନଗର ଥାନାଧିକାରୀ ରବିନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

# କୋଇଲା ବୋଝେଇ ବଗିରେ ନିଆଁ


ବଗିରୁ ଧୂଆଁ ବାହାରୁଛି।

ବାଲେଶ୍ୱର ଅଫିସ/ରୂପସା, ୧୦।୬(ଡି.ଏନ.ଏ.)

ବାହାନଗା ଟ୍ରେନ ଦୁର୍ଘଟଣା ଓ ଯାଜପୁର ରୋଡରେ ଟ୍ରେନରେ କଟି ୬ଜଣଙ୍କ ମୃତ୍ୟୁ ଘଟଣା ମନରୁ ନ ଲିଭିଣୁ ଦୈନିକ ଟ୍ରେନରେ ନିଆଁ ଲାଗୁଥିବା ଖବର ସାମ୍ନାକୁ ଆସୁଛି। ଅନେକ ଲୋକ ଏବେ ଟ୍ରେନ୍‌ରେ ଯାତ୍ରା କରିବାକୁ ଭୟ କରୁଛନ୍ତି। ଶନିବାର ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନ ବାଲେଶ୍ୱର ଜିଲା ରୂପସା ରେଳ ଷ୍ଟେଶନରେ ଥିବା ଏକ କୋଇଲା ବୋଝେଇ ବଗିରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଏଥିରେ କିଛି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି।

ଷ୍ଟେଶନ ମ୍ୟାନେଜର ଏସ୍.କେ. ପାଢୀଙ୍କ କହିବା ଅନୁଯାୟୀ, କିଛି ଦିନ ପୂର୍ବରୁ ଏକ କୋଇଲା ବୋଝେଇ ଟ୍ରେନ୍‌ରୁ ଉକ୍ତ ବଗିକୁ ବାହାର କରି ଏହି ଷ୍ଟେଶନରେ ରଖାଯାଇଥିଲା। ପ୍ରବଳ ଖରା ଓ ଗରମ କାରଣରୁ ଏହି ବଗିରୁ ଧୂଆଁ ନିର୍ଗତ ହେଉଥିବାରୁ ବିଭାଗ ପକ୍ଷରୁ ଏହା ଉପରେ ନଜର ରଖାଯାଇଥିଲା। ଗତ ୭ ତାରିଖରେ ମଧ ଏହି ବଗିରୁ ଧୂଆଁ ବାହାରିବାରୁ ଅଗ୍ନିଶମ ବିଭାଗ ପହଞ୍ଚି ଆୟତ୍ତ କରିଥିଲା। ତେବେ ଶନିବାର ଏହି ବଗିରେ ଥିବା କୋଇଲାକୁ ଅନଲୋଡ଼ିଂ କରାଯାଇଥିବା ଷ୍ଟେଶନ ମ୍ୟାନେଜର କହିଛନ୍ତି।

# ସଞ୍ଜୀୟ ନାୟକଙ୍କ ବିରୋଧରେ ପ୍ରକୃତିଙ୍କ ଏତଲା

## ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ଘଟଣା

- ମୁମ୍ବାଇସ୍ଥିତ ଦାଦାଭାଇ ନୋରୋଜି ନଗର ଥାନାରେ ମାମଲା
- ଶୁକ୍ରବାର ମାନହାନି ଚେତାବନୀ ଦେଇଥିଲେ ସଞ୍ଜୟ

ଭୁବନେଶ୍ୱର, ୧୦।୬(ବ୍ୟୁରୋ)

ଓଲିଉଡ୍‌ରେ କାଷ୍ଟିଂ କାଉଚ୍ ଘଟଣାକୁ ନେଇ ଫିଲ୍ମ ପ୍ରଯୋଜକ ସଞ୍ଜୀୟ ନାୟକ ଓରଫ୍ ଟୁଟୁ ଓ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ଦେଖାଯାଇଥିବା ବିବାଦ ଭିନ୍ନ ରୂପ ନେଇଛି। ଶନିବାର ମୁମ୍ବାଇ ୱେଷ୍ଟ ଅନ୍ଧେରୀସ୍ଥିତ ଦାଦାଭାଇ ନୋରୋଜି ନଗର ଥାନାରେ ସଞ୍ଜୀୟଙ୍କ ବିରୋଧରେ ପ୍ରକୃତି ଏତଲା ଦେଇଛନ୍ତି। ସଞ୍ଜୀୟ ଜାଣିଶୁଣି ଗଣମାଧ୍ୟମରେ ତାଙ୍କ ମାନହାନି ସହ ସମ୍ମାନହାନି କରିଥିବା ପ୍ରକୃତି ଏତଲାରେ ଦର୍ଶାଇଛନ୍ତି। ପୋଲିସ ଆଇପିସି ଦଫା ୫୦୦ (ମାନହାନୀ), ୫୦୪ (ଜାଣିଶୁଣି ଅପମାନିତ କରିବା) ଓ ୫୦୬ (ଆପରାଧିକ ଷଡ଼ଯନ୍ତ୍ର)ରେ ଏକ ମାମଲା (ନଂ.୮୭୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ପୋଲିସ ମାମଲା ରୁଜୁ କରିବା ପରେ ସଞ୍ଜୀୟଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ସଞ୍ଜୀୟଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ମିଳିପାରି ନାହିଁ।

ସୂଚନାଯୋଗ୍ୟ, ଫିଲ୍ମରେ କାମ ଦେବାର ପ୍ରଲୋଭନ ଦେଖାଇ ବହୁ ନବାଗତ ଝିଅଙ୍କୁ ସଞ୍ଜୀୟ ଶୋଷଣ କରିଥିବା ପ୍ରକୃତି ଗୁରୁବାର ଗଣମାଧ୍ୟମରେ କହିଥିଲେ। ପୀଡ଼ିତାମାନେ ଏନେଇ ତାଙ୍କୁ ମେସେଜ କରିଥିବା ନେଇ ସେ ସୂଚନା ଦେବା ସହ ତାଙ୍କ ସହ ଅତୀତରେ ଏକ ଦୁଃଖଦ ଘଟଣାବେଳେ ସଞ୍ଜୀୟ 'ଭଲ ପୁଅଙ୍କୁ ଫସାଇବା ଝିଅଙ୍କ କାମ' ବୋଲି ମନ୍ତବ୍ୟ ଦେଇଥିଲେ। ଯିଏ ତାଙ୍କ କଥାରେ ରାଜି ନ ହୁଏ ସେ ତାଙ୍କୁ କାମରୁ ବାହାର କରିଦିଅନ୍ତି ବୋଲି ପ୍ରକୃତି ଅଭିଯୋଗ କରିଥିଲେ। ଏହାପରେ ଶୁକ୍ରବାର ସଞ୍ଜୀୟ ଖବରଦାତା ସମ୍ମିଳନୀ କରି ପ୍ରକୃତିଙ୍କ ଚରିତ୍ରକୁ ନେଇ ବର୍ଷିଥିଲେ। ତଥ୍ୟ ପ୍ରମାଣ ନ ଥାଇ ମିଥ୍ୟା ଅଭିଯୋଗ ଆଣିଥିବାରୁ ପ୍ରକୃତିଙ୍କ ସମେତ ୨ ଅଭିନେତ୍ରୀ ଏବଂ ଖବର ପ୍ରସାରଣ କରିଥିବା ଚ୍ୟାନେଲ ବିରୋଧରେ କୋର୍ଟରେ ମାନହାନି ମାମଲା କରିବେ ବୋଲି ସଞ୍ଜୀୟ ଚେତାବନୀ ଦେଇଥିଲେ। ଏହି କାଷ୍ଟିଂ କାଉଚ୍ ଅଭିଯୋଗ ସମ୍ପୂର୍ଣ୍ଣ ମିଛ। କେତେଜଣ ଅଭିନେତ୍ରୀ ଓ ପ୍ରଯୋଜକ ମିଶି ଆକ୍ରୋଶମୂଳକ ଭାବେ ତାଙ୍କୁ ବଦନାମ କରିବାକୁ ଚକ୍ରାନ୍ତ କରୁଥିବା ସଞ୍ଜୀୟ କହିଥିଲେ।


ଥାନାରେ ଏତଲା ଦେବା ପରେ ଏଫ୍‌ଆଇଆର୍ କପି ଧରିଛନ୍ତି ପ୍ରକୃତି।

# ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମା' ପୁଅ ମୃତ

ଖଇରା, ୧୦।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ମହତୀପୁର ପଞ୍ଚାୟତ ଅଧୀନ ନାହୁଲ ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଛିଣ୍ଡି ପଡିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମା' ପୁଅଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ତିଳୋତ୍ତମା ଦାସ(୪୮) ଓ ତାଙ୍କ ପୁଅ ରାମଚନ୍ଦ୍ର ଦାସ(୨୮)।

ସକାଳେ କୌଣସି କାମରେ ମା' ପ୍ରଥମେ ବାଡିକୁ ଯାଇଥିବା ବେଳେ ପୂର୍ବରୁ ଛିଣ୍ଡି ପଡିରହିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ। ମା'ଙ୍କ ଚିତ୍କାର ଶୁଣି ଘର ଅଗଣାରେ ପାଠ ପଢୁଥିବା ପୁଅ ରକ୍ଷା କରିବାକୁ ଯାଇ ସେ ମଧ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ଘରଟି ଜନବସତିଠାରୁ କିଛି ଦୂରରେ ଥିବାରୁ ଅନ୍ୟ ଗ୍ରାମବାସୀ ବିଳମ୍ବରେ ଜାଣିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖଇରା ପୋଲିସ ୨ଟି ଅପମୃତ୍ୟୁ ମାମଲା(ନଂ.୧୮/୨୩, ନଂ.୧୯/୨୩) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସୋର ପଠାଇଛି।

# ସଙ୍ଗଠନକୁ ମଜବୁତ୍ କରିବା ପାଇଁ ଆହ୍ୱାନ

### ଭାଜପାର ମହାସମ୍ପର୍କ ଅଭିଯାନ, କାର୍ଯ୍ୟକର୍ତ୍ତା ବୈଠକ

ଭବାନୀପାଟଣା,୮।୬(ସ୍ୱ.ପ୍ର)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଟାଉନ ହଲଠାରେ ଗୁରୁବାର ଅପରାହ୍ନରେ ଭାଜପାର ମହାସମ୍ପର୍କ ଅଭିଜାନ ଓ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ମହାସମ୍ପର୍କ ଅଭିଯାନର ରାଜ୍ୟ ପ୍ରଭାରୀ ତଥା ଛତିଶଗଡ ପୂର୍ବତନ ବିରୋଧିଦଳ ନେତା ଧରମଲାଲ କୌଶିକ, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସୋନପୁର ପ୍ରଭାରୀ ଭବେନ୍ଦ୍ର ପଣ୍ଡା, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ରମେଶ ମାଝୀ, ଜିଲା ସାଧାରଣ ସମ୍ପାଦକ ସୁଧିର ପଟ୍ଟଯୋଷୀ, ଜିଲା ଯୁବ ସଭାପତି ବିଜୟ ଦେବ ସାହୁ, ଓବିସି ମୋର୍ଚ୍ଚା ଜିଲା ସଭାପତି ପ୍ରଦୀପ ନାଏକ, ଜାତୀୟ ଯୁବ ମୋର୍ଚ୍ଚା କାର୍ଯ୍ୟ କାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡିଶାରେ ହୋଇଥିବା ବିକାଶ ଓ ଜନହିତକର ଯୋଜନାଗୁଡିକ ସମ୍ପର୍କରେ ରାଜ୍ୟ ପ୍ରଭାରୀ କୌଶିକ କହିଥିଲେ। ସେହିପରି ଏହି ଯୋଜନାଗୁଡିକ ସମ୍ପର୍କରେ ତୃଣମୂଳ ସ୍ତରରେ ଥିବା ଲୋକଙ୍କ ନିକଟକୁ ପହଞ୍ଚାଇବା ସହ ସଙ୍ଗଠନକୁ ମଜବୁତ୍ କରିବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଯୁଗୋଳ କିଶୋର ପୋଢ ମଞ୍ଚ ପରିଚାଳନା କରିଥିଲେ। ପରେ କୌଶିକ ସ୍ଥାନୀୟ ମେଡିକାଲ କଲେଜ ପରିଦର୍ଶନରେ ଯାଇ କାର୍ଯ୍ୟଗୁଡିକର ତଦାରଖ କରିଥିଲେ। କେନ୍ଦ୍ର ସରକାରଙ୍କ ୭୦ପ୍ରତିଶତ ଅନୁଦାନରେ ଏହି ମେଡିକାଲ କଲେଜ ହେଉଥିବା ନେଇ କହିଥିଲେ। ସେଠାରୁ ଫେରିଆସି ବୁଦ୍ଧିଜୀବୀ ସମ୍ମିଳନୀ ଓ ବଣିକ ସଂଘର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ବାହାନଗା ଷ୍ଟେଶନରେ ଅଟକିବ ନାହିଁ ଟ୍ରେନ୍

### ରିଲେ ରୁମ୍, ପ୍ୟାନେଲ ବକ୍ସ ଓ ଡାଟା ଲକ୍‌ର ରୁମ୍ ସିଲ୍

ବାଲେଶ୍ୱର ଅଫିସ/ ଭୁବନେଶ୍ୱର, ୧୦।୬(ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାର ତଦନ୍ତ ଚାଲିଛି। ଏଥିରେ ୨୮୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୧ଶହରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏବେ ବି ବହୁ ଯାତ୍ରୀଙ୍କ ପତ୍ତା ମିଳୁନାହିଁ। ଏହି ଭୟଙ୍କର ଦୁର୍ଘଟଣାକୁ ଇତିମଧ୍ୟରେ ୯ ଦିନ ବିତିଯାଇଥିବାବେଳେ ଏଯାଏ ଏହା ପଛର କାରଣ ପଦାକୁ ଆସିପାରି ନାହିଁ। ତଦନ୍ତଭାର ନେଇଥିବା ସିବିଆଇ ରହସ୍ୟ ପାଇବାକୁ ଜୋର୍‌ଦାର ତନାଘନା ଚଳାଇଛି। ସିବିଆଇ ଅଧିକାରୀମାନେ ଷ୍ଟେଶନ ରିଲେ ରୁମ୍, ପ୍ୟାନେଲ ରୁମ୍ ଓ ଡାଟା ଲକ୍‌ର ରୁମ୍ ସିଲ୍ କରିଥିବାରୁ ବାହାନଗା ଷ୍ଟେଶନରେ ଟ୍ରେନ୍ ରହଣି ଉପରେ ଅଙ୍କୁଶ ଲଗାଯାଇଛି। ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଏଠାରେ ଏକ୍ସପ୍ରେସ୍‌ଠାରୁ ଆରମ୍ଭକରି ପାସେଞ୍ଜର, ମେମୁ ଆଦି କୌଣସି ଟ୍ରେନ୍ ଅଟକିବ ନାହିଁ ବୋଲି ଦକ୍ଷିଣ-ପୂର୍ବ ରେଳପଥର ସିପିଆର୍‌ଓ ଆଦିତ୍ୟ ଚୌଧୁରୀ ସୂଚନା ଦେଇଛନ୍ତି। ବାହାନଗା ଟ୍ରେନ୍ ଦୁର୍ଘଟଣାର ତଦନ୍ତ ସିବିଆଇ କରିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିଲେ। ପରେ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଯେପରି କୌଣସି ପ୍ରମାଣ ନଷ୍ଟ ହୋଇ ନ ପାରିବ ସେଥିଲାଗି ପୂରା ଷ୍ଟେଶନକୁ ସିଲ୍ କରାଯାଇଛି। ଶୁକ୍ରବାର ଅପରାହ୍ନରେ ଏହି ଟିମ୍ ଦୁର୍ଘଟଣାସ୍ଥଳ ବୁଲି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲା। ତଦନ୍ତକାରୀ ଅଧିକାରୀମାନେ ଷ୍ଟେଶନର ରିଲେ ରୁମ୍‌କୁ ଯାଇ ତନାଘନା କରିବା ସହ ଏହାକୁ ସିଲ୍ କରିଥିଲେ। ଏଥିସହ ପ୍ୟାନେଲ୍ ବକ୍ସ ଓ ଡାଟା ଲକ୍‌ର ରୁମ୍‌କୁ ସିଲ୍ କରିବା ସହ ହାର୍ଡଡିସ୍କ ଜବତ କରିନେଇଥିବାରୁ ଏହି ଷ୍ଟେଶନରେ ଟ୍ରେନ୍ ରହଣି କରିପାରିବ ନାହିଁ। ଉଭୟ ରେଳ ବିଭାଗର ସେଫ୍‌ଟି କମିଶନର ଓ ସିବିଆଇର ଅଧିକାରୀମାନେ ସମନ୍ୱୟ ରଖି ତଦନ୍ତ କରୁଛନ୍ତି। ତଦନ୍ତ ସରିଲେ ଟ୍ରେନ୍ ରହଣି ନେଇ ସୂଚନା ଦିଆଯିବ ବୋଲି ସିପିଆର୍‌ଓ ଚୌଧୁରୀ ପ୍ରକାଶ କରିଛନ୍ତି।

# ସଂରକ୍ଷିତ ଜଙ୍ଗଲରୁ ଗୟଳର ମୃତଦେହ ଜବତ



ସଇଁତଳା, ୧୦।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବନବିଭାଗ ଅଧୀନ ଜୁଗିଝୁଲା ସଂରକ୍ଷିତ ଜଙ୍ଗଲରୁ ଶନିବାର ସନ୍ଦେହଜନକ ଅବସ୍ଥାରେ ଏକ ଗୟଳର ମୃତଦେହ ବନବିଭାଗ ଜବତ କରିଛି। ସକାଳେ ଜଙ୍ଗଲରେ ଏକ ଗୟଳ ମରି ପଡ଼ିଥିବା ନେଇ ସଇଁତଳା ବନ ବିଭାଗକୁ ଖବର ମିଳିଥିଲ। ବଲାଙ୍ଗୀର ଫରେଷ୍ଟ ଡ଼ିଭିଜନର ଏସିଏଫ୍ ଜିତେନ୍ଦ୍ର ସାହୁ, ବନ୍ୟ ପ୍ରାଣୀବିତ୍ ସୁଧିର କୁମାର ମିଶ୍ର, ରେଞ୍ଜ ଅଧିକାରୀ ସଂଘମିତ୍ରା ଭୋଇ, ବନସୁରକ୍ଷା ସମିତି ଜୁନାନୀମାଳର ସଭାପତି ହରିଶ୍ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ସଇଁତଳା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଏବଂ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୟଳର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ଏହାର ନମୂନା ସଂଗ୍ରହ କରି ଓୟୁଏଟି ଭୁବନେଶ୍ୱରକୁ ପଠାଯାଇଛି। ଘଟଣାର ତଦନ୍ତ ଚାଲିଥିବା ରେଞ୍ଜ ଅଫିସର ଭୋଇ କହିଛନ୍ତି। ଅପରପକ୍ଷରେ ୧୯୯୦ ମସିହା ପୂର୍ବରୁ ଏହି ଅଞ୍ଚଳରେ ଗୟଳ ଥିବା ସ୍ଥାନୀୟ ଲୋକେ କହୁଛନ୍ତି। ତେବେ ଗତକିଛି ବର୍ଷ ହେଲା ଏହା ଏଠାରେ ଏହି ପ୍ରାଣୀ ଦେଖାଯାଉ ନ ଥିଲେ। ଶନିବାର ଏକ ଗୟଳର ମୃତଦେହ ଠାବ ହୋଇଥିବାରୁ ଏହି ଅଞ୍ଚଳର ଜଙ୍ଗଲରେ ଗୟଳ ବଂଶ ଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଆଜିଠାରୁ ସର୍ଚ୍ଚ ଅପରେଶନ ଗୟଳ ଆରମ୍ଭ ହୋଇଛି ବୋଲି ଏସିଏଫ ସାହୁ କହିଛନ୍ତି।

# ରାଜ୍ୟ ବିକାଶରେ ସାମାଜିକ କର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ଉତ୍କଳୀୟମ୍ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ସାମାଜିକ କର୍ମୀ ସମ୍ମିଳନୀ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ତଥା ଆଇନଜୀବୀ ରାଜୀବ ଲୋଚନ ପ୍ରଧାନଙ୍କ ସଭାପତିତ୍ୱ ତଥା ସଂଗଠନ ସମ୍ପାଦକ ଜିତେନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ଓଡ଼ିଶାର ବିକାଶରେ ଯୁବ ସମାଜ ଓ ସାମାଜିକ କର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମେୟର କହିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ରିଭ୍ୟୁ ସମ୍ପାଦିକା କସ୍ତୁରୀ ମହାପାତ୍ର, ସମ୍ମାନିତ ବକ୍ତା ଭାବେ ଚଳଚ୍ଚିତ୍ର ଅଭିନେତା ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ବରିଷ୍ଠ ତୀର୍ଥଯାତ୍ରା ଯୋଜନାର ଉପଦେଷ୍ଟା ଦୁର୍ଗା ସାମନ୍ତରାୟ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ରଣପୁର ଏନ୍ଏସିର ଯୁବନେତା ଲିଙ୍ଗରାଜ ନାୟକ, ଉତ୍କଳୀୟମ ଫାଉଣ୍ଡେଶନ ଟ୍ରଷ୍ଟର ରାଜ୍ୟ ସଭାପତି ସାଗରିକା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଓଡିଶାର ଯୁବକ ଓ ସାମାଜିକ କର୍ମୀଙ୍କ ମଧ୍ୟରେ ଏକତା ରହିବା ସହ ଶୃଙ୍ଖଳିତ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ବକ୍ତା ଦାସ ନାୟକ ଓ ଅନ୍ୟ ଅତିଥିମାନେ ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଓ ଏସିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ହାସଲ କରିଥିବା ପ୍ରିୟା ପ୍ରିୟଦର୍ଶିନୀ ନାୟକ ଯୋଗ ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ଜଗତ୍‌ସିଂହପୁର ଜିଲାରୁ ଆସିଥିବା କୁନି କୁନି ନୃତ୍ୟଶିଳ୍ପୀମାନେ ଅତ୍ୟନ୍ତ ଉଚ୍ଚକୋଟିର ନୃତ୍ୟ ପରିବେଷଣ କରିଥିଲେ। ଏ ଅବସରରେ ସାମାଜିକ କର୍ମୀ, ସାମ୍ବାଦିକ, ପୋଲିସ, ସରପଞ୍ଚ, କୁନି ନୃତ୍ୟଶିଳ୍ପୀ, ଶିକ୍ଷକ, କବି ଓ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ସରକାରଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଲେ ଭିନେଶ୍

**ସୋନେପତ,୧୦।୬(ରଏଟର୍ସ)**

ଭାରତୀୟ କୁସ୍ତିଯୋଦ୍ଧା ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ପୂର୍ବତନ ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ମାମଲାରେ ପୋଲିସର ତଦନ୍ତ ଶୈଳୀକୁ ସମାଲୋଚନା

## କୁସ୍ତିଯୋଦ୍ଧା ଯୌନ ନିର୍ଯାତନା ମାମଲା


ଭିନେଶ୍ ଫୋଗତ

କରିଛନ୍ତି ଦୁଇଥର ଅଲିମ୍ପିଆନ ଭାରତର ଟପ୍ ରେସ୍‌ଲର ଭିନେଶ୍ ଫୋଗତ। ଏହି ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀରବତା ତାଙ୍କୁ ବ୍ୟଥିତ କରିଥିବା ସେ କହିଛନ୍ତି। ବ୍ରିଜ ଭୂଷଣ ହେଉଛନ୍ତି ମୋଦିଙ୍କ ଶାସକ ଦଳର ଜଣେ ଏମ୍‌ପି। ତାଙ୍କ ଦ୍ୱାରା ଯେଉଁ ୭ଜଣ ମହିଳା ଆଥଲେଟ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି, ସେମାନଙ୍କ ମଧ୍ୟରେ ଫୋଗତ ଅନ୍ୟତମ। ଯେଉଁ ମହିଳା ଆଥଲେଟମାନେ ତାଙ୍କୁ ଏକାନ୍ତ ଭେଟିବା ଲାଗି ଯଦି ମନା କରୁଥିଲେ, ସେମାନଙ୍କୁ ସେ ଧମକଚମକ ଦେଉଥିଲେ। ଗତ ମାସରେ ପୋଲିସ୍ ବଳପୂର୍ବକ ଧାରଣା ସ୍ଥଳରୁ କୁସ୍ତିଯୋଦ୍ଧାମାନଙ୍କୁ ହଟାଇ ଦେବା ପରେ ଫୋଗତ ତାଙ୍କର ପ୍ରଥମ ସାକ୍ଷାତ୍‌କାରରେ ଏକଥା ପ୍ରକାଶ କରିଛନ୍ତି। ବ୍ରିଜଭୂଷଣଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଦୁଇଟି ମାମଲା ଦାୟର କରିଛି। ତନ୍ମଧ୍ୟରେ ପୋକ୍ସୋ ଆଇନ ଅଧୀନରେ ଗୋଟିଏ ମାମଲା ରହିଛି। ଉଭୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ପଦକ ଜିତିବାରେ ୨୮ ବର୍ଷୀୟା ଫୋଗତ ହେଉଛନ୍ତି ଭାରତର ପ୍ରଥମ ମହିଳା କୁସ୍ତିଯୋଦ୍ଧା। ଟ୍ରେନିଂ କ୍ୟାମ୍ପ ଓ ଟୁର୍ନାମେଣ୍ଟ ବେଳେ ବ୍ରିଜଭୂଷଣ ସ୍ୱଳ୍ପ ବୟସ୍କା ଆଥଲେଟଙ୍କୁ ସୁବିଧା ସୁଯୋଗ ଦେଖି ସେ ଏକାନ୍ତ ଡକାଇଥାନ୍ତି ଏବଂ ଅସଦାଚରଣ କରିଥାନ୍ତି। ସେ ନିଜେ ମଧ୍ୟ ହରିୟାଣାସ୍ଥିତ ତାଙ୍କ ବାସଭବନରେ ଶିକାର ହୋଇଛନ୍ତି। ଭିନେଶ କହିଛନ୍ତି, ସେ ଖୁବ୍ ମାନସିକ ଆଘାତ ପାଇଥିଲେ। ଏପରିକିକି ଆତ୍ମହତ୍ୟା କରିବା ଲାଗି ଚିନ୍ତା କରିଥିଲେ। ମାତ୍ର ୨୦୨୧ରେ ସେ ମୋଦିଙ୍କୁ ଭେଟିଥିଲେ ମହିଳା କୁସ୍ତିଯୋଦ୍ଧାଙ୍କ ଦ୍ୱାରା ହୋଇଥିବା ଅଭିଯୋଗ ଉପରେ ସେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ପରେ ସେ ଶାନ୍ତ ପଡ଼ିଥିଲେ। ମାତ୍ର ପ୍ରଧାନମନ୍ତ୍ରୀ ଏହି ବ୍ୟାପାରରେ ଏପର୍ଯ୍ୟନ୍ତ ମୁହଁ ଖୋଲୁ ନ ଥିବା ଦୁଃଖର ବିଷୟ। ଭିନେଶ କହିଛନ୍ତି ସେ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ମଧ୍ୟ ଭେଟିଥିଲେ। ମାତ୍ର ଏହି ମାମଲାରେ ସେ ସେତେଟା ଗୁରୁତ୍ୱ ଦେଉନ ଥିବା ମନେ ହୋଇଥିଲା। ଆମ କଥା ମନ ଦେଇ ଶୁଣିବା ପରିବର୍ତ୍ତେ ଫୋନ୍‌ରେ ଅନ୍ୟ କାହା ସହ କଥାବାର୍ତ୍ତାରେ ବ୍ୟସ୍ତ ରହିଥିଲେ। ଏ ସମ୍ପର୍କରେ ଠାକୁର କିମ୍ବା ମୋଦିଙ୍କ କାର୍ଯ୍ୟାଳୟରୁ ପ୍ରତିକ୍ରିୟା ମିଳି ପାରି ନାହିଁ।

# ସ୍ୱିଟେକଙ୍କୁ କ୍ରମାଗତ ଟାଇଟଲ

**ପ୍ୟାରିସ୍, ୧୦।୬**

ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ରହିଥିବା ପୋଲାଣ୍ଡର ଇଗା ସ୍ୱିଟେକ୍ କ୍ରମାଗତ ଫ୍ରେଞ୍ଚ ଓପନ ଟାଇଟଲ ବିଜୟୀ ହୋଇଛନ୍ତି। ୨୦୨୨ ସଂସ୍କରଣର ଚାମ୍ପିୟନ ସ୍ୱିଟେକ୍ ଶନିବାରର ଫାଇନାଲରେ ଚେକ୍ ରିପବ୍ଲିକ୍‌ର କାରୋଲିନା ମୁଚୋଭାଙ୍କୁ ୬-୨, ୫-୭ ଓ ୬-୪ ସେଟ୍‌ରେ ପରାସ୍ତ କରିଥିଲେ। କ୍ୟାରିୟରର ତୃତୀୟ ଫ୍ରେଞ୍ଚ ଓପନ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ସ୍ୱିଟେକଙ୍କ ଏହା ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ଏହା ସହିତ ଫ୍ରେଞ୍ଚ ଓପନର ଲାଲ ମାଟିରେ ୩୦ଟି

## ଫ୍ରେଞ୍ଚ ଓପନ ଟେନିସ୍

ମ୍ୟାଚ ଖେଳି ସେ ୨୮ଟିରେ ବିଜୟୀ ହୋଇଥିବା ବେଳେ ମାତ୍ର ୨ଟିରେ ପରାଜିତ ହୋଇଛନ୍ତି।

୪୩ ନମ୍ବର ସିଡ୍ କାରୋଲିନା ମୁଚୋଭା ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳିଙ୍କୁ କଡା ଚ୍ୟାଲେଞ୍ଜ ଦେଇଥିଲେ। କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳୁଥିଲେ ମଧ୍ୟ ସେ ସ୍ୱିଟେକଙ୍କୁ ଚାପରେ ରଖିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ସ୍ୱିଟେକ୍ ପ୍ରଥମ ସେଟ୍‌କୁ ୬-୨ରେ ଜିତି ନେଇଥିଲେ। ଏପରିକି ଦ୍ୱିତୀୟ ସେଟ୍‌ରେ ୩-୦ରେ ଆଗୁଆ ମଧ୍ୟ ରହିଥିଲେ। ସେ ଅନାୟାସରେ ଟାଇଟଲ ହାସଲ କରିବାର ସମ୍ଭାବନା ସୃଷ୍ଟି ହୋଇଥିଲା। ସର୍ଭିସ୍ ପଏଣ୍ଟ ବ୍ରେକ୍ କରିବା ସହିତ ମୁଚୋଭା ଦମଦାର ପ୍ରତ୍ୟାବର୍ତ୍ତନ କରି ୭-୫ରେ ଦ୍ୱିତୀୟ ସେଟ୍‌କୁ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ରେ ମୁଚୋଭାଙ୍କ ଏକ ସର୍ଭିସ୍ ସ୍ୱିଟେକଙ୍କ ଆଖିରେ ବାଜିବା ସହିତ ତାଙ୍କର ପ୍ରଦର୍ଶନ ସାମାନ୍ୟ ପ୍ରଭାବିତ ହୋଇଥିଲା। ଅନ୍ତିମ ସେଟରେ ମୁଚୋଭା ୨-୦ରେ ଆଗୁଆ ରହିବା ପରେ ସ୍ୱିଟେକ୍ ଦୁଇଟି ସର୍ଭିସ୍ ପଏଣ୍ଟ ବ୍ରେକ୍ କରି ୩-୨ରେ ଆଗୁଆ ରହିଥିଲେ। ମ୍ୟାଚ୍‌ରେ ୩-୪ରେ ପଛୁଆ ରହିଥିବା ବେଳେ ସ୍ୱିଟେକ୍ ନିଜ ଅଭିଜ୍ଞତାର ଉପଯୋଗ କରି ମ୍ୟାଚ୍‌କୁ ୬-୪ରେ ଜିତି କ୍ରମାଗତ ଥର ପାଇଁ ଫ୍ରେଞ୍ଚ ଓପନ ଟାଇଟଲ ହାସଲ କରିଥିଲେ।



ଟ୍ରଫି ସହ ଇଗା ସ୍ୱିଟେକ୍।

# ସମାଧାନ ହେଲେ ଏସିଆନ ଗେମ୍ସ ଖେଳିବୁ: ସାକ୍ଷୀ


ସୋନେପତ୍‌ରେ କୃଷକ ଆନ୍ଦୋଳନର ନେତାଙ୍କ ସହ ସାକ୍ଷୀ ମଲିକ।

**ନୂଆଦିଲ୍ଲୀ, ୧୦।୬(ପି.ଟି.)**

ଭାରତୀୟ ରେସ୍‌ଲିଂ ମହାସଂଘର ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ମାମଲାର ସମାଧାନ ନ ହେଲେ ଖେଳାଳି ମାନେ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବେ ନାହିଁ ବୋଲି କହିଛନ୍ତି ସାକ୍ଷୀ ମଲିକ୍। ସୋନୀପତରେ କୃଷକ ସଙ୍ଗଠନର ନେତା ମାନଙ୍କ ସହିତ ଏକ ବୈଠକ ଅବସରରେ ଏହି ସୂଚନା ଦେଇଛନ୍ତି। ଏହି ମାମଲା ଜାରି ରହିଥିବା ବେଳେ ରେସ୍‌ଲର ମାନଙ୍କୁ ଅନେକ ଶାରୀରିକ ଓ ମାନସିକ ଚାପର ସାମ୍ନା କରିବାକୁ ପଡୁଛି। ଚଳିତ ମାସରୁ ଏସିଆନ୍ ଗେମ୍ସ ପାଇଁ ଟ୍ରାଏଲ୍ସ ଆରମ୍ଭ ହେବାକୁ ଯାଉଛି। ଆନ୍ଦୋଳନରତ ରେସ୍‌ଲର ମାନେ ଭାରତୀୟ ଦଳରେ ସାମିଲ ହେବାକୁ ହେଲେ ଟ୍ରାଏଲ୍ସରେ ଅଂଶଗ୍ରହଣ କରିବା ଜରୁରୀ। ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଚାଇନାର ହାଙ୍ଗଝୌରେ ଏସିଆନ୍ ଗେମ୍ସ ଅନୁଷ୍ଠିତ ହେବ। ବୁଧବାର କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁରଙ୍କ ସହିତ ଭେଟ ପରେ ୧୫ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ମିଳିବା ନେଇ ଆଶ୍ୱାସନା ପ୍ରଦାନ କରାଯାଇଥିଲା। ଏହା ମଧ୍ୟରେ ରିପୋର୍ଟ ନ ଆସିଲେ କୃଷକ ସଙ୍ଗଠନ ଓ ମହିଳା ସଙ୍ଗଠନ ମାନଙ୍କ ସହିତ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସାକ୍ଷୀ ସ୍ପଷ୍ଟ କରିଥିଲେ। ଜୁନ୍ ୧୫ ପର୍ଯ୍ୟନ୍ତ ରେସ୍‌ଲର ମାନେ ନୀରବ ରହିବାକୁ ନିଷ୍ପତ୍ତି ନେଇଥିବା ସେ ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ଶୁକ୍ରବାର ଜଣେ ମହିଳା ରେସ୍‌ଲରଙ୍କ ସହିତ ଦିଲ୍ଲୀ ପୋଲିସ ଘଟଣାସ୍ଥଳକୁ ଯାଇ ସିନ୍ ରିକ୍ରିଏଶନ୍ କରିଥିଲା। ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଏହି ମାମଲାର ତଦନ୍ତ କରୁଛି। ବର୍ତ୍ତମାନ ସୁଦ୍ଧା ଏସ୍ଆଇଟି ଟିମ୍ ପ୍ରାୟ ୧୮୦ ଜଣ ଲୋକଙ୍କୁ ପଚରାଉଚରା କରିସାରିଛି। ଉଲ୍ଲେଖଯୋଗ୍ୟ, ଅସଦାଚରଣ ମାମଲାରେ ବ୍ରିଜ୍‌ଭୂଷଣଙ୍କୁ ଗିରଫ ଦାବିରେ ଯନ୍ତରମନ୍ତରଠାରେ ଧାରଣାରେ ବସିଥିଲେ ଅଲିମ୍ପିକ୍ସ ପଦକ ବିଜେତା ସାକ୍ଷୀ ମଲିକ୍, ବଜରଙ୍ଗ ପୁନିଆ ଓ ଏସିଆନ୍ ସ୍ୱର୍ଣ୍ଣ ବିଜୟିନୀ ଭିନେଶ ଫୋଗତ। ସରକାରଙ୍କ ପ୍ରତିଶ୍ରୁତି ପରେ ବର୍ତ୍ତମାନ ଏହି ଧାରଣା ବନ୍ଦ ରହିଛି।

### ସାଲିସ ପାଇଁ ଚାପ ପଡୁଛି

ନାବାଳିକା ରେସ୍‌ଲର ଜଣଙ୍କ ବ୍ରିଜ୍‌ଭୂଷଣଙ୍କ ବିରୋଧରୁ ଅଭିଯୋଗ ପ୍ରତ୍ୟାହାର କରିବା ପରେ ଚାପ ପକାଇ ସାଲିସ ପାଇଁ ବାଧ୍ୟ କରାଯାଉଛି ବୋଲି ଆଥଲେଟ ମାନେ ଅଭିଯୋଗ କରିଛନ୍ତି। ସାଲିସ କରିବା ପାଇଁ ସମସ୍ତ ଖେଳାଳିଙ୍କ ଉପରେ ଚାପ ପଡୁଛି ବୋଲି ସାକ୍ଷୀ ଅଭିଯୋଗ ଆଣିଛନ୍ତି। ବ୍ରିଜ୍‌ଭୂଷଣ ନିଜ ଶକ୍ତିର ଦୁରୁପଯୋଗ କରି ଖେଳାଳି ମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରୁଛନ୍ତି। ସେ ବାହାରେ ରହିବା ଦ୍ୱାରା ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହେବ ବୋଲି ରେସ୍‌ଲର ମାନେ ଅଭିଯୋଗ କରିଛନ୍ତି।

# ସୁନେଲିତାଙ୍କ ଗୋଲ: ଫାଇନାଲରେ ଭାରତ

**କାକାମିଗହରା(ଜାପାନ), ୧୦।୬(ପି.ଟି.)**

ଓଡ଼ିଆ ଖେଳାଳି ସୁନେଲିତା ଟପ୍ପୋଙ୍କ ଗୋଲ ବଳରେ ଜାପାନରେ ଅନୁଷ୍ଠିତ ମହିଳା ଜୁନିୟର ଏସିଆ କପ ହକିର ଫାଇନାଲରେ ପ୍ରବେଶ କରିଛି ଭାରତ। ସୁନେଲିତାଙ୍କ ଚମତ୍କାର ଫିଲ୍ଡ ଗୋଲ ବଳରେ ଭାରତ ସଂଘର୍ଷପୂର୍ଣ୍ଣ ବିଜୟ ସହିତ ଏଫ୍ଆଇଏଚ୍ ଜୁନିୟର ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ଚଳିତ ବର୍ଷ ନଭେମ୍ବର ୨୯ରୁ ଡିସେମ୍ବର ୧୦ ଯାଏ ବ୍ରାଜିଲର ସାଣ୍ଟିଆଗୋରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏସିଆ କପ୍‌ର ପ୍ରଥ ୩ ସ୍ଥାନରେ ଥିବା ଦଳ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି। ଏହା ସହ ୨୦୧୨ ପରେ ପ୍ରଥମ ଥର ପାଇଁ ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି ଭାରତ। ମ୍ୟାଚ୍‌ର ପ୍ରଥମ ୩ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ୪୭ ତମ ମିନିଟରେ ସୁନେଲିତା ଭାରତ ପକ୍ଷରୁ ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ଉଭୟ ଦଳ ୧୨ଟି ଲେଖାଏ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଏହାକୁ ଗୋଲରେ ରୂପାନ୍ତର କରିପାରି ନ ଥିଲେ। ଭାରତ ଅତ୍ୟନ୍ତ ଚମତ୍କାର ଢଙ୍ଗରେ ଖେଳ ଆରମ୍ଭ କରିଥିଲା। ପ୍ରଥମ ମିନିଟରୁ ହିଁ ଦଳ ଜାପାନର ସର୍କଲ ଭେଦ କରିବାରେ ସମର୍ଥ ହୋଇଥିଲା। ପ୍ରଥମ କ୍ୱାର୍ଟରର ଶେଷ ମିନିଟରେ ଜାପାନକୁ ଏକ ପେନାଲ୍ଟି କର୍ନର ମିଳିଥିବା ବେଳେ ମାଧୁରୀ କିଣ୍ଡୋ ଏହାକୁ ଅଟକାଇବାରେ ସମର୍ଥ ହୋଇଥିଲେ। ଦ୍ୱିତୀୟ କ୍ୱାର୍ଟରର ୩ ମିନିଟ ମଧ୍ୟରେ ଜାପାନକୁ ଆଉ ଏକ ପେନାଲ୍ଟି ମିଳିଥିବା ବେଳେ ମାଧୁରୀ ଆଉ ଏକ ଗୋଲ ବଞ୍ଚାଇଥିଲେ। ପ୍ରଥମ ଦୁଇ କ୍ୱାର୍ଟର ପରେ ସାଇଡ୍ ଚେଞ୍ଜ ହୋଇଥିଲା।




# ଭାରତ ସମ୍ମୁଖରେ ୪୪୪ ବିଜୟ ଲକ୍ଷ୍ୟ

**ଲଣ୍ଡନ, ୧୦।୬**

ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ଭାରତର ସଂଘର୍ଷ ଜାରି ରହିଛି। ଅଷ୍ଟ୍ରେଲିଆ ଏହାର ଦ୍ୱିତୀୟ ଇନିଂସକୁ ୨୭୦/୮ରେ ଘୋଷଣା କରିବାରୁ ଭାରତ ସମ୍ମୁଖରେ ୪୪୪ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଶନିବାର ୪ର୍ଥ ଦିବସ ଖେଳ ଶେଷହେବା ବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୧୬୪ ରନ୍ ସଂଗ୍ରହ କରିଛି। ଅର୍ଥାତ୍ ହାତରେ ୭ ଉଇକେଟ ସୁରକ୍ଷିତ ଥାଇ ଭାରତ ଆଉ ୨୮୦ ରନ୍ ପଛରେ ରହିଛି। ଅଧିନାୟକ ରୋହିତ ଶର୍ମା ୪୩, ଚେତେଶ୍ୱର ପୂଜାରା ୨୭ ଓ ଶୁବମନ ଗିଲ୍ ୧୮ ରନ୍ କରି ଆଉଟ ହୋଇଛନ୍ତି। ବିରାଟ କୋହଲି ୪୪ ଓ ଅଜିଙ୍କ୍ୟ ରାହାନେ ୨୦ ରନକରି ଅପରାଜିତ ରହିଛନ୍ତି। ରୋହିତ ଓ ଶୁବମନ ଆକ୍ରମଣାତ୍ମକ ଆଭିମୁଖ୍ୟରେ ଇନିଂସ ଆରମ୍ଭ କରିଥିଲେ। ଦୁହେଁ ଓଭର ପିଛା ପାଖାପାଖି ୬ ରନ୍ ହାରରେ ୭.୧ ଓଭରରୁ ୪୧ ରନ୍ ସଂଗ୍ରହ କରିବାପରେ ଗିଲ୍‌ଙ୍କ ଉଇକେଟର ପତନ ଘଟିଥିଲା। ରୋହିତ ଓ ଚେତେଶ୍ୱର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସ୍ପିନର ନାଥାନ ଲିୟନଙ୍କୁ ସୁଇପ୍ ଶଟ୍ ଖେଳିବାକୁ ଯାଇ ରୋହିତ ଏବଂ ପ୍ୟାଟ୍ କମିନ୍ସଙ୍କ ବାଉନ୍ସରକୁ ଅପରକଟ୍ ମାରିବାକୁ ଯାଇ ପୂଜାରା ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ୍ କମିନ୍ସ, ସ୍କଟ୍ ବୋଲାଣ୍ଡ ଓ ନାଥାନ ଲିୟନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୨୩/୪ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଶନିବାର ଆଉ ମାତ୍ର ୧ ରନ୍ ଯୋଗ କରିବାପରେ ମାର୍ନସ ଲାବୁସେନଙ୍କ ଉଇକେଟ ହରାଇଥିଲା। ଲାବୁସେନ ନିଜ ପୂର୍ବଦିନର ସ୍କୋର ୪୧ ରନ୍‌ରେ ହିଁ ଆଉଟ ହୋଇଥିଲେ। ଉମେଶ ଯାଦବ ଏହି ଉଇକେଟ ପାଇଥିଲେ। କାମେରନ ଗ୍ରୀନ୍ ୨୫ ରନ କରିଥିବାବେଳେ ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ବୋଲ୍ଡ ହୋଇଯିବାରୁ ଅଷ୍ଟ୍ରେଲିଆ ୧୬୭ ରନ୍‌ରେ ୬ଷ୍ଠ ଉଇକେଟ ହରାଇଥିଲା। ତେବେ ମିଚେଲ ଷ୍ଟାର୍କ ଓ ଆଲେକ୍ସ କାରେ ୭ମ ଉଇକେଟରେ ୯୩ ରନ୍‌ର ମୂଲ୍ୟବାନ୍ ଭାଗୀଦାରି ଗଢ଼ି ଅଷ୍ଟ୍ରେଲିଆକୁ ଦୃଢ଼ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ୫୭ ବଲ୍‌ରୁ ୪୧ ରନ୍ କରିଥିବା ଷ୍ଟାର୍କଙ୍କୁ ମହମ୍ମଦ ଶାମି ଆଉଟ କରିବାରୁ ଏହି ଯୋଡ଼ି ଭାଙ୍ଗିଥିଲା। ଅଧିନାୟକ ପ୍ୟାଟ୍ କମିନ୍ସ ୫ ରନ୍ କରି ଆଉଟ ହେବା ସହିତ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଅଷ୍ଟ୍ରେଲିଆ ଇନିଂସର ମେରୁଦଣ୍ଡ ସାଜିଥିଲେ ଆଲେକ୍ସ କାରେ। ସେ ୧୦୫ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ସହିତ ୬୬ ରନ୍‌ରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୩ଟି, ଉମେଶ ଯାଦବ ଓ ମହମ୍ମଦ ଶାମି ୨ଟି ଲେଖାଏ ଏବଂ ମହମ୍ମଦ ସିରାଜ ଗୋଟିଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ବିରାଟ କୋହଲି।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୬୯। ଭାରତ ପ୍ରଥମ ଇନିଂସ: ୨୯୬। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୭୦/୮/ଘୋଷଣା (ଆଲେକ୍ସ କାରେ-୬୬*, ମିଚେଲ ଷ୍ଟାର୍କ-୪୧, ମାର୍ନସ ଲାବୁସେନ-୪୧, ଷ୍ଟିଭେନ୍ ସ୍ମିଥ-୩୪, କାମେରନ ଗ୍ରୀନ୍-୨୫, ରବୀନ୍ଦ୍ର ଜାଡେଜା-୩/୫୮, ମହମ୍ମଦ ଶାମି-୨/୩୯, ଉମେଶ ଯାଦବ-୨/୫୪, ମହମ୍ମଦ ସିରାଜ-୧/୮୦)। ଭାରତ ଦ୍ୱିତୀୟ ଇନିଂସ: ୧୬୪/୩।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ